# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୧/୨୦୨୩ (୧୮ ପୃଷ୍ଠା) Bhubaneswar, Wednesday, November 1/2023 Page 18 ₹ 7.00

୪୯ଶ ଭାଗ ୩୩୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 336 ମୂଲ୍ୟ ₹୭/-





**୨୦୫୦ ସୁଦ୍ଧା ଏସିଆ, ପାସିଫିକ୍‌ରେ ୨୫% ବୁଢ଼ା ହୋଇଯିବେ**

୨୦୫୦ ସୁଦ୍ଧା ଏସିଆ ଓ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ପ୍ରାୟ ୨୫% ଲୋକ ବୃଦ୍ଧ ହୋଇଯିବେ। ଏହି ଅବଧି ମଧ୍ୟରେ ପ୍ରତି ୪ ଜଣରୁ ଜଣଙ୍କ ବୟସ ୬୦ ହୋଇଯିବ। ସେତେବେଳେ ୬୦ ବର୍ଷ ବୟସ୍କଙ୍କ ମଧ୍ୟରୁ ଅର୍ଦ୍ଧାଧିକ ମହିଳା ଥିବେ ବୋଲି ମଙ୍ଗଳବାର ୟୁଏନ୍-ଏଫ୍‌ପିଏ ରିଜିଓନାଲ ଡାଇରେକ୍ଟର ପିଓ ସ୍ମିଥ୍ ସୂଚନା ଦେଇଛନ୍ତି। ସ୍ମିଥ୍ କହିଛନ୍ତି, ଏସିଆ ମହାଦେଶ ଓ ପାସିଫିକ୍ ଆଇଲାଣ୍ଡ ଦେଶଗୁଡ଼ିକରେ ବୟସ୍କ ଜନସଂଖ୍ୟା ବୃଦ୍ଧି ଘଟୁଥିବାବେଳେ ମହିଳାମାନେ କମ୍ ସଂଖ୍ୟକ ପିଲା ଜନ୍ମକୁ ପସନ୍ଦ କରୁଛନ୍ତି। ଅର୍ଥାତ୍ ଲୋକଙ୍କ ଆୟୁଷ ବଢୁଥିବାବେଳେ କାର୍ଯ୍ୟକ୍ଷମ ବ୍ୟକ୍ତିଙ୍କ ସଂଖ୍ୟା ହ୍ରାସ ପାଉଛି।

# ଗାଁରେ ସହରଠୁ ବେଶି ଦୁର୍ଘଟଣା

**କେନ୍ଦ୍ର ସରକାରଙ୍କ 'ରୋଡ୍ ଆକ୍ସିଡେଣ୍ଟ୍ସ ଇନ୍ ଇଣ୍ଡିଆ-୨୦୨୨' ଶୀର୍ଷକ ରିପୋର୍ଟ ଅନୁସାରେ ଦେଶର ସଡ଼କଗୁଡ଼ିକ ଉପରେ ଦୁର୍ଘଟଣା ଯୋଗୁ ପ୍ରତିଘଣ୍ଟାରେ ୧୯ ଜଣଙ୍କ ମୃତ୍ୟୁ ଘଟୁଛି। ଗତବର୍ଷ ଦୁର୍ଘଟଣା ୧.୬୮ ଲକ୍ଷ ଲୋକଙ୍କ ଜୀବନ ନେଇଛି। ପ୍ରାୟ ୬୮% ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଗ୍ରାମାଞ୍ଚଳରେ ଘଟିଥିବାବେଳେ ସହରାଞ୍ଚଳରେ ୩୨% ଘଟିଥିଲା।**

## ଦେଶର ସଡ଼କଗୁଡ଼ିକ ଉପରେ ଘଣ୍ଟାକୁ ୧୯ ଜୀବନ ଯାଉଛି



ନୂଆଦିଲ୍ଲୀ,୩୧।୧୦

୨୦୨୨ରେ ଭାରତର ସଡ଼କଗୁଡ଼ିକ ଉପରେ ମୋଟ ୪,୬୧,୩୧୨ ଦୁର୍ଘଟଣା ଘଟିଥିଲା। ସେଥିରେ ୧,୬୮,୪୯୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪,୪୩,୩୬୬ ଆହତ ହୋଇଥିଲେ। କେନ୍ଦ୍ର ସରକାର ମଙ୍ଗଳବାର ଜାରି କରିଥିବା 'ରୋଡ୍ ଆକ୍ସିଡେଣ୍ଟ୍ସ ଇନ୍ ଇଣ୍ଡିଆ-୨୦୨୨' ରିପୋର୍ଟରେ ଏହି ଉଦ୍‌ବେଗଜନକ ତଥ୍ୟ ଉଲ୍ଲେଖ କରାଯାଇଛି।

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଅନୁସାରେ ଗତବର୍ଷ ଦେଶରେ ଦୁର୍ଘଟଣା ୧୧.୯% ଏବଂ ତଦ୍‌ଜନିତ ମୃତ୍ୟୁ ୯.୪% ବୃଦ୍ଧି ପାଇଥିଲା। ସେହିପରି ଆହତଙ୍କ ସଂଖ୍ୟା ପୂର୍ବବର୍ଷ ତୁଳନାରେ ୧୫.୩% ବଢ଼ିଥିଲା। ୪,୬୧,୩୧୨ ଦୁର୍ଘଟଣା ମଧ୍ୟରୁ ୧,୫୧,୯୯୭ଟି (୩୨.୯%) କେବଳ ଜାତୀୟ ରାଜପଥ ଏବଂ ଏକ୍ସପ୍ରେସ୍‌ୱେଗୁଡ଼ିକରେ ଘଟିଥିଲା। ସେହିପରି ୧,୦୬,୬୮୨ଟି (୨୩.୧%) ଦୁର୍ଘଟଣା ରାଜ୍ୟ ରାଜପଥରେ ଘଟିଥିବାବେଳେ ୨,୦୨,୬୩୩ଟି (୪୩.୯୫) ଗ୍ରାମାଞ୍ଚଳ ଓ ଅନ୍ୟ ରାସ୍ତାଗୁଡ଼ିକ ଉପରେ ଘଟିଥିଲା। ମୋଟ ୧,୬୮,୪୯୧ ମୃତକଙ୍କ ମଧ୍ୟରୁ ୬୧,୦୩୮ ଜଣ (୩୬.୨%) ଜାତୀୟ ରାଜପଥରେ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଥିଲେ। ଅନୁରୂପ ଭାବେ ରାଜ୍ୟ ରାଜପଥଗୁଡ଼ିକରେ ୪୧,୦୧୨ ଜଣ (୨୪.୩%) ଏବଂ ଅନ୍ୟ ରାସ୍ତା ଉପରେ ୬୬,୪୪୧ ଜଣ ବା ୩୯.୪ ପ୍ରତିଶତଙ୍କ ଜୀବନ ଯାଇଥିଲା।

ଉକ୍ତ ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ, ସଡ଼କ ଦୁର୍ଘଟଣାର ମୃତକଙ୍କ ମଧ୍ୟରୁ ସର୍ବାଧିକ ହେଉଛନ୍ତି ଯୁବଗୋଷ୍ଠୀ। ୨୦୨୨ରେ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଥିବା ମୋଟ ମୃତକଙ୍କ ମଧ୍ୟରୁ ୬୬.୫% ଥିଲେ ୧୮ରୁ ୪୫ ବର୍ଷ ବୟସ୍କ। ୮୩.୪ ପ୍ରତିଶତ ଥିଲେ କାର୍ଯ୍ୟକ୍ଷମ ଥିବା ବୟସ (୧୮-୬୦)ର। ପ୍ରାୟ ୬୮% ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଗ୍ରାମାଞ୍ଚଳରେ ଘଟିଥିବାବେଳେ ସହରାଞ୍ଚଳରେ ୩୨% ଘଟିଥିଲା। ମନ୍ତ୍ରଣାଳୟର ରିପୋର୍ଟ ଅନୁସାରେ ଦୁର୍ଘଟଣାଗ୍ରସ୍ତ ହେଉଥିବା ଯାନବାହନଗୁଡ଼ିକ ମଧ୍ୟରୁ ସର୍ବାଧିକ ୨ ଚକିଆ ବା ବାଇକ୍। କାର୍, ଜିପ୍ ଓ ଟ୍ୟାକ୍ସି ଭଳି ଲାଇଟ୍ ଭେହିକିଲ୍‌ଗୁଡ଼ିକର ମୋଟ ଦୁର୍ଘଟଣା ଦ୍ୱିତୀୟରେ ଆସୁଛି। ଦୁଇଚକିଆ ଯାନ ଆରୋହୀ ସର୍ବାଧିକ ୪୪.୫% ଦୁର୍ଘଟଣାରେ ପଡ଼ି ପ୍ରାଣ ହରାଇଥିଲେ। ରାସ୍ତାରେ ଯିବାବେଳେ ୧୯.୫% ପଥଚାରୀ ଦୁର୍ଘଟଣାର ଶିକାର ହୋଇ ଜୀବନ ହାରିଥିଲେ। ଜାତୀୟ ରାଜପଥ ଦୁର୍ଘଟଣାଗୁଡ଼ିକୁ ଅନୁଧ୍ୟାନ କଲେ ତାମିଲନାଡୁରେ ସର୍ବାଧିକ ୬୪,୧୦୫ (୧୩.୯%) ଓ ମଧ୍ୟପ୍ରଦେଶରେ ୫୪,୪୩୨ (୧୧.୮%) ଘଟିଥିଲା। ମୃତକମାନଙ୍କ ମଧ୍ୟରୁ ସର୍ବାଧିକ ଉତ୍ତର ପ୍ରଦେଶର। ଏହି ରାଜ୍ୟର ୨୨,୫୯୫ ଜଣ (୧୩.୪%) ଏବଂ ତାମିଲନାଡୁର ୧୭.୮୮୪ ଜଣ (୧୦.୬%)ଙ୍କର ଗତବର୍ଷ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପୋଲିସ ବିଭାଗ ପକ୍ଷରୁ ପ୍ରଦତ୍ତ ତଥ୍ୟାନୁସାରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଥିବା ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ଉକ୍ତ ରିପୋର୍ଟରେ ସ୍ପଷ୍ଟ କରାଯାଇଛି।

### ଓଡ଼ିଶାରେ ଦିନକୁ ୧୫ ମୃତ୍ୟୁ

ଓଡ଼ିଶାରେ ସଡ଼କ ଦୁର୍ଘଟଣାରେ ଦିନକୁ ହାରାହାରି ୧୫ ଜଣଙ୍କ ମୃତ୍ୟୁ ଘଟୁଛି। ୨୦୨୧ ତୁଳନାରେ ୨୦୨୨ରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁହାର ୭.୬% ବଢ଼ିଛି। ଗତବର୍ଷ ରାଜ୍ୟରେ ୫,୪୬୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆହତଙ୍କ ହାର ୪୬.୯% ଥିଲା, ଯାହାକି ଜାତୀୟ ହାରଠାରୁ ଅଧିକ। ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଓ ଗୁରୁତର ଆହତଙ୍କ ସଂଖ୍ୟାକୁ ଦେଖିଲେ ରାଜ୍ୟଗୁଡିକର ତାଲିକାରେ ଓଡ଼ିଶାର ସ୍ଥାନ ୧୩ ନମ୍ବରରେ ରହିଛି।

## ଅସ୍ୱଚ୍ଛ ଇଲେକ୍ଟୋରାଲ୍ ବଣ୍ଡ୍ ଗଣତନ୍ତ୍ରକୁ ଧ୍ୱଂସ କରିଦେବ: ଆବେଦନକାରୀ

ନୂଆଦିଲ୍ଲୀ,୩୧।୧୦(ପି.ଟି.)



ଆଇନଜୀବୀ ପ୍ରଶାନ୍ତ ଭୂଷଣ

ରାଜନୈତିକ ଦଳଗୁଡ଼ିକର ଚାନ୍ଦା ସଂଗ୍ରହ ପାଇଁ ଉଦ୍ଦିଷ୍ଟ ଇଲେକ୍ଟୋରାଲ ବଣ୍ଡରେ ରହିଥିବା ଅସ୍ୱଚ୍ଛତା ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବାରୁ ଏହା ଗଣତନ୍ତ୍ରକୁ ଧ୍ୱଂସ କରିଦେବ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟରେ ଆବେଦନକାରୀଙ୍କ ଓକିଲ ଯୁକ୍ତି ବାଢ଼ିଛନ୍ତି। ସାମ୍ବିଧାନିକ ପୀଠ ଇଲେକ୍ଟୋରାଲ ବଣ୍ଡକୁ ଏକ ଜଟିଳ ପ୍ରସଙ୍ଗ ଭାବେ ଅଭିହିତ କରିଛନ୍ତି।

ଇଲେକ୍ଟୋରାଲ ବଣ୍ଡର ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ୪ଟି ଆବେଦନର ଶୁଣାଣି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠରେ ଆରମ୍ଭ ହୋଇଛି। ଏହି ଅବସରରେ ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଶୁଣାଣି ବେଳେ ଯୁକ୍ତି ବାଢ଼ିଥିଲେ, କ୍ଷମତାରେ ଥିବା ଦଳକୁ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ଓ ସଂସ୍ଥାଗୁଡ଼ିକ ଲାଞ୍ଚ ଆକାରରେ, ଚାନ୍ଦା ଆକାରରେ ବଣ୍ଡ୍ ଜରିଆରେ ଅର୍ଥ ଦାନ କରିଥାଆନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ) ଅନୁସାରେ ରାଜନୈତିକ ଦଳଗୁଡ଼ିକର ଆୟର ଉତ୍ସ ଜାଣିବା ନାଗରିକଙ୍କ ମୌଳିକ ଅଧିକାର। କିନ୍ତୁ କେନ୍ଦ୍ର ସରକାର ଏହାକୁ ଅସ୍ୱୀକାର କରୁଛନ୍ତି। ୨୦୨୧-୨୨ରେ ଭାଜପା ୫,୨୭୧ କୋଟି ପାଇଥିବା ଘୋଷଣା କରିଥିବାବେଳେ କଂଗ୍ରେସ ୯୫୨ କୋଟି ଟଙ୍କା ଗ୍ରହଣ କରିଥିବା ଦର୍ଶାଇଛି। ସର୍ବାଧିକ ଅର୍ଥ କେନ୍ଦ୍ରରେ ଶାସନ କରୁଥିବା ଦଳ ପାଇଛି। ରାଜ୍ୟଗୁଡ଼ିକରେ କ୍ଷମତାସୀନ ନ ଥିବା ଦଳଗୁଡ଼ିକୁ ବିଶେଷ ଅର୍ଥ ମିଳିନାହିଁ। ଏଥିଯୋଗୁ ଆମ ଗଣତନ୍ତ୍ର ଧ୍ୱଂସ ହୋଇଯିବ ବୋଲି ସେ କହିଛନ୍ତି। ପ୍ରକାଶ ଯେ, ରାଜନୈତିକ ଦଳଗୁଡ଼ିକ ଇଲେକ୍ଟୋରାଲ ବଣ୍ଡ ଜରିଆରେ କେଉଁ ଉତ୍ସରୁ କେତେ ଟଙ୍କା ପାଇଛନ୍ତି, ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ) ଅନୁସାରେ ତାହା ଜାଣିବା ଅଧିକାର ନାଗରିକମାନଙ୍କର ନାହିଁ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆର୍ଟର୍ନି ଜେନେରାଲ (ଏଜି) ଆର୍. ଭେଙ୍କଟରମଣୀ ସୋମବାର ଯୁକ୍ତି ବାଢ଼ିଥିଲେ।

## ପଳାୟନ କଲେଣି ୨.୩ ନିୟୁତ ପାଲେଷ୍ଟିନୀୟ

ଜେରୁଜେଲମ୍/ଗାଜା ସିଟି,୩୧।୧୦



ଇସ୍ରାଏଲର ରକେଟ୍ ମାଡ଼ରେ ଗାଜା ଷ୍ଟ୍ରିପ୍‌ର ରାଫାହସ୍ଥିତ ଘରଗୁଡ଼ିକ ବିଧ୍ୱସ୍ତ ହୋଇଯାଇଥିବାବେଳେ ଭଗ୍ନାବଶେଷରେ ଆତ୍ମୀୟଙ୍କୁ ଖୋଜୁଛନ୍ତି ପାଲେଷ୍ଟିନୀୟ।

ଇସ୍ରାଏଲ୍ ଏବଂ ଗାଜାର ହମାସ୍ ଆତଙ୍କବାଦୀଙ୍କ ମଧ୍ୟରେ ଅକ୍ଟୋବର ୭ରୁ ଚାଲିଥିବା ଯୁଦ୍ଧ ଯୋଗୁ ୨.୩ ନିୟୁତ ପାଲେଷ୍ଟିନୀୟ ନିଜ ଘର ଛାଡ଼ି ଦକ୍ଷିଣ ଭାଗକୁ ପଳାୟନ କରିଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ଶରଣାର୍ଥୀମାନେ ଜାତିସଂଘ ଦ୍ୱାରା ପରିଚାଳିତ ସ୍କୁଲ ଓ ହସ୍ପିଟାଲଗୁଡ଼ିକରେ ଆଶ୍ରୟ ନେଇଛନ୍ତି।

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି, ଅନ୍ତର୍ଜାତୀୟ ଆଇନକୁ ମନଇଚ୍ଛା ବ୍ୟବହାର କରାଯାଇପାରିବ ନାହିଁ। ମାନବୀୟ ସଙ୍କଟ ଦୂର କରିବା ପାଇଁ ଅସ୍ତ୍ରବିରତି ଜରୁରୀ ହୋଇପଡ଼ିଛି। ଶରଣାର୍ଥୀମାନଙ୍କୁ ମାନବୀୟ ସହାୟତା ଯୋଗାଇଦେବା ପାଇଁ ଏହା ନିତାନ୍ତ ଆବଶ୍ୟକ। ଇତିମଧ୍ୟରେ ଆମେରିକାର ସାମରିକ ଓ କୂଟନୈତିକ ନେତାମାନେ ଇସ୍ରାଏଲ ଏବଂ ୟୁକ୍ରେନ୍‌କୁ ଅଧିକ ସହାୟତା ପ୍ରଦାନ ପାଇଁ କଂଗ୍ରେସକୁ ଅନୁରୋଧ କରିଛନ୍ତି। ହମାସ୍ ଆତଙ୍କବାଦୀମାନେ ୩ ଜଣ ମହିଳା ପଣବନ୍ଦୀଙ୍କ ଭିଡିଓ ଜାରି କରିଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏହାକୁ କ୍ରୂର ମନସ୍ତାତ୍ତ୍ୱିକ ପ୍ରୋପାଗଣ୍ଡା ଭାବେ ଅଭିହିତ କରିଛନ୍ତି। ଇସ୍ରାଏଲ୍‌ର ଟେକ୍ ସିଇଓମାନେ ନେତାନ୍ୟାହୁଙ୍କୁ ଯଥାଶୀଘ୍ର ସମ୍ଭବ ଗାଦିଚ୍ୟୁତ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

## ମଣିପୁରରେ ପୋଲିସ ଅଫିସରଙ୍କୁ ଗୁଳିକରି ହତ୍ୟା କଲେ ଉଗ୍ରପନ୍ଥୀ

ଇମ୍ଫାଲ,୩୧।୧୦



ଚିଙ୍ଗଥାମ୍ ଆନନ୍ଦ

ଜାତିଆଣ ହିଂସା ପ୍ରଭାବିତ ମଣିପୁରରେ ଧୀରେ ଧୀରେ ସ୍ୱାଭାବିକ ସ୍ଥିତି ଫେରୁଥିବା ଦେଖି ଉଗ୍ରପନ୍ଥୀମାନେ ସହିପାରୁ ନାହାନ୍ତି। ମ୍ୟାନ୍‌ମାର ସୀମାନ୍ତ ସହର ମୋରେହରେ ଏକ ହେଲିପ୍ୟାଡ୍ ନିର୍ମାଣ କାର୍ଯ୍ୟ ତଦାରଖ କରୁଥିବା ଜଣେ ପୋଲିସ ଅଫିସରଙ୍କୁ ମଙ୍ଗଳବାର ସକାଳେ ଉଗ୍ରପନ୍ଥୀ ସ୍ନାଇପର ରାଇଫଲ୍‌ରୁ ଗୁଳିକରି ହତ୍ୟା କରିଛନ୍ତି। ଗୁଳିମାଡ଼ର ଶିକାର ହୋଇଥିବା ସବ୍-ଡିଭିଜନାଲ ପୋଲିସ ଅଫିସର (ଏସ୍‌ଡିପିଓ) ଚିଙ୍ଗଥାମ୍ ଆନନ୍ଦଙ୍କୁ ସ୍ଥାନୀୟ ଏକ କ୍ଲିନିକ୍‌କୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ରାଜ୍ୟ ସରକାର କ୍ୟାବିନେଟ୍‌ର ଜରୁରୀ ବୈଠକ ଶେଷରେ ଏହି ସୂଚନା ଦେଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇ ଉଗ୍ରପନ୍ଥୀଙ୍କୁ ନିପାତ କରିବା ଲାଗି ତଲାସି ଜୋର୍‌ଦାର କରାଯାଇଛି। ପ୍ରକାଶ ଯେ, ଗତ ମେ' ୩ରୁ ମଣିପୁରର ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ଲାଗିରହିଥିବାବେଳେ ଏହାର ସୁଯୋଗ ନେଇ ଉଗ୍ରପନ୍ଥୀମାନେ ଅନେକ ଅପରାଧ ଘଟାଉଛନ୍ତି। ଏଭଳି ସମୟରେ ରାଜ୍ୟ ସରକାର ଓ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ମିଳିତ ଉଦ୍ୟମରେ ରାଜଧାନୀ ଇମ୍ଫାଲରୁ ମୋରେହ ପର୍ଯ୍ୟନ୍ତ ହେଲିକପ୍ଟର ଯୋଗେ ପରିବହନ ପାଇଁ ହେଲିପ୍ୟାଡ୍ ନିର୍ମାଣ ବେଳେ ସେମାନେ ଏହାକୁ ବିରୋଧ କରି ଏହି କାଣ୍ଡ ଭିଆଇଛନ୍ତି। ଏସ୍‌ଡିପିଓଙ୍କ ପରିବାରକୁ ରାଜ୍ୟ ସରକାର ୫୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ଏଥିସହ ପରିବାରର ଜଣଙ୍କୁ ସରକାରୀ ଚାକିରି ମଧ୍ୟ ଦିଆଯିବ।

## ବିନା ଭିଜାରେ ଥାଇଲାଣ୍ଡରେ ମାସେ ରହିପାରିବେ ଭାରତୀୟ

ଥାଇଲାଣ୍ଡ, ୩୧।୧୦

ଥାଇଲାଣ୍ଡ ଯିବାକୁ ହେଲେ ଭାରତୀୟମାନଙ୍କୁ ଆଉ ଭିଜା ଆବଶ୍ୟକ ହେବ ନାହିଁ। ବିନା ଭିଜାରେ ସେଠାରେ ଭାରତୀୟମାନେ ମାସେ ପର୍ଯ୍ୟନ୍ତ ରହିପାରିବେ। ୨୦୨୪ ମେ'ରୁ ଏହି ସୁବିଧା ପ୍ରଦାନ କରାଯିବ ବୋଲି ବ୍ୟାଙ୍କକ୍ ପକ୍ଷରୁ କୁହାଯାଇଛି। ଥାଇଲାଣ୍ଡ ପର୍ଯ୍ୟଟନ ବଜାରର ଚତୁର୍ଥ ଉତ୍ସ ହେଉଛି ଭାରତ। ମାଲେସିଆ, ଚାଇନା ଓ ଦକ୍ଷିଣ କୋରିଆରୁ ସର୍ବାଧିକ ପର୍ଯ୍ୟଟକ ଥାଇଲାଣ୍ଡ ଯାଇଥାଆନ୍ତି। ପ୍ରତିବର୍ଷ ୧.୨ ନିୟୁତ ଭାରତୀୟ ଥାଇଲାଣ୍ଡ ଗସ୍ତ କରିଥାଆନ୍ତି। ଭାରତୀୟ ପର୍ଯ୍ୟଟକଙ୍କୁ ନିଜ ଦେଶକୁ ଆକର୍ଷିତ କରି ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇଁ ଥାଇଲାଣ୍ଡର ନୂଆ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ସକାଶେ ବାର୍ଷିକ ୨୮ ନିୟୁତ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଯୋଜନା ରହିଛି।



ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜଙ୍କ ବିରୋଧରେ ବର୍ଲିନ୍‌ସ୍ଥିତ ତାଙ୍କ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ କରୁଥିବା ଜଣେ ଆକ୍ଟିଭିଷ୍ଟଙ୍କୁ ପୋଲିସ ଉଠାଇନେଉଛି।

## ଆତଙ୍କବାଦୀଙ୍କ ଗୁଳିରେ ପୋଲିସ ନିହତ

ଶ୍ରୀନଗର,୩୧।୧୦

ଜମ୍ମୁ-କଶ୍ମୀରର ବାରମୂଲା ଜିଲାରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ମଙ୍ଗଳବାର ଜଣେ ପୋଲିସ କର୍ମଚାରୀ ନିହତ ହୋଇଛନ୍ତି। କ୍ରାଲ୍‌ପୋରା ପଟ୍ଟନ ନିବାସୀ ହେଡ୍ କନ୍‌ଷ୍ଟେବଲ୍ ଗୁଲାମ ମହମ୍ମଦ ଦାର୍ ଡ୍ୟୁଟିରୁ ଫେରି ନିଜ ଘର ବାହାର ମୁଖ୍ୟରାସ୍ତାରେ ଥିବାବେଳେ ଆତଙ୍କବାଦୀମାନେ ତାଙ୍କୁ ଟାର୍ଗେଟ କରିଥିଲେ। ଗୁଲାମଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସମ୍ପୃକ୍ତ ଅଞ୍ଚଳକୁ ଘେରି ପୋଲିସ ତଲାସି ଅଭିଯାନ ଚଳାଇଛି। ମୃତ ପୋଲିସ କର୍ମଚାରୀଙ୍କ ସ୍ତ୍ରୀ ଓ ୭ ଝିଅ ଅଛନ୍ତି।

## ୧୭ ଲକ୍ଷ ଆଫଗାନ୍ ଶରଣାର୍ଥୀଙ୍କୁ ବିଦା କରୁଛି ପାକିସ୍ତାନ

ଇସ୍‌ଲାମାବାଦ,୩୧।୧୦

ପାକିସ୍ତାନରେ ବସବାସ କରୁଥିବା ୧୭ ଲକ୍ଷ ଆଫଗାନ୍ ଶରଣାର୍ଥୀଙ୍କୁ ନଭେମ୍ବର ୧ରେ ଦେଶ ଛାଡ଼ି ଚାଲିଯିବାକୁ କୁହାଯାଇଛି। ପାକିସ୍ତାନରେ ବାରମ୍ବାର ଘଟୁଥିବା ଆତ୍ମଘାତୀ ଆକ୍ରମଣ ପାଇଁ ଆଫଗାନ୍‌ମାନଙ୍କୁ ଦାୟୀ କରି ଦେଶର ଅନ୍ତରୀଣ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ଅନ୍ୟ ଆତଙ୍କବାଦୀ କାର୍ଯ୍ୟକଳାପ ଓ ନିଶାଦ୍ରବ୍ୟ ଚାଲାଣ ପାଇଁ ମଧ୍ୟ ସେମାନଙ୍କୁ ଦାୟୀ କରାଯାଉଛି। ପାକିସ୍ତାନରେ ୪୦ ଲକ୍ଷ ଆଫଗାନ୍ ଶରଣାର୍ଥୀ ବସବାସ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୧୭ ଲକ୍ଷ ବିନା କୌଣସି ବୈଧ ଦସ୍ତାବିଜରେ ରହିଛନ୍ତି। ଆଫଗାନିସ୍ତାନର ଶାସକ ତାଲିବାନ୍ କହିଛନ୍ତି, ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୨୨ ମଧ୍ୟରେ ପାକିସ୍ତାନରୁ ୬୦,୦୦୦ ନାଗରିକ ଫେରିଛନ୍ତି। ଅନ୍ୟପକ୍ଷେ ପାକିସ୍ତାନର ଏହି ପଦକ୍ଷେପ ଯୋଗୁ ମାନବୀୟ ସଙ୍କଟ ଉପୁଜିପାରେ ବୋଲି ଶରଣାର୍ଥୀଙ୍କ ପାଇଁ ଜାତିସଂଘ ଉଚ୍ଚାୟୁକ୍ତ ଫିଲିପ୍ପୋ ଗ୍ରାଣ୍ଡିଙ୍କ ନିକଟକୁ ପାକିସ୍ତାନ ମାନବାଧିକାର କମିଶନ ହୀନା ଜିଲାନି ଲେଖିଥିବା ଏକ ପତ୍ରରେ ଜଣାଇଛନ୍ତି।

## ୩ ହଜାରରେ ବୋମା ତିଆରି କରିଥିଲେ

**କୋଚି ସିରିଏଲ୍ ବ୍ଲାଷ୍ଟ୍**

**୨୯ ଯାଏ ହାଜତକୁ ଗଲେ ବିସ୍ଫୋରଣକାରୀ**

କୋଚି/ନୂଆଦିଲ୍ଲୀ,୩୧।୧୦



ଡୋମିନିକ୍ ମାର୍ଟିନ୍

କେରଳର କୋଚି ନିକଟସ୍ଥ କଲାମସେରି ସିରିଏଲ୍ ବ୍ଲାଷ୍ଟ ମାମଲାର ମୁଖ୍ୟ ଅଭିଯୁକ୍ତ ଡୋମିନିକ୍ ମାର୍ଟିନ୍ ଇଣ୍ଟରନେଟ୍‌ରୁ ବୋମା ତିଆରି କରିବା ଶିଖିଥିଲେ। ଇଲେକ୍ଟ୍ରିକ୍ ସର୍କିଟ୍ ବିଶେଷଜ୍ଞ କୁହାଯାଉଥିବା ୪୮ ବର୍ଷୀୟ ମାର୍ଟିନ୍‌ଙ୍କୁ ଏଥିପାଇଁ ୩,୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା। ମାର୍ଟିନ୍‌ଙ୍କ ପରିବାର କୋଚିର ଏକ ଭଡ଼ାଘରେ ୫ ବର୍ଷ ହେଲା ରହିଆସୁଛନ୍ତି। ମାର୍ଟିନ୍ ଉପସାଗରୀୟ ରାଷ୍ଟ୍ରରେ ୧୭ ବର୍ଷ ଧରି ଫୋରମ୍ୟାନ୍ ଭାବେ କାର୍ଯ୍ୟ କରିଛନ୍ତି। ସେଠାରେ ସେ ଇଲେକ୍ଟ୍ରୋନିକ୍ ଡିଭାଇସ୍‌ଗୁଡ଼ିକୁ ଯୋଡ଼ାଯୋଡ଼ି କରିବା କୌଶଳ ଶିଖିଥିଲେ। କେବଳ ବିସ୍ଫୋରଣ ଘଟାଇବା ପାଇଁ ସେ ୨ ମାସ ତଳେ ଭାରତ ଫେରିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୨୯ରେ କଲାମସେରିରେ ଥିବା ଜମ୍‌ରା ଇଣ୍ଟରନ୍ୟାଶନାଲ କନ୍‌ଭେନ୍‌ଶନ ସେଣ୍ଟରରେ ଜେହୋଭା ୱିଟ୍‌ନେସ୍ ସମ୍ମିଳନୀ ପକ୍ଷରୁ ପ୍ରାର୍ଥନା ସଭା ଚାଲିଥିବାବେଳେ ୩ ଜଣଙ୍କ ଜୀବନ ନେଇଥିବା ବିସ୍ଫୋରଣରେ ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି) ବ୍ୟବହୃତ ହୋଇଥିଲା। ବାଣରେ ବ୍ୟବହୃତ ବିସ୍ଫୋରକ ଘରକୁ ନେଇ ସେ ଏହି ଆଇଇଡି ପ୍ରସ୍ତୁତ କରିଥିଲେ। ଅଧିକ ତଥ୍ୟ ହାସଲ ପାଇଁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ତନାଘନା ଜାରି ରଖିଛି। ଇତିମଧ୍ୟରେ ମାର୍ଟିନ୍‌ଙ୍କୁ ସ୍ଥାନୀୟ ସେସନ୍ସ କୋର୍ଟରେ ହାଜର କରାଯାଇଛି। ବିଚାରପତି ଏମ୍. ଭର୍ଗିସ୍ ତାଙ୍କୁ ନଭେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENT REQUIREMENT
Required Field Sales Representative having experience in Solar System Sales & Market mode in each district of Odisha.
Immediate Joining
Address
SRL & CO., BHUBANESWAR
Phone:0674-2432243, 8984693424

WANTED
Accountant, Survey Assistant, Data Entry Operator for an Engineering Consultancy Firm. Salary Negotiable. Fresher/10th Pass.
Email:picspltd@gmail.com
CALL 8895968943, 9938879043

APPOINTMENT
FULL TIME
CLINIC ASSISTANCE BOY
(Age 18 to 22)
LADY COOK
Jayadev Vihar, Bhubaneswar
Contact : 9337505234

ଭୁବନେଶ୍ୱରରେ ରୋଗୀସେବା ଓ ଗୃହକାମ ପାଇଁ ମହିଳା କର୍ମୀ ଆବଶ୍ୟକ। ଖାଇବା ଓ ରହିବା ସହ ଉତ୍ତମ ଦରମା।
ଯୋଗାଯୋଗ:
9836757795
9742874442

See Career Appointment on every Wednesday & Saturday

ଲଣ୍ଡ୍ରି କମ୍ପାନୀ ପାଇଁ ଆବଶ୍ୟକ
୧-ଆଇରନ କାରିଗର
୨-ଡେଲିଭେରୀ ବୟ
୩-ଟାଟା ଏ ସି ଡ୍ରାଇଭର
8280082800, 9078000108

JOB VACANCY
PARIVARTTAN a leading NGO invites application from interested candidates for in the following posts.

| Sl. No. | Post | Qualification | Remuneration |
| --- | --- | --- | --- |
| 1 | Livelihood Coordinator | Master in Social Work / Rural Development / MBA in livelihood with one year experience or Graduate with three years' Livelihood experience. | Negotiable |
| 2 | Counsellor (Female) | Post Graduate/Graduate in Social Science / LLB with Two year's similar experience | -Do- |
| 3 | Accountant | M.Com./B.Com. and one year experience with Tally | -Do- |

N.B.:- Only shortlisted candidate call for interview and age limit- 21 to 45.
Apply within Seven days from the date of advertisement by E-mail.
E-Mail: parivartan1994@gmail.com
Secretary, PARIVARTTAN, Ph.No.- 09777519905

REQUIRED
A Leading Infra Pvt. Ltd. Company requires suitable / experienced candidates for filling up the following positions.
1) ACCOUNTANT-CUM-OFFICE MANAGER : 01 No. (Adequate knowledge in accounts and having capacity to handle office). SALARY : 10 K - 15 K.
2) D.T.P. OPERATOR : 02 Nos. (Proficiency in Odiya, Hindi & English) having good knowledge in English), SALARY : 10 K - 12 K.
3) D.T.P.-CUM-MAP DEVELOPER - 02 Nos. : (Proficiency in Odiya, Hindi & English) having good knowledge in English, SALARY : 10 K - 15 K.
TARASHREE INFRA PVT. LTD.
At : Talamali Sahi, Near Dewan Bagicha, Puri
Mob. : 7978762715, 7327859162

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍ : crpd@sbi.co.in
ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ
ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ
ଚୁକ୍ତି ଭିତ୍ତିରେ ନିମ୍ନୋକ୍ତ ସ୍ପେଶିଆଲିଷ୍ଟ କ୍ୟାଡର ପଦ ଗୁଡିକ ପାଇଁ ଭାରତୀୟ ନାଗରିକଙ୍କ ଠାରୁ ଆବେଦନ ଆମନ୍ତ୍ରଣ କରାଯାଉଛି।

| ବିଜ୍ଞାପନ ସଂ. | ପୋଷ୍ଟ ନାମ | ଖାଲି ପଦବୀ | ଗ୍ରେଡ୍ / ସମକକ୍ଷ ଗ୍ରେଡ୍ |
| --- | --- | --- | --- |
| CRPD/SCO/2023-24/23 | ସର୍କଲ ଡିଫେନ୍ସ ବ୍ୟାଙ୍କିଙ୍ଗ ଆଡଭାଇଜର (ସିଡିବିଏ) | 1 | - |
| CRPD/SCO/2023-24/24 | ବିଜନେସ୍ ଆନାଲିଷ୍ଟ | 1 | ଏମ୍‌ଏମ୍‌ଜିଏସ୍-II |

ଆବେଦନ ଏବଂ ଫିସ୍ ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ସୁନିଶ୍ଚିତ କରିବା ପାଇଁ ବ୍ୟାଙ୍କର କ୍ୟାରିୟର ୱେବସାଇଟ୍‌ରେ ଥିବା ବିସ୍ତୃତ ବିଜ୍ଞାପନ ଗୁଡିକ ଅନୁସରଣ କରନ୍ତୁ। ଆବେଦନ କରିବା ପାଇଁ, ଆମର କ୍ୟାରିୟର ପେଜ୍ ଭିଜିଟ୍ କରନ୍ତୁ (https://bank.sbi/careers/current-openings)।
• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 21.10.2023 ରୁ 10.11.2023 ପର୍ଯ୍ୟନ୍ତ।
ସ୍ଥାନ: ମୁମ୍ବାଇ
ତାରିଖ: 21.10.2023
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୧/୨୦୨୩ Bhubaneswar, Wednesday, November 1/2023





**ଆଜିର ମନ୍ତବ୍ୟ**
ଆଜାଦୀ କା ଅମୃତ ମହୋତ୍ସବ ଭାରତରେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ପାଲଟିବାଠୁ ନେଇ ମହିଳା ସଂରକ୍ଷଣ ଆଇନ ଆଣିବା ବିକାଶର ଗୋଟିଏ ଗୋଟିଏ ମାଇଲଖୁଣ୍ଟ। -**ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟାହିଟାପରା;**
**ସହି ନ ପାରିଲେ ମୋ' ଘରୁ ପଳା।**

ଟାହିଟାପରାକୁ ଅନେକେ ସହିପାରି ନ ଥା'ନ୍ତି। ଦେହକୁ ନେଇ ମନ ଉଣା କରିବସିଥାନ୍ତି। ତେବେ ପରସ୍ପର ମଧ୍ୟରେ ଏପରି ଚାଲୁଥିବା କିଛି ଥଟ୍ଟା ମଜା କଥାକୁ ନେଇ ମନ ଖରାପ କରିବସିବା ସଂକୀର୍ଣ୍ଣ ମନୋବୃତ୍ତିର ପରିଚୟ ହୋଇଥିବା ବେଳେ ଏଭଳି ବ୍ୟକ୍ତିଙ୍କ ପ୍ରତି ଜାତ ହେଉଥିବା ଅସନ୍ତୋଷ ଭାବକୁ ନେଇ ଏପରି ଉକ୍ତି ଉଲ୍ଲେଖ କରାଯାଇଛି।

**ଟାଣ କରୁଥାଏ ମାଇପ ଆଗେ,**
**ଲାଲ ପାଗ ଦେଖି ଘରକୁ ଭାଗେ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥା'ନ୍ତି, ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥା'ନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣ କରି କଥା କହିବାକୁ ସାହସ ଜୁଟାଇ ପାରିନଥାନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବଢ଼ିଲା ପିଆଜ ଦର




# ୪ ଭାଲୁ ସହ ଘଣ୍ଟାଏ ଲଢେଇ


ସ୍ତ୍ରୀଙ୍କ ସହ ଆହତ ସୁଦର୍ଶନ।

ପାଟଣା,୩୧।୧୦
(ବୀର କିଶୋର ଦାଶ)

ଜୀବନ ବଞ୍ଚାଇବାକୁ ଯାଇ ସୁଦର୍ଶନ ନାୟକ(୫୩) ନାମକ ଜଣେ ବ୍ୟକ୍ତି ୪ ଭାଲୁ ସହ ଘଣ୍ଟାଏ ଧରି ଲଢେଇ କରି ଶେଷରେ ରକ୍ଷା ପାଇଯାଇଛନ୍ତି। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ କାଳିଘାଇ ଗ୍ରାମରେ। ସୁଦର୍ଶନ ମଙ୍ଗଳବାର ଅପରାହ୍ନରେ ଘର ପାଖ ପୋଖରୀକୁ ଶୌଚ ପାଇଁ ଯାଉଥିବା ସମୟରେ ଜଙ୍ଗଲରୁ ପାଣି ପିଇବାକୁ ଆସିଥିବା ୪ ଭାଲୁଙ୍କ ହାବୁଡ଼ରେ ପଡ଼ିଥିଲେ। ନିଜକୁ ବଞ୍ଚାଇବା ପାଇଁ ହାତରେ ଧରିଥିବା ଟାଙ୍ଗିଆରେ ଭାଲୁଙ୍କୁ ଘଉଡାଇବା ପାଇଁ ସେ ପ୍ରାୟ ୧ ଘଣ୍ଟା ଧରି ଲଢ଼େଇ କରିଥିଲେ। ହେଲେ ଭାଲୁ ୪ଟି ତାଙ୍କୁ ଆକ୍ରମଣ କରି କ୍ଷତବିକ୍ଷତ କରି ପକାଇଥିଲେ। ସୁଦର୍ଶନଙ୍କ ପାଟିଶୁଣି ଗାଁଲୋକ ଠେଙ୍ଗାବାଡ଼ି ଧରି ଆସିବାରୁ ଭାଲୁ ଜଙ୍ଗଲକୁ ଚାଲି ଯାଇଥିଲେ। ଭାଲୁ ଆକ୍ରମଣରେ ସୁଦର୍ଶନଙ୍କ ବାମ ହାତ ବୁଢ଼ା ଆଙ୍ଗୁଠି ଛିଣ୍ଡିଯିବା ସହ, ଡାହାଣ ଆଖି ଓ ବାମଗୋଡ଼ରେ ଗଭୀର କ୍ଷତ ହୋଇଛି। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ପାଟଣା ବନପାଳ ପିଅନ ନାଏକ କହିଛନ୍ତି।

# ୨ ହଜାର ୮୦୦ କୋଟିର ୧୨ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ

- ସୃଷ୍ଟି ହେବ ୪,୭୧୫ ନିଯୁକ୍ତି ସୁଯୋଗ
- ସମ୍ବଲପୁରରେ ହିଣ୍ଡାଲ୍କୋ ୮୩୪ କୋଟି ପୁଞ୍ଜିନିବେଶ କରିବ
- ପାରାଦୀପରେ ଉତ୍କଳ ଫସ୍‌ଫେଟ କରିବ ସାର କାରଖାନା

ଭୁବନେଶ୍ୱର,୩୧।୧୦ (ଅନିଲ ଦାସ)

ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ଆଉ ଏକ ଅଧ୍ୟାୟ ଯୋଡ଼ିହୋଇଛି। ରାଜ୍ୟ ସରକାର ୨,୭୯୪.୪୭ କୋଟିର ୧୨ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଏଥିରେ ୪,୭୧୫ ଜଣଙ୍କୁ ନିଯୁକ୍ତି ମିଳିବ। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସିଙ୍ଗଲ୍‌ୱିଣ୍ଡୋ କ୍ଲିୟରାନ୍ସ କମିଟି (ଏସ୍‌ଏଲ୍‌ଏଡବ୍ଲୁସିଏସ୍) ବୈଠକରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ଷ୍ଟିଲ୍, ଆଲୁମିନିୟମ, ପର୍ଯ୍ୟଟନ, ଜେମଷ୍ଟୋନ,ଖାଦ୍ୟ ପ୍ରକ୍ରିୟାକରଣ ଆଦି କ୍ଷେତ୍ରରେ ୭ଟି ଜିଲାରେ ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକ ସ୍ଥାପନ ହେବ । ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଆର୍‌ଆଇଆର୍ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ଖୋର୍ଦ୍ଧା ଜିଲାର ଇନ୍‌ଫୋଭ୍ୟାଲିଠାରେ ୫୧୦.୮୦ କୋଟି ଟଙ୍କା ବ୍ୟୟରେ ସିଲିକନ କାର୍ବାଇଡ ଡିଭାଇସ ଉତ୍ପାଦନ କରିବ। ଏଥିରେ ୨୦୬ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଖୋର୍ଦ୍ଧାଠାରେ ଜୁଭୋ ଆୟେନ ଡାଇମଣ୍ଡ ଆଣ୍ଡ ଜୁଏଲେରି ୨୫୬.୫୦ କୋଟି ଟଙ୍କା ବ୍ୟୟରେ ଡାଇମଣ୍ଡ ଓ ଜୁଏଲେରି ଫ୍ୟାକ୍ଟ୍ରି ସ୍ଥାପନ କରିବ। ଏହି ପ୍ରକଳ୍ପରେ ୩୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ସମ୍ବଲପୁରର ରେଙ୍ଗାଲି ଠାରେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ୮୩୪ କୋଟି ଟଙ୍କା ବ୍ୟୟରେ ଆଲୁମିନିୟମ ଡାଉନଷ୍ଟ୍ରିମ ପ୍ରକଳ୍ପ ସ୍ଥାପନ କରାଯିବ। ଏଥିରେ ୧୦୩୮ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଫୋର ଷ୍ଟାର ମେଟାଲିକ୍ସ ପକ୍ଷରୁ ସୁନ୍ଦରଗଡ ଜିଲାରେ ୬୩.୦୫ କୋଟି ଟଙ୍କା ପୁଞ୍ଜିନିବେଶରେ ଷ୍ଟିଲ୍ ଡାଉନଷ୍ଟ୍ରିମ ପ୍ରକଳ୍ପ କରାଯିବ। ଏଥିରେ ୨୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଉତ୍କଳ ଫସ୍‌ଫେଟ ଲିମିଟେଡ ପକ୍ଷରୁ ଜଗତ୍‌ସିଂହପୁର ଜିଲାର ପାରାଦୀପଠାରେ ୬୨ କୋଟି ଟଙ୍କା ବ୍ୟୟରେ ଏକ ସାର କାରଖାନା ସ୍ଥାପନ କରାଯିବ। ଏଥିରେ ୧୧୦ ଜଣଙ୍କୁ ନିଯୁକ୍ତି ମିଳିବ।

ସେହିପରି ଖେଦାରିଆ ଇସ୍ପାତ ଲିମିଟେଡ ପକ୍ଷରୁ ସୁନ୍ଦରଗଡ଼ ଜିଲାରେ ୫୬ କୋଟି ଟଙ୍କା ବ୍ୟୟରେ ଷ୍ଟିଲ୍ ଡାଉନଷ୍ଟ୍ରିମ ଇଣ୍ଡଷ୍ଟ୍ରି ସ୍ଥାପନ କରାଯିବ। ଏଥିରେ ୬୦ ଜଣଙ୍କୁ, ଖୋର୍ଦ୍ଧା ଠାରେ ମା' ତାରିଣୀ ରୋଲର ମିଲ୍ ୫୮.୩୦ କୋଟି ଟଙ୍କା ବ୍ୟୟରେ ଏକ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ କରିବ, ଏଥିରେ ୭୫ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ପୁରୀ ଜିଲାର ଗୋପଠାରେ ମିଲ୍କ ମନ୍ତ୍ରା ଡାଇରି ପ୍ରାଇଭେଟ ଲିମିଟେଡ ପକ୍ଷରୁ ୫୧.୧୦ କୋଟି ଟଙ୍କା ବ୍ୟୟରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ କରାଯିବ । ଏଥିରେ ୧୦୬୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଖୋର୍ଦ୍ଧାଠାରେ ନାରାୟଣୀ ଗ୍ରୀନ୍ ପ୍ୟାକ ପକ୍ଷରୁ ୫୦.୮୪ କୋଟି ଟଙ୍କା ପୁଞ୍ଜିବିନିଯୋଗରେ ପ୍ୟାକେଜିଂ ଶିଳ୍ପ ସ୍ଥାପନ କରାଯିବ। ଏଥିରେ ୧୨୦ ଜଣଙ୍କୁ ନିଯୁକ୍ତି ମିଳିବ। ଝାରସୁଗୁଡାଠାରେ ମେ'ଫେୟାର ହୋଟେଲ ଆଣ୍ଡ ରିସର୍ଟ ଲିମିଟେଡ ପକ୍ଷରୁ ୭୩ କୋଟି ଟଙ୍କା ବ୍ୟୟରେ ହୋଟେଲ ଓ ରିସର୍ଟ ନିର୍ମାଣ କରାଯିବ। ଏଥିରେ ୧୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବାକୁ ଥିବାବେଳେ ନିଉ ଲକ୍ଷ୍ମୀ ଷ୍ଟିଲ୍ ଆଣ୍ଡ ପାୱାର ପକ୍ଷରୁ ୫୪୭ କୋଟି ଟଙ୍କା ପୁଞ୍ଜିବିନିଯୋଗରେ ଯାଜପୁରର କଳିଙ୍ଗ ନଗରଠାରେ ଏକ ଇସ୍ପାତ ଶିଳ୍ପ ସ୍ଥାପନ କରାଯିବ। ଏଥିରେ ୧,୧୮୬ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ଅଭିରଭ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ସୁନ୍ଦରଗଡ ଜିଲାରେ ଏକ ଇସ୍ପାତ ଶିଳ୍ପ ସ୍ଥାପନ କରାଯିବ। ଏଥିରେ କମ୍ପାନୀ ପକ୍ଷରୁ ୨୩୧.୮୧ କୋଟି ଟଙ୍କାର ପୁଞ୍ଜିବିନିଯୋଗ କରାଯିବାକୁ ଥିବା ବେଳେ ୨୫୦ ଜଣଙ୍କୁ ନିଯୁକ୍ତି ମିଳିପାରିବ ବୋଲି ବୈଠକରେ ସୂଚନା ଦିଆଯାଇଛି।

# ନବଜାତ ଶିଶୁପୁତ୍ର ବିକ୍ରି ଚର୍ଚ୍ଚା

କାମାକ୍ଷାନଗର, ୩୧।୧୦
(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ ଏକ ନବଜାତ ଶିଶୁପୁତ୍ରକୁ ତାର ମା' ବିକ୍ରି କରି ଦେଇଥିବା ଚର୍ଚ୍ଚା ହେଉଛି। ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ କିଛିଦିନ ତଳେ ଏକ ମାମଲାରେ ଜେଲ ଯାଇଛନ୍ତି। ସ୍ୱାମୀ ଜେଲ ଯିବା ପରେ ୨ ଛୁଆଙ୍କୁ ନେଇ ମହିଳା ଜଣକ କାମାକ୍ଷାନଗର ସହରକୁ ପଳାଇ ଆସିଥିଲେ। ସେ ଗର୍ଭବତୀ ଥିବାବେଳେ ଗତ ୧୩ ତାରିଖରେ ଗର୍ଭଯନ୍ତ୍ରଣା ହୋଇଥିଲା। କାମାକ୍ଷାନଗର ୨ ନଂ ୱାର୍ଡର ଏକ ଅର୍ଦ୍ଧନିର୍ମିତ ଘରେ ସେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ତେବେ ପୂର୍ବରୁ ୨ଟି ସନ୍ତାନ ଥିବା ଓ ସ୍ୱାମୀ ଜେଲ୍‌ରେ ଥିବାରୁ ନବଜାତ ଶିଶୁଟିର କିପରି ଭରଣପୋଷଣ କରିବେ ସେ ନେଇ ମହିଳା ଜଣକ ଚିନ୍ତିତ ହୋଇପଡ଼ିଥିଲେ। ପରେ ସେ ନବଜାତ ଶିଶୁପୁତ୍ରଟିକୁ ବିକ୍ରି କରି ଦେଇଥିବା ଚର୍ଚ୍ଚା ହେଉଛି।

## ଶିମିଳିପାଳରେ ସର୍ଚ୍ଚ ଅପରେଶନ କଡ଼ାକଡ଼ି

# ୭୧ ଦେଶୀ ବନ୍ଧୁକ ଜବତ

ବାରିପଦା,୩୧।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଜଏଣ୍ଟ ଟାସ୍କ ଫୋର୍ସ ଚଢ଼ାଉ କରି ମୟୂରଭଞ୍ଜ ଜିଲା ଶିମିଳିପାଳ ପାଦଦେଶରୁ ୭୧ଟି ଦେଶୀ ବନ୍ଧୁକ ଜବତ କରିଛି। ୧୩ଟି ଥାନା ଅଧୀନ ଗାଁଗୁଡ଼ିକରେ ସର୍ଚ୍ଚ ଅପରେଶନ ପରେ ଏହି ସଫଳତା ମିଳିଛି। ଟାସ୍କ ଫୋର୍ସ ମାଧ୍ୟମରେ ପ୍ରତି ବିଟ୍ ଅଞ୍ଚଳରେ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଉଥିବା ଏସପି ବି.ଗଙ୍ଗାଧର ଖବରଦାତା ସମ୍ମିଳନୀରେ କହିଛନ୍ତି। ଶିମିଳିପାଳ ଅଭୟାରଣ୍ୟକୁ ଶିକାରୀମୁକ୍ତ କରିବା ଅଭିଯାନ ଜାରି ରହିଛି। ଦ୍ୱିତୀୟ ପର୍ଯ୍ୟାୟ ସର୍ଚ୍ଚ ଅପରେଶନରେ ଚଢ଼ାଉକୁ ଜୋରଦାର କରାଯାଇଛି। ଏ ନେଇ ବନ୍ୟପ୍ରାଣୀ ଆଇନ ଅନୁଯାୟୀ ୩୨ଟି ମାମଲା ରୁଜୁ ହୋଇଥିବା ବେଳେ କେହି ଗିରଫ ହୋଇନାହାନ୍ତି। ଅଭୟାରଣ୍ୟରେ ୨ ବନ କର୍ମଚାରୀ ଶିକାରୀ ଗୁଳିରେ ପ୍ରାଣ ହରାଇବା ପରେ ଗତ ଜୁନ ୧୮ରୁ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ଶିମିଳିପାଳକୁ ଶିକାରୀ ଓ ଶିକାରମୁକ୍ତ କରିବା ସହ ବନ୍ଧୁକମୁକ୍ତ ଅଭିଯାନ ଆରମ୍ଭ ହୋଇଥିଲା। ୪ ପ୍ଲାଟୁନ ପୋଲିସ ଫୋର୍ସ ସହ ଥାନା କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ। ଦେଶୀ ବନ୍ଧୁକ ଆତ୍ମସମର୍ପଣ ଅଭିଯାନ କରାଯାଇ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଏକ ମାସ ଧରି କରାଯାଇଥିଲା । ପ୍ରଥମ ପର୍ଯ୍ୟାୟ ସର୍ଚ୍ଚ ଅପରେଶନରେ ୧୬୫ଟି ଦେଶୀ ବନ୍ଧୁକ, ଗୁଳି, ଗୋଟିଏ ଦେଶୀ ବନ୍ଧୁକ କାରଖାନା, ବଜ୍ରକାପ୍ତା ଛାଲ, ନଗଦ ୨ଲକ୍ଷ ୯୫ହଜାର ଟଙ୍କା, ମୋବାଇଲ ଫୋନ, ବନ୍ୟପ୍ରାଣୀ ମୃତଦେହ, ମାଂସ ଆଦି ଜବତ କରାଯାଇଥିଲା। ଏ ନେଇ ବିଭିନ୍ନ ଥାନାରେ ମୋଟ ୪୮ଟି ମାମଲା ରୁଜୁ କରି ସମ୍ପୃକ୍ତ ଥିବା ୨୧ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ତଲାସି ଅଭିଯାନରେ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ତଥା ସମସ୍ତ ନିର୍ବାଚିତ ପ୍ରତିନିଧି ଶିକାର କିମ୍ବା ଶିକାରୀଙ୍କ ସମ୍ବନ୍ଧରେ ଜାଣିଲେ ତୁରନ୍ତ ପୋଲିସକୁ ଅବଗତ କରାଇବାକୁ ସୂଚନା ଦିଆଯାଇଛି। ଅନ୍ୟଥା ବନ୍ୟପ୍ରାଣୀ ଆଇନ ଉଲ୍ଲଙ୍ଘନ ପାଇଁ ସେମାନେ ମଧ୍ୟ ଉତ୍ତରଦାୟୀ ରହିବେ ବୋଲି ଏସ୍‌ପି ଗଣମାଧ୍ୟମକୁ କହିଛନ୍ତି।

# ଏଟିଏମ୍‌ରେ ଭର୍ତ୍ତି କରିବାକୁ ନେଇଥିବା ୪୫ ଲକ୍ଷ ଗାଏବ୍

## କ୍ୟାଶ୍ ଡିପୋଜିଟର ଗିରଫ

ବ୍ରହ୍ମପୁର,୩୧।୧୦
(ସୁବାସ ଚନ୍ଦ୍ର ପାଢ଼ୀ)


ଗିରଫ ଅଭିଯୁକ୍ତ ଦୀପକ କୁମାର ପାଢ଼ୀ।

ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବାକୁ ନେଇଥିବା ୪୫ ଲକ୍ଷ ଗାଏବ୍ କରିଛନ୍ତି ଜଣେ କ୍ୟାସ୍ ଡିପୋଜିଟର। ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୋଲିସ ସଂପୃକ୍ତ କ୍ୟାସ୍ ଡିପୋଜିଟର ଗୋପାଳପୁର ଥାନା ଅନ୍ତର୍ଗତ ମାଣ୍ଡିଆପଲ୍ଲୀ ଗ୍ରାମର ଦୀପକ କୁମାର ପାଢ଼ୀଙ୍କୁ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ବ୍ରହ୍ମପୁର ସହରରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ବିଭିନ୍ନ ଏଟିଏମ୍‌ରେ ସିଏମ୍‌ଏସ୍ ଇନ୍ଫୋସିଷ୍ଟମ୍ ନାମକ ଏକ ସଂସ୍ଥା ଟଙ୍କା ଜମା କରିଥାଏ। ଏହି ସଂସ୍ଥାରେ ଦୀପକ କ୍ୟାସ୍ ଡିପୋଜିଟର ଭାବେ କାମ କରୁଥିଲେ। ଗତବର୍ଷ ସେ ବିଭିନ୍ନ ଏଟିଏମ୍ କାଉଣ୍ଟରରେ ୪୫ ଲକ୍ଷ ଟଙ୍କା ଜମା କରିବାକୁ ନେଇଥିଲେ। ହେଲେ ସଂସ୍ଥାର ଅଡ଼ିଟ୍ ବେଳେ ଉକ୍ତ ଟଙ୍କାର ହିସାବ ମିଳି ନ ଥିଲା। ତେଣୁ ସଂସ୍ଥା ଦୀପକଙ୍କୁ ଉକ୍ତ ଟଙ୍କାର ହିସାବ ମାଗିଥିଲା। ଦୀପକ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ତେଣୁ ସିଏମ୍‌ଏସ୍ ଇନ୍ଫୋସିଷ୍ଟମ୍ ମ୍ୟାନେଜର ବିଶ୍ୱବାଣୀ ପ୍ରସାଦ ସାମନ୍ତ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ନଂ.୫୫୮/୨୦୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଦୀପକଙ୍କୁ ଗିରଫ କରିଛି। ତାଙ୍କୁ ଜେରା ସମୟରେ ସେ ୪୫ଲକ୍ଷ ଟଙ୍କା ଆତ୍ମସାତ କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ବ୍ରହ୍ମପୁର ଏସପି ଡା.ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୮ରେ ମଧ୍ୟ ଏଭଳି ଦୁଇଟି ଠକେଇ ହୋଇଥିଲା। ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଗାଏବ୍ ହୋଇଥିବା ଅଭିଯୋଗ ହୋଇଥିଲା। ଟାଉନ୍ ଥାନା ପୋଲିସ ଉକ୍ତ ମାମଲାରେ ୨ଜଣଙ୍କୁ ଗିରଫ କରିଥିଲା ।

# ବିଶ୍ୱସ୍ତରୀୟ ହେବ କିଟ୍ ପଲିଟେକ୍ନିକ୍

## ସିଙ୍ଗାପୁର ଗଲା ୪୦ଜଣିଆ ପ୍ରତିନିଧି ଦଳ

ଭୁବନେଶ୍ୱର, ୩୧।୧୦
(ଅସମାପିକା ସାହୁ)




ବିଶ୍ୱସ୍ତରୀୟ ହେବ କିଟ୍ ପଲିଟେକ୍ନିକ୍। ଖୁବ୍‌ଶୀଘ୍ର ଏହା ସିଙ୍ଗାପୁରର ନନ୍ୟାଙ୍ଗ ପଲିଟେକ୍ନିକ ଢାଞ୍ଚାର ରୂପ ନେବ। ଏହି ପରିପ୍ରେକ୍ଷୀରେ କିଟ୍ ପଲିଟେକ୍ନିକର ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ୪୦ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ସିଙ୍ଗାପୁରକୁ ସପ୍ତାହ ବ୍ୟାପୀ 'ଏକ୍ସପୋଜର ଭିଜିଟ୍'ରେ ଯାଇଛନ୍ତି। ଏହି ପ୍ରତିନିଧି ଦଳ ସିଙ୍ଗାପୁର ନନ୍ୟାଙ୍ଗ ପଲିଟେକ୍ନିକ ପରିଦର୍ଶନ କରିବା ସହ ସେଠାରେ ଅତ୍ୟାଧୁନକି ଜ୍ଞାନ କୌଶଳ ଆହରଣ କରିବେ। କିଟ୍ ପଲିଟେକ୍ନିକକୁ ନନ୍ୟାଙ୍ଗ ପଲିଟେକ୍ନିକ ଭଳି ବିଶ୍ୱସ୍ତରୀୟ କରାଯିବା ନେଇ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରୟାସ କରିଆସୁଛନ୍ତି। ସେଠାରେ ଭିତ୍ତିଭୂମି, ଶିକ୍ଷାଦାନ ପଦ୍ଧତି, ଅତ୍ୟାଧୁନିକ ଜ୍ଞାନ କୌଶଳର ଉପଯୋଗ ଆଦି ସଂକ୍ରାନ୍ତରେ ଏହି ପ୍ରତିନିଧି ଦଳ ନନ୍ୟାଙ୍ଗ ପଲିଟେକ୍ନିକ୍‌ର ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମଙ୍ଗଳବାର ଡ. ସାମନ୍ତଙ୍କ ସହିତ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ପଲିଟେକ୍ନିକର ଅଧ୍ୟାପକ ଓ କର୍ମଚାରୀମାନେ ପ୍ରତିନିଧି ଦଳକୁ ଶୁଭେଚ୍ଛା ଜଣାଇଥିଲେ। ସୂଚନାଯୋଗ୍ୟ, ଗୁଣାତ୍ମକ ଶିକ୍ଷାଦାନ ପାଇଁ କ୍ୱାଲିଟି କାଉନ୍‌ସିଲ୍ ଅଫ୍ ଇଣ୍ଡିଆ(କ୍ୟୁସିଆଇ)ର ନ୍ୟାଶନାଲ୍ ଆକ୍ରିଡିଟେଶନ୍ ବୋର୍ଡ ଫର୍ ଏଜୁକେସନ୍ ଆଣ୍ଡ ଟ୍ରେନିଂ(ନାବେଟ୍) କ୍ୟୁସିଆଇ ର୍ୟାଙ୍କିଙ୍ଗ ୨୦୨୩ରେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ କିଟ୍ ପଲିଟେକନିକ୍ ଲଗାତର ଦ୍ୱିତୀୟ ବର୍ଷ ପାଇଁ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଉଚ୍ଚ ରାଶିରେ ଚନ୍ଦ୍ର ଥିବାରୁ ପରିବାର ଲୋକଙ୍କ ସହ ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ସଭାସମିତିରେ ନିଜର ସୀମା ଭିତରେ ନ ରହିଲେ ସାଧାରଣ କଥାରେ ସମସ୍ୟା ଆସିପାରେ। ସହକର୍ମୀଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ।

**ବୃଷ**
କେନ୍ଦ୍ରସ୍ଥ ଶୁକ୍ରଜନିତ ବିଭିନ୍ନ ଦିଗରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ର କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। କଚେରି ମାମଲାର ଶୁଣାଣିରେ ବିଳମ୍ବ ଜନିତ କ୍ଷୋଭ ପ୍ରକାଶ କରିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ**
ପାପଯୁକ୍ତ ବୁଧ ହେତୁ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସରକାରୀ କ୍ଷେତ୍ରରୁ ଋଣସୂତ୍ରରେ ଅର୍ଥଲାଭର ଆଶା ରହିଛି।

**କର୍କଟ**
ଭାବପ୍ରବଣତାରେ ଭାସିଯାଇ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ପାସୋରି ଦେଇପାରନ୍ତି। କେନ୍ଦ୍ରସ୍ଥ ରାଜଯୋଗ ହେତୁ ନିର୍ମାଣ, ଯୋଗାଯୋଗ, ପ୍ରେସ୍, ପବ୍ଲିକେଶନ, ଆଲୋଚନା ଓ ସଭାସମିତିରେ କାମ ସୁରୁଖୁରୁରେ ସମ୍ପନ୍ନ ହେବ। ସାହିତ୍ୟ, କଳା, ବିଜ୍ଞାନ ଓ ସଭାସମିତିରେ ସଫଳତା ହାସଲ କରିବେ।

**ସିଂହ**
ଆଜି ଶୁଭ ଚନ୍ଦ୍ର ପ୍ରଭାବରୁ ହଠାତ୍ କୌଣସି ଯୋଜନା ଆରମ୍ଭ କରିପାରନ୍ତି। ସନ୍ତାନଙ୍କ ସମସ୍ୟା ବିଷୟ ଚିନ୍ତାକରି ମାନସିକ ଶାନ୍ତି ବ୍ୟାହତ ହୋଇପାରେ। କେତେକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହେବେ। ପରୋକ୍ଷ ଶତ୍ରୁତା କାରଣରୁ ସୁଯୋଗ ହାତଛଡା ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାରେ ପଡ଼ିବେ।

**କନ୍ୟା**
ବିଭିନ୍ନ ସମସ୍ୟାରେ ବ୍ୟତିବ୍ୟସ୍ତ ହୋଇ ଆପଣ ଅଧିକାଂଶ ସମୟ ଅନ୍ୟମନସ୍କ ରହିପାରନ୍ତି। ଧନସ୍ଥ ଗ୍ରହ ଯୋଗୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟରୁ ଅର୍ଥ ଲାଭ କରିପାରନ୍ତି। ପରିବାରର ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ଅସୁବିଧାରେ ପଡ଼ିଥିବା ଭାଇଙ୍କ ପାଇଁ ଚିନ୍ତା କରିପାରନ୍ତି।

**ତୁଳା**
ଦୀର୍ଘଦିନର କେତେକ ଅପୂରଣୀୟ ଆଶା ମନରେ ଆଲୋଡ଼ନ ସୃଷ୍ଟି କରିବ। ସପ୍ତମସ୍ଥ ପାପଗ୍ରହ ଯୋଗୁ ଆଜି ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ଅଫିସରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ କିନ୍ତୁ ଏଥିପାଇଁ ବହୁତ ପରିଶ୍ରମ କରିବାକୁ ପଡ଼ିବ। କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ସଫଳତା ହାସଲ କରିବେ।

**ବିଛା**
ଆଜି ଶୁକ୍ର ପ୍ରଭାବରୁ ଯାତ୍ରା, ଚେଷ୍ଟା କରୁଥିବା କାମ, ଲକ୍ଷ୍ୟ ପ୍ରାପ୍ତିର ଆଶା ନିରର୍ଥକ ହେବ ନାହିଁ। ଯାହାକୁ ନିଜର ମନେ କରୁଛନ୍ତି, ସେହିମାନେ ହିଁ ପ୍ରଶଂସା ଓ ପ୍ରତିଷ୍ଠା ପ୍ରତି ଈର୍ଷାନ୍ୱିତ ହେବେ। ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ ହୋଇଯିବ। କଳା, ସାହିତ୍ୟ, ସାମ୍ବାଦିକତାରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ**
ଯେତେ ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମ୍ନା କରିବାରେ ସଫଳତା ପାଇବେ। ବ୍ୟବସାୟ, ପରିବହନ, ପ୍ରକାଶ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସପ୍ତମାଧିପତିଙ୍କ ଦୋଷରୁ ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ।

**ମକର**
ଚନ୍ଦ୍ରଙ୍କ ଶୁଭତ୍ୱ କାରଣରୁ ବିଶେଷ ସୂତ୍ରରୁ କୌଣସି ଖବର ପାଇ ଖୁସି ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ସାମାଜିକ ସ୍ତରରେ ନୀରବଦ୍ରଷ୍ଟା ଭଳି କାମ କରିବା ସକାଶେ ବାଧ୍ୟ ହେବେ। ନିଜର ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡ଼ିବା ସକାଶେ ଆପ୍ରାଣ ଚେଷ୍ଟା କରିବେ, କିନ୍ତୁ ପାରିବେ ନାହିଁ।

**କୁମ୍ଭ**
କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକୁ ତ୍ୱରାନ୍ୱିତ କରିବା ସକାଶେ ଚେଷ୍ଟିତ ହେବେ। ଶନିଙ୍କ ଯୋଗୁ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଉଥିବାରୁ ମନରେ ସରସତା ରହିବ ନାହିଁ। ଦୀର୍ଘ ଦିନରୁ ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ମନଗଢ଼ା କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ରାଜନୀତି, ନିର୍ମାଣ, ବାଣିଜ୍ୟ କ୍ଷେତ୍ରରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**ମୀନ**
ପାପଯୁକ୍ତ ବୃହସ୍ପତି ହେତୁ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ନିଜର କାର୍ଯ୍ୟଦକ୍ଷତା ହେତୁ ବନ୍ଧୁମାନଙ୍କ ଗହଣରେ ପ୍ରଶଂସିତ ହେବେ।

ଆଜି କାର୍ତ୍ତିକ କୃଷ୍ଣ ଚତୁର୍ଥୀ ବୁଧବାର, ନଭେମ୍ବର ୧ ତାରିଖ, ବିଶ୍ୱ ଶୁଦ୍ଧ ଶାକାହାରୀ ଦିବସ, ରାଶି ନକ୍ଷତ୍ର-ମୃଗଶିରା/ବୃଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୧ ଗତେ ଘ.୦୮।୦୬ ମଧ୍ୟେ, ଘ.୧୦।୨୨ ଗତେ ଘ.୧୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୧୧।୩୦ ଗତେ ଘ.୧୨।୫୪ ମଧ୍ୟେ ରାହୁକାଳ ।।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ନଭେମ୍ବର ୧/୨୦୨୩ | Bhubaneswar, Wednesday, November 1/2023 | ପୃଷ୍ଠା-୧



**ଫଖର ଜମାନ ପ୍ଲେୟର୍ ଅଫ୍ ଦି ମ୍ୟାଚ୍**
ବାଂଲାଦେଶ ବିପକ୍ଷ ଦିନିକିଆ କ୍ରିକେଟ ବିଶ୍ୱକପ୍ ମ୍ୟାଚ୍‌ରେ ପାକିସ୍ତାନର ଫଖର ଜମାନ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୨ ୦୩

**ଉର୍ଫିଙ୍କୁ ହତ୍ୟା ଧମକ**
ବଲିଉଡ୍ ଅଭିନେତ୍ରୀ ଉର୍ଫି ଜାଭେଦ୍‌ଙ୍କୁ ଏକ ଫିଲ୍ମର ଛୋଟା ପଣ୍ଡିତ ବେଶ ଧାରଣ ପାଇଁ ହତ୍ୟା ଧମକ ମିଳିଛି।



# ‘ବିରୋଧୀଙ୍କ ଫୋନ୍‌ରେ ସରକାରୀ ଗୁପ୍ତଚର’

**ବିରୋଧୀ ଦଳ ନେତାମାନଙ୍କ ଆଇଫୋନ୍‌କୁ ‘ସରକାର ପ୍ରାୟୋଜିତ ଆକ୍ରମଣକାରୀଙ୍କ’ ଜରିଆରେ ହ୍ୟାକ୍ କରିବାକୁ ଉଦ୍ୟମ ହୋଇଛି। ଏନେଇ ସେମାନେ ଆଇଫୋନ୍ ନିର୍ମାଣକାରୀ କମ୍ପାନୀ ଆପଲ୍‌ରୁ ୱାର୍ନିଂ ଆଲର୍ଟ ରିସିଭ୍ କରିଥିବା ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି। ଅନ୍ୟପକ୍ଷେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅଭିଯୋଗକୁ ଖଣ୍ଡନ କରିବା ସହ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ନେଇ ଆଶ୍ୱାସନା ଦେଇଛନ୍ତି।**

- **ଆପଲ୍‌ରୁ ଆସିଛି ୱାର୍ନିଂ ଆଲର୍ଟ**
- **କେନ୍ଦ୍ରକୁ ଘେରିଲେ ବିରୋଧୀ**
- **ତଦନ୍ତ ଆଶ୍ୱାସନା ଦେଲେ ଅଶ୍ୱିନୀ**

**ନୂଆଦିଲ୍ଲୀ,୩୧।୧୦**

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଦଳୀୟ ନେତା ଶଶୀ ଥରୁର, ପବନ ଖେରା, ସୁପ୍ରିୟା ଶ୍ରୀନେତ ଏବଂ କେ.ସି. ବେଣୁଗୋପାଳ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର, ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ଶିବସେନା (ୟୁବିଟି) ଏମ୍‌ପି ପ୍ରିୟଙ୍କା ଚତୁର୍ବେଦୀ, ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ରାଘବ ଚଢ଼ା, ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ପ୍ରମୁଖ ଆପଲ୍‌ଠାରୁ ୱାର୍ନିଂ ମେସେଜ୍ ପାଇଥିବା ପ୍ରକାଶ କରିଛନ୍ତି। ଏହି ନେତାମାନେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ’ରେ ଉକ୍ତ ମେସେଜ୍‌ଗୁଡ଼ିକୁ ଶେୟାର କରିବା ସହ ସରକାର ସେମାନଙ୍କ ବିରୋଧରେ ଗୁପ୍ତଚରଗିରି କରାଉଥିବା ଅଭିଯୋଗ ଆଣିଛନ୍ତି। ସର୍ବପ୍ରଥମେ ଏହି ପ୍ରସଙ୍ଗ ଉଠାଇଥିବା ଦୁଇ ନେତ୍ରୀ ହେଲେ ପ୍ରିୟଙ୍କା ଚତୁର୍ବେଦୀ ଓ ମହୁଆ ମୋଇତ୍ର। ମହୁଆ ଏକ୍ସ’ରେ କହିଛନ୍ତି, ଆମ ଫୋନ୍‌ଗୁଡ଼ିକୁ ହ୍ୟାକ୍ କରାଯାଉଛି। ସ୍ୱାଧିକାର କମିଟି ଏହା ଉପରେ ଅନୁଧ୍ୟାନ କରୁ। ଏହା ହେଉଛି ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ତାଙ୍କର ଆନୁଷ୍ଠାନିକ ପତ୍ର। ବାଚସ୍ପତି ରାଜଧର୍ମ ପାଳନ କରି ବିରୋଧୀ ଏମ୍‌ପିମାନଙ୍କୁ ସୁରକ୍ଷା ଦିଅନ୍ତୁ। ଏଥିସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧିକାରୀମାନଙ୍କୁ ସମନ କରାଯାଉ। ଅଶ୍ୱିନୀ ବୈଷ୍ଣବ, ଏହା ହେଉଛି ପ୍ରକୃତ ବ୍ରିଚ୍, ଯାହାକୁ ନେଇ ଆପଣ ଚିନ୍ତିତ ହେବା ଆବଶ୍ୟକ।

ୱାୟନାଡ୍ ଏମ୍‌ପି ରାହୁଲ ଏକ ଖବରଦାତା ସମ୍ମିଳନୀରେ ଏହି ପ୍ରସଙ୍ଗ ଉଠାଇ ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲ କହିଛନ୍ତି, ଅମେ ଭୟଭୀତ ହୋଇନାହୁଁ। ସରକାର ଯେତେ ପାରୁଛନ୍ତି ସେତେ ଫୋନ୍ ଟ୍ୟାପିଂ କରାନ୍ତୁ। ଆଇ ଡୋଣ୍ଟ କେୟାର। ସରକାର ଚାହିଁଲେ ମୋ ଫୋନ୍ ନେଇପାରିବେ। ମୁଁ ଦେଇଦେବି। ଦେଶରେ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ଅନୁକ୍ରମକୁ ଦେଖିଲେ ସବା ଆଗରେ ଶିଳ୍ପପତି ଗୌତମ ଆଦାନୀ ରହିଥିବାବେଳେ ୨ ନମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୩ ନମ୍ବରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ରହିଛନ୍ତି। ମୋଦିଙ୍କ ଆତ୍ମା ଆଦାନୀଙ୍କ ପାଖରେ ରହିଛି। ସତ ହେଉଛି ସେହି କ୍ଷମତା ଅନ୍ୟ ଜଣଙ୍କ ହାତରେ ରହିଛି। ଆଦାନୀଙ୍କୁ କେହି ସ୍ପର୍ଶ କରିବା ମାତ୍ରେ ଗୋଇନ୍ଦା ଏଜେନ୍ସିଗୁଡ଼ିକୁ ଲଗାଇ ଦିଆଯାଉଛି ☞ପୃଷ୍ଠା-୫

## ଆମେ କେଉଁ ସ୍ଥିତିରେ ଏପରି ମେସେଜ୍ ଦେଉ, ତାହା କହିପାରିବୁ ନାହିଁ: ଆପଲ୍

ଆଇଫୋନ୍ ମେକର୍ ଆପଲ୍ ବିରୋଧୀ ନେତାମାନଙ୍କ ଦାବି ଉପରେ ପ୍ରତିକ୍ରିୟା ରଖି କହିଛି, ୱାର୍ନିଂ ସମ୍ପର୍କିତ ମେସେଜ୍ ପାଇଁ କମ୍ପାନୀ କୌଣସି ଷ୍ଟେଟ୍ ସ୍ପନ୍‌ସର୍ଡ ଆଟାକର୍ସଙ୍କୁ ଦାୟୀ କରେନାହିଁ। ଏଭଳି ଆଟାକର୍ସଙ୍କୁ ଠିକ୍‌ଠାକ୍ ଫଣ୍ଡିଂ ହୋଇଥାଏ। ସେମାନେ ଜଟିଳ ଉପାୟରେ କାର୍ଯ୍ୟ କରିଥାଆନ୍ତି। ସେମାନଙ୍କ ଆକ୍ରମଣ ସମୟ ସହ ତାଳ ଦେଇ ଉନ୍ନତ ହୋଇଥାଏ। ଏପରି ଆକ୍ରମଣର ଚିହ୍ନଟ ଗୁପ୍ତଚର ସଙ୍କେତ ଉପରେ ଆଧାରିତ, ଯାହାକି ଅନେକ ସମୟରେ ଉପଯୁକ୍ତ ହୋଇ ନ ଥାଏ। ସେଗୁଡ଼ିକ ଅସମ୍ପୂର୍ଣ୍ଣ ହୋଇଥାଏ। ଆଟାକ୍ ସମ୍ପର୍କିତ କେତୋଟି ଚେତାବନୀ ଫଲ୍ସ ଆଲାର୍ମ ହୋଇଥାଇପାରେ। ଏପରି କି ଆଟାକର୍ସଙ୍କଠୁ ଠାବ ମଧ କରାଯାଇ ନ ପାରେ। ଆମେ କେଉଁ ସ୍ଥିତିରେ ଏପରି ମେସେଜ୍ ଜାରି କରିଥାଉ, ତାହା ପ୍ରକାଶ କରିପାରିବୁ ନାହିଁ। କାରଣ ଏପରି କରିବା ଦ୍ୱାରା ରାଷ୍ଟ୍ର ପ୍ରାୟୋଜିତ ଆକ୍ରମଣକାରୀ ଭବିଷ୍ୟତରେ ଏଥିରୁ ବଞ୍ଚିବାର ଉପାୟ ବାହାର କରିବାରେ ସକ୍ଷମ ହୋଇଯିବେ। ତେବେ ବିରୋଧୀ ଦଳ ନେତାମାନେ କିପରି ଭାବେ ଏହି ମେସେଜ୍ ପାଇଲେ ସେନେଇ ଆପଲ୍ କିଛି ସ୍ପଷ୍ଟ କରିନାହିଁ।

# ୮୧ କୋଟି ଭାରତୀୟଙ୍କ ଆଧାର ତଥ୍ୟ ଲିକ୍

### ଆମେରିକୀୟ କମ୍ପାନୀ ‘ରିସିକ୍ୟୁରିଟି’ର ଚାଞ୍ଚଲ୍ୟକର ରିପୋର୍ଟ

**ନୂଆଦିଲ୍ଲୀ, ୩୧।୧୦**

ଭାରତର ୮୧ କୋଟି ୫୦ ଲକ୍ଷ ନାଗରିକଙ୍କର ଆଧାର ଓ ପାସ୍‌ପୋର୍ଟ ତଥ୍ୟ ଡାର୍କ ୱେବ୍‌ରେ ଲିକ୍ ହୋଇଛି। ଆମେରିକାର ସାଇବରସିକ୍ୟୁରିଟି ଫାର୍ମ ‘ରିସିକ୍ୟୁରିଟି’ ପକ୍ଷରୁ ଏଭଳି ଗମ୍ଭୀର ରିପୋର୍ଟ ପ୍ରକାଶ ପାଇବା ପରେ ଭାରତରେ ହଇଚଇ ସୃଷ୍ଟି ହୋଇଛି। ନାଗରିକଙ୍କ ଆଧାର, ପାସ୍‌ପୋର୍ଟ ନମ୍ବର, ନାମ, ଫୋନ୍ ନମ୍ବର ଓ ଠିକଣା ଆଦି ସବିସ୍ତୃତ ତଥ୍ୟ ଅନ୍‌ଲାଇନରେ ବିକ୍ରି ପାଇଁ ଡାର୍କ ୱେବ୍‌ରେ ଉପଲବ୍ଧ ଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍)ର ତଥ୍ୟାବଳୀ ସହିତ ସାଲିସ କରାଯାଇଥିବା ଜଣାପଡ଼ିଛି। ଏହାର ତଥ୍ୟ ଅତ୍ୟନ୍ତ ସମ୍ବେଦନଶୀଳ ଥିବାରୁ ତାହାକୁ ହ୍ୟାକରମାନେ ସହଜରେ ହାତେଇ ନେଇଛନ୍ତି। ୮୧ କୋଟି ୫୦ ଲକ୍ଷ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ କମ୍ପାନୀଗୁଡ଼ିକ ହାସଲ କରି ଫାଇଦା ନେବାରେ ବ୍ୟସ୍ତ ଅଛନ୍ତି ବୋଲି ନେଟ୍ରିକା କନ୍‌ସଲ୍ଟିଂର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୌଶିକ କହିଛନ୍ତି। ରିସିକ୍ୟୁରିଟି ୱେବ୍‌ସାଇଟ୍‌ର ସୂଚନା ଅନୁଯାୟୀ, ଅକ୍ଟୋବର ୯ରେ ଜଣେ ବ୍ୟକ୍ତି ‘ପିଡବ୍ଲ୍ୟୁଏନ୍୦୦୦୧’ ଛଦ୍ମନାମରେ ବ୍ରିଚ୍‌ଫୋରମ୍ (ଏକ ଡାର୍କନେଟ୍ ଆପରାଧିକ ମଞ୍ଚ)ରେ ୮୧ କୋଟି ୫୦ ଲକ୍ଷ ଭାରତୀୟଙ୍କ ଆଧାର ଓ ପାସ୍‌ପୋର୍ଟ ସଂକ୍ରାନ୍ତ ସବିଶେଷ ତଥ୍ୟ ପୋଷ୍ଟ କରିଥିଲେ। ରିସିକ୍ୟୁରିଟି ଏ ବିଷୟରେ ଜାଣିବା ପରେ ଉକ୍ତ ହ୍ୟାକରଙ୍କ ସହ ଯୋଗାଯୋଗ ☞ପୃଷ୍ଠା-୫

# ବସ୍ ଧର୍ମଘଟ ପ୍ରତ୍ୟାହୃତ

**ଭୁବନେଶ୍ୱର,୩୧।୧୦(ଅନିଲ ଦାସ)**

ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସ୍ଥଗିତ ରଖାଯାଇଥିବା ବସ୍ ଧର୍ମଘଟକୁ ମଙ୍ଗଳବାର ପ୍ରତ୍ୟାହାର କରାଯାଇଛି। ବ୍ଲକରୁ ଜିଲା ମୁଖ୍ୟାଳୟକୁ ‘ଲକ୍ଷ୍ମୀ’ ଯୋଜନାରେ ବସ୍ ଚଳାଚଳ ନ କରିବାକୁ ପ୍ରତିଶ୍ରୁତି ମିଳିବା ପରେ ବସ୍ ଧର୍ମଘଟ ପ୍ରତ୍ୟାହାର ହୋଇଛି ବୋଲି ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି।

ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ଜିଲା ମୁଖ୍ୟାଳୟକୁ ବସ୍ ଚଳାଚଳକୁ ବିରୋଧ ସହ ଅନ୍ୟାନ୍ୟ ଦାବି ନେଇ ସଂଘ ପକ୍ଷରୁ ଅକ୍ଟୋବର ୨୦ ତାରିଖରେ ବସ୍ ଧର୍ମଘଟ କରାଯାଇଥିଲା। ଧର୍ମଘଟ ଯୋଗୁ ଯାତ୍ରୀ ପରିବହନ ସେବା ବାଧାପ୍ରାପ୍ତ ହୋଇଥିଲା। ☞ପୃଷ୍ଠା-୫




# ଶପଥ ନେଲେ ରାଜ୍ୟପାଳ ରଘୁବର ଦାସ




ରାଜଭବନର ନୂଆ ଅଭିଷେକ ହଲ୍‌ରେ ନବନିଯୁକ୍ତ ରାଜ୍ୟପାଳ ରଘୁବର ଦାସଙ୍କୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ୍‌ରଞ୍ଜନ ଷଡ଼ଙ୍ଗୀ ଶପଥ ପାଠ କରାଉଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର, ୩୧।୧୦ (ଅସମାପିକା ସାହୁ)**

ଓଡ଼ିଶାର ୨୬ତମ ରାଜ୍ୟପାଳ ଭାବେ ରଘୁବର ଦାସ ଶପଥ ଗ୍ରହଣ କରିଛନ୍ତି। ରାଜଭବନର ନୂଆ ଅଭିଷେକ ହଲ୍‌ରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ୍‌ରଞ୍ଜନ ଷଡ଼ଙ୍ଗୀ ନୂଆ ରାଜ୍ୟପାଳଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଚସ୍ପତି ପ୍ରମିଳା ମଲ୍ଲିକ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ମନ୍ତ୍ରିମଣ୍ଡଳର କେତେଜଣ ସଦସ୍ୟ, ବିଧାୟକ ଓ ବିଚାରପତି ଉପସ୍ଥିତ ଥିଲେ। ଏହାପରେ ରାଜ୍ୟପାଳ ରଘୁବର ଦାସଙ୍କୁ ରାଜଭବନ ପରିସରରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।

ଶପଥ ଗ୍ରହଣ ପୂର୍ବରୁ ସକାଳେ ରାଜ୍ୟପାଳ ଦାସ ଲିଙ୍ଗରାଜ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ପ୍ରଭୁଙ୍କ ଆଶୀର୍ବାଦ ନେଇ ରାଜଭବନ ଅଭିମୁଖେ ଫେରିଥିଲେ। ଏହି ସମୟରେ ସେ ଦେଶ ଏବଂ ଓଡ଼ିଶାବାସୀଙ୍କ ବିକାଶ ଓ ସମୃଦ୍ଧି ଲାଗି ଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରିଥିବା କହିଥିଲେ। ମନ୍ଦିର ନିକଟରେ ରାଜ୍ୟପାଳଙ୍କୁ ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ, ବରିଷ୍ଠ ନେତା ଦିଲୀପ ମଲ୍ଲିକଙ୍କ ☞ପୃଷ୍ଠା-୫

# ଓଡ଼ିଆ ଝିଅ ଶ୍ରୀୟଙ୍କାଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

**ନୂଆଦିଲ୍ଲୀ, ୩୧।୧୦**

୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ ପାଇଁ ଓଡ଼ିଶାର ତାରକା ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ଯୋଗ୍ୟତା ଅର୍ଜନ କରିଛନ୍ତି। କୋରିଆର ଚାଙ୍ଗଓନଠାରେ ଅନୁଷ୍ଠିତ ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ର ମହିଳା ୫୦ ମିଟର ରାଇଫଲ୍ ୩ ପୋଜିଶନ (୩ପି)ରେ ୪ର୍ଥ ସ୍ଥାନ ହାସଲ କରି ସେ ଏହି ସଫଳତା ପାଇଛନ୍ତି। ୪୫ ଶଟ୍ ବିଶିଷ୍ଟ ଫାଇନାଲରେ ସେ ୪୪୦.୫ ପଏଣ୍ଟ ଶୁଟ୍ କରିଛନ୍ତି। କୋରିଆର ଅଭିଜ୍ଞ ଶୁଟର ଲି ଇଉନସିଓ ସ୍ୱର୍ଣ୍ଣ, ରାଇଫଲରେ ବିଶ୍ୱ ଚାମ୍ପିୟନ ଚାଇନାର ହାନ୍ ଜିଆୟୁ ରୌପ୍ୟ ଓ ଜିଆ ସିୟୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଶ୍ରୀୟଙ୍କା ଭାରତର ୧୩ଶ ଶୁଟରଭାବେ ଅଲିମ୍ପିକ୍ସ କୋଟା ହାସଲ କରିଛନ୍ତି। ୩ ପୋଜିଶନ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଭାରତୀୟ ମହିଳା ଶୁଟର ଯୋଗ୍ୟତା ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିଥିଲେ। କେବଳ ର୍ୟାଙ୍କିଂ ପଏଣ୍ଟ (ଆରପିଓ) ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଭାରତର ନମ୍ବର ୱାନ ସିଫ୍ଟ କୌର ସାମ୍ରା ୫୯୨ ପଏଣ୍ଟ ଶୁଟ୍ କରି ଅନ୍ୟମାନଙ୍କଠାରୁ ଆଗରେ ରହିଥିଲେ। ଆଶି ଚୌକସେ ୫୯୧ ଏବଂ ଶ୍ରୀୟଙ୍କା ଓ ଆୟୁଷୀ ପୋଦ୍ଦାର ଯଥାକ୍ରମେ ୫୮୮ ଓ ୫୮୭ ପଏଣ୍ଟ ଶୁଟ୍ କରି ଟପ୍-୮ ମଧ୍ୟରେ ସ୍ଥାନ ପାଇଥିଲେ। ଆର୍‌ପିଓରେ ଭାଗ ନେଇଥିବା ମାନିନି କୌଶିକ ୫୮୬ ପଏଣ୍ଟ ସହିତ ☞ପୃଷ୍ଠା-୫



## ଅରୁଣ ରାୟ ପ୍ରିଣ୍ଟିଂ ପ୍ରେସ୍ ନିର୍ଦ୍ଦେଶକ, ବ୍ରିଜେଶ ରାଏ ଅତିରିକ୍ତ ପୋଲିସ କମିଶନର

**ଭୁବନେଶ୍ୱର,୩୧।୧୦ (ଅନିଲ ଦାସ)**

ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ମଙ୍ଗଳବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗୃହ ବିଭାଗର ଓଏସ୍‌ଡି ତଥା ୧୯୮୮ ବ୍ୟାଚ୍ ଆଇପିଏସ୍ ଅଫିସର ଅରୁଣ କୁମାର ରାୟଙ୍କୁ ପ୍ରିଣ୍ଟିଂ, ଷ୍ଟେସନେରି ଓ ପବ୍ଲିକେଶନ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ☞ପୃଷ୍ଠା-୫

**ଆଜିର ସମ୍ପାଦକୀୟ**
ସେପଟେ ମେଳା, ଏପଟେ ବନ୍ଦ



ଅନ୍ତରାତ୍ମାରେ ଯଦି ବିକୃତି ଥାଏ- ତେବେ ଶରୀରରେ ନିଶ୍ଚୟ ବ୍ୟାଧି ଦେଖାଯିବ। କାରଣ- ମନର ପାପ ହେଲା ଦୈହିକ ପାପର ପ୍ରଚ୍ଛନ୍ନ କାରଣ। ସେହିପରି-ମଣିଷର ସାମାଜିକ ଜୀବନରେ ଦାରିଦ୍ର୍ୟ ଓ ଦୁର୍ଭୋଗ ବାରମ୍ବାର ଫେରି ଆସୁଥିବ -ଯେତେଦିନ ପର୍ଯ୍ୟନ୍ତ ଗୋଟାଏ ଜାତିର ମନ ଅହଂକାରର ଅଧୀନସ୍ଥ ହୋଇ ରହିଥିବ। **-ଶ୍ରୀଅରବିନ୍ଦ**



# ସେପଟେ ମେଲା, ଏପଟେ ବନ୍ଦ

୨୦୦୫ରେ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ ହେଲା। ଭାରତ ଭଳି ଏକ ବିରାଟ ଗଣତାନ୍ତ୍ରିକ ଦେଶ ପାଇଁ ଏହା ଏକ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସବୁ ଶ୍ରେଣୀରେ ସ୍ୱୀକାର କରାଗଲା। ଏହି ଆଇନ ବଳରେ ସାଧାରଣ ନାଗରିକ ତାଙ୍କର ବିଭିନ୍ନ ସମସ୍ୟାର ସମାଧାନ ନିଜେ ସହଜରେ ଖୋଜି ବାହାର କରିବାର ସୁଯୋଗ ପାଇଲେ। ଯଦି କୌଣସି ସରକାରୀ କର୍ମଚାରୀ କିମ୍ବା ସରକାରଙ୍କ ସହିତ ସମ୍ପୃକ୍ତ ସଂସ୍ଥା ତାଙ୍କର ସ୍ୱାଭାବିକ କାର୍ଯ୍ୟକୁ ଅତିମାତ୍ରାରେ ବିଳମ୍ବିତ କଲେ କିମ୍ବା ନିଷ୍ପତ୍ତି ବା ଫଳାଫଳ ଜଣାଇଲେ ନାହିଁ, ତେବେ ଯେକୌଣସି ନାଗରିକ ଏହି ଆଇନ ମାଧ୍ୟମରେ ବିଳମ୍ବ କିମ୍ବା ହେଲାର କାରଣ ବୁଝିବାରେ ସକ୍ଷମ ହେଲେ। ଦେଖିବାକୁ ଗଲେ ୨୦୦୫ ମସିହାଠାରୁ ଆଜି ପର୍ଯ୍ୟନ୍ତ ଭାରତରେ ଯେତେ ଆଇନ ସୃଷ୍ଟି କରାଯାଇଛି ତନ୍ମଧ୍ୟରୁ ସୂଚନା ଅଧିକାର ବା ରାଇଟ ଟୁ ଇନ୍‌ଫରମେସନ (ଆରଟିଆଇ) ଆଇନ ସାଧାରଣ ଭାରତୀୟଙ୍କ ଜୀବନରେ ସୁଦୂରପ୍ରସାରୀ ବଡ଼ ପରିବର୍ତ୍ତନ ଆଣିପାରିଛି।

ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ, ଏହି ଆଇନର ଅପବ୍ୟବହାର କରିବା ପାଇଁ ତଥାକଥିତ 'ସୂଚନା ଅଧିକାର କର୍ମୀ' କୁଆଡୁ କେଜାଣି ଦେଶସାରା ଜନ୍ମ ନେଲେ। ଏହି ଆଇନର ଅପବ୍ୟବହାର କରି ବିଭିନ୍ନ ତଥ୍ୟ ପଚାରିବା ଫଳରେ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଲା। ଅନ୍ୟପଟେ ମନଇଚ୍ଛା ପ୍ରଶ୍ନ ପଚାରି ଏହି ଆଇନକୁ ଅପବ୍ୟବହାର କରୁଥିବା ବ୍ୟକ୍ତିମାନେ ପାଉଥିବା ତଥ୍ୟ ସାଧାରଣରେ ପ୍ରଚାର କରାଇଲେ ନାହିଁ। ଏହା ଫଳରେ ଅନେକଙ୍କ ମନରେ ପ୍ରଶ୍ନ ଉପୁଜିଲା ଯେ, ଏଭଳି ତଥ୍ୟ ଏକାଠି କରି କେତେକ ବ୍ୟକ୍ତି ଅଧିକାରୀମାନଙ୍କୁ ଧମକାଉ ଏବଂ ବ୍ଲାକମେଲ କରାଯାଉଛନ୍ତି। ଏହି ଧାରଣା କ୍ରମଶଃ ବୃଦ୍ଧି ପାଇବା ଫଳରେ ସରକାରୀ ବ୍ୟବସ୍ଥା ଭିତରେ ସୂଚନା ଅଧିକାର ଆଇନ ପ୍ରତି ବିରୋଧ ବଢ଼ିବାରେ ଲାଗିଲା। ମୁଖ୍ୟତଃ କେନ୍ଦ୍ର ଓ ରାଜ୍ୟ ସୂଚନା କମିଶନଗୁଡ଼ିକରେ ଅଧିକାରୀ ନିଯୁକ୍ତିରେ ଅବହେଳା ଯୋଗୁ ଲୋକମାନେ ଆବଶ୍ୟକ ତଥ୍ୟ ପାଇପାରୁନାହାନ୍ତି। ଏବେ ସୁପ୍ରିମକୋର୍ଟଙ୍କ ଆର୍‌ଟିଆଇ ସମ୍ପର୍କିତ କଥା ଆଲୋଚନାର ବିଷୟ ପାଲଟିଛି। ୩୦ ଅକ୍ଟୋବରରେ ଆର୍‌ଟିଆଇ କର୍ମୀ ଅଞ୍ଜଳି ଭରଦ୍ୱାଜଙ୍କ ପିଟିଶନ ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ଓ ରାଜ୍ୟ ସୂଚନା କମିଶନ (ଏସ୍‌ଆଇସି)ଗୁଡ଼ିକରେ ଖାଲିଥିବା ପଦବୀ ପୂରଣ କରିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ କଥା ମଧ୍ୟ ସତର୍କ କରିଦେଇଛନ୍ତି ଯେ, ଏଭଳି ଅବ୍ୟବସ୍ଥା ଲାଗି ରହିଲେ ଆର୍‌ଟିଆଇ ଏକ 'ମୃତପ୍ରାୟ ଆଇନ' ପାଲଟିଯିବ। କେବଳ ଏତିକି ନୁହେଁ, ଖାଲିଥିବା ମୋଟ ପଦବୀ ସଂଖ୍ୟା ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ସ୍ପଷ୍ଟ ଯେ, ଆରଟିଆଇକୁ ସୁଚାରୁ ରୂପେ କାର୍ଯ୍ୟକ୍ଷମ କରାଇବାରେ ସରକାର ଇଚ୍ଛୁକ ନୁହନ୍ତି। ଭାରତରେ ୨୦୦୫ରୁ ଏପର୍ଯ୍ୟନ୍ତ ୧୦୦ରୁ ଊର୍ଦ୍ଧ୍ୱ ଆରଟିଆଇ କର୍ମୀଙ୍କୁ ହତ୍ୟା କରାଯିବା ସହ ୧୮୨ ଜଣଙ୍କୁ ଆକ୍ରମଣ କରାଯାଇଛି ଏବଂ ୧୮୮ଙ୍କୁ ନିର୍ଯାତନା କିମ୍ବା ଧମକ ଦିଆଯାଇଛି। ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଏବେ ସୁଦ୍ଧା ଦେଶରେ ସମସ୍ତ କମିଶନରେ ମୋଟ ୩.୨ ଲକ୍ଷ ଆବେଦନ ଓ ଅଭିଯୋଗ ପଡ଼ିରହିଛି। କମିଶନର ନିଯୁକ୍ତ ହୋଇ ନ ଥିବାରୁ ଝାଡ଼ଖଣ୍ଡ, ତେଲେଙ୍ଗାନା, ମିଜୋରାମ ଓ ତ୍ରିପୁରାରେ ଚାରିଟି କମିଶନ କାର୍ଯ୍ୟକ୍ଷମ ହୋଇପାରିନାହିଁ। ମଣିପୁର, ଛତିଶଗଡ଼, ମହାରାଷ୍ଟ୍ର, ବିହାରର ରାଜ୍ୟ କମିଶନର କେହି ନାହାନ୍ତି। କେନ୍ଦ୍ରରେ ଭାଜପା ସରକାର ୨୦୧୯ରେ ଏହି ଆଇନରେ ଅନେକ ସଂଶୋଧନ କରି ଏହାକୁ ଏକ ପ୍ରକାର ଦୁର୍ବଳ କରିଦେଇଛନ୍ତି।

ସରକାରଙ୍କ ଆଭିମୁଖ୍ୟ ଅତ୍ୟନ୍ତ ନାଗରିକ ବିରୋଧୀ ପାଲଟିଛି। ଉଦାହରଣ ସ୍ୱରୂପ, ଅକ୍ଟୋବର ୩୦ରେ ମଧ୍ୟ ସୁପ୍ରିମକୋର୍ଟରେ କେନ୍ଦ୍ର ତରଫରୁ ଆର୍ଟନି ଜେନେରାଲ ଏକ ମାମଲାରେ ଯୁକ୍ତି ବାଢ଼ି କହିଛନ୍ତି ଯେ, ସାଧାରଣ ନାଗରିକଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେବାର ଆବଶ୍ୟକତା ନାହିଁ। ମାମଲାଟି ଥିଲା ରାଜନୈତିକ ଦଳମାନଙ୍କୁ ଲୁକାୟିତ ଭାବେ ମିଳୁଥିବା ପ୍ରବଳ ମାତ୍ରାର ଅର୍ଥ, ଯାହାକି 'ଇଲେକ୍ଟୋରାଲ ବଣ୍ଡ' ମୁଖାପେକ୍ଷୀ ଏପାଖ ସେପାଖ ହେଉଛି। ସମ୍ବିଧାନ ୧୯-୧(ଏ) ଧାରାକୁ ଦର୍ଶାଇ ଆର୍ଟନି ଜେନେରାଲ ଏଭଳି କହିଛନ୍ତି। ୨୦୧୮ରେ ଲାଗୁ କରାଯାଇଥିବା ନିର୍ବାଚନ ବଣ୍ଡ ଗୁପ୍ତରେ ରାଜନୈତିକ ଦଳଗୁଡ଼ିକୁ ପର୍ଯ୍ୟାପ୍ତ ପାଣ୍ଠି ଯୋଗାଡ଼ କରିବାକୁ ଅନୁମତି ଦେଇଛି। ବଣ୍ଡକୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଓ ନିର୍ବାଚନ କମିଶନ ବିରୋଧ କରିଥିଲେ ମଧ୍ୟ ମୋଦି ସରକାର ତାହାକୁ ଗ୍ରହଣ କରି ନ ଥିଲେ। ବଣ୍ଡକୁ ଆର୍‌ବିଆଇର ବିରୋଧ ଏବଂ ଏହାର ଗଣତାନ୍ତ୍ରିକ ସ୍ୱଚ୍ଛତା ଉପରେ ଗମ୍ଭୀର ସମସ୍ୟାଭିତ୍ତିକ ପ୍ରଶ୍ନ ଉଠିବା ପରେ ୨୦୧୭ରେ ଏହା ବିରୋଧରେ ଦାଏର ପିଟିଶନ ଉପରେ ସାମ୍ବିଧାନିକ ଖଣ୍ଡପୀଠ ବିଚାର ଆରମ୍ଭ କରିଛନ୍ତି। ଏଠାରେ ଅନ୍ୟ ଗଣତାନ୍ତ୍ରିକ ଦେଶର ଉଦାହରଣ ଦେଖିବାକୁ ଗଲେ ଆମେରିକାର ରାଜନୈତିକ ଦଳମାନଙ୍କୁ ମିଳୁଥିବା ପ୍ରତ୍ୟେକ ଡଲାରର ହିସାବ ସାଧାରଣରେ ଜଣାଇବା ବାଧ୍ୟବାଧକତାମୂଳକ।

ଅନ୍ୟପକ୍ଷରେ କୌତୁହଳର ବିଷୟ ହେଉଛି ଯେ, ଭାରତ ସରକାରଙ୍କ ତରଫରୁ ନିଜ ଦେଶର ନାଗରିକଙ୍କ ପାଇଁ ସ୍ୱଚ୍ଛତା ଅବଲମ୍ବନ କରିବାକୁ କୌଣସି ଇଚ୍ଛା ନ ଥିବାବେଳେ ଇଣ୍ଟରନେଟର ଡାର୍କ ୱେବ୍‌ରେ ପିଉନ୍ଟୁଏନ୍‌୦୦୦୧ ଛଦ୍ମ ନାମରେ ପରିଚିତ ବ୍ୟକ୍ତି ବା ସଂସ୍ଥା ଘୋଷଣା କରିଛି ଯେ, ତାହା ପାଖରେ ୮୧୫ ନିୟୁତ ଭାରତୀୟଙ୍କ ଆଧାର ଏବଂ ପାସପୋର୍ଟ ତଥ୍ୟ ମହଜୁଦ ଅଛି। ଏହି ବରାଟକାୟ ସଂଖ୍ୟା ନାଗରିକଙ୍କର ସବୁ ଅନ୍ତରଙ୍ଗ ତଥ୍ୟ ବିକିବା ପାଇଁ ମାତ୍ର ୮୦,୦୦୦ ଆମେରିକୀୟ ଡଲାର ମୂଲ୍ୟ ଏହି ପିଉନ୍ଟୁଏନ୍‌୦୦୦୧ ଘୋଷଣା କରିଛି। ଏଥିରୁ ବୁଝିବାକୁ ହେବ ଯେ, ଆଧାର ତଥ୍ୟକୁ ସୁରକ୍ଷିତ ରଖିବାରେ ବିଫଳ କେନ୍ଦ୍ର ସରକାର ନିଜର ନାଗରିକଙ୍କ ସୁରକ୍ଷା କରିପାରୁନାହିଁ। କିନ୍ତୁ ରାଜନୈତିକ ଅର୍ଥ ନେଣଦେଣକୁ ଗୋପନୀୟ ରଖି ନେତାମାନେ କଳାଧନର ପ୍ରାୟୋଜକ ଏବଂ ସୃଷ୍ଟିକର୍ତ୍ତାଙ୍କୁ ସୁରକ୍ଷିତ ରଖିବା ସହିତ ନିଜର ବେଆଇନ ସମ୍ପତ୍ତି ସମ୍ପର୍କରେ ଦେଶବାସୀଙ୍କୁ ଅନ୍ଧାରରେ ରଖିପାରୁଛନ୍ତି। ସେପଟେ ଦୁଆର ମେଲା, ଏପଟେ ବନ୍ଦ।



# ସୀମାହୀନ ଯୋଜନା, ଲକ୍ଷ୍ୟଭ୍ରଷ୍ଟ ପରିଣତି

ହରିଶଙ୍କର ମିଶ୍ର

ଆମ ରାଜ୍ୟରେ ଥିବା ପ୍ରତ୍ୟେକ ବ୍ଲକର ୧୯୮୦ ମସିହା ପୂର୍ବର ହିସାବ ଦେଖିଲେ ଜଣାଯିବ ଯେ ସମସ୍ତ ବ୍ଲକରେ ଗ୍ରାମୀଣ ଗୃହ ଯୋଜନାରେ କିଛି ବ୍ୟକ୍ତିଙ୍କୁ ଋଣ ଦିଆଯାଉଥିଲା। ଋଣ ଗ୍ରହୀତାମାନେ ଘର ତିଆରି କରି ମୂଳ ସହ ସୁଧ ବି ପଇଠ କରୁଥିଲେ। ୧୯୮୦ ମସିହାରେ ଇନ୍ଦିରା ଗାନ୍ଧୀ ପୁନଃ ଭାରତର ପ୍ରଧାନମନ୍ତ୍ରୀ ହେବା ପରେ ଗୃହହୀନ ପରିବାର ପାଇଁ ସମନ୍ୱିତ ଗୃହନିର୍ମାଣ ଯୋଜନା ଆରମ୍ଭ କରିଥିଲେ। ପ୍ରତ୍ୟେକ ଜିଲାରେ ବାସହୀନ ପରିବାର ପାଇଁ ଏହି ଯୋଜନାରେ ପ୍ରଥମେ ଏକଶହ ଆଦର୍ଶ ଗୃହ ନିର୍ମାଣ କରାଯାଇ ଆବଣ୍ଟିତ କରାଗଲା। କିନ୍ତୁ ଆନୁଷଙ୍ଗିକ ବ୍ୟବସ୍ଥା ନ ଥାଇ ଜନବସତିଠାରୁ ଦୂରରେ ନିର୍ମିତ ଘରେ ଚିହ୍ନଟ ହୋଇଥିବା ଉପଭୋକ୍ତାମାନେ ରହିବା ପରିବର୍ତ୍ତେ ଗୃହରେ ବ୍ୟବହୃତ ଉପକରଣକୁ ବିକ୍ରି ବା ସ୍ଥାନାନ୍ତର କରିଦେଲେ। ତା'ପରେ କେବଳ ଘରବାଡ଼ି ଜାଗା ଥାଇ ଘର ନ ଥିବା ଗରିବଙ୍କ ପାଇଁ ବ୍ୟକ୍ତିଗତ ଗୃହ ନିର୍ମାଣ କରାଗଲା। ଶାସନ ପରିବର୍ତ୍ତନରେ ଯୋଜନାର ନାମ ବଦଳାଯାଇ ଇନ୍ଦିରା ଆବାସ ଯୋଜନାରୁ ରାଜୀବ ଆବାସ ଯୋଜନା, ଏବେ ବିଜୁ ପକ୍କାଘର ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ ହେଉଛି। ପ୍ରଥମେ ପ୍ରତ୍ୟେକ ଘର ପ୍ରତି ତତ୍କାଳୀନ ମୂଲ୍ୟ ସୂଚୀ ଅନୁଯାୟୀ ଅନୁଦାନ ଛଅ ହଜାରରୁ ଏବେ ଦୁଇ ଲକ୍ଷ ପଚାଶ ହଜାରକୁ ବୃଦ୍ଧି ହୋଇଛି। ଯୋଜନାରେ ବି ଅନେକ ପରିବର୍ତ୍ତନ ହୋଇ ପୂର୍ବରୁ ଆଜବେଷ୍ଟସ ଘର ପରିବର୍ତ୍ତେ ଏବେ କୋଠାଘର ପାଇଁ ଅର୍ଥ ମଞ୍ଜୁର ହେଉଛି। ଭୂମିହୀନ ଲୋକଙ୍କୁ ସରକାରୀ ଜାଗା ଦିଆଯାଇ ଘର ତିଆରି ପାଇଁ ଅର୍ଥ ଦିଆଯାଉଛି। କିନ୍ତୁ ଆଶାୟୀଙ୍କ ସଂଖ୍ୟା ବଢୁଛି। ଏହି ଯୋଜନା ନିକଟ ଭବିଷ୍ୟତରେ ଶେଷ ନ ହୋଇ ଦୀର୍ଘକାଳ ପର୍ଯ୍ୟନ୍ତ ଚାଲୁ ରହିବା ରାଜନୈତିକ ଓ ପ୍ରଶାସନିକ ଆଭିମୁଖ୍ୟରୁ ସ୍ପଷ୍ଟ ହେଉଛି।

ଏହା ସତ୍ୟ ଯେ ଯେଉଁମାନେ ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ଦ୍ୱିତୀୟ ପର୍ଯ୍ୟାୟରେ ତାଙ୍କ ଉତ୍ତରାଧିକାରୀ(ପୁଅ) ଓ ଏବେ ତାଙ୍କର ତୃତୀୟ ପୁରୁଷ (ନାତି) ଏହି ଯୋଜନାର ହିତାଧିକାରୀ ହେଉଛନ୍ତି। ଯୋଜନାରେ କିଛି ଅର୍ଥ ହାତେଇବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଦଲାଲ ସୃଷ୍ଟି ହେବା ଯୋଗୁ ସ୍ୱଚ୍ଛତା ପାଇଁ ଯେତେ ନିୟମ କରାଗଲେ ବି ରାଜନୈତିକ ଅଭିସନ୍ଧି ଏବଂ ପ୍ରଶାସନିକ ଦୁର୍ନୀତିରେ ସବୁକିଛି କେବଳ କାଗଜପତ୍ର ଓ ପରିସଂଖ୍ୟାନରେ ସୀମିତ ରହିବାରୁ ଯୋଜନାର ବାସ୍ତବତା ବାଟବଣା ହୋଇଯାଉଛି। ଯୋଜନାରେ ସ୍ୱଚ୍ଛତା ପାଇଁ ଗ୍ରାମସଭାରେ ହିତାଧିକାରୀ ଚୟନ ବ୍ୟବସ୍ଥା ଥିଲେ ମଧ୍ୟ ରାଜନୈତିକ ଚାପରେ ତାହା ପରିଚାଳିତ ହେଉଛି। ୨୦୧୧ ମସିହା ଜନଗଣନାରେ ଏକାନ୍ନ ପରିବାର ଭାବେ ସ୍ୱୀକୃତ ଗୃହର ମୁଖ୍ୟ ଏହି ଯୋଜନାରେ ଘର ପାଇବା ପରେ ବାପାଠାରୁ ପୁଅ ବା ରୋଜଗାରକ୍ଷମ ଭାଇଠାରୁ ଅନ୍ୟ ଭାଇମାନେ



ପୃଥକ୍ ଦର୍ଶାଇ ଗୋଟିଏ ପରିବାରରେ ତିନି ଚାରି ଜଣ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଦ୍ୱିତଳ ବା ତ୍ରିତଳ କୋଠାଘର କରିଥିବା ଉଦାହରଣର ଅଭାବ ନାହିଁ। ଏହି ଯୋଜନା କେବଳ ରାଜନୈତିକ ଦଳକୁ ବା ଦଲାଲଙ୍କୁ ଫାଇଦା ଦେଇନାହିଁ ବରଂ ଉପରୁ ତଳ ସ୍ତର ପର୍ଯ୍ୟନ୍ତ ସମ୍ପୃକ୍ତ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଯଥେଷ୍ଟ ଆର୍ଥିକ ଲାଭ ପାଇଛନ୍ତି। ଯୋଜନା ଆରମ୍ଭ ହେବାର କିଛି ବର୍ଷ ପରେ ନିଷ୍ପତ୍ତି ଅନୁଯାୟୀ ବ୍ଲକ ମାଧ୍ୟମରେ ହିତାଧିକାରୀମାନଙ୍କୁ ଅଗ୍ରିମ ସିମେଣ୍ଟ, ଆଜବେଷ୍ଟସ ଦେବା ପାଇଁ ସମ୍ପୃକ୍ତ କମ୍ପାନୀ ସହ ଚୁକ୍ତି କରାଗଲା। ହିତାଧିକାରୀମାନଙ୍କୁ ସେଇ ସିମେଣ୍ଟ ଓ ଆଜବେଷ୍ଟସ ସହ ଅର୍ଥ ଏବଂ ଅନ୍ୟ କିଛି ବ୍ଲକରେ ଲୁହାବରଗା ଅଗ୍ରିମ ଦିଆଗଲା। ମାତ୍ର ଉପର ସ୍ତରରେ ଦର ନିର୍ଦ୍ଧାରଣ ଯୋଗୁ ଏହି ସିମେଣ୍ଟ ଓ ଆଜବେଷ୍ଟସର ମାନ କମ୍ ରହିଲା । ବ୍ଲକମାନଙ୍କରେ ଗୋଦାମ ଘରର ଅଭାବ ସତ୍ତ୍ୱେ ଯଥେଷ୍ଟ ସିମେଣ୍ଟ ଓ ଆଜ୍‌ବେଷ୍ଟସ ପଠାଗଲା। ଆଜିର ତାରିଖରେ ମଧ୍ୟ ୩୦ ବର୍ଷ ପୂର୍ବର ଅଗ୍ରିମ ଭାବେ ଦିଆଯାଇଥିବା ସିମେଣ୍ଟ, ଆଜବେଷ୍ଟସ ଓ ଅର୍ଥ ମଜୁରା ହୋଇ ନ ଥିବା ବେଳେ ହଜାର ହଜାର ବସ୍ତା ସିମେଣ୍ଟ ମଧ୍ୟ ଆତ୍ମସାତ ବା ପଥର ହୋଇଥିବା ତଥ୍ୟ ଅଡିଟ୍ ଦ୍ୱାରା ସରକାରଙ୍କ ଦୃଷ୍ଟିକୁ ଆସିବାରୁ ସେଇ ବ୍ୟବସ୍ଥା ବନ୍ଦ ହୋଇଗଲା। କିନ୍ତୁ ଏଥିପାଇଁ ଦାୟୀ ଅଧିକାରୀ ଓ କର୍ମଚାରୀମାନେ ଚାକିରି କାଳ ଶେଷ କରି ପେନ୍‌ସନ ଭୋଗ କରୁଛନ୍ତି। ଅଗ୍ରିମ ସିମେଣ୍ଟ ଏବଂ ଆଜ୍‌ବେଷ୍ଟସ ପାଇ ଘର କରି ନ ଥିବା ବ୍ୟକ୍ତି ବା ତାଙ୍କ ପୁଅ ହିତାଧିକାରୀ ଭାବେ ପୁନଶ୍ଚ ଘର ପାଇବାକୁ ଯୋଗ୍ୟ ହୋଇ ସାରିଛନ୍ତି। ୧୯୯୯ ମସିହାରେ ଓଡ଼ିଶାରେ ମହାବାତ୍ୟା ସଂଗଠିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ଓ ବିଭିନ୍ନ ରାଜ୍ୟର ଅନେକ ଲୋକ ସଭା ସଦସ୍ୟଙ୍କଠାରୁ ପ୍ରାପ୍ତ ଅନୁଦାନରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲାମାନଙ୍କରେ ବାର ଲକ୍ଷରୁ ଅଧିକ କୋଠାଘର ନିର୍ମିତ ହୋଇଥିଲା ବେଳେ ପୂର୍ବରୁ ହିତାଧିକାରୀ ହୋଇ ଘର ପାଇଥିବା ବ୍ୟକ୍ତି ମଧ୍ୟ ଆଉଥରେ ସେହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଗଲେ।

୨୦୧୩-୧୪ ମସିହାରୁ ୩ବର୍ଷ ରାଜ୍ୟର ପ୍ରିନ୍ସିପାଲ ଏଜିଙ୍କ ନିର୍ଦ୍ଦେଶ ମତେ ପ୍ରତ୍ୟେକ କେନ୍ଦ୍ର ଯୋଜନାର ଥେମାଟିକ ଅଡିଟ ହୋଇଥିଲା। ଏଥିରେ କିଛି ହିତାଧିକାରୀଙ୍କ ଘର ବାତାନୁକୂଳିତ ହୋଇଥିବା ବେଳେ ଅନେକ ହିତାଧିକାରୀଙ୍କ ଘରର ଚଟାଣ ମାର୍ବଲ ପ୍ଲେଟ୍‌ରେ ନିର୍ମିତ ହୋଇଥିବା ଜଣାପଡିଥିଲା। କିନ୍ତୁ ଯୋଜନାରୁ ବଞ୍ଚିତ କିଛି ବ୍ୟକ୍ତିଙ୍କର ଛପର ହୋଇ ନ ଥିବା କଳା ପଲିଥିନ ଦ୍ୱାରା ଆବୃତ ଏକ ବଖରିଆ ଚାଳଘର ବିଦ୍ୟମାନ ରହିଥିଲା। ଆଶ୍ଚର୍ଯ୍ୟର କଥା ହେଉଛି ଉଭୟ ପ୍ରକାର ଘରର ଫଟୋ ଥାଇ ବାର୍ଷିକ ରିପୋର୍ଟ ପ୍ରକାଶିତ ହୋଇଥିବା ସତ୍ତ୍ୱେ କାହାକୁ ଉତ୍ତରଦାୟୀ କରାଯାଇ ନ ଥିଲା। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରଥମେ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରି ଆବଶ୍ୟକ ଅନୁଯାୟୀ କେନ୍ଦ୍ର ସରକାର ଅର୍ଥ ମଞ୍ଜୁର କରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଦେବା ଦ୍ୱାରା ଅନିୟମିତତା ସୃଷ୍ଟି ହେଉଛି। ନିକଟରେ ପ୍ରକାଶିତ ଏଜିଙ୍କ ଅଡିଟ୍ ରିପୋର୍ଟରେ ୨୦୧୬-୧୭ରୁ ୨୦୨୦-୨୧ ମସିହା ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ସହ ଅର୍ଥ ବିନିଯୋଗ ହୋଇ ନ ପାରିବା ବା ଗ୍ରାମସଭାରେ ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କୁ ବାଦ୍ ଦେବା ରିପୋର୍ଟ ମୂଳରେ ରାଜନୈତିକ ଅଭିସନ୍ଧି ଓ କାଦୁଅଫିଙ୍ଗା ରାଜନୀତି ରହିଥିବାରୁ ପ୍ରକୃତ ହିତାଧିକାରୀ ଯେ ଘର ପାଇବାରୁ ବଞ୍ଚିତ ହେଉଛନ୍ତି ତାହା ସ୍ପଷ୍ଟ ହେଉଛି। ଏହାର ନିରପେକ୍ଷ ତର୍ଜମା ଓ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ଏହା ସୁସ୍ପଷ୍ଟ।

ଏବେ ସହରାଞ୍ଚଳ ଜାଗା ମିଶନ ଦ୍ୱାରା ସରକାରୀ ଜମି ଏବଂ ଘର ତିଆରି ପାଇଁ ଅର୍ଥ ଦିଆଯାଉଛି। ଏହା ଶତ ପ୍ରତିଶତ ସତ୍ୟ ଯେ ସହରର ସରକାରୀ ଜାଗାରେ ଝୁମ୍ପୁଡି ଘର ତିଆରି କରି ସରକାରୀ ଜମି ଜବରଦଖଲ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ଗ୍ରାମରେ ଘର ରହିଥିବା ବେଳେ ପୁରୀ, ଜଗତ୍‌ସିଂହପୁର, ଭଦ୍ରକ ଓ ବାଲେଶ୍ୱରରେ ରହୁଥିବା ଅନେକ ମତ୍ସ୍ୟଜୀବୀ ପଡ଼ୋଶୀ ରାଜ୍ୟରୁ ଆସି ରହୁଛନ୍ତି। କିଛି ବାଂଲାଦେଶୀ ମଧ୍ୟ ଏଭଳି ଜବରଦଖଲ କରି ଭୋଟ ଅଧିକାର ପାଇଛନ୍ତି। ଆଧାର କାର୍ଡରେ ଠିକଣା ବଦଳାଇ ଏହି ଯୋଜନାରେ ଜାଗା ଓ ଘର ପାଇଥିବା ବା ଆଶାୟୀଙ୍କୁ ଚିହ୍ନଟ କରାଗଲେ ଅର୍ଦ୍ଧାଧିକ ବ୍ୟକ୍ତି ଯେ ଅଯୋଗ୍ୟ ବିବେଚିତ ହେବେ ଏଥିରେ ସନ୍ଦେହ ନାହିଁ। ଏହି ଯୋଜନାରେ ତିଆରି ଘର ବାତାନୁକୂଳିତ ହୋଇଥିବା କିମ୍ବା ଦୁଇ ବା ଚାରିଚକିଆ ଗାଡ଼ିର ମାଲିକ ହୋଇ ହିତାଧିକାରୀ ହେବା କେବଳ ରାଜନୈତିକ ପ୍ରଭାବରୁ ସମ୍ଭବ ହୋଇଛି। ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନିକ ସ୍ୱଚ୍ଛତା ନ ରହିଲେ ଏହି ଯୋଜନା ଅନନ୍ତକାଳ ପର୍ଯ୍ୟନ୍ତ ଚାଲିଲେ ସମସ୍ୟାର ସମାଧାନ ପରିବର୍ତ୍ତେ ତେଲିଆ ମୁଣ୍ଡରେ ତେଲ ପରି କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ହିଁ ତା'ର ସୁଯୋଗ ନେଉଥିବେ। ପ୍ରକୃତ ଆଶାୟୀଙ୍କ ଆଶା କେବେ ବି ପୂରଣ ହେବନାହିଁ।

**୧୧୩- ଗୁଣ୍ଡିଚା ବିହାର ପୁରୀ**
**ମୋ: ୭୯୭୮୭୮୫୪୭୮**



# ମା' ମୋ ହାତ ଛାଡ଼

ଚିନ୍ମୟୀ ପଣ୍ଡା

ଅନୁ ଆଜି ଘରେ ମୁହଁ ଫୁଲେଇ ବସିଚି। ସହରର ଗୋଟିଏ ବଡ଼ ସ୍କୁଲରେ ଦଶମ ଶ୍ରେଣୀର ଛାତ୍ରୀ ଅନୁଭା। ବାପା ସଫ୍ଟୱେର ଇଞ୍ଜିନିୟର। ମା' ଉଚ୍ଚ ଶିକ୍ଷିତା ଓ ଜଣେ ଭଲ ମଣିଷ ଏବଂ ବହୁତ ଭଲ ମା'। ଦିହିଁଙ୍କ ଗେହ୍ଲା ଝିଅ ଅନୁ। ବହୁତ ଭଲ ପାଠ ପଢ଼େ। କହିବାକୁ ଗଲେ ସେ ପାଠ ଛଡ଼ା ଅନ୍ୟ କିଛି ଜାଣେନା। ନିଜ ଗାଡ଼ିରେ ସ୍କୁଲ, ଟ୍ୟୁଶନ ଯାଏ। ପ୍ରାୟ ମା' ବି ଥାଆନ୍ତି ଗାଡ଼ିରେ। ଅନୁ, ମାର୍କେଟ ବା ପାର୍ଲର ଯେଉଁଠିକି ଯାଉ ନା କାହିଁକି, ସାଥିରେ ମା' ଥାଆନ୍ତି। ଏମିତି କି ଅନୁ ନିଜ ଦରକାର କଥା ବି ବଡ଼ ପାଟିରେ କାହାକୁ କହିବା ଦରକାର ହୁଏନି। ମା' ସବୁଠି ସବୁକିଛି କରନ୍ତି ଓ କହନ୍ତି ଅନୁ ପାଇଁ। କିନ୍ତୁ ଆଜି କ'ଣ ହେଇଛି ? କାହିଁକି ଅନୁ ମୁହଁ ଫୁଲେଇଚି ? କଥା ହେଉଚି କିଛି ପ୍ରବେଶିକା ପରୀକ୍ଷା ଦେବାପାଇଁ ଅନୁକୁ ତା' ସାଙ୍ଗମାନଙ୍କ ସହ ଅନ୍ୟ ସହରକୁ ଯିବାକୁ ହେବ। କାହାର ଅଭିଭାବକ ଯିବା ଦରକାର ପଡୁନି। କିନ୍ତୁ ଅନୁର ମା' ବାହାରିଛନ୍ତି ଝିଅ ସହିତ, ଯାହା ତା'ର ପସନ୍ଦ ନୁହଁ।

ଦିବ୍ୟ ଜଣେ ପାଞ୍ଚ ବର୍ଷର ପୁଅପିଲା। ଦି' ବର୍ଷ ହେଲା ସ୍କୁଲ ଗଲାଣି। ନର୍ସରି କ୍ଲାସର ଛୁଆ। ପାଠ ପାଇଁ ଆଗ୍ରହ ଆଣିବା ଓ ଏକାଗ୍ରତା ବଢ଼ାଇବା ଇତ୍ୟାଦି କାରଣରୁ ସ୍କୁଲରେ ଅନେକ ଛୋଟ ଛୋଟ ପ୍ରତିଯୋଗିତା କରାଯାଇଥାଏ। ଦିବ୍ୟ ସବୁଠି ଭଲ କରେ। ପ୍ରଥମ ହୁଏ। ତା' ମାମା ସେ ସକାଳୁ ଉଠିବାଠାରୁ ପୁଣି ଶୋଇବାଯାଏ ତା' ଦେଖାଶୁଣା କରନ୍ତି। ସେ ପାର୍କରେ ଖେଳିବା ବେଳେ ବି ମାମା ବସିଥାଆନ୍ତି ତା' ପାଖେ। ଦିବ୍ୟ ଟିକେ ଦୂରକୁ ଦଉଡ଼ିଗଲେ ମାମା ବାରଣ କରନ୍ତି। ପାଠ ପଢ଼ିବା ବେଳେ ବି ମାମା କଡ଼ା ତାଗିଦା କରନ୍ତି ଯେମିତି କିଛି ଭୁଲ ନ ହୁଏ। ଦିବ୍ୟ ରାଗରେ ଲେଖେନି ବେଳେବେଳେ। କଲର୍ କରିବା ବେଳେ ବି ମାମା ଥାଆନ୍ତି। ଆର୍ଟ କ୍ଲାସ, ଡ୍ୟାନ୍ସ କ୍ଲାସ ଯାହା ବି ଯାଏ ଦିବ୍ୟ, ମାମା ସବୁଠି କ୍ଲାସ ବାହାରେ ବସିଥାଆନ୍ତି। ଦିବ୍ୟକୁ ବହୁତ ଇଚ୍ଛାହୁଏ ସେ ତା' ଇଚ୍ଛାଯାଏ ଖେଳିବ। ସମସ୍ତଙ୍କ ସାଥିରେ କଥାହେବ। ଅନ୍ୟ ପିଲାଙ୍କ ଭଳି ବାଲି, ମାଟିରେ ଗଡ଼ିବ। ହେଲେ ମାମାଙ୍କ ନାଲି ଆଖି ମନେପଡ଼େ ଓ ସେ ଗୁମ୍‌ସୁମ ହେଇଯାଏ।



ଆମ ସମାଜର କିଛିଟା ଦୃଶ୍ୟ କେବଳ ଦୃଷ୍ଟାନ୍ତ ଦେଲି। ଆମ ଅଲକ୍ଷ୍ୟରେ ଆମେ ଏମିତି କାମସବୁ କରୁନାହେଁ କି ? ଆମେ ନିଜକୁ ପିଲାଙ୍କ ଉପରେ ଥୋପି ଚାଲିଚେ। ସେ କ'ଣ ଖାଇବ, କେତେ ଶୋଇବ, କାହା ସାଥିରେ ସାଙ୍ଗ ହେବ, କେମିତି କଥା ହେବ, କେତେ କଥା ହେବ ଇତ୍ୟାଦି। ଆମେ ଶିକ୍ଷା ଦେବା। କିନ୍ତୁ ଆମେ ନିଜସ୍ୱ ଦାୟିତ୍ୱ ପିଲାଙ୍କ ଉପରେ ଲଦିଦେବା ଦ୍ୱାରା ପିଲେ ବୋଝରେ ଆକ୍ରାମାକ୍ରା ହୋଇ ସବୁବେଳେ ସେଇ ଚେଷ୍ଟାରେ ରୁହନ୍ତି, କେମିତି ଏହି ବୋଝଠାରୁ ଦୂରେଇ ରହିବେ। ଆଜିକାଲି ''ପେରେଣ୍ଟାଲ ପ୍ରେସର୍'' ଏକ ପ୍ରସଙ୍ଗ ହେଇଗଲାଣି ମୁଖ୍ୟତଃ ଭାରତରେ।

ଅପରପକ୍ଷରେ ଅଭିଭାବକମାନେ ମଧ୍ୟ ଏତେ ପରିମାଣରେ ପିଲାଙ୍କ ସହିତ ସଂଶ୍ଳିଷ୍ଟ ରହିବା ଦ୍ୱାରା ସେମାନେ ନିଜକୁ ସମୟ ଦେଇପାରନ୍ତି ନାହିଁ। ନିଜ ମନ ଓ ମସ୍ତିଷ୍କର ମଧ୍ୟ କିଛି ଆବଶ୍ୟକତା ରହିଛି। ସେତିକି ନ ମିଳିବା ଦ୍ୱାରା ମାନସିକ ଶାନ୍ତି ବାଧାପ୍ରାପ୍ତ ହୁଏ। ଅଧିକାଂଶ କ୍ଷେତ୍ରରେ ଗୃହିଣୀମାନେ ଏହିଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥାଆନ୍ତି। ତା' ଦ୍ୱାରା ପରିବାରରେ ଶାନ୍ତି ବ୍ୟାହତ ହୁଏ। ମାନସିକ ସନ୍ତୁଳନ ବଜାୟ ରଖିବା କଷ୍ଟସାଧ୍ୟ ହୋଇଯାଏ।

ଅନ୍ୟ ଏକ କାରଣର ସୂତ୍ରପାତ ଏହିଠାରୁ ହେଇଥାଏ ଯେ, ପିଲାମାନେ ସ୍ୱୟଂସମ୍ପୂର୍ଣ୍ଣ ହେବାପରେ ପରିବାରଠାରୁ ଦୂରେଇ ରହିବା ପସନ୍ଦ କରିଥାଆନ୍ତି। କିଛି କ୍ଷେତ୍ରରେ ଏହା ମଧ୍ୟ ଦେଖାଯାଏ, ଅତ୍ୟନ୍ତ ଚାପଗ୍ରସ୍ତ ହୋଇ ପିଲାମାନେ କିଏ ନିଶା ଇତ୍ୟାଦି ନାନା ପ୍ରକାରର ଖରାପ ଅଭ୍ୟାସରେ ଲିପ୍ତ ହେଲାଣି ତ କେହି ପ୍ରେମଜନିତ କିଛି ବ୍ୟାପାରରେ ବୁଡ଼ି ନିଜ ଭବିଷ୍ୟତକୁ ଜଳାଞ୍ଜଳି ଦେଲାଣି। ପ୍ରତ୍ୟେକ ଜୀବନ ସ୍ୱାଧୀନତା ଚାହେଁ। ଆମ ପିଲାମାନଙ୍କର ବି ବ୍ୟକ୍ତିତ୍ୱ ରହିଛି। ସେହି ବ୍ୟକ୍ତିତ୍ୱର ବିକାଶ ପାଇଁ ଆମେ ସେମାନଙ୍କୁ ସ୍ୱତନ୍ତ୍ର କରାଇବା ଆବଶ୍ୟକ। ସେମାନଙ୍କୁ ନିଜ ମତ ବ୍ୟକ୍ତ କରିବା, ଭାବିବା ଇତ୍ୟାଦି ପାଇଁ ଆମ ଭଳି ସମାନ ଅଧିକାର ଯଦି ଦିଆଯାଏ, ତା'ହେଲେ ପିଲାମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ।

**ମୋ:୯୮୬୧୧୯୧୯୬୯**

## ଏଇ ଭାରତରେ

ଜୀବନର ଅପରାହ୍ନରେ ଥିବା ବୃଦ୍ଧାବୃଦ୍ଧଙ୍କ ସେବାରେ ଲାଗିପଡ଼ିଛନ୍ତି ଗୁଜରାଟର ରାକେଶ ପାଞ୍ଚାଲ। ସେ ଖେଡ଼ା ସହରରେ ୫୦୦ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ନିୟମିତ ଭାବେ ଟିଫିନ୍ ସର୍ଭିସ୍ ଯୋଗାଇଆସୁଛନ୍ତି। ଅର୍ଥାତ୍ ସେ ଦିନକୁ ଦୁଇବେଳା ଟିଫିନ୍‌ରେ ଖାଦ୍ୟ ନେଇ ସେମାନଙ୍କ ଘରେ ପହଞ୍ଚାଇ ଦେଉଛନ୍ତି। ରାକେଶ ପ୍ରଥମେ ମୁମ୍ବାଇରେ ଚାକିରି କରିଥିଲେ। ତାଙ୍କ ପିତାଙ୍କ ଦେହାନ୍ତ ପରେ ସେ ଖେଡ଼ା ଫେରିଆସି ବିଜ୍‌ନେସ ସମ୍ଭାଳିବା ସହ ଏହି ସେବା ଜାରି ରଖିଛନ୍ତି। ପ୍ରଥମେ ସେ ହସ୍ପିଟାଲ ନିକଟରେ ଅସହାୟ ଲୋକଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ। କୋଭିଡ୍ ମହାମାରୀ ବେଳେ ତାହା ବନ୍ଦ ହୋଇଯିବା ପରେ ସେ ଟିଫିନ୍‌ରେ ଅସହାୟ ବୃଦ୍ଧାବୃଦ୍ଧଙ୍କ ଘରେ ଖାଦ୍ୟ ପହଞ୍ଚାଇଲେ, ଯାହା ଏଯାବତ୍ ଚାଲିଛି। ରାକେଶ ଏହି ଟିଫିନ୍ ସେବାର ନାମ ଦେଇଛନ୍ତି 'ବିସାନୋ ପରିବାର।' ସକାଳୁ ଉଠି ପୂରା ପରିବାର ଖାଦ୍ୟ ପ୍ରସ୍ତୁତିରେ ଲାଗିପଡ଼ନ୍ତି। ସେମାନଙ୍କୁ ସହଯୋଗ କରିବାକୁ ଏକ ଟିମ୍ ବି ଅଛି। ଖାଦ୍ୟ ପ୍ରସ୍ତୁତ ହେବା ପରେ ଟିମ୍ ଠିକ୍ ସମୟରେ ତାହାକୁ ନେଇ ବୃଦ୍ଧାବୃଦ୍ଧଙ୍କ ପାଖରେ ପହଞ୍ଚାଇ ଦେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧ ନଭେମ୍ବର ୧୯୯୮

- ସ୍ୱତନ୍ତ୍ର ସଦର ପାର୍ବତ୍ୟାଞ୍ଚଳ ଜିଲାଗଠନ ପାଇଁ ବହୁଦିନରୁ ହୋଇଆସୁଥିବା ଦାବିକୁ ସରକାର ଉପେକ୍ଷା କରିବା ପ୍ରତିବାଦରେ ମଣିପୁର ନିପାମାଚା ମନ୍ତ୍ରିମଣ୍ଡଳରୁ ୩ ମନ୍ତ୍ରୀ ଏବଂ ଉପବାଚସ୍ପତିଙ୍କ ନିଜ ନିଜ ପଦରୁ ଇସ୍ତଫା ପ୍ରଦାନ।
- କ୍ରିକେଟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବତନ ଅଧିନାୟକ ତଥା ବିଶ୍ୱ ରେକର୍ଡଧାରୀ କପିଳ ଦେବ ପ୍ରଥମ କ୍ରୀଡ଼ାବିତ୍ ଭାବେ ମର୍ଯ୍ୟାଦାଜନକ ଗୁପ୍ତା ପୁରସ୍କାର ପାଇଁ ମନୋନୀତ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 3 | | 2 | 4 | | | | |
| | | | | | 7 | 2 | | |
| 9 | | | | 5 | | | 6 | |
| | | 8 | | 2 | | | | |
| 4 | 2 | | | 8 | | | | |
| | 1 | | 5 | | | | | |
| | | | | | | 3 | 1 | |
| 8 | 5 | | 6 | | | | 2 | |
| | 6 | 1 | 9 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 6 | 7 | 5 | 8 | 2 | 1 | 4 |
| 4 | 7 | 2 | 1 | 9 | 6 | 5 | 3 | 8 |
| 1 | 5 | 8 | 2 | 3 | 4 | 7 | 9 | 6 |
| 7 | 8 | 3 | 4 | 2 | 1 | 6 | 5 | 9 |
| 2 | 1 | 9 | 5 | 6 | 7 | 4 | 8 | 3 |
| 6 | 4 | 5 | 9 | 8 | 3 | 1 | 7 | 2 |
| 8 | 9 | 1 | 6 | 4 | 5 | 3 | 2 | 7 |
| 5 | 2 | 4 | 3 | 7 | 9 | 8 | 6 | 1 |
| 3 | 6 | 7 | 8 | 1 | 2 | 9 | 4 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରଶାସକ ଠିକ ଓଡ଼ିଆ କୁହନ୍ତୁ

ମହାଶୟ,

ସମସ୍ତ ଯୁବାଙ୍କ ଅଭିଳାସ ଥାଏ ପ୍ରଶାସନିକ ଅଧିକାରୀ ହେବା। ଭାରତୀୟ ଆଧ୍ୟାତ୍ମ ସଂସ୍କୃତିରେ ବିବେକାନନ୍ଦଙ୍କୁ ଆଦର୍ଶ କରିବା ଭଳି ନିକଟ ସମ୍ପର୍କ ଅବା ପରିଚିତିରେ ଥିବା ଭାରତୀୟ ଏବଂ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କୁ ଅନେକ ଯୁବା ରୋଲ ମୋଡେଲ ଭାବେ ଗ୍ରହଣ କରନ୍ତି । ଯେହେତୁ ଭରତୀୟ ପ୍ରଶାସନିକ ସେବା (ଭା.ପ୍ର.ସେ) ରୁ ସର୍ବଭାରତୀୟ ଅଧିକାରୀ ଆସନ୍ତି, ସେମାନେ ଖଣ୍ଡି ଓଡ଼ିଆ କୁହନ୍ତି । କିନ୍ତୁ ତାହାକୁ ଅନୁସରଣ କରି ଓଡ଼ିଆ ଭା.ପ୍ର.ସେ ତଥା ଓଡ଼ିଶା ପ୍ରଶାସନିକ ସେବା (ଓ.ପ୍ର.ସେ) ଅଧିକାରୀମାନେ ସେହିଭଳି ଓଡ଼ିଆ କହୁଛନ୍ତି ଯାହା କ୍ଷତି ପହଞ୍ଚାଉଅଛି । ଏହି ଦିଗରେ ରାଜ୍ୟ ସଂସ୍କୃତି ବିଭାଗ ତଥା ଗୃହ ବିଭାଗ ଉପଯୁକ୍ତ ଚିଠା ଆଣନ୍ତୁ । ପ୍ରୟାସ ଅଭ୍ୟାସରେ ପରିଣତ ହେଇଗଲେ ସଫଳତା ନିହାତି ମିଳିବା ଭଳି ଏହିଭଳି ବିକୃତ ଓଡ଼ିଆ କିଛିକାଂଶରେ ଭାଷାକୁ ଅପଭ୍ରଂଶ କରିବାର ସମ୍ଭାବନା ଉପୁଯାଉଛି । ନିଜ ଭାଷା ପ୍ରତି ଏତାଦୃଶ ବ୍ୟଙ୍ଗରୁ ବିରତ ରହିବା ସମସ୍ତଙ୍କ ଧ୍ୟେୟ ହେବା ଉଚିତ ।

**-ଅରୁଣ କୁମାର ତ୍ରିପାଠୀ, ଜୟପୁର**

## ଅଯଥାରେ ଗଛ କଟା ନ ଯାଉ

ରାଜ୍ୟରେ ଦିନକୁ ଦିନ ଗଛକଟା ବୃଦ୍ଧି ପାଇବାରେ ଲାଗିଛି । ରାସ୍ତା ପ୍ରଶସ୍ତୀକରଣ ପାଇଁ ହେଉ କିମ୍ବା ଅଟ୍ଟାଳିକା ନିର୍ମାଣ ଲାଗି ଜୀବନଦାୟକ ବୃକ୍ଷରାଜି ବଳିପଡୁଛନ୍ତି । ଏହାଦ୍ୱାରା ତାପମାତ୍ରା ବୃଦ୍ଧି ପାଇବା ସାଙ୍ଗକୁ ପରିବେଶରେ ଅସନ୍ତୁଳିତ ଅବସ୍ଥା ସୃଷ୍ଟି ହେଉଛି । ପାଣିପାଗ ବିଗିଡ଼ିବା ସହ ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧିପାଉଛି । ବର୍ଷାର ପରିମାଣ କମିବା ସାଙ୍ଗକୁ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ମାନବ ଜାତିକୁ ବିପଦରେ ପକାଇଛି । 'ବୃକ୍ଷ ହିଁ ଜୀବନ' । ଆଗକୁ ସ୍ଥିତି ବିଗିଡ଼ିବା ପୂର୍ବରୁ ବୃକ୍ଷର ସୁରକ୍ଷା ଏକାନ୍ତ ଆବଶ୍ୟକ । ନ ହେଲେ ଆମେ ସମସ୍ତେ ପୋକ ମାଛି ପରି ମରିବା, ଏଥିରେ ସନ୍ଦେହ ନାହିଁ ।

**-ସତ୍ୟସିଂହ ଶତପଥୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୬**

## ଚିରନ୍ତନୀ

ସିକ୍ତ ଅଧର ମମ
ସିକ୍ତ ମୋ ଲପନ
ସିକ୍ତ ଏ ଦେହ ମନ ଜୀବନ
ଅନ୍ତରେ ଅନ୍ତରେ
ସେ ପରଶ ସଞ୍ଚରେ
ପୂରିଉଠେ ଜାଗରଣ ସପନ
ସିକ୍ତ ଏ ଦେହ ମନ ଜୀବନ !

-(ଶିଶିର-ହାସ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦେଶ ପାଇଁ ପଟେଲଙ୍କ ଅବଦାନ ଅତୁଳନୀୟ: କେନ୍ଦ୍ରମନ୍ତ୍ରୀ

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ ଗଣଦୌଡ଼



କଟକ କଲେଜ ଛକଠାରେ ଅନୁଷ୍ଠିତ ଗଣଦୌଡ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟମାନେ।

**କଟକ,୩୧।୧୦(ଶିଳ୍ପା ପ୍ରିୟଦର୍ଶିନୀ)**

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଦିବସ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଭାଜପା କଟକ ନଗର ପକ୍ଷରୁ ମଙ୍ଗଳବାର ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କଟକ କଲେଜଛକଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗଣଦୌଡ଼ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗଣଦୌଡ଼ କଲେଜଛକଠାରୁ ବାହାରି ନୂଆପାଟଣା ଶହୀଦ ପାର୍କଠାରେ ପହଞ୍ଚିଥିଲା। ନୂଆପାଟଣାଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ପ୍ରଧାନ କହିଥିଲେ, ପଟେଲଙ୍କ ପ୍ରେରଣା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର ବିକାଶ ପାଇଁ ସମସ୍ତେ ଏକତ୍ରିତ ହୁଅନ୍ତୁ। ଦେଶ ପାଇଁ ପଟେଲଙ୍କ ଅବଦାନ ଅତୁଳନୀୟ। ପରେ ମନ୍ତ୍ରୀ ପ୍ରଧାନ ଦେଶ ମାତୃକାର ସେବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ ସଙ୍କଳ୍ପ ପାଠ କରାଇଥିଲେ। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବସ୍ତୁ, ଭାଜପା କଟକ ଜିଲା ସଭାପତି ପ୍ରକାଶ ବେହେରା, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଶାରଦା ପ୍ରଧାନ, କର୍ପୋରେଟର ଗଗନ ଓଝା, ଗୋପାଳ ବେହେରା, ଦୀପକ ଦାସ, ସିକନ୍ଦର ଅଲ୍ଲୀ, ଶ୍ରୀତମ ଦାସ, ରଶ୍ମିରେଖା ଦାସ, ସ୍ମୃତି ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନବୀନ ଓଡ଼ିଶାର ପରିଚୟ ନେଇ ପ୍ରତି ଗାଁ ଆଗକୁ ବଢ଼ିବ: ମୁଖ୍ୟମନ୍ତ୍ରୀ




## ବାଲେଶ୍ୱର, ବଲାଙ୍ଗୀର ଜିଲାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଶୁଭାରମ୍ଭ

### ■ ବିକଶିତ ଗାଁ ହେବ ଓଡ଼ିଶା ରୂପାନ୍ତରର ପ୍ରକୃତ ଚିତ୍ର : ପାଣ୍ଡିଆନ

**ଭୁବନେଶ୍ୱର,୩୧।୧୦(ଅନିଲ ଦାସ)**

'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ମଙ୍ଗଳବାର କାର୍ଯ୍ୟକ୍ରମର ୭ମ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଆଭାସି ଯୋଗେ ବାଲେଶ୍ୱର ଏବଂ ବଲାଙ୍ଗୀର ଜିଲାରେ ଏହାର ଶୁଭାରମ୍ଭ କରିଛନ୍ତି। ଏଥିରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ପାଇବାର ବ୍ୟବସ୍ଥା ରହିଛି। ବାଲେଶ୍ୱର ଜିଲାର ରେମୁଣା, ଭୋଗରାଇ, ଜଳେଶ୍ୱର, ବାଲେଶ୍ୱର, ସିମୁଳିଆ, ବସ୍ତା, ସୋର ଓ ନୀଳଗିରି ନିର୍ବାଚନମଣ୍ଡଳୀକୁ ୧୭୮ କୋଟି ଟଙ୍କା ମିଳିଛି। ଏହିସବୁ ନିର୍ବାଚନମଣ୍ଡଳୀର ୧୨ଟି ବ୍ଲକର ୩୫୬ଟି ଗ୍ରାମ ପଞ୍ଚାୟତରେ ୪, ୪୬୫ଟି ପ୍ରକଳ୍ପ ହେବ। ସେହିପରି ବଲାଙ୍ଗୀର ଜିଲାର ବଲାଙ୍ଗୀର, ଟିଟିଲାଗଡ଼, ପାଟଣାଗଡ଼, କଣ୍ଟାବାଞ୍ଜି ଓ ଲୋଇସିଂହା ନିର୍ବାଚନମଣ୍ଡଳୀ ପାଇଁ ୧୫୮.୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ୧୪ଟି ବ୍ଲକର ୩୧୭ଟି ଗ୍ରାମପଞ୍ଚାୟତରେ ୩,୯୧୧ଟି ପ୍ରକଳ୍ପ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ନବୀନ ଓଡ଼ିଶାର ପରିଚୟ ନେଇ ରାଜ୍ୟର ପ୍ରତି ଗାଁ ବିକାଶ ମାର୍ଗରେ ଆଗକୁ ବଢ଼ିବ।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି କହିଛନ୍ତି, ବିକଶିତ ଗାଁ ଓଡ଼ିଶା ରୂପାନ୍ତରର ପ୍ରକୃତ ଚିତ୍ର ହେବ।

ବାଲେଶ୍ୱର ଜିଲାର ରେମୁଣା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୬୬ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୭.୩୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୩.୧୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ରେମୁଣା ବହୁମୁଖୀ କମ୍ୟୁନିଟି ହଲ୍, କଣ୍ଟିଆଚୋରା ନଦୀର ପୁନରୁଦ୍ଧାର, କ୍ଷୀରଚୋରା ଗୋପୀନାଥ ମନ୍ଦିରର ସୌନ୍ଦର୍ଯ୍ୟକରଣ ଏବଂ ଆଉ କେତେକ ସ୍କୁଲ ଓ କଲେଜର ରୂପାନ୍ତର। ସେହିପରି ଭୋଗରାଇ ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୫୩ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୭.୧୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୮.୬୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୨୨ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୦.୩୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୪ଟି ପ୍ରକଳ୍ପ ଲାଗି ୫.୫୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ସୋର ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୯୦ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୫.୭୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୯.୯୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ବସ୍ତା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୨୭ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୨.୩୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୦୭.୫୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୧୯ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୮.୭୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୯.୦୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ଚାନ୍ଦିପୁର ବେଳାଭୂମିର ସୌନ୍ଦର୍ଯ୍ୟକରଣ, ଝାଡ଼େଶ୍ୱର ମନ୍ଦିର, ଫକୀରମୋହନ କଲେଜ, ବଲାଙ୍ଗି କଲେଜ ଓ ନୀଳମଣି କଲେଜ। ନୀଳଗିରି ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୦୧ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୦.୯୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୮ଟି ପ୍ରକଳ୍ପ ପାଇଁ ୨୮.୭୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସିମୁଳିଆ ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୮୮ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୯.୨୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୦.୮୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି ବାଲେଶ୍ୱରର ୫୯ ପ୍ରକଳ୍ପ ପାଇଁ ୨୨୪.୨୨ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ କହିଛନ୍ତି।

ଅନୁରୂପ ଭାବେ ବଲାଙ୍ଗୀର ଜିଲାର ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୫୪ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୧.୨୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୮ଟି ପ୍ରକଳ୍ପ ପାଇଁ ୧୭୮.୮୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ତୁଷୁରାଠାରେ ଏୟାରଷ୍ଟ୍ରିପ୍, ୨ଟି ମେଗା ଉଠାଜଳସେଚନ ପ୍ରକଳ୍ପ, ତୁଷୁରା ସମଲାଇ ମନ୍ଦିରର ସୌନ୍ଦର୍ଯ୍ୟକରଣ ଏବଂ ସ୍କୁଲ ଓ କଲେଜ। ପାଟଣାଗଡ଼ ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୧୧ଟି ଶିକ୍ଷାନୁଷ୍ଠାନ ତଥା ଧାର୍ମିକ ଅନୁଷ୍ଠାନ ପାଇଁ ୧୪.୫୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୫ଟି ପ୍ରକଳ୍ପ ପାଇଁ ୧୯.୭୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ବଲାଙ୍ଗୀର ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୩୮ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୫.୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୧.୨୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ବଲାଙ୍ଗୀର ଜିଲାରେ ୩୨ଟି ପ୍ରକଳ୍ପ ପାଇଁ ୨୩୪.୭୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ କହିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ଅଶ୍ୱିନୀ ପାତ୍ର, ନିରଞ୍ଜନ ପୂଜାରୀ, ଟୁକୁନି ସାହୁ, ବିଧାୟକ ଅନନ୍ତ ଦାସ, ନିତ୍ୟାନନ୍ଦ ସାହୁ, ସ୍ୱରୂପ ଦାସ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସରୋଜ ମେହେର ପ୍ରମୁଖ ଆଭାସି ମାଧ୍ୟମରେ ଆଲୋଚନାରେ ଭାଗ ନେଇଥିଲେ।

# ପୁନରୁଦ୍ଧାର ହେଲାନି, ବନ୍ଦ କରିଦେଲେ

## ବରଗଡ଼ ସମବାୟ ଚିନିକଳ

**ବରଗଡ଼,୩୧।୧୦**
**(ପ୍ରେମାନନ୍ଦ ଖମାରୀ)**




ବରଗଡ଼ ସମବାୟ ଚିନିକଳ ଜିଲାର ଆଖୁଚାଷୀଙ୍କ ଜୀବନରେଖା ଥିଲା। ସହର ଉପକଣ୍ଠ ତୋରାଠାରେ ନିର୍ମିତ ଏହି ଚିନିକଳକୁ ୧୯୭୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଉଦ୍‌ଘାଟନ କରିଥିଲେ। ଦୀର୍ଘବର୍ଷ ଧରି ଚିନିକଳ ଠିକ୍ ଭବେ ଚାଲୁଥିଲା ଏବଂ ଜିଲା ତଥା ଜିଲା ବାହାର ଆଖୁଚାଷୀ ଲାଭବାନ୍ ହେଉଥିଲେ। ସେହିପରି ଚିନିକଳ ଅଞ୍ଚଳର ବହୁଲୋକଙ୍କୁ କର୍ମଯୋଗାଣ ସହିତ ସେମାନଙ୍କ ପରିବାର ପୋଷଣରେ ସହାୟକ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପରିଚାଳନାଗତ ତ୍ରୁଟି ଯୋଗୁ ଚିନିକଳ ଅକାମୀ ହୋଇ ପଡ଼ିଥିଲା। ଏହାର ପୁନରୁଦ୍ଧାର ପାଇଁ ଆନ୍ଦୋଳନ ହୋଇଥିଲା। ଏହାସତ୍ତ୍ୱେ ଚିନିକଳ କାର୍ଯ୍ୟକ୍ଷମ ହେଲାନାହିଁ। ଅନ୍ୟପଟେ ଲୋକଙ୍କୁ ରୋଜଗାର ଯୋଗାଉଥିବା ଚିନିକଳକୁ ବର୍ତ୍ତମାନ ସରକାର ସମ୍ପୂର୍ଣ୍ଣ ଭାବେ ବନ୍ଦ ଘୋଷଣା କରିଛନ୍ତି।

ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଅଧୀନରେ ଥିବା ଏହି ଚିନିକଳର ଦାୟିତ୍ୱ ୧୯୯୦ରୁ ୧୯୯୮ ମସିହା ପର୍ଯ୍ୟନ୍ତ ପ୍ରାଇଭେଟ୍ ସଂସ୍ଥା ପୋନି ସୁଗାରକୁ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସେହି ଘରୋଇ ସଂସ୍ଥା ଦାୟିତ୍ୱ ଛାଡି ଚାଲିଯାଇଥିଲା ଏବଂ ପୂର୍ବଭଳି ସମବାୟ ବିଭାଗ ଅଧୀନରେ ଚିନିକଳ ରହିଲା। ହେଲେ ଚିନିକଳ ଆଉ ଆଗଭଳି ଆଗେଇ ନ ଥିଲା। ଚାଷୀମାନେ ଆଖୁ ବିକିବା ସତ୍ତ୍ୱେ ଦୀର୍ଘଦିନ ଧରି ସେମାନଙ୍କ ପ୍ରାପ୍ୟ ପାଇ ପାରି ନ ଥିଲେ ଏବଂ ଏଥିପାଇଁ ସେମାନଙ୍କୁ ଆନ୍ଦୋଳନକୁ ଓହ୍ଲାଇବାକୁ ପଡୁଥିଲା। ସେହିପରି ଚାଷୀମାନେ ଆଖୁ ଧରି ଚିନିକଳରେ ପହଞ୍ଚୁଥିଲେ ସୁଦ୍ଧା ଆଖୁକିଣାରେ କଟକଣା ଲଗାଗଲା। ବର୍ଷ ବର୍ଷ ଚିନିକଳ କର୍ମଚାରୀଙ୍କୁ ସେମାନଙ୍କ ଦରମା ମିଳିଲାନି। ସେମାନେ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏଭଳି ସ୍ଥିତିରେ ଚିନିକଳ ଧୀରେ ଧୀରେ ଅସ୍ତିତ୍ୱ ହରାଇ ବସିଥିଲା। ଅପରପକ୍ଷେ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବକେୟା ଦରମା ପ୍ରଦାନ ଦାବିରେ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବାରୁ ମୁଖ୍ୟମନ୍ତ୍ରୀ ୧୧କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। ତାକୁ ନେଇ ଚିନିକଳ କାର୍ଯ୍ୟକ୍ଷମ ହେବ ବୋଲି ସମସ୍ତଙ୍କ ମନରେ ଆଶା ସଞ୍ଚାର ହୋଇଥିଲା। କିନ୍ତୁ ସେହି ପ୍ୟାକେଜ୍ ମଧ୍ୟ ମିଳି ନ ଥିଲା ଏବଂ ଶେଷରେ ଚିନିକଳକୁ ସମ୍ପୂର୍ଣ୍ଣ ବନ୍ଦ ଘୋଷଣା ସଭିଁଙ୍କୁ ନିରାଶ କରିଛି।

ବରଗଡ଼ ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି, ବରଗଡ଼ରେ ଚିନିକଳ, ସୂତାକଳ, ସିମେଣ୍ଟ କାରଖାନା ଥିଲା। ପୂର୍ବରୁ ସିମେଣ୍ଟ କାରଖାନାକୁ ବିକ୍ରି କରାଯାଇଥିବା ବେଳେ ଚିନିକଳ, ସୂତାକଳକୁ ବନ୍ଦ କରିଦେଲେ। ବରଗଡ଼ ଏବେ ଶିଳ୍ପଶୂନ୍ୟ ହୋଇଗଲା କହିଲେ ଅତ୍ୟୁକ୍ତି ହେବନାହିଁ। ଏବେ ବଜାର ବ୍ୟବସ୍ଥା ଠିକ୍ ଅଛି। କଞ୍ଚାମାଲ ମହଜୁଦ ରହିଛି। ଏଭଳି ସ୍ଥିତିରେ ଚିନିକଳକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଆଦୌ ଠିକ୍ ନୁହେଁ। ଚିନିକଳ ପୁନରୁଦ୍ଧାର ପାଇଁ ମୁଁ ପୂର୍ବରୁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛି । ରାଜ୍ୟ ସରକାର ଚାହିଁଥିଲେ ଉଭୟ ରାଜ୍ୟ ଓ କେନ୍ଦ୍ର ମିଳିତ ଭାବେ ଚିନିକଳର ପୁନରୁଦ୍ଧାର କରିପାରିଥାଆନ୍ତେ। ଆଇଓସିଏଲର ଏକ ପ୍ରତିନିଧି ଦଳ ମଧ୍ୟ ଚିନିକଳ ପରିଦର୍ଶନ କରିଥିଲେ। ଏବେ ମଧ୍ୟ ସମୟ ଅଛି, ରାଜ୍ୟ ସରକାର ଚିନିକଳ ବନ୍ଦ ନିଷ୍ପତ୍ତିରୁ ଓହରିଲେ ସେ ଚିନିକଳର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କଠାରେ ପ୍ରସ୍ତାବ ଦେବେ ବୋଲି ପୂଜାରୀ କହିଛନ୍ତି। ସେହିପରି ନିଜ ଦୋଷ, ଦୁର୍ବଳତାକୁ ଲୁଚାଇବା ପାଇଁ ରାଜ୍ୟ ସରକାର ମିଛ ତଥ୍ୟ ଦେଇ ଚିନିକଳକୁ ବନ୍ଦ କରି ଦେଇଛନ୍ତି ବୋଲି ଆମ୍ ଆଦ୍‌ମୀ ପାର୍ଟିର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ କହିଛନ୍ତି। ଚିନିକଳର ପୁନରୁଦ୍ଧାର ପାଇଁ ଆପ୍ ବାରମ୍ବାର ରାଜ୍ୟ ସରକାର ଏବଂ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ଜଣାଇଛି। ଏହାସତ୍ତ୍ୱେ ପୁନରୁଦ୍ଧାର ବଦଳରେ ବନ୍ଦ କରିଦେବା ନିଷ୍ପତ୍ତି ପଛରେ ଶାସକଦଳର କିଛି ନେତାଙ୍କ ସ୍ୱାର୍ଥ ଥାଇପାରେ ବୋଲି ସେ ଅଭିଯୋଗ କରିଛନ୍ତି। ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, କୃଷିଭିତ୍ତିକ ଶିଳ୍ପ ହେଲେ ଚାଷୀଙ୍କ ଆୟ ବଢ଼ିବ। କିନ୍ତୁ ଦିନକୁ ଦିନ ଚିନିକଳ ଭଳି କୃଷିଭିତ୍ତିକ ଶିଳ୍ପକୁ ବନ୍ଦ କରି ଦିଆଯିବା ଦ୍ୱାରା ସରକାର କୃଷି, କୃଷକଙ୍କୁ ସଙ୍କଟ ମଧ୍ୟକୁ ଠେଲି ଦେଉଛନ୍ତି। ଏ ସମ୍ପର୍କରେ ବରଗଡ଼ ଜିଲା ବିଜେଡି ସଭାପତି ତଥା ପୂର୍ବତନ ଏମ୍‌ପି ଡ. ପ୍ରଭାସ ସିଂ କହିଛନ୍ତି, ଚିନିକଳ କ୍ଷତି ହେବାରୁ ସମବାୟ ବିଭାଗ ସେଭଳି ନିଷ୍ପତ୍ତି ନେଇଛି। ଚିନିକଳ ଯେପରି ପୁନରୁଦ୍ଧାର ହୋଇପାରିବ, ଜିଲାର ସମସ୍ତ ବିଧାୟକଙ୍କ ସହ ଆଲୋଚନା କରି ପୁଣିଥରେ ସେ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

ଉଲ୍ଲେଖନୀୟ, ରାଜ୍ୟ ସରକାରଙ୍କ ସମବାୟ ସମିତି ସମୂହର ରେଜିଷ୍ଟ୍ରାର ଉଦ୍ଧବ ଚରଣ ମାଝୀଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ (ଅର୍ଡର ନଂ-୧୮୨୭୩ ତା-୧୬।୧୦।୨୦୨୩ରିଖରେ ୨୦୨୨-୨୩) ରିପୋର୍ଟ ଅନୁସାରେ ଏହି ଚିନିକଳ ଠିକ୍ ଭାବେ ବ୍ୟବସାୟ କରୁ ନ ଥିବା, ଗତ ମାର୍ଚ୍ଚ ୩୧ତାରିଖ ସୁଦ୍ଧା ଚିନିକଳକୁ ୭୨କୋଟି ୫୯ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡ଼ିଥିବା, ଗତ ୧୯୮୯ ଅଗଷ୍ଟ ୨୦ତାରିଖ ପରଠାରୁ ଆଦୌ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇ ନ ଥିବା ଆଦି କାରଣ ଦର୍ଶାଇ ଚିନିକଳକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦିଆଯାଇଛି।




# ଉର୍ଫିଙ୍କୁ ହତ୍ୟା ଧମକ

**ମୁମ୍ବାଇ**



ବଲିଉଡ୍ ଅଭିନେତ୍ରୀ ଉର୍ଫି ଜାଭେଦ୍ ସର୍ବଦା ନିଜ ଫ୍ୟାଶନକୁ ନେଇ ଚର୍ଚ୍ଚାରେ ରୁହନ୍ତି। ସେ ଲାଇମଲାଇଟ୍‌ରେ ରହିବାକୁ ଭିନ୍ନ ଭିନ୍ନ ଷ୍ଟାଇଲ ଆପଣାନ୍ତି। ତାଙ୍କର ଅଦ୍ଭୁତ ଷ୍ଟାଇଲ ପାଇଁ ଏବେ ତାଙ୍କୁ ହତ୍ୟା ଧମକ ମିଳିଛି। ସେ ହିନ୍ଦୀ ଫିଲ୍ମ 'ଭୁଲଭୁଲେୟା'ରେ ରାଜପାଲ ଯାଦବଙ୍କ ଛୋଟା ପଣ୍ଡିତ ବେଶର ଏକ ଭିନ୍ନ ଲୁକ୍ ଧାରଣା କରିଛନ୍ତି। ଉର୍ଫି କାନରେ ଧୂପକାଠି ଖୁଞ୍ଚିବା ସହ ଗେରୁଆ ରଙ୍ଗର ପୋଷାକ ଓ ହଳଦିଆ ରଙ୍ଗର ଧୋତି ପିନ୍ଧିଛନ୍ତି। ଏଥିସହ ସେ ବେକରେ ଗେଣ୍ଡୁମାଳ ପକାଇଥିବା ମଧ ଦେଖିବାକୁ ମିଳିଛି। ଉର୍ଫିଙ୍କ ଏପରି ପଣ୍ଡିତ ବେଶକୁ ଦେଖି ସେ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଥିବା ନେଇ କିଛି ଲୋକ ଅଭିଯୋଗ କରିଛନ୍ତି। ତୁରନ୍ତ ସେହି ଭିଡିଓକୁ ଖୁବ୍‌ଶୀଘ୍ର ଡିଲିଟ୍ କରିବାକୁ କୁହାଯାଇଛି। ଏଭଳି ନ କଲେ ତାଙ୍କୁ ହତ୍ୟା କରିବାକୁ ଇ-ମେଲ୍ ଜରିଆରେ ଧମକ ମିଳିଛି। ଏନେଇ ସେ ପୋଲିସରେ ମାମଲା ରୁଜୁ କରିଛନ୍ତି।



## ସଂକ୍ଷେପରେ

### ୪ କର୍ମଚାରୀ ଅଟକ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ

#### ହୋଟେଲ ରୋଷେୟାଙ୍କ ମୃତ୍ୟୁ ଘଟଣା

**ବାରଙ୍ଗ,୩୧।୧୦(ଲିଙ୍ଗରାଜ ରାଉତ)**

ନନ୍ଦନକାନନ ଛକରେ ଥିବା ଏକ ହୋଟେଲର ରୋଷେୟାଙ୍କ ମୃତ୍ୟୁ ଘଟଣାରେ ସାଇ ଣ୍ଟିଫିକ୍ ଟିମ୍ ପହଞ୍ଚି ମଙ୍ଗଳବାର ତଦନ୍ତ ଆରମ୍ଭ କରିଛି। ଟିମର ମୁଖ୍ୟ ସୁଶ୍ରୀ ସବିନୟାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ଛାନଭିନ୍ କରିଥିଲା। ତେବେ ହୋଟେଲ ମାଲିକ ମୃତଦେହ ପଡ଼ିଥିବା ସ୍ଥାନକୁ ପାଣି ମାରି ସଫା କରିଦେଇଥିଲେ। ଫଳରେ ସାଇଣ୍ଟିଫିକ୍ ଦଳ ଅସନ୍ତୋଷ ହୋଇ ତନତନ କରି ଖୋଳତାଡ କରିଥିଲେ। ଟିମ୍ ରୋଷେୟାଙ୍କ ମୃତଦେହ ପଡ଼ିଥିବା ସ୍ଥାନଠାରୁ ୨ଫୁଟ ଦୂରରୁ ଖଡ଼ିକା ଝାଡୁ ସହ ରକ୍ତ ନମୁନା ସଂଗ୍ରହ କରିଥିଲା। ଏହାସହ ହୋଟେଲ କର୍ମଚାରୀଙ୍କୁ ନନ୍ଦନକାନନ ଥାନା ପୋଲିସ ଜେରା କରି ୪ଜଣଙ୍କୁ ଅଟକରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତ ସୋମବାର ସକାଳୁ ହୋଟେଲ ଭିତରୁ ରୋଷେୟା ବାଙ୍କୀ ଆନନ୍ଦପୁରର ସନ୍ତୋଷ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ସନ୍ତୋଷଙ୍କ ମୁଣ୍ଡର ପଛରେ ଗଭୀର ଭାବେ ଆଘାତ ଲାଗି ରକ୍ତ ବୋହିବା ଚିହ୍ନ, ମୁହଁରେ ରକ୍ତ ବୋହିବା ଓ ଦେହସାରା ମାଡ଼ଚିହ୍ନ ରହିଛି ବୋଲି ସାନଭାଇ ରମାକାନ୍ତ ସାହୁ ଅଭିଯୋଗ କରିଥିଲେ। ତେବେ କେଉଁ ପରିସ୍ଥିତିରେ ସନ୍ତୋଷଙ୍କ ମୃତ୍ୟୁ ହେଲା, ତାହାକୁ ନେଇ ବିଭିନ୍ନ ଦିଗ ଉପରେ ପୋଲିସ ତଦନ୍ତ ଜାରି ରଖିଛି। ତେବେ ହୋଟେଲରେ ଲାଗିଥିବା ସିସି କ୍ୟାମେରା ୨ମାସ ହେବ ଅଚଳ ଥିବା ମାଲିକ କହିଛନ୍ତି।

### ଓଭରବ୍ରିଜ୍ ନିର୍ମାଣ ପାଇଁ ଜାତୀୟ ରାଜପଥରେ ୩ ମାସ ଟ୍ରାଫିକ୍ କଟକଣା

**ଭୁବନେଶ୍ୱର,୩୧।୧୦(ସତ୍ୟଜିତ୍ ରାଉତ)**

ଜାତୀୟ ରାଜପଥ-୧୬ରେ ଫ୍ଲାଇଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ପାଇଁ ୩ ମାସ ଟ୍ରାଫିକ୍ କଟକଣା ଲାଗୁ ହୋଇଛି। ଏନେଇ କମିଶନେଟ୍ ପୋଲିସ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। କସ୍ମୋପଲିସ୍ ଛକଠାରୁ ପାତ୍ରପଡ଼ା ଭି୨ ମଲ୍ ପର୍ଯ୍ୟନ୍ତ ଏବଂ ଭି୨ ମଲ୍‌ର ଅପରପାର୍ଶ୍ୱରେ ଥିବା ଜେ.କେ. ଟାୟାର ଦୋକାନ ସାମ୍ନାରୁ କସ୍ମୋପଲିସ୍ ଛକ ପର୍ଯ୍ୟନ୍ତ ଏହି କଟକଣା ଲାଗୁ କରାଯାଇଛି। ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ଖୋର୍ଦ୍ଧା ଆଡ଼କୁ ଯିବାକୁ ଥିବା ସମସ୍ତ ଗାଡ଼ି କସ୍ମୋପଲିସ୍ ଛକଠାରୁ ବାମ ମୋଡ଼ ନେବା ପରେ ସର୍ଭିସ୍ ରୋଡ୍ ଦେଇ ପାତ୍ରପଡ଼ା ଭି୨ ମଲ୍ ପର୍ଯ୍ୟନ୍ତ ଯାଇ ଡାହାଣ ମୋଡ ନେଇ ଯାତୀୟ ରାଜପଥ ଦେଇଯିବ। ସେହିପରି ଖୋର୍ଦ୍ଧାରୁ ଭୁବନେଶ୍ୱର ଆଡ଼କୁ ଯିବାକୁ ଥିବା ଗାଡ଼ିଗୁଡ଼ିକ ଭି୨ ମଲ୍‌ର ଅପର ପାର୍ଶ୍ୱରେ ଥିବା ଜେ.କେ. ଟାୟାର ଦୋକାନ ସାମ୍ନାଠାରୁ ବାମ ମୋଡ଼ ନେବା ପରେ କସ୍ମୋପଲିସ୍ ଛକ ପର୍ଯ୍ୟନ୍ତ ଯାଇ ଡାହାଣ ମୋଡ଼ ନେଇ ଜାତୀୟ ରାଜପଥ ଦେଇ ଯାଇପାରିବ। ଏହି କଟକଣା ଆଗାମୀ ୯୩ ଦିନ ଅର୍ଥାତ ୨୦୨୪ ଜାନୁୟାରୀ ୩୧ ପର୍ଯ୍ୟନ୍ତ ଲାଗୁ ରହିବ ବୋଲି ସୂଚନା ଦିଆଯାଇଛି।

# ସାଧନା, ପ୍ରଚେଷ୍ଟା ହିଁ ସଫଳତାର ମାପକାଠି: ମୁଖ୍ୟ ବିଚାରପତି

## ବାଲୁଗାଁ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ସମାରୋହ

**ବାଲୁଗାଁ,୩୧।୧୦(ସଂଗ୍ରାମ ପାଇକରାୟ)**


ସମାରୋହରେ ରାଜ୍ୟ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

ଏକ ଆଦର୍ଶ ଭବିଷ୍ୟତ ଗଠନ ଦିଗରେ ଛାତ୍ରୀଛାତ୍ର ପ୍ରଥମେ ନିଜକୁ ଶପଥ ନେବାର ଆବଶ୍ୟକତା ରହିଛି। ଛାତ୍ରୀଛାତ୍ର ଶୃଙ୍ଖଳିତ ହୋଇ ଅଧ୍ୟୟନ କ୍ଷେତ୍ରରେ ଦୀର୍ଘ ସାଧନା ଏବଂ ଅକ୍ଳାନ୍ତ ପରିଶ୍ରମ କରିପାରିଲେ ଭବିଷ୍ୟତରେ ଜଣେ ଜଣେ ଆଦର୍ଶବାନ ବ୍ୟକ୍ତିତ୍ୱର ପରିଚୟ ସୃଷ୍ଟି କରିବା ସହ ସଫଳତାର ଶୀର୍ଷରେ ପହଞ୍ଚିପାରିବେ ବୋଲି ମଙ୍ଗଳବାର ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୀରକ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି।

୧୯୪୯ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଚଳିତ ବର୍ଷ ୭୫ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୟନ୍ତୀ ପାଳନ କରୁଛି। ଏହି ସମାରୋହ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ବେଳେ ପ୍ରଥମ ଦିବସ ବିଦ୍ୟାଳୟ କର୍ତ୍ତୃପକ୍ଷ ପରିଚାଳନା କରୁଛନ୍ତି। ଦ୍ୱିତୀୟ ଦିବସଟି ପୁରାତନ ଛାତ୍ରଛାତ୍ରୀଙ୍କ ଆନୁକୂଲ୍ୟରେ ପାଳିତ ହେବ। ମଙ୍ଗଳବାର ପୂର୍ବାହ୍ନରେ ପୁରାତନ ଛାତ୍ରୀଛାତ୍ର ମା'ଉତ୍ତରାୟଣୀ ମନ୍ଦିର ଠାରୁ ଏକ ମଶାଲ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ସହ ବିଦ୍ୟାଳୟ ପ୍ରାଙ୍ଗଣରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ବାଲୁଗାଁ ଏନ୍ଏସି ଅଧକ୍ଷା ସୁକାନ୍ତି ପାଇକରାୟ ଏବଂ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଧୀନା ମଞ୍ଜରୀ ବେହେରା ମଶାଲ ଗ୍ରହଣ କରିଥିଲେ। ଦିନତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପରେ ଅପରାହ୍ନରେ ମୁଖ୍ୟ ଅତିଥି ଜଷ୍ଟିସ୍ ଷଡ଼ଙ୍ଗୀ ଏହି ସମାରୋହରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଚାରପତି ଷଡ଼ଙ୍ଗୀ ନିଜ ବାଲ୍ୟକାଳର ଅକ୍ଳାନ୍ତ ପରିଶ୍ରମ ଏବଂ ସାଧନା ଦ୍ୱାରା କିପରି ଆଜି ଏକ ଉଚ୍ଚ ପଦବୀରେ ପହଞ୍ଚ ପାରିଛନ୍ତି ସେଦିଗରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେବା ସହ ଆଦର୍ଶ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା ହିଁ ସଫଳତାର ମାପକାଠି ବୋଲି କହିଥିଲେ। ଏଥିପାଇଁ ଛାତ୍ରୀଛାତ୍ର ପ୍ରଥମେ ଶିକ୍ଷା ଜୀବନରେ ଶୃଙ୍ଖଳାଜ୍ଞାନ ରକ୍ଷା କରି ଆଦର୍ଶବାନ ବ୍ୟକ୍ତିଙ୍କୁ ଅନୁକରଣ କରିପାରିଲେ ସଫଳତାର ଶୀର୍ଷରେ ପହଞ୍ଚିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ଗୋପିନାଥ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଆଲୋକ କୁମାର ପାଢଶାଣୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ସଂଗ୍ରାମ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୁଧବାର ଉଦ୍‌ଯାପନୀ ଦିବସରେ ପୁରାତନ ଛାତ୍ରୀଛାତ୍ରଙ୍କ ଆନୁକୂଲ୍ୟରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ମନ୍ତ୍ରୀ ଯୋଗଦେବାକୁ ଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ଶାନ୍ତିଶୃଙ୍ଖଳା ନିମନ୍ତେ ବାଲୁଗାଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

### ୪ ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଜବତ, ୨ ଅଟକ



**ନିରାକାରପୁର,୩୧।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଜଙ୍କିଆ ଓ ମଳିପଡ଼ା ଅଞ୍ଚଳରେ ମଙ୍ଗଳବାର ଜଙ୍କିଆ ଥାନା ପୋଲିସ ଚଢ଼ାଉ କରି ୪ଟି ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଜବତ କରିବା ସହ ୨ ଜଣ ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବେଆଇନ ଭାବେ ମାଙ୍କଡ଼ା ପଥର ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସନ୍ଧ୍ୟାରେ ପୋଲିସର ଏକ ଟିମ୍ ଜଙ୍କିଆ ଓ ମଳିପଡ଼ା ଅଞ୍ଚଳରେ ଚଢ଼ାଉ କରି ୩ଟି ମାଙ୍କଡ଼ା ପଥର ବୋଝଇ ଟ୍ରକ(ଓଆର୦୪ ଇ ୭୩୫, ଓଆର ୦୨ଏଡି ୬୧୮୬, ଓଆର ୦୯ ୯୭୬୫) ଏବଂ ମିନିଟ୍ରକ୍ (ଓଆର ୧୪ଡବ୍ଲୁ ୨୩୦୮) ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଚାଳକ ଦେବେନ୍ଦ୍ର ନାୟକ ଓ ସରୋଜ କୁମାର ନାୟକଙ୍କୁ ଅଟକ ରଖାଯାଇ ପଚରାଉଚରା ଜାରି ରହିଥିବା ଥାନା ଅଧିକାରୀ ପ୍ରଜ୍ଞା ରତୁମ୍ବରା କର ସୂଚନା ଦେଇଛନ୍ତି।


ବୋଲଗଡ଼ ବ୍ଲକ ଅନ୍ତର୍ଗତ ବୁଢ଼ା ଗ୍ରାମର ନୂଆସାହିସ୍ଥିତ ମା' ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପନୀ ଦିବସରେ ଶ୍ରଦ୍ଧାଳୁ ଏବଂ ଅନ୍ୟମାନେ।

### ମା' ଗଜଲକ୍ଷ୍ମୀ ପୂଜା ଉତ୍ସବ ଉଦ୍‌ଯାପିତ

**ବୋଲଗଡ଼,୩୧।୧୦(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଡାବରଧୁଆ ପାଟଣା ପଞ୍ଚାୟତ ଅନ୍ତର୍ଗତ ବୁଢ଼ା ଗ୍ରାମର ନୂଆସାହିଠାରେ ଚାଲିଥିବା ମା' ଗଜଲକ୍ଷ୍ମୀ ପୂଜା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ମା' ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ୧୩ତମ ବାର୍ଷିକ ପୂଜା ଉତ୍ସବ ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ପ୍ରତ୍ୟହ ଅପରାହ୍ନରେ ପିଲାଙ୍କ ପାଇଁ କୁଇଜ୍ କାର୍ଯ୍ୟକ୍ରମ, ସନ୍ଧ୍ୟାରେ ସମ୍ବର୍ଦ୍ଧନା ସଭା ଓ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରତ୍ୟହ ଅତିଥିଙ୍କ ଯୋଗଦାନ ସହ ସ୍ଥାନୀୟ ଲୋକମାନେ ଉପସ୍ଥିତ ରହି ମା'ଙ୍କ ଦର୍ଶନ କରିଥିଲେ। ପୂଜା କମିଟିର ସଦସ୍ୟ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା।

### ଡକାୟତି ଉଦ୍ୟମ ପଣ୍ଡ, ୬ ଗିରଫ


ଗିରଫ ୬ ଅଭିଯୁକ୍ତ ଏବଂ ଜବତ ହୋଇଥିବା ମାରଣାସ୍ତ୍ର, ବନ୍ଧୁକ ଓ ମୋବାଇଲ।

**ବେଗୁନିଆ,୩୧।୧୦(ହର ପ୍ରସନ୍ନ ପଣ୍ଡା)**

**ବନ୍ଧୁକ, ମୋବାଇଲ ଓ ୨ ଗାଡ଼ି ଜବତ**

ବେଗୁନିଆ ଥାନା ପୋଲିସ ସୋମବାର ବିଳମ୍ବିତ ରାତିରେ ଡକାୟତି ଉଦ୍ୟମ ପଣ୍ଡ କରିବା ସହ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଙ୍କିଆ ଥାନା ଅଞ୍ଚଳର ସୌକତ ଅଲ୍ଲୀ ଖାଁ, ଶେଖ କରିମୁଲ୍ଲା, ଶେଖ ତାଜାଉଦ୍ଦିନ ଏବଂ ବେଗୁନିଆ ଥାନା ଅନ୍ତର୍ଗତ ଜାମୁସାହି ଗ୍ରାମର ନବି ଖାଁ, ଅବଦୁଲ ଖାଁ ଓ ଚଟୁଆ ଗ୍ରାମର ମନୋଜ କୁମାର ସାହୁ। ଏମାନଙ୍କଠାରୁ ମାରଣାସ୍ତ୍ର, ମୋବାଇଲ ଫୋନ ସହିତ ଦୁଇଟି ଗାଡ଼ି ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୮୫/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ନିର୍ଦ୍ଦେଶରେ ଏକ ପାଟ୍ରୋଲିଂ ଟିମ୍ ଗଠନ କରାଯାଇଥିଲା। ରାତ୍ରି ପାଟ୍ରୋଲିଂ ଚାଲିଥିବା ସମୟରେ ବେଗୁନିଆ-ଲୋଧାଚୁଆ ପୂର୍ତ୍ତ ବିଭାଗ ରାସ୍ତା ଅଧୀନ ମୁଗମଣ୍ଡା ଗ୍ରାମ ନିକଟରେ ଯାଉଥିବା ଗୋଟିଏ କାର ଏବଂ ଏକ ବାଇକ ଦେଖି ପୋଲିସ ଟିମର ସନ୍ଦେହ ହୋଇଥିଲା। ଉଭୟ ଗାଡିକୁ ଅଟକାଇ ଉପରୋକ୍ତ ଅଭିଯୁକ୍ତମାନଙ୍କୁ କାବୁ କରିଥିଲ। ସେମାନଙ୍କଠାରୁ ୫ଟି ମୋବାଇଲ ଫୋନ, ଗୋଟିଏ ଭୁଜାଲି, ବାଇକ୍, ବ୍ୟବହୃତ କାର ଓ ଗୋଟିଏ ଦେଶୀ ବନ୍ଧୁକ ଜବତ କରାଯାଇଛି। ଏମାନେ ବନ୍ଧୁକ କେଉଁଠାରୁ ଆଣିଲେ ଏବଂ ତା'ର ଲାଇସେନ୍ସ ଅଛି କି ନାହିଁ ପୋଲିସ ଖୋଳତାଡ଼ ଚଳାଇଛି। ଡକାୟତି କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ ବୋଲି ଅଭିଯୁକ୍ତମାନେ ପୋଲିସ ନିକଟରେ ବୟାନ ଦେବାପରେ ଅଧିକ ତଥ୍ୟ ସଂଗ୍ରହ କରିବା ପାଇଁ ଅଭିଯୁକ୍ତମାନଙ୍କୁ ପଚରାଉଚରା ଜାରି ରହିଛି ବୋଲି ଥାନା ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି।

# ପ୍ଲାଷ୍ଟିକମୁକ୍ତ ସହର, ପରିବେଶ ସୁରକ୍ଷା ବାର୍ତ୍ତା

**ସାଗରକନ୍ୟା ଗଜଲକ୍ଷ୍ମୀ ପୂଜା କମିଟି**

- ସଧବାଙ୍କୁ ଶଙ୍ଖା, ସିନ୍ଦୁର ଦିଆଯାଏ

**ଖୋର୍ଦ୍ଧା,୩୧।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାରେ ଚାଲିଛି ମା' ଗଜଲକ୍ଷ୍ମୀଙ୍କ ଆରାଧନା। ରଙ୍ଗିନ ଆଲୋକମାଳାରେ ଝଲସୁଛି ସହର। ଆକର୍ଷଣୀୟ ସାଜସଜ୍ଜାରେ ଶୋଭାବର୍ଦ୍ଧନ କରୁଛି ପୂଜାମଣ୍ଡପ। ସେଥିମଧ୍ୟରୁ ଅନ୍ୟତମ ହେଉଛି ଠେଙ୍ଗାହାଟସ୍ଥିତ ସାଗରକନ୍ୟା ଗଜଲକ୍ଷ୍ମୀ ପୂଜାକମିଟି। ଚଳିତ ବର୍ଷ ପୂଜା ୨୩ ବର୍ଷରେ ପହଞ୍ଚିଛି। ସପ୍ତଦିନ ବ୍ୟାପୀ ବୈଦିକ ରୀତିରେ ସକାଳ ମଙ୍ଗଳ ଆଳତିଠାରୁ ଆରମ୍ଭକରି ରାତ୍ର ପହୁଡ଼ ପର୍ଯ୍ୟନ୍ତ ବିଭିନ୍ନ ନୀତି ସମ୍ପନ୍ନ ହୋଇଥାଏ। ପ୍ରତିବର୍ଷ କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା ଏବଂ ସଚେତନତାମୂଳକ ବାର୍ତ୍ତା ରହିଥାଏ। ଗୁରୁବାର ମା'ଙ୍କ ନିକଟରେ ପୂଜାର୍ଚ୍ଚନା ପରେ ସଧବା ମହିଳାଙ୍କୁ ଶଙ୍ଖାଚୁଡ଼ି, ସିନ୍ଦୂର, ଅଳତା ଦିଆଯାଏ। କମିଟି ସଦସ୍ୟ ତଥା ଖବରଦାତା ଲଳିତ ମୋହନ ମହାପାତ୍ରଙ୍କ କହିବା ଅନୁଯାୟୀ, ୨୦୦୧ରେ ୬ ସଦସ୍ୟଙ୍କୁ ନେଇ ପୂଜା ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ଏହାର ସଦସ୍ୟ ସଂଖ୍ୟା ୫୦ରେ ପହଞ୍ଚିଛି। ସବୁବର୍ଗର ଲୋକଙ୍କ ସହାୟତାରେ ଅଢ଼େଇ ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ପୂଜାର ନବକଳେବର ଘଟିଛି। ଖର୍ଚ୍ଚର ପରିମାଣ ବୃଦ୍ଧି ପାଇଥିବା ବେଳେ ୫ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ, ପାରମ୍ପରିକ ଲୋକନୃତ୍ୟ ଆୟୋଜନ କରାଯାଇଥାଏ। ପିଲାଙ୍କ ମନୋରଞ୍ଜନ ପାଇଁ ମିନାବଜାର ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ପୂଜା, ସାଜସଜ୍ଜା ଲାଗି ୨୦୧୦ରୁ ୨୦୧୬ ପର୍ଯ୍ୟନ୍ତ ୭ଥର ପ୍ରଶାସନ ପକ୍ଷରୁ ପୁରସ୍କୃତ ହୋଇଛି। ଏଥର ସାଗରକନ୍ୟା ଗଜଲକ୍ଷ୍ମୀ ପୂଜାକମିଟି ପକ୍ଷରୁ ପ୍ଲାଷ୍ଟିକ୍‌ମୁକ୍ତ ସହର ଓ ପରିବେଶ ସୁରକ୍ଷା ବାର୍ତ୍ତା ରହିଛି।


ମିକି ମାଉସ, ଡାଇନୋସର।

### ବୃଦ୍ଧଙ୍କଠାରୁ ଝାମ୍ପିନେଲେ ୫୦ ହଜାର ଟଙ୍କା

**ବାଲୁଗାଁ, ୩୧।୧୦(ସଂଗ୍ରାମ ପାଇକରାୟ)**

ଜନଗହଳିପୂର୍ଣ୍ଣ ସ୍ଥାନରୁ ଜଣେ ବୃଦ୍ଧଙ୍କଠାରୁ ଦୁଇ ବାଇକ୍ ଆରୋହୀ ୫୦ହଜାର ଟଙ୍କା ଝାମ୍ପି ନେଇଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ବାଲୁଗାଁ ଥାନା ଅଧୀନ ସରଳାପଦର ଗ୍ରାମର ନବକିଶୋର ସାହୁ(୬୫) ଅପରାହ୍ନ ୧ଟାରେ ବାଲୁଗାଁ ବଜାର ସ୍ଥିତ ୟୁନିୟନ ବ୍ୟାଙ୍କରୁ ୫୦ହଜାର ଟଙ୍କା ଉଠାଇ ସାଇକେଲରେ ଘରକୁ ଫେରୁଥିଲେ। ଉତ୍ତରାୟଣୀ ରୋଡର ଟିଭିଏସ୍ ସୋରୁମ୍ ନିକଟରେ ହଠାତ୍ ଏକ ପଲସରରେ ଦୁଇ ଜଣ ଦୁର୍ବୃତ୍ତ ଆସି ନବକିଶୋର ସାଇକେଲରେ ଝୁଲାଇଥିବା ଟଙ୍କା ବ୍ୟାଗକୁ ଝାମ୍ପିନେଇ ଗଞ୍ଜାମ ଅଭିମୁଖେ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଦୁର୍ବୃତ୍ତଙ୍କ ପିଛା କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୦୪/୨୩) ରୁଜୁକରି ତଦନ୍ତ ଚଳାଇଛି।

### ପାନ୍ଥନିବାସରୁ ଚୋରି ଡିଜେଲ ଜବତ, ୩ ଗିରଫ

**ବାଲୁଗାଁ,୩୧।୧୦(ସଂଗ୍ରାମ ପାଇକରାୟ)**

ଗତ ଶନିବାର ବିଳମ୍ବିତ ରାତ୍ରିରେ ବଡ଼କୂଳ ପାନ୍ଥନିବାସ ପରିସର ଜେନେରେଟର ରୁମ୍‌ରୁ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଏକ ବ୍ୟାରେଲରେ ଥିବା ୫୦ଲିଟର ଡିଜେଲ ନେଇଯାଇଥିଲେ। ଏନେଇ ପାନ୍ଥନିବାସ ପରିଚାଳକ ସ୍ଥାନୀୟ ନାଭାଲ ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ଦିଲ୍ଲୀପ କୁମାର ସାହୁ ଏହି ଘଟଣାରେ ତଦନ୍ତ ଚଳାଇଥିଲେ। ଏହି ଘଟଣାରେ ପୋଲିସ ଖାରିବନ୍ଧ ଗ୍ରାମର କାହ୍ନା ପ୍ରଧାନ, ଲକ୍ଷ୍ମୀଧର ସାସମଲ ଏବଂ ଲିପୁ ସ୍ୱାଇଁଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଏଥିସହ ଅଭିଯୁକ୍ତମାନଙ୍କ ନିକଟରୁ ଚୋରି ହୋଇଥିବା ୫୦ଲିଟ ଡିଜେଲ ଜବତ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୦୫/୨୩) ରୁଜୁକରି ଅଧିକ ତଦନ୍ତ ଚଳାଇଛି।

### ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଟାଙ୍ଗୀ,୩୧।୧୦(ରଘୁନାଥ ସାହୁ)**

ଟାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୁରୁଷୋତ୍ତମ ପାଲଟାସିଂହଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସୁରେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୁହୁଡି ଜନତା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଘୁନାଥ ସ୍ୱାଇଁ, ଶିକ୍ଷୟିତ୍ରୀ ପ୍ରଜ୍ଞା ସ୍ମିତା ମିଶ୍ର, କବିତା ବେହେରା, ଜୟଶ୍ରୀ ବେହେରା, ଲକ୍ଷ୍ମୀ ପ୍ରିୟା ସାହୁ, ଶିକ୍ଷକ କାଶୀନାଥ ଘଡ଼େଇ, ପ୍ରସନ୍ନ କୁମାର ବାରିକ ପ୍ରମୁଖ ଯୋଗଦେଇ ପ୍ରଧାନଶିକ୍ଷକ ପାଲଟାସିଂହଙ୍କ ଅବସର ଜୀବନ ସୁଖମୟ ହେବା ପାଇଁ ପ୍ରାର୍ଥନା କରିଥିଲେ। ପ୍ରଧାନଶିକ୍ଷକ ପାଲଟାସିଂହ ଜଣେ କର୍ତ୍ତବ୍ୟନିଷ୍ଠ, ବନ୍ଧୁ ବତ୍ସଳ, ସହକର୍ମୀମାନଙ୍କ ପ୍ରିୟ ଥିଲେ। ସେ ସ୍ୱଳ୍ପ ସମୟ ମଧ୍ୟରେ ଆଦର୍ଶ ଶିକ୍ଷକ ଭାବେ ପରିଚିତ ହୋଇପାରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମଚାରୀ ରମେଶ ଚନ୍ଦ୍ର ମିଶ୍ର, ମଞ୍ଜୁଲତା ଦେଈ ସହଯୋଗ କରିଥିଲେ।

### 'ସାଧୁତାର ସହ ଜନତାଙ୍କ କାର୍ଯ୍ୟ କର'

**ବୋଲଗଡ଼,୩୧।୧୦(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ସଭାଗୃହରେ ସୋମବାର ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ବିଡିଓ ଶରତ ଚନ୍ଦ୍ର ମଲିକଙ୍କ ଅଧ୍ୟକ୍ଷତାରେ ଏବିଡିଓ ଡ. ରତିକାନ୍ତ ମିଶ୍ର, ତହସିଲଦାର ନିବେଦିତା ପରିଡ଼ା, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଶର୍ମା ଓ ସହକାରୀ ଯନ୍ତ୍ରୀ ଅମୂଲ୍ୟ କୁମାର ବାହିନୀପତି ଯୋଗଦେଇ ଦୁର୍ନୀତି ଓ ତା'ର ଭୟାବହ ପରିଣାମ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ନାଗରିକ ସଚେତନ ହୋଇ ଆଇନର ଶାସନକୁ ଅନୁପାଳନ କରିବା ପୂର୍ବକ ସାଧୁତା ଓ ସ୍ୱଚ୍ଛତାର ସହ ଜନସାଧାରଣଙ୍କ ହିତ ସାଧନ ପାଇଁ କାର୍ଯ୍ୟ କରିବା ଆବଶ୍ୟକ। ବ୍ୟକ୍ତିଗତ ଆଚରଣରେ ଦୃଷ୍ଟାନ୍ତମୂଳକ ସାଧୁତା ବଜାୟ ରଖିବା ସହ ଉତ୍କୋଚ ନେବାନାହିଁ କି ଦେବାନାହିଁ ବୋଲି ଶପଥ ପାଠ କରିଥିଲେ। ଏହି ବୈଠକରେ ବ୍ଲକର ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ବରିଷ୍ଠ କିରାଣି ଆଲୋକ କୁମାର ଜେନା ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରର ଏବଂ ଅନ୍ୟମାନେ।

# ୮୦% ଜମିର ଧାନ ଫସଲ ଉଜୁଡ଼ିବା ଆଶଙ୍କା

**ବେଗୁନିଆ,୩୧।୧୦(ହର ପ୍ରସନ୍ନ ପଣ୍ଡା)**

**ବେଗୁନିଆ ବ୍ଲକରେ ଜଳାଭାବ**

- ୧୩,୬୯୦ ହେକ୍ଟର ଜମିରେ ହୋଇଛି ଚାଷ
- ଆହାର ସଙ୍କଟ ଆଶଙ୍କା


ପାଣି ଅଭାବରୁ ଚାଷଜମି ଫାଟି ଆଁ କରିଛି।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ୮୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରନ୍ତି। ବିଶେଷକରି ଧାନ ଓ ରବି ଫସଲ ଉପରେ ଗୁରୁତ୍ୱ ଦେଇଥାନ୍ତି। ଚଳିତ ବର୍ଷ ଏହି ବ୍ଲକ ଅଞ୍ଚଳର ୫,୫୧୫ ହେକ୍ଟର ଖାଲ ଜମି, ୫,୨୦୫ହେକ୍ଟର ମଧ୍ୟମ ଜମି ଓ ୩,୨୨୨ହେକ୍ଟର ଉଚ୍ଚା ଜମିକୁ ମିଶାଇ ମୋଟ୍ ୧୩ହଜାର ୬ଶହ ୯୦ ହେକ୍ଟର ଜମିରେ ଧାନଚାଷ କରାଯାଇଛି। ବର୍ଷା ଅଭାବ ଓ ଜଳସେଚନର ସୁବିଧା ନ ଥିବାରୁ ୮୦% ଫସଲ ଉଜୁଡିଯିବାକୁ ବସିଛି। ଆଗକୁ ମରୁଡ଼ି ପରିସ୍ଥିତି ଆଶଙ୍କା ରହିଛି। ଫଳରେ ବର୍ଷକ ଆହାରକୁ ନେଇ ଚିନ୍ତାରେ ଚାଷୀମାନେ।

ସୂଚନାଥାଉ କି, ପ୍ରତ୍ୟେକ ବର୍ଷ ଭଳି ଚଳିତ ଖରିଫ ଋତୁରେ ଏହି ବ୍ଲକ ଅଞ୍ଚଳର ଚାଷୀମାନେ ଧାନ ଚାଷ ଉପରେ ଗୁରୁତ୍ୱ ଦେଇଛନ୍ତି। ଆଉ କିଛି ଦିନ ମଧ୍ୟରେ ରବି ଚାଷ ଚଣା, ମୁଗ, ବିରି ପାଇଁ ପ୍ରସ୍ତୁତି ଆରମ୍ଭ କରିଥାନ୍ତେ। ହେଲେ ନିଅଣ୍ଟିଆ ବର୍ଷା ଓ ଜଳସେଚନର ସୁବିଧା ନ ଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଜଳ ଉତ୍ସ ଶୁଖିଲା ପଡ଼ିବାରୁ ଧାନ ଚାଷଜମି ଫାଟି ଆଁ କରିଛି। କେଉଁଠି ଧାନ ଗଛରେ ଥୋଡ ଅବସ୍ଥା ଆସିଛି ତ ଆଉ କେଉଁଠି ଜଳ ଅଭାବରୁ ଥୋଡ ନ ଆସି ଗଛ ମରିବାକୁ ବସିଲାଣି। ଯଦି ବର୍ଷା ହୋଇଥାନ୍ତା ତେବେ ଧାନ ଫସଲ ପ୍ରଭାବିତ ହୋଇନଥାନ୍ତା ବୋଲି ଚାଷୀଙ୍କ ମହଲରୁ ଜଣାପଡିଛି। ସେହିପରି ନିଅଣ୍ଟିଆ ବର୍ଷା ଯୋଗୁ ପୋଖରୀ, ଗଡିଆ ଶୁଖିଲା ପଡିଛି। ଫଳରେ ଚାଷୀମାନେ ମୋଟର ପମ୍ପ ଦ୍ୱାରା ଜମିକୁ ପାଣି ମଡାଇ ପାରୁନାହାନ୍ତି। ଅନ୍ୟପକ୍ଷରେ ଏହି ବ୍ଲକ ଅଞ୍ଚଳର ଚାଷଜମି ଢିପ ତଥା ସୁସ୍କ ବୋଲି କୃଷି ବିଭାଗର ସର୍ଭେରୁ ଜଣାପଡ଼ିଛି। ହେଲେ ସରକାର ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ଜଳସେଚନର ବ୍ୟବସ୍ଥା କରିନାହାନ୍ତି ବୋଲି ଚାଷୀଙ୍କ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଗଣେଶର ରଥ କହିଛନ୍ତି, ଆଗକୁ ବର୍ଷା ନ ହେଲେ ମରୁଡି ସ୍ଥିତି ନିଶ୍ଚିତ।

## ସଂକ୍ଷେପରେ

### କୃଷ୍ଣସାର ମୃଗ ଜନ୍ମ ଓ ଚିତ୍ରାହରିଣ ମୃତ

**ବାରଙ୍ଗ,୩୧।୧୦(ଲିଙ୍ଗରାଜ ରାଉତ):** ନନ୍ଦନକାନନ ପ୍ରାଣୀଉଦ୍ୟାନର ୬୬ନଂ. ଏନ୍‌କ୍ଲୋଜରରେ ରହୁଥିବା ଏକ ମାଈ କୃଷ୍ଣସାର ମୃଗ ମଙ୍ଗଳବାର ଗୋଟିଏ ଶାବକକୁ ଜନ୍ମ ଦେଇଛି। ଉଭୟ ମା’ ଓ ଶାବକ ସୁସ୍ଥ ଅଛନ୍ତି। ଜନ୍ମିତ ଶାବକକୁ ମିଶାଇ କୃଷ୍ଣସାର ମୃଗ ସଂଖ୍ୟା ୭୬କୁ ବୃଦ୍ଧିପାଇଛି। ସେହିପରି ସୋମବାର ଏକ କୃଷ୍ଣସାର ମୃଗ ଶାବକର ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳବାର ଚିତ୍ରାହରିଣ ଏନ୍‌କ୍ଲୋଜରରେ ରହୁଥିବା ଏକ ମାଈ ଚିତ୍ରା ହରିଣର ମୃତ୍ୟୁ ଘଟିଛି।

### ବୁଲାଷଣ୍ଢର ଶୁଦ୍ଧିକ୍ରିୟା କଲା ସୁରକ୍ଷା

**ଭୁବନେଶ୍ୱର, (ବନ୍ଦନା ସେଠୀ) ୩୧।୧୦:** ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସୁରକ୍ଷା’ ପକ୍ଷରୁ ଲୁମ୍ବିନୀବିହାରସ୍ଥିତ ପ୍ରୋଜେକ୍ଟ କ୍ୱାର୍ଟରଠାରେ ସ୍ଥାନୀୟ ଏକ ବୁଲାଷଣ୍ଢର ଶୁଦ୍ଧିକ୍ରିୟା କରାଯାଇଛି। ଏହି ଉପଲକ୍ଷେ ସକାଳେ ତିଳତର୍ପଣ ସହ ସନାତନୀ ବିଧିବ୍ୟବସ୍ଥାରେ ଅନ୍ୟାନ୍ୟ କ୍ରିୟାକର୍ମ ଶେଷ କରାଯାଇଥିଲା। ସନ୍ଧ୍ୟାରେ ମୃତ ଷଣ୍ଢର ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ, ସଂକୀର୍ତ୍ତନ ଓ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ମନୋଜ ସାହୁ ଯୋଗଦେଇଥିଲେ। ସୁରକ୍ଷାର ଉପଦେଷ୍ଟା ସୁଧାଂଶୁ ମହାପାତ୍ର, ସମ୍ପାଦକ କେଶବ ରଣା, ନିର୍ଦ୍ଦେଶିକା ମଲି ରଣା, ସମରକାନ୍ତି ସେନାର ସମ୍ପାଦକ ପ୍ରମୋଦ ପରିଡ଼ା, ସୁରକ୍ଷାର ବରିଷ୍ଠ ସଭ୍ୟ ପଦ୍ମଲୋଚନ ସାହୁ, ବିଚିତ୍ରାନନ୍ଦ ରାଉତରାୟ, ରାଜେନ୍ଦ୍ର ମଲ୍ଲିକ, ଧରଣୀଧର ବିଶ୍ୱାଳ, ପ୍ରଶାନ୍ତ କୁମାର ଦାସଙ୍କ ସମେତ ଅଞ୍ଚଳର ପ୍ରମୁଖ ଗୋ-ସେବକ କ୍ରିଷ୍ଣା ଭାଇ ଓ ସହଯୋଗୀମାନେ ଯୋଗଦେଇଥିଲେ।

### ପ୍ରଧାନଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ସଭା

**ବାରଙ୍ଗ,୩୧।୧୦(ଲିଙ୍ଗରାଜ ରାଉତ):** ଦେଉଳି ଗ୍ରାମର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାବତୀ ଦାସଙ୍କ ଅବସରକାଳୀନ ସଭା ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁପୁର ଗ୍ରାମପଞ୍ଚାୟତର ସରପଞ୍ଚ ସସ୍ମିତା ଭୋଇ ଓ ସମିତି ସଭ୍ୟ କିଶନ ଜେନା ଅତିଥି ଭାବେ ଯୋଗଦେଇଥିଲେ। ପଦ୍ମାବତୀ ପିଲାଙ୍କୁ ନିଜର ପରିବାର ସଦସ୍ୟ ଭାବେ ଦେଖୁଥିବାବେଳେ ଏ ଅଞ୍ଚଳରେ ବେଶ୍ ପରିଚିତ ବୋଲି କହିଥିଲେ। ପ୍ରଥମେ ପଦ୍ମନାଭ ନଗର ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷୟିତ୍ରୀ ଭାବେ ୧୯୯୧ ମସିହାରେ ଶିକ୍ଷକତା ଜୀବନ ଆରମ୍ଭ କରି ମଧୁବନ ଓ ପରେ ଦେଉଳି ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ବହୁ ଛାତ୍ରୀଛାତ୍ର ଏହି ଅବସରରେ ଯୋଗଦେଇ ପଦ୍ମାବତୀଙ୍କ ଭୂୟସୀ ପ୍ରଶଂସା କରିଥିଲେ।

# ଉତ୍ତମ ସଂଯୋଜନ ପାଇଁ ବନଖଣ୍ଡକୁ ପୁରସ୍କୃତ କରାଯିବ

**ଭୁବନେଶ୍ୱର, ୩୧।୧୦(ଅସମାପିକା ସାହୁ)**

ଗ୍ରାମାଞ୍ଚଳ ଲୋକଙ୍କ ସହ ତୃଣମୂଳସ୍ତରର ଅଧିକାରୀମାନେ ସିଧାସଳଖ ଯୋଗସୂତ୍ର ରଖିଲେ ସେମାନେ ସମସ୍ତ ସୂଚନା ସିଧାସଳଖ ପାଇପାରିବେ। ଫଳରେ ମନୁଷ୍ୟ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ହେଉଥିବା ସଂଘର୍ଷ ହ୍ରାସ ପାଇବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦିପ କୁମାର ଅମାତ କହିଛନ୍ତି। ମଙ୍ଗଳବାର ଅରଣ୍ୟ ଭବନଠାରେ ଅନୁଷ୍ଠିତ ବନଖଣ୍ଡ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ମନ୍ତ୍ରୀ ଯୋଗଦେଇ କହିଛନ୍ତି, ଆଗାମୀ ପିଢ଼ିଙ୍କ ପାଇଁ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଅପରିହାର୍ଯ୍ୟ। ମହାନଦୀ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରର ପଦ୍ମତୋଳା ପୋଖରୀଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ଜଳାଶୟରେ ମାଛ, ଚିଙ୍ଗୁଡ଼ି ଓ ସମଧରଣର ଯାଆଁଳ ଛାଡ଼ିବା ପାଇଁ ସେ ପରାମର୍ଶ ଦେଇଥିଲେ। ଉତ୍ତମ ସଂଯୋଜନ ପାଇଁ ବନଖଣ୍ଡମାନଙ୍କୁ ପୁରସ୍କୃତ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ, ଜଙ୍ଗଲ ପାଖାପାଖି ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନାଗୁଡ଼ିକର ସୁଫଳ ପହଞ୍ଚାଇ ମତ୍ସ୍ୟ ଉତ୍ପାଦନ, ଭୂମିତଳେ ହେଉଥିବା ପରିବା, ମାଣ୍ଡିଆ ଚାଷ, ପିସିକଲଚର ପ୍ରତି ନୀରବଚ୍ଛିନ୍ନ ଆଗ୍ରହ ସୃଷ୍ଟି କରାଯାଇପାରିଲେ ସେମାନେ ଜଙ୍ଗଲ ଉପରେ ନିର୍ଭରଶୀଳ ହେବେ ନାହିଁ। ଫଳରେ ମନୁଷ୍ୟ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସଂଘର୍ଷ ହ୍ରାସ ପାଇବ ବୋଲି ସେ ମତପ୍ରକାଶ କରିଥିଲେ।

ଏହି ଅବସରରେ ପିସିସିଏଫ୍(ବନ୍ୟଜନ୍ତୁ) ସୁଶୀଲ କୁମାର ପୋପ୍‌ଲୀଙ୍କୁ ବିଭାଗ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜନସାଧାରଣ, ଲୋକପ୍ରତିନିଧି ଏବଂ ଗଣମାଧ୍ୟମ ସହିତ ସୁସମ୍ପର୍କ, ତା’ସହ କୌଣସି ଘଟଣା ବା ଦୁର୍ଘଟଣା ଘଟିଲେ ପ୍ରତିକ୍ରିୟାଶୀଳ ନ ହୋଇ ସକାରାତ୍ମକ ଓ ପ୍ରଗତିଶୀଳ ଚିନ୍ତାଧାରା ନେଇ କାର୍ଯ୍ୟ କଲେ ବାସ୍ତବ ବିକାଶ ହୋଇପାରିବ ବୋଲି ପୋପ୍‌ଲୀ ତାଙ୍କ ଦୀର୍ଘଦିନର ଅଭିଜ୍ଞତାର ଉଦାହରଣ ଦେଇ କହିଥିଲେ। ସମ୍ମିଳନୀରେ ସୋଲାର ଫେନ୍‌ସିଂ, କନ୍ଦମୂଳ ଜାତୀୟ ଶସ୍ୟ ଉତ୍ପାଦନ, ଆଧୁନିକ ଫୁଲଚାଷ, ଜ୍ଞାନକୌଶଳର ବ୍ୟାପକ ବ୍ୟବହାର ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଗ୍ରାମସାଥୀଙ୍କ ନିୟୋଜନ, ମଞ୍ଜି ଯୋଗାଣ, ବିକାଶମୂଳକ କାର୍ଯ୍ୟ ନିମନ୍ତେ ତ୍ୱରିତ ପ୍ରକଳ୍ପ ମଞ୍ଜୁରୀ, ବଜ୍ରପାତଜନିତ କ୍ଷତି ରୋକିବା ପାଇଁ ବ୍ୟାପକ ତାଳଗଛ ରୋପଣ ଆଦି ସମ୍ପର୍କରେ ସମ୍ପୃକ୍ତ ବିଭାଗର ନିର୍ଦ୍ଦେଶକ ଓ ଅତିରିକ୍ତ ନିର୍ଦ୍ଦେଶକମାନେ ମତ ରଖିଥିଲେ। ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳଙ୍କ ସମେତ ୫୧ଟି ବନଖଣ୍ଡର ଅଧିକାରୀ ଓ ପଦସ୍ଥ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।


ବନଖଣ୍ଡ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ବିଭାଗୀୟ ଅଧିକାରୀମାନେ।

**ବନଖଣ୍ଡ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ**

# ଚାନ୍ଦି ଅଳଙ୍କାରରେ ମା’ ଗଜଲକ୍ଷ୍ମୀ

**ବାରଙ୍ଗ,୩୧।୧୦(ଲିଙ୍ଗରାଜ ରାଉତ)**

ଗଜଲକ୍ଷ୍ମୀ ପୂଜାକୁ ନେଇ ଚଳଚଞ୍ଚଳ ହୋଇଉଠିଛି ରାଜଧାନୀ ଉପକଣ୍ଠ ରଘୁନାଥପୁର ଓ କଟକ ଉପକଣ୍ଠ ବ୍ରାହ୍ମଣୀ ଗାଁ। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ପୂଜା ୬ଦିନ ଧରି ଚାଲିବ। ଆସନ୍ତା ଶୁକ୍ରବାର ଭସାଣି ଉତ୍ସବ ଆୟୋଜିତ ହେବ। ରଘୁନାଥପୁର ମା’ ଗଜଲକ୍ଷ୍ମୀ ୟୁଥ୍ ଆସୋସିଏଶନ ପକ୍ଷରୁ ନନ୍ଦନକାନନ ମୁଖ୍ୟରାସ୍ତାକଡ଼ରେ ନିର୍ମିତ ପୂଜାମଣ୍ଡପରେ ଦେଖଣାହାରିଙ୍କ ଭିଡ଼ ଲାଗିରହିଛି। କମିଟି ପକ୍ଷରୁ ସବୁଦିନ ଦିନରେ ଭକ୍ତଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ସହ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକମାନେ କମିଟି ପକ୍ଷରୁ ପଡ଼ିଥିବା ମିନାବଜାରର ମଜା ଉଠାଉଛନ୍ତି। ସେହିଭଳି ବ୍ରାହ୍ମଣୀଗାଁରେ ପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ମଣ୍ଡପରେ ମା’ ଚାନ୍ଦି ଅଳଙ୍କାରରେ ଶୋଭା ପାଉଛନ୍ତି। ୪ ଦିନ ଧରି ଏହି ଉତ୍ସବରେ ଗାଁ ମୁଣ୍ଡରୁ ପୂଜାମଣ୍ଡପ ପର୍ଯ୍ୟନ୍ତ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ ହୋଇଛି। ପ୍ରତିଦିନ ରାତିରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ଭାଇଚାରାର ବାର୍ତ୍ତା ଦିଆଯାଉଥିବା ଦେଖିବାକୁ ମିଳିଛି।

# ବମିଖାଲ କେନାଲ ରୋଡ୍ ବ୍ୟବସାୟୀ ସଂଘର ଗଜଲକ୍ଷ୍ମୀ ପୂଜା



**ଭୁବନେଶ୍ୱର,୩୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ବମିଖାଲ କେନାଲ ରୋଡ୍ ବ୍ୟବସାୟୀ ସଂଘ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ନିଖିଳ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟଙ୍କ ସହଯୋଗରେ ୨ଦିନ ଧରି ମା’ ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଇଛି। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଶୃଙ୍ଖଳିତ ଆୟୋଜନ ପାଇଁ ସମ୍ପାଦକ ମହାନ୍ତିଙ୍କୁ ସ୍ଥାନୀୟବାସୀ ଧନ୍ୟବାଦ ଜଣାଇଥିଲେ।

# ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ ନୂଆ ରାଜ୍ୟପାଳ

**ପୁରୁଣା ଭୁବନେଶ୍ୱର,୩୧।୧୦ (ସୁବାସ ଚନ୍ଦ୍ର ପ୍ରଧାନ)**

ଓଡ଼ିଶା ରାଜ୍ୟପାଳ ଭାବେ ରଘୁବର ଦାସ ଶପଥ ଗ୍ରହଣ କରିବା ପୂର୍ବରୁ ମଙ୍ଗଳବାର ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ନେଇଛନ୍ତି। ଶ୍ରୀଜୀଉଙ୍କୁ ଦର୍ଶନ କରିବା ଅବସରରେ ରାଜ୍ୟ ଏବଂ ସମଗ୍ର ଦେଶ ସଫଳତାର ଶିଖର ଛୁଉଁ ବୋଲି ସେ କାମନା କରିଥିଲେ। ସକାଳ ୯ଟା ୫ରେ ସ୍ୱତନ୍ତ୍ର ପୋଲିସ କର୍ଡନରେ ସେ ଲିଙ୍ଗରାଜ ମନ୍ଦିର ମୁଖଶାଳାରେ ପହଞ୍ଚିଥିଲେ। ପରେ ତାଙ୍କୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ ଅଧିକାରୀ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ମନ୍ଦିର ମଧ୍ୟକୁ ପାଛୋଟି ନେଇଥିଲେ।

ପ୍ରଥମେ ଗଣେଶ ମନ୍ଦିରକୁ ଯାଇଥିଲେ। ସେଠାରୁ ଗର୍ଭଗୃହରେ ପହଞ୍ଚିବା ପରେ ପାଳିଆ ବଡୁ ସେବାୟତ ଶକ୍ତିରେ ଜଳାଭିଷେକ କରିଥିଲେ। ଏଥିସହ ଖଇକୋରା ଭୋଗ ସମର୍ପଣ କରିଥିଲେ। ପରେ ମା’ ପାର୍ବତୀ ଏବଂ ଅନ୍ୟ ପାର୍ଶ୍ୱଦେବଦେବୀ ମନ୍ଦିର ପରିଦର୍ଶନ କରିଥିଲେ। ପ୍ରାୟ ୫୫ ମିନିଟ୍ ମନ୍ଦିରରେ ରହଣିକାଳ ମଧ୍ୟରେ ନବନିଯୁକ୍ତ ରାଜ୍ୟପାଳ ଏବଂ ତାଙ୍କ ଟିମ୍ ବିଭିନ୍ନ ଜାଗାରେ ଫଟୋ ଉତ୍ତୋଳନ କରିଥିଲେ। ଏହି ସମୟରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ଯୁବନେତା ବାବୁ ସିଂ, ଜଗନ୍ନାଥ ପ୍ରଧାନ, ଦିଲୀପ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଉପସ୍ଥିତ ଥିଲେ।



## ଦୁଇ ନିଯୋଗକୁ ଡାକିଲାନି ପ୍ରଶାସନ

ସମ୍ପ୍ରତି ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡରେ ଏକପ୍ରକାର ଅଚଳା ଅବସ୍ଥା ଜାରି ରହିଛି। ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ନିକଟରେ ଦୁଇଦିନ ଶ୍ରୀଲିଙ୍ଗରାଜଙ୍କୁ ଉପବାସ ରହିବାକୁ ପଡ଼ିଥିଲା। ଏହିକ୍ରମରେ ମଙ୍ଗଳବାର ନୂତନ ରାଜ୍ୟପାଳଙ୍କ ଆଗମନ ନେଇ ବ୍ରାହ୍ମଣ ଏବଂ ପୂଜାପଣ୍ଡା ଦୁଇ ନିଯୋଗଙ୍କୁ ନ ଡକାଇ କାର୍ଯ୍ୟ ତୁଲାଇବା ନେଇ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏନେଇ ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି, ମନ୍ଦିର ପ୍ରଶାସନ ଆମକୁ ଡାକିଲା ନାହିଁ। ପାଳିଆ ବଡୁ ସେବାୟତ ନୂଆ ରାଜ୍ୟପାଳଙ୍କୁ ଫୁଲ, ପାଣି ଲାଗି କରିବା ଏବଂ ପୂଜାର୍ଚ୍ଚନା କରିବା ଠିକ୍ ନୁହେଁ। ବଡୁ ସେବାୟତ ଅଣବ୍ରାହ୍ମଣ, ମନ୍ତ୍ର ଉଚ୍ଚାରଣ କରିବା ସେମାନଙ୍କର ଅଧିକାର ନାହିଁ। ସେହିଭଳି ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କହିଛନ୍ତି, ପ୍ରଶାସନ ଏହା ସମାଧାନ ନ କରିବା ଦ୍ୱାରା ମନ୍ଦିରରେ ଏଭଳି ବାରମ୍ବାର ବିଶୃଙ୍ଖଳା ଦେଖାଦେଉଛି। ପିଢାରେ ଯଦି ବସି ପୂଜା ନ ହୁଏ ତାହା ପୂଜା ନୁହେଁ। ଖଇକୋରା ଭୋଗ ବିଶୋଇ ସେବାୟତ ଦେଇଥାନ୍ତି। କୋଠଭୋଗ ନୂଆ ରାଜ୍ୟପାଳ ପାଇପାରିନାହାନ୍ତି। କେବଳ ସମର୍ପଣ ଏବଂ ଜଳଲାଗିରେ ଠାକୁରଙ୍କୁ ସାଧାରଣ ଭକ୍ତଙ୍କ ଭଳି ଦର୍ଶନ କରିଛନ୍ତି। ମନ୍ଦିରରେ ସ୍ୱତନ୍ତ୍ର ଗାଇଡ୍ ରହିବାକୁ ସେ ଦାବି କରିଛନ୍ତି।

## ସାହିତ୍ୟିକ ପୁରୁଷୋତ୍ତମ ସାହୁଙ୍କୁ ମିଳିତ ଶ୍ରଦ୍ଧାଞ୍ଜଳି

**ପୁରୁଣା ଭୁବନେଶ୍ୱର,୩୧।୧୦ (ସୁବାସ ଚନ୍ଦ୍ର ପ୍ରଧାନ)**

ବିଶିଷ୍ଟ ସାହିତ୍ୟିକ ତଥା ପ୍ରାବନ୍ଧିକ ପୁରୁଷୋତ୍ତମ ସାହୁଙ୍କ ଦ୍ୱାଦଶାହ ଅବସରରେ ମିଳିତ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏନେଇ ଭୀମଟାଙ୍ଗି କମ୍ୟୁନିଟି ହଲ୍ ପରିସରରେ ମଙ୍ଗଳବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଶିବ ନାରାୟଣ ରାୟ, ରାଜ୍ୟ ବରିଷ୍ଠ ନାଗରିକ ଫେଡେରେଶନର କୃପାସିନ୍ଧୁ ସାହୁ, ପ୍ରାଚୀ ସାଂସ୍କୃତିକ ସମିତି ସଭାପତି ଜଗବନ୍ଧୁ ଷଡ଼ଙ୍ଗୀ, ସ୍ନେହୀ ସମାଜର ଡ. ଅନନ୍ତ ଚରଣ ସାହୁ, ଯୁଗଳ କିଶୋର ସାହୁ, ଡ. ଧରଣୀ ଧର ନାୟକ ଏବଂ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଭୀମେଶ୍ୱର ମନ୍ଦିର ସମିତି ସମ୍ପାଦକ ତଥା ଉନ୍ନୟନ ପରିଷଦ ଉପସଭାପତି ପଦ୍ମନାଭ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଭୀମେଶ୍ୱର ମନ୍ଦିର ସମିତି କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଶ୍ରେଷ୍ଠ ଅଭିନୟ ଗୋଷ୍ଠୀ ଜିଲାସ୍ତରକୁ ମନୋନୀତ

**ବାଲିପାଟଣା,୩୦।୧୦(ଅଭିମନ୍ୟୁ ନାୟକ)**

ବନମାଳୀପୁରସ୍ଥିତ କୁଶଭଦ୍ରା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର କ୍ଲଷ୍ଟରସ୍ତରରେ ପ୍ରତିଭା ପ୍ରଦର୍ଶନ କରି ବିଭିନ୍ନ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଆକାଂକ୍ଷା ପ୍ରିୟଦର୍ଶିନୀ ପ୍ରଧାନଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇ ଛାତ୍ରୀଛାତ୍ର ସମାନ ଗତିରେ ଚାଲିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବ ଶିକ୍ଷା ବିଭାଗ ଉପନିର୍ଦ୍ଦେଶକ ଡ. ସନାତନ ପଣ୍ଡା ଯୋଗଦେଇଥିଲେ। ଅନ୍ୟାନ୍ୟ ଅତିଥି ଭାବରେ ପୂର୍ବତନ ଜିଲାପରିଷଦ ସଭ୍ୟ ଭାଗୀରଥି ପାତ୍ର, ବନମାଳୀପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅର୍ଣ୍ଣବ ବେହୁରା, ଶିକ୍ଷକ ନେତା ରଶ୍ମିରଞ୍ଜନ ପଣ୍ଡା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଘୁନାଥ ଲେଙ୍କା ଓ ପ୍ରେସ୍ କ୍ଲବ ସଭାପତି ଦିଲୀପ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ସମଗ୍ର ବ୍ଲକର ୧୦ ଗୋଟି କ୍ଲଷ୍ଟରର ଛାତ୍ରୀଛାତ୍ରଙ୍କ ସହିତ ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ଯୋଗ ଦେଇଥିଲେ। ରମାରଞ୍ଜନ ଦାସ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ପରିବେଷିତ ଶ୍ରେଷ୍ଠ ଅଭିନୟ ଗୋଷ୍ଠୀକୁ ଜିଲାସ୍ତରକୁ ମନୋନୀତ କରାଯାଇଥିଲା। ସେମାନେ ଖୋର୍ଦ୍ଧାଠାରେ ଜିଲା କାର୍ଯ୍ୟକ୍ରମରେ ଯୋଗ ଦେବେ।

## ଓଭରବ୍ରିଜ୍ ନିର୍ମାଣ ପାଇଁ ଜାତୀୟ ରାଜପଥରେ ୩ ମାସ ଟ୍ରାଫିକ୍ କଟକଣା

**ଭୁବନେଶ୍ୱର,୩୧।୧୦(ସତ୍ୟଜିତ୍ ରାଉତ)**

ଜାତୀୟ ରାଜପଥ-୧୬ରେ ଫ୍ଲାଇଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ପାଇଁ ୩ ମାସ ଟ୍ରାଫିକ୍ କଟକଣା ଲାଗୁ ହୋଇଛି। ଏନେଇ କମିଶନେଟ୍ ପୋଲିସ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। କସ୍ମୋପଲିସ୍ ଛକଠାରୁ ପାତ୍ରପଡ଼ା ଭି୨ ମଲ୍ ପର୍ଯ୍ୟନ୍ତ ଏବଂ ଭି୨ ମଲ୍‌ର ଅପରପାର୍ଶ୍ୱରେ ଥିବା ଜେ.କେ. ଟାୟାର ଦୋକାନ ସାମ୍ନାରୁ କସ୍ମୋପଲିସ୍ ଛକ ପର୍ଯ୍ୟନ୍ତ ଏହି କଟକଣା ଲାଗୁ କରାଯାଇଛି। ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ଖୋର୍ଦ୍ଧା ଆଡ଼କୁ ଯିବାକୁ ଥିବା ସମସ୍ତ ଗାଡ଼ି କସ୍ମୋପଲିସ୍ ଛକଠାରୁ ବାମ ମୋଡ଼ ନେବା ପରେ ସର୍ଭିସ୍ ରୋଡ୍ ଦେଇ ପାତ୍ରପଡ଼ା ଭି୨ ମଲ୍ ପର୍ଯ୍ୟନ୍ତ ଯାଇ ଡାହାଣ ମୋଡ ନେଇ ଯାତୀୟ ରାଜପଥ ଦେଇଯିବ। ସେହିପରି ଖୋର୍ଦ୍ଧାରୁ ଭୁବନେଶ୍ୱର ଆଡ଼କୁ ଯିବାକୁ ଥିବା ଗାଡ଼ିଗୁଡ଼ିକ ଭି୨ ମଲ୍‌ର ଅପର ପାର୍ଶ୍ୱରେ ଥିବା ଜେ.କେ. ଟାୟାର ଦୋକାନ ସାମ୍ନାଠାରୁ ବାମ ମୋଡ଼ ନେବା ପରେ କସ୍ମୋପଲିସ୍ ଛକ ପର୍ଯ୍ୟନ୍ତ ଯାଇ ଡାହାଣ ମୋଡ଼ ନେଇ ଜାତୀୟ ରାଜପଥ ଦେଇ ଯାଇପାରିବ। ଏହି କଟକଣା ଆଗାମୀ ୯୩ ଦିନ ଅର୍ଥାତ ୨୦୨୪ ଜାନୁୟାରୀ ୩୧ ପର୍ଯ୍ୟନ୍ତ ଲାଗୁ ରହିବ ବୋଲି ସୂଚନା ଦିଆଯାଇଛି।

## ‘ଓଡ଼ିଶୀ ସଙ୍ଗୀତ-ରାଗ, ଛନ୍ଦ, ବୃତ୍ତ ଓ ବାଣୀ’ ଶୀର୍ଷକ ଆଲୋଚନାଚକ୍ର

**ଭୁବନେଶ୍ୱର,୩୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଶୀତର ପହିଲି ଆଗମନରେ ମଙ୍ଗଳବାର ‘ଓଡ଼ିଶୀ ସଙ୍ଗୀତ-ରାଗ, ଛନ୍ଦ, ବୃତ୍ତ ଓ ବାଣୀ’ ଶୀର୍ଷକ ଏକ ଆଲୋଚନାଚକ୍ର ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାୟ ଯୋଗଦେଇଥିଲେ। ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟନିର୍ବାହୀ ସିକତା ଦାସ ନିର୍ଦ୍ଦେଶକ ରାଉତରାୟଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ । ମୁଖ୍ୟ ଆଲୋଚକ ଭାବେ ବରିଷ୍ଠ ଓଡ଼ିଶୀ ସଙ୍ଗୀତ ଗବେଷକ ଡ. କୀର୍ତ୍ତନ ନାରାୟଣ ପାଢ଼ୀ, ପୂର୍ବତନ ଦୂରଦର୍ଶନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ, ବରିଷ୍ଠ ଗବେଷକ ଏବଂ ପାଲା ଗାୟକ ସୁରେନ୍ଦ୍ର ନାଥ ଛୋଟରାୟ, ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ଗୁରୁ ବିଜୟ କୁମାର ଜେନା ଏବଂ ଘୋଷକ ଡ. ମୃତ୍ୟୁଞ୍ଜୟ ରଥ ପ୍ରମୁଖ ଯୋଗଦେଇ ଆଲୋଚ୍ୟ ବିଷୟବସ୍ତୁକୁ ନେଇ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଅଧ୍ୟୟନରତ ଛାତ୍ରୀଛାତ୍ର ଆଦି ଶଙ୍କରାଚାର୍ଯ୍ୟଙ୍କ ରଚିତ ‘ଭବାନୀଅଷ୍ଟକମ୍’ ପରିବେଷଣ କରିଥିଲେ। ଯନ୍ତ୍ର ସଂଗୀତରେ ଗୁରୁ କେଶବ ଚନ୍ଦ୍ର ରାଉତ, ଗୁରୁ ରମେଶ ଚନ୍ଦ୍ର ଦାସ ଏବଂ ଗୁରୁ କାଳିନ୍ଦୀ ଚରଣ ପରିଡ଼ା ଓ ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର ସଂଯୋଜନା କରିଥିଲେ।



‘ଓଡ଼ିଶୀ ସଙ୍ଗୀତ-ରାଗ, ଛନ୍ଦ, ବୃତ୍ତ ଓ ବାଣୀ’ ଶୀର୍ଷକ ଆଲୋଚନାଚକ୍ରରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଓ ଅନ୍ୟ ଅତିଥି।

# ‘ଅଖଣ୍ଡତା କ୍ଷେତ୍ରରେ ଇନ୍ଦିରା ଗାନ୍ଧୀଙ୍କ ଉଦ୍ୟମ ପ୍ରଶଂସନୀୟ’

**ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ସଂକଳ୍ପ ଦିବସ**

**ଭୁବନେଶ୍ୱର, ୩୧।୧୦ (ଅସମାପିକା ସାହୁ)**

ରାଷ୍ଟ୍ରୀୟ ସୁରକ୍ଷା ଓ ଅଖଣ୍ଡତା ରକ୍ଷା କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀଙ୍କ ଉଦ୍ୟମ ସର୍ବଦା ପ୍ରଶଂସନୀୟ। ଦେଶର ହିତ ଦୃଷ୍ଟିରୁ ତଥା ଦେଶରେ ସମାଜବାଦ ପ୍ରତିଷ୍ଠା କରିବା ଓ ଗରିବୀ ହଟାଓ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପରି କେତେକ ଦୃଢ଼ ନିଷ୍ପତି ନେଇ ସେ ଭାରତବାସୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଯାଇଛନ୍ତି ବୋଲି ବିଧାୟକ ଶଶିଭୂଷଣ ବେହେରା ମତବ୍ୟକ୍ତ କରିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ପକ୍ଷରୁ ମଙ୍ଗଳବାର ସୂଚନା ଭବନରେ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ସଂକଳ୍ପ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ବେହେରା ଏହା କହିବା ସହ ଇନ୍ଦିରା ଗାନ୍ଧୀ ବିଶ୍ୱସ୍ତରରେ ଜଣେ ପ୍ରଭାବଶାଳୀ ରାଜନେତ୍ରୀ ଭାବେ ସୁପରିଚିତ ଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ଅଧ୍ୟକ୍ଷ ତଥା ବିଧାୟକ ତଥା ସୁରେଶ କୁମାର ରାଉତରାୟ କହିଲେ, ଇନ୍ଦିରା ଗାନ୍ଧୀ ଜଣେ ଦୂରଦର୍ଶୀ ଓ ଦୃଢ଼ମନା ନାରୀନେତ୍ରୀ ଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର ଇନ୍ଦିରା ଗାନ୍ଧୀଙ୍କୁ ଭାରତର ନାରୀଶକ୍ତିର ଦୃଷ୍ଟାନ୍ତ ବୋଲି ଅଭିହିତ କରିଥିଲେ। ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ମୁଖ୍ୟବକ୍ତା ଭାବେ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ବହୁମୁଖୀ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଇନ୍ଦିରା ଗାନ୍ଧୀଙ୍କର ବଳିଦାନ ଦେଶରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ବୋଲି ସେ ପ୍ରକାଶ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକମ(ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ପୌରୋହିତ୍ୟ କରି ଇନ୍ଦିରା ଗାନ୍ଧୀ ଜଣେ ଦୂରଦର୍ଶୀ ନେତ୍ରୀ ଭାବେ ବିଶ୍ୱଦରବାରରେ ଭାରତକୁ ଗୌରବାନ୍ୱିତ କରିଥିଲେ ବୋଲି ମତପ୍ରକାଶ କରିଥିଲେ। କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଳିତ ଓ ସାଥି କଳାକାରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ହୋଇଥିଲା। ସ୍ମୃତି ସମିତିର ସାଧାରଣ ସମ୍ପାଦକ ଅମୀୟ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସୂଚନା ଅଧିକାରୀ ସଙ୍ଗୀତା ମହାରଣା ସଞ୍ଚାଳନ କରିଥିଲେ। ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଯୋଗଦେଇଥିଲେ। ଅପରାହ୍ନରେ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି ପକ୍ଷରୁ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।


ସୂଚନା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ସଂକଳ୍ପ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥି ଅତିଥିମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧ ନଭେମ୍ବର, ୨୦୨୩

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଆକ୍ରମଣ

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ଯଶପଡ଼ାସ୍ଥିତ କେଳିକଦମ୍ବ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ହରିପ୍ରିୟା ମିଶ୍ରଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଆକ୍ରମଣ କରାଯାଇଛି। କେତେଜଣ ଅଚିହ୍ନା ଲୋକ ତାଙ୍କ କାରର କାଚ ଭାଙ୍ଗି ଦେଇଥିଲେ। କିଶନ ନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କ କବଳରୁ ତାଙ୍କୁ ଉଦ୍ଧାର କରି ଘରକୁ ପଠାଇଥିଲା। ଘଟଣାରୁ ପ୍ରକାଶ, ମଙ୍ଗଳବାର ମିଶ୍ର ଚାକିରିରୁ ଅବସର ନେଇଛନ୍ତି। ଦାୟିତ୍ୱ ହସ୍ତାନ୍ତର କରି ଘରକୁ ବାହାରିଥିବାବେଳେ ଲୋକମାନେ ତାଙ୍କୁ ଘେରାଉ କରିବା ସହ ଯିବାକୁ ଦେଇ ନ ଥିଲେ। ଘେରାଉର କାରଣ ଅସ୍ପଷ୍ଟ ରହିଛି। ରିପୋର୍ଟ ଲେଖା ଯିବାବେଳକୁ ଥାନାରେ ଅଭିଯୋଗ ହୋଇନାହିଁ।



**ସଂକ୍ଷେପରେ**

## ଛୁରାମାଡ଼ରେ ଯୁବକ ଗୁରୁତର

କଟକ,୩୧।୧୦ (କାର୍ତ୍ତିକ ସାହୁ)

ମଙ୍ଗଳାବାଗ ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ମଙ୍ଗଳବାର ଛୁରାମାଡ଼ ହୋଇଛି। ସେ ହେଲେ ବଙ୍ଗାଳି ସାହିରେ ରହୁଥିବା ରାମଚନ୍ଦ୍ର ବେହେରାଙ୍କ ପୁଅ ବନମାଳି ବେହେରା। ଅବସ୍ଥା ଗୁରୁତର ଥିବାରୁ ଏସ୍‌ସିବି ମେଡିକାଲରେ ତାଙ୍କର ଅସ୍ତ୍ରୋପଚାର କରାଯାଇଛି। ଛୁରାମାଡ଼ କରିଥିବା ଥୋରିଆ ସାହି ଅଞ୍ଚଳର ଜଣେ ବୃଦ୍ଧଙ୍କୁ ପୋଲିସ ଅଟକ ରଖିଛି। ପୋଲିସ ସୂଚନାନୁସାରେ, ବନମାଳି ଓ ଛୁରାମାଡ଼ କରିଥିବା ବୃଦ୍ଧ ବଜ୍ରକବାଟୀ ରୋଡ ଅଞ୍ଚଳରେ ଏକା ପ୍ରକାର ବ୍ୟବସାୟ କରନ୍ତି। ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟାରେ ବୃଦ୍ଧ ଜଣକ ବଜ୍ରକବାଟୀ ରୋଡ ଅଞ୍ଚଳରେ ଛିଡ଼ା ହୋଇଥିବାବେଳେ ବନମାଳି ତାଙ୍କ ପାଖରେ ପହଞ୍ଚିଥିଲେ। ଟଙ୍କା ଦେଣନେଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବୃଦ୍ଧ ଜଣକ ପାଖରେ ରଖିଥିବା ଛୁରୀରେ କାଢ଼ି ଦେଖାଇଥିଲେ। ଉକ୍ତ ଛୁରୀ ଛଡ଼ାଇବା ପାଇଁ ଉଦ୍ୟମବେଳେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇ ବନମାଳିଙ୍କ ପେଟରେ ତାହା ପଶିଯାଇଥିଲା। ବନମାଳିଙ୍କ ପରିବାର ପକ୍ଷରୁ ମଙ୍ଗଳାବାଗ ଥାନାରେ ଏତଲା ଦିଆଯିବା ପରେ ପୋଲିସ ସମ୍ପୃକ୍ତ ବୃଦ୍ଧଙ୍କୁ ଅଟକ ରଖିଛି। ମଙ୍ଗଳାବାଗ ଥାନା ଅଧିକାରୀ ସୁଧାଂଶୁ ଭୂଷଣ ଜେନା କହିଛନ୍ତି, ଅଟକ ବୃଦ୍ଧ ଜଣକ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖରେ ଚିକିତ୍ସିତ ହେଉଛନ୍ତି। ତେବେ ତାଙ୍କର ଚିକିତ୍ସା ଓ ମାନସିକ ସ୍ଥିତି ସଂକ୍ରାନ୍ତରେ ପୋଲିସ ଯାଞ୍ଚ କରିବା ସହ ଡାକ୍ତରୀ ପରାମର୍ଶ କରୁଛି। ଏହାପରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଗୁଣିଗାରେଡ଼ି ସନ୍ଦେହରେ ଗଣ୍ଡଗୋଳ

**ତଦନ୍ତ କଲା ପୋଲିସ**

କଟକ ସଦର,୩୧।୧୦(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ କଳପଡା ଗ୍ରାମରେ ଗୁଣିଗାରଡିକୁ ନେଇ ଗଣ୍ଡଗୋଳ ଘଟିଛି। ଏନେଇ ଅଭିଯୋଗ ହେବା ପରେ ମଙ୍ଗଳବାର ପୋଲିସ ତଦନ୍ତ ଆରମ୍ଭ କରିଛି। କଳପଡ଼ା ଗ୍ରାମର ପବନ ମୁଦୁଲିଙ୍କ ଝିଅକୁ ପଡୋଶୀ ଘରର ପବିତ୍ର ମୁଦୁଲି ବାରମ୍ବାର ଗୁଣି କରି ହଇରାଣ କରୁଛନ୍ତି। ତାନ୍ତ୍ରିକ ଡକାଇ ନିଜ ଘରେ ପୂଜାପାଠ କରି ପବିତ୍ର ଏଭଳି କାଣ୍ଡ କରିଛନ୍ତି ବୋଲି ପବନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୬୬/୨୩) ରୁଜୁ କରିଛି। ସେହିପରି ପବନଙ୍କ ପରିବାର ଲୋକ ଆକ୍ରୋଶମୂଳକ ଭାବେ ପବିତ୍ରଙ୍କୁ ମାଡ ମାରୁଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଆଉ ଏକ ମାମଲା(ନଂ.୩୬୭/୨୩) ରୁଜୁ କରିଛି। ଗୁଣି ସନ୍ଦେହରେ ଉଭୟ ଘଟଣା ଘଟିଥିବାରୁ ପୋଲିସ କେଉଁ ପଦ୍ଧତି ଅବଲମ୍ବନ କରି ତଦନ୍ତରେ ଉପନୀତ ହେବ ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି। ଉଭୟ ପକ୍ଷଙ୍କ ଅଭିଯୋଗ ଆଧାରରେ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା କହିଛନ୍ତି।

# ନକ୍ସାରେ ପ୍ରଦର୍ଶିତ ହେବ ପରିବର୍ଦ୍ଧିତ ବାଲିଯାତ୍ରା ରୂପରେଖ




ବୈଠକରେ ଜିଲାପାଳ, ଆର୍‌ଡିସି, ସିଡିଏ ଅଧ୍ୟକ୍ଷ, ମେୟର ଓ ଡିସିପିଙ୍କ ସମେତ ଅନ୍ୟମାନେ।

**ବାଲିଯାତ୍ରା ପ୍ରସ୍ତୁତି ବୈଠକ**

କଟକ,୩୧।୧୦(କାର୍ତ୍ତିକ ସାହୁ)

ବାଲିଯାତ୍ରାକୁ ଜାତୀୟ ଉତ୍ସବର ମାନ୍ୟତା ପ୍ରଦାନ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏ ଦିଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ଆଗ୍ରହ ରହିଛି। ବାଲିଯାତ୍ରାରେ ଅଭିନବ ଜ୍ଞାନକୌଶଳ ପ୍ରୟୋଗରେ ଲେଜର ଶୋ ମାଧ୍ୟମରେ ଭିନ୍ନ ସ୍ୱାଦର କାର୍ଯ୍ୟକ୍ରମ ପ୍ରଦର୍ଶନ ନିମନ୍ତେ ପର୍ଯ୍ୟାଲୋଚନା ଚାଲିଛି ବୋଲି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ପ୍ରସ୍ତୁତି ବୈଠକରେ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ ଯୋଗଦେଇ ପୂର୍ତ୍ତ, ଟିପିସିଓଡିଏଲ, ୱାଟ୍‌କୋ, ବାଲିଯାତ୍ରା ପଡ଼ିଆରେ ମୋବାଇଲ ସିଗ୍‌ନାଲ ଆଦି ବିଷୟରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ନରହରି ସେଠୀ କହିଥିଲେ, ଚଳିତବର୍ଷ ବାଲିଯାତ୍ରାରେ କେତେକ ପରିବର୍ତ୍ତନ ହେଉଥିବାରୁ ପଡ଼ିଆ ନକ୍ସାରେ ପ୍ରସ୍ତାବିତ ପରିବର୍ତ୍ତନ ଅନୁଯାଇ ରୂପରେଖ ପ୍ରସ୍ତୁତ କରାଯିବ। ସମ୍ପୂର୍ଣ୍ଣ ଯାତ୍ରାର ସୁପରିଚାଳନା ନିମନ୍ତେ ବିଭିନ୍ନ ସବ୍‌କମିଟି ଗଠନ କରାଯାଇ ନିର୍ଦ୍ଦିଷ୍ଟ ଅଧିକାରୀମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପ୍ରତ୍ୟେକ କମିଟି ନିଜର ଦାୟିତ୍ୱ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରି ବାଲିଯାତ୍ରାକୁ ସାଫଲ୍ୟମଣ୍ଡିତ କରିବେ ବୋଲି ସେ ଆଶାପୋଷଣ କରିଥିଲେ।

ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ କହିଥିଲେ, ଉତ୍ତମ ପ୍ରଦର୍ଶନ ମାଧ୍ୟମରେ ବାଲିଯାତ୍ରାର ଶ୍ରୀବୃଦ୍ଧି ସାଧନ ହେବ। ଅଧିକ ସଂଖ୍ୟାରେ ଅସ୍ଥାୟୀ ଶୌଚାଳୟ ବସାଇବା ସହ ସେଗୁଡିକୁ ଆବଶ୍ୟକତା ଅନୁଯାୟୀ ଜଳ ଉପଲବ୍ଧ କରାଇବାକୁ ସେ ୱାଟ୍‌କୋ ସାଧାରଣ ପରିଚାଳକଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଟକ ମହାନଗର ନିଗମ ଓ ୱାଟ୍‌କୋର ମିଳିତ ସହଯୋଗରେ ବାଲିଯାତ୍ରା ପଡ଼ିଆରେ ୨୫୦ଟି ଅସ୍ଥାୟୀ ଶୌଚାଳୟ ସଂସ୍ଥାପନ ହେବ। କଟକ ଡିସିପି ପିନାକ ମିଶ୍ର କହିଥିଲେ, ଜନଗହଳିକୁ ନିୟନ୍ତ୍ରଣ କରିବା ସହ ସୁରକ୍ଷାକୁ ଦୃଷ୍ଟିରେ ରଖି ୱାଚ୍ ଟାୱାର ନିର୍ମାଣ, ପାର୍କିଂ ସ୍ଥାନର ସମ୍ପ୍ରସାରଣ କରାଯିବ। ଏଥିସହ ଏନ୍‌ଡିଆର୍‌ଏଫ ଓ ଏସ୍‌ଡିଆର୍‌ଏଫ ଦଳ ମୁତୟନ କରାଯିବ ବୋଲି ସେ କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର କହିଥିଲେ, ବାଲିଯାତ୍ରା ପଡ଼ିଆରେ ସମନ୍ୱିତ ଡାକବାଜିଯନ୍ତ୍ର ବ୍ୟବସ୍ଥା, ଲିନିୟର ମାଇକିଂ ସିଷ୍ଟମର ସଂସ୍ଥାପନ, ସ୍ଥାନୀୟ ଖବରଦାତାମାନଙ୍କ ପାଇଁ ମିଡିଆ ଲାଉଞ୍ଜ ଓ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ମାଧ୍ୟମରେ ଉଭୟ ମୁଦ୍ରଣ ଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାର ପ୍ରସାର କରିବା ସହ ରାଜ୍ୟସ୍ତରୀୟ ଖବରଦାତାମାନଙ୍କ ନିମନ୍ତେ ସଂଚାଳିତ ଯାତ୍ରା ବ୍ୟବସ୍ଥା କରିବା ସପକ୍ଷରେ ସେ ମତବ୍ୟକ୍ତ କରିଥିଲେ।

ଏହି ବୈଠକରେ ଅତିରିକ୍ତ ଜିଲାପାଳ (ଉନ୍ନୟନ) ଉମାକାନ୍ତ ରାଜ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଅତିରିକ୍ତ ଜିଲାପାଳ ଶିବ ଟପୋ, କଟକ ସଦର ଉପଜିଲାପାଳ କମଲଜିତ୍ ଦାସ୍, ଆଠଗଡ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ବାଙ୍କୀ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି ଓ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ନିଜସ୍ୱ ମତ ବ୍ୟକ୍ତ କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବରିଷ୍ଠ ଯନ୍ତ୍ରୀମାନେ ବୈଠକରେ ଯୋଗଦେଇଥିଲେ।

## କାର୍ଯ୍ୟକ୍ଷମ ହେଲା ଛତ୍ରବଜାର ସହରାଞ୍ଚଳ ହାଟ

କଟକ,୩୧।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

**ଗୋଟିଏ ସ୍ଥାନରେ ସବୁ ବ୍ୟବସାୟୀ**

ଲୋକାର୍ପଣ ହେବାର ପ୍ରାୟ ଦେଢମାସ ପରେ କଟକ ଛତ୍ରବଜାର ସହରାଞ୍ଚଳ ହାଟ ମଙ୍ଗଳବାର କାର୍ଯ୍ୟକ୍ଷମ ହୋଇଛି। ଶତାଧିକ ବ୍ୟବସାୟୀ ଓ ଚାଷୀ ଗୋଟିଏ ସ୍ଥାନରେ ବ୍ୟବସାୟ କରିଛନ୍ତି। ଅପରପକ୍ଷେ ଗତ ସୋମବାର ପର୍ଯ୍ୟନ୍ତ ଖୋଲିଥିବା ପୁରୁଣା ହାଟ ଅର୍ଥାତ୍ ପୁରୁଣା ଛତ୍ରବଜାର ସମ୍ପୂର୍ଣ୍ଣ ଖାଁ ଖାଁ। ପ୍ରଥମ ଦିନରେ ନୂତନ ହାଟରେ ବ୍ୟବସାୟ କରିବା ପାଇଁ କାହାକୁ ପିଣ୍ଡି ମିଳିଛି ତ କିଏ ପୂର୍ବପରି ତଳେ ବସି ବେପାର କରୁଥିବା ଦେଖିବାକୁ ମିଳିଛି। ଛତ୍ରବଜାରର ଉଭୟ ପାର୍ଶ୍ୱରେ ଆଉ କୌଣସି ବ୍ୟବସାୟୀ ବସିବେ ନାହିଁ ବୋଲି ସୋମବାର ସିଏମ୍‌ସି ପକ୍ଷରୁ କୁହାଯାଇଥିଲା। ହେଲେ ହାଟରେ ପିଣ୍ଡି ସଂଖ୍ୟା ୫୪୮ ଥିବାବେଳେ ବ୍ୟବସାୟୀଙ୍କ ସଂଖ୍ୟା ୧ ହଜାରରୁ ଉର୍ଦ୍ଧ୍ୱ ରହିଛି। ଏପରିସ୍ଥଳେ ଅବଶିଷ୍ଟ ୩୦୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀଙ୍କୁ କିଭଳି ଥଇଥାନ କରାଯିବ ସେ ନେଇ ପ୍ରଶ୍ନ ଉଠିଥିଲା। ପିଣ୍ଡି ବଣ୍ଟନ ନେଇ ବିବାଦ ଦେଖାଦେବା ପରେ ସବୁ ବ୍ୟବସାୟୀଙ୍କୁ ହାଟ ପରିସରରେ ବସି ବ୍ୟବସାୟ କରିବାକୁ ଅନୁମତି ମିଳିଛି। ୫୪୮ ପିଣ୍ଡି ମଧ୍ୟରୁ ପର୍ଯ୍ୟାୟକ୍ରମେ ବ୍ୟବସାୟୀମାନେ ପିଣ୍ଡିରେ ବସିବେ ବୋଲି ନିଷ୍ପତ୍ତି ନିଆଯାଇଛି। ସିଏମ୍‌ସି ପକ୍ଷରୁ ଧାର୍ଯ୍ୟ ହୋଇଥିବା ମହାସୁଲ ବାବଦରେ ଗୋଟିଏ ପିଣ୍ଡି ପାଇଁ ବ୍ୟବସାୟୀ ୨୦ ଟଙ୍କା ଦେବେ। ବ୍ୟବସାୟୀମାନଙ୍କୁ ବସିବା, ପାନୀୟ ଜଳ ଏବଂ ବିଦ୍ୟୁତ୍ ସଂଯୋଗକୁ ନେଇ ଯେଭଳି କୌଣସି ଅସୁବିଧା ନ ହେବ ସେଥିପ୍ରତି ବିଭାଗୀୟ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ କୁହାଯାଇଛି।

ନଅଙ୍କ ଦୁର୍ଭିକ୍ଷ ପରେ ଛତ୍ରବଜାରରେ ବ୍ୟବସାୟୀମାନେ ପରିବା ବ୍ୟବସାୟ କରି ଆସୁଥିଲେ। ତାଳଦଣ୍ଡା କେନାଲ କୂଳ ପ୍ରାୟ ୨ କିମି ବ୍ୟାପୀ ରାସ୍ତାପାଶ୍ୱରେ ବ୍ୟବସାୟୀ ବେପାର କରି ଆସୁଥିଲେ। ପ୍ରତିଦିନ ଏଠାକୁ କଟକ ଓ ଆଖପାଖ ଅଞ୍ଚଳର ବହୁସଂଖ୍ୟକ ଗ୍ରାହକ ଏଠାରୁ ପରିବା କିଣୁଥିଲେ। ଲୋକଙ୍କ ସୁବିଧା ପାଇଁ ରାଜ୍ୟ ସରକାର ୧.୬୨ ଏକର ଜମିରେ ୩ କୋଟି ୨୨ ଲକ୍ଷ ଟଙ୍କା ବ୍ୟୟରେ ଏହି ସହାରାଞ୍ଚଳ ହାଟ ପ୍ରତିଷ୍ଠା କରିଛନ୍ତି। ସେପ୍ଟେମ୍ବର ୧୬ରେ ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଥିଲେ। କିନ୍ତୁ ହାଟ ପରିଚାଳନା ପାଇଁ ଗଠିତ ହୋଇଥିବା କମିଟି ଏବଂ ସିଏମ୍‌ସି ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ପ୍ରାୟ ଦେଢ ମାସ ପର୍ଯ୍ୟନ୍ତ ହାଟରେ ବ୍ୟବସାୟ ହୋଇପାରିଲା ନ ଥିଲା। ଏପରି କି ପିଣ୍ଡି ଆବଣ୍ଟନ ନେଇ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ହେଲେ ମଙ୍ଗଳବାର ସକାଳୁ ପ୍ରଶାସନ ସମସ୍ତ ବ୍ୟବସାୟୀଙ୍କୁ ରାସ୍ତାପାର୍ଶ୍ୱରୁ ଉଠାଇ ସହରାଞ୍ଚଳ ହାଟରେ ବସାଇବାରେ ସଫଳ ହୋଇଛି।



ଛତ୍ରବଜାର ସହରାଞ୍ଚଳ ହାଟରେ ଗ୍ରାହକମାନେ ପରିବା କିଣୁଛନ୍ତି।




ଗତିରାଉତପାଟଣାସ୍ଥିତ କେଶବଧାମ ସରସ୍ୱତୀ ବିଦ୍ୟାମନ୍ଦିରଠାରେ ରାଷ୍ଟ୍ରୀୟ ଖେଳକୁଦ ସମାରୋହ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ରାଷ୍ଟ୍ରୀୟ ଖେଳକୁଦ ସମାରୋହ ଉଦ୍‌ଯାପିତ

କଟକ,୩୧।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ଗତିରାଉତପାଟଣାସ୍ଥିତ କେଶବଧାମ ସରସ୍ୱତୀ ବିଦ୍ୟାମନ୍ଦିରଠାରେ ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ଆନୁକୂଲ୍ୟରେ ୩୪ତମ ରାଷ୍ଟ୍ରୀୟ ଖେଳକୁଦ (ଯୋଗାସନ) ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର ଡିନ୍ ଡ. ସଞ୍ଜୟ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଅଲମ୍ପିକ୍ ଖେଳରେ ଯୋଗର ଆବିର୍ଭାବ ବିଷୟରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ପତଞ୍ଜଳି ଯୋଗ ପୀଠ ଓଡ଼ିଶାର ପ୍ରଦେଶ ପ୍ରମୁଖ ସୁଧାଂଶୁ ଅଧିକାରୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଯୋଗର ପରିଭାଷା ବିଷୟରେ ବୁଝାଇଥିଲେ। ଶିକ୍ଷା ବିକାଶ ସମିତି ଓଡ଼ିଶାର ପୂର୍ବୋତ୍ତର ସଂଭାଗ ଅଧ୍ୟକ୍ଷ ଅମୂଲ୍ୟ ପ୍ରସାଦ ନାୟକ ଅତିଥି ପରିଚୟ ପ୍ରଦାନ, ବିଦ୍ୟାଳୟର କୋଷାଧ୍ୟକ୍ଷା ଇନ୍ଦୁମତୀ ଦାଶ ଧନ୍ୟବାଦ ଦେଇଥିଲେ। ରାଷ୍ଟ୍ରୀୟ ଖେଳକୁଦ ସମାରୋହର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା ଦିଲ୍ଲୀ ପ୍ରାନ୍ତର ସଙ୍ଗଠନ ମନ୍ତ୍ରୀ ରବି କୁମାର ଆଖିଳ ଯୋଗାସନକୁ ସର୍ବ ଭାରତୀୟ ସ୍ତରକୁ ନିଆଯିବା ସମ୍ପର୍କରେ କହିଥିଲେ। ଏହି ସମାରୋହରେ ଖେଳ ଅଧିକାରୀ ବିଭୂତି ଭୂଷଣ ଦାଶ, ସଂଘର ପ୍ରଚାରକ ବିଜୟ ଗଣେଶ କୁଲକର୍ଣୀ, ଶିକ୍ଷା ବିକାଶ ସମିତି ଓଡିଶାର ସଙ୍ଗଠନ ମନ୍ତ୍ରୀ ତାରକ ଦାସ ସରକାର, ଉତ୍ତର ପୂର୍ବ ସଂଭାଗର ସମ୍ଭାଗ ସଂଯୋଜକ ତୁଷାର ରଞ୍ଜନ ଦାଶ, ପୂର୍ବ କ୍ଷେତ୍ରର ଯୋଗ ସଂଯୋଜକ ମଧୁସୂଦନ ବାରିକ ଯୋଗଦେଇଥିଲେ।

## ମଡ୍ୟୁଲାର ଓଟିର ଯନ୍ତ୍ରାଂଶ ଯାଞ୍ଚ

କଟକ,୩୧।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଲିଭର ପ୍ରତିରୋପଣ ବ୍ୟବସ୍ଥା ନେଇ ଏସ୍‌ସିବି ମେଡିକାଲରେ ପ୍ରତିଦିନ ଯାଞ୍ଚ ଓ ବୈଠକ କରାଯାଉଛି। ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ ନେତୃତ୍ୱରେ ଦୀର୍ଘବର୍ଷ ତଳେ ନିର୍ମାଣ ହୋଇଥିବା ମଡ୍ୟୁଲାର ଓଟିର ଯନ୍ତ୍ରାଂଶ କିଭଳି ଅଛି ମଙ୍ଗଳବାର ତାହାର ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ସିଆର୍ମ, ଓଟି ଟେବୁଲ ଭଳି ଅନେକ ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡିଥିଲା। ସେଗୁଡିକ ତୁରନ୍ତ ମରାମତି କରାଯିବ ବୋଲି ନିଷ୍ପତି ନିଆଯାଇଛି। ଏଥିସହ ନିଦାନ ତଥା ପରୀକ୍ଷଣ ପାଇଁ କିଛି ନୂଆ ମେଶିନ୍‌ର ଆବଶ୍ୟକତା ଥିବାରୁ ସେଗୁଡିକର ତାଲିକା ପ୍ରସ୍ତୁତ କରାଯାଇ ଯୋଗାଣ ପାଇଁ ଓଏସ୍‌ଏମ୍‌ସିଏଲ୍‌କୁ ଚିଠି କରାଯାଇଥିବା ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, କିଛିଦିନ ତଳେ ମଡ୍ୟୁଲାର ଓଟିରେ ଲାଇଟ ଲଗାଯାଇଥିଲା। ସିଟି ସ୍କାନ୍‌ରେ ନୂଆ ସଫ୍ଟୱେର ଲଗାଯିବ। ଯାହାକି ଲିଭରର କାର୍ଯ୍ୟଧାରା କେମିତି ଚାଲିଛି ସେ ସମ୍ପର୍କରେ ସୂଚନା ଦେବା ସହ ଲିଭର ପ୍ରତିରୋପଣ ସମ୍ପର୍କରେ ବିଶେଷଜ୍ଞଙ୍କୁ ଅନେକ ସହାୟତା ପ୍ରଦାନ କରିବ।

## ଶିଳ୍ପ ନିର୍ଦ୍ଦେଶାଳୟରେ ଦୁର୍ନୀତି ନିବାରଣ ଶପଥପାଠ

କଟକ,୩୧।୧୦ (କାର୍ତ୍ତିକ ସାହୁ)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ କଟକ ଶିଳ୍ପ ନିର୍ଦ୍ଦେଶାଳୟରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶାଳୟର ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତିକୁ ନା' କହିବା, ଦେଶ ପ୍ରତି ସମର୍ପିତ ରହିବା, ବାର୍ତ୍ତାକୁ କାର୍ଯ୍ୟରେ କରିବା ସହ ଦାୟିତ୍ୱବାନ ପ୍ରଶାସନିକ ସେବା ଯୋଗାଇଦେବାକୁ ଶପଥ ନେଇଥିଲେ। ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲାମ ଏହି ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ନିର୍ଦ୍ଦେଶକ ମୀନା ବେହେରା, ପ୍ରଶାସନିକ ଅଧିକାରୀ ହରପ୍ରିୟା ଦାଶ ଉପସ୍ଥିତ ଥିଲେ।



ଶିଳ୍ପ ନିର୍ଦ୍ଦେଶାଳୟରେ ଦୁର୍ନୀତି ନିବାରଣ ପାଇଁ ଶପଥପାଠ କରାଯାଉଛି।

## ଖାଦ୍ୟ ସୁରକ୍ଷା, ସଂରକ୍ଷଣ ପ୍ରଶିକ୍ଷଣ ଶିବିର

କଟକ,୩୧।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

**ତାଲିମ ନେଲେ କ୍ଷୁଦ୍ର ବ୍ୟବସାୟୀ**

କଟକ ମହାନଗର ନିଗମ(ସିଏମ୍‌ସି) ଓ ଭାରତୀୟ ରାସ୍ତାକଡ଼ ବ୍ୟବସାୟୀ ରାଷ୍ଟ୍ରୀୟ ସଂଘ ସହଯୋଗରେ ମଙ୍ଗଳବାର ଦେଉଳିସାହିସ୍ଥିତ ମୋନାଲିସା ପ୍ୟାଲେସ୍‌ରେ ଖାଦ୍ୟ ସୁରକ୍ଷା ଓ ସଂରକ୍ଷଣ ସମ୍ପର୍କିତ ଏକ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସହରର ୧୦୦ରୁ ଉର୍ଦ୍ଧ୍ୱ ରାସ୍ତପାର୍ଶ୍ୱ କ୍ଷୁଦ୍ର ବ୍ୟବସାୟୀ ଯୋଗଦେଇଥିଲେ। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ତଥା ଖାଦ୍ୟ ସୁରକ୍ଷା ବିଭାଗ ମୁଖ୍ୟ ଡା. ସତ୍ୟବ୍ରତ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଉତ୍ତମ ଖାଦ୍ୟ ଗ୍ରାହକମାନଙ୍କୁ ବିକ୍ରିକରାଯିବା ସମ୍ପର୍କରେ ବ୍ୟବସାୟୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ବିଶେଷକରି ଖାଦ୍ୟକୁ ସଂରକ୍ଷିତ କରି ରଖାଯିବା ଓ ସଫାସୁତୁରା ସ୍ଥାନରେ ପ୍ରସ୍ତୁତ କରାଯିବା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏତଦ୍ ବ୍ୟତୀତ ଅନ୍‌ଲାଇନ୍ ମାଧ୍ୟମରେ ବ୍ୟବସାୟୀମାନେ କିପରି ସେମାନଙ୍କର ପ୍ରାପ୍ୟ ସୁବିଧାରେ ପାଇପାରିବେ, ଖାଦ୍ୟ ସୁରକ୍ଷା ଆଇନ ବିଷୟରେ ଅବଗତ ହେବେ, ନିଜ ବ୍ୟବସାୟ ପ୍ରତିଷ୍ଠାନ ଓ ଆଖପାଖ ସ୍ଥାନକୁ ପରିଷ୍କାର ରଖିବେ, ଖାଦ୍ୟ ସଂସ୍ପର୍ଶରେ ଆସିବା ପୂର୍ବରୁ ହାତକୁ ଭଲ ଭାବରେ ସଫା କରିବେ, ଖାଦ୍ୟ ତିଆରି ପାଇଁ ବିଶୁଦ୍ଧ ଜଳ ବ୍ୟବହାର କରିବା ପାଇଁ ଉପସ୍ଥିତ ପ୍ରଶିକ୍ଷକମାନେ ବୁଝାଇଥିଲେ। ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା କହିଥିଲେ, ସୁରକ୍ଷିତ ଆହାର ସ୍ୱାସ୍ଥ୍ୟର ଆଧାର। ଖାଦ୍ୟର ନିରାପତ୍ତା ଉପରେ ଷ୍ଟ୍ରିଟ୍ ଭେଣ୍ଡରମାନେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଥିଲେ। ପରେ ଶିବିରରେ ଭାଗ ନେଇଥିବା ବ୍ୟବସାୟୀଙ୍କୁ ପ୍ରଶିକ୍ଷଣ ସଂକ୍ରାନ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।



ପ୍ରଶିକ୍ଷଣ ଶିବିରରେ ଅଧିକାରୀଙ୍କ ସହ କ୍ଷୁଦ୍ର ବ୍ୟବସାୟୀମାନେ।

## ଭଗବାନ ଜୟସିଂହ ପାଇଲେ ଗୋଦାବରୀଶ ମିଶ୍ର ସମ୍ମାନ

କଟକ,୩୧।୧୦ (କାର୍ତ୍ତିକ ସାହୁ)



ସାରଳା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ଡ. ଭଗବାନ ଜୟସିଂହଙ୍କୁ ପଣ୍ଡିତ ଗୋଦାବରୀଶ ମିଶ୍ର ସମ୍ମାନ ପ୍ରଦାନ କରାଯାଉଛି।

**ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ, ସମ୍ମାନ ପ୍ରଦାନ ସମାରୋହ**

ସାରଳା ସାହିତ୍ୟ ସଂସଦ ପକ୍ଷରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ ସପ୍ତାହ ଅବସରରେ ଏକ ସାରସ୍ୱତ ଉତ୍ସବ କଟକ ସାରଳା ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଜଷ୍ଟିସ ଦୁର୍ଗାପ୍ରସନ୍ନ ଚୌଧୁରୀ ଉଦ୍‌ଘାଟନ କରି କହିଥିଲେ, ଗୋଦାବରୀଶ ଥିଲେ ସତ୍ୟବାଦୀ ଯୁଗ ସାହିତ୍ୟର ଜଣେ ଶ୍ରେଷ୍ଠ ବିଦ୍ଧାଣୀ। ସାଧାରଣ ଜୀବନରେ ଗୋଦାବରୀଶ ଜଣେ ତ୍ୟାଗୀ, ସାଧୁ, ନୀତିନିଷ୍ଠ ଓ କର୍ମନିଷ୍ଠ ବ୍ୟକ୍ତିତ୍ୱ ଥିଲେ। ମୁଖ୍ୟ ଅତିଥି ଲୋକସେବକ ମଣ୍ଡଳର ଓଡ଼ିଶା ଶାଖା ମୁଖ୍ୟ ନିରଞ୍ଜନ ରଥ କହିଥିଲେ, ଗୋଦାବରୀଶ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସୁଯୋଗ୍ୟ ସହକର୍ମୀ ଭାବରେ ତାଙ୍କ ଆଦର୍ଶରେ ଦୀକ୍ଷିତ ହୋଇଥିଲେ। ସମ୍ମାନିତ ଅତିଥି ପ୍ରଜ୍ଞାରତ୍ନ ସହଦେବ ସାହୁ କହିଥିଲେ, ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ଶିକ୍ଷାର ପ୍ରସାର କ୍ଷେତ୍ରରେ ଗୋଦାବରୀଶଙ୍କ ଅବଦାନ ଅବିସ୍ମରଣୀୟ। ବିଶିଷ୍ଟ ଅତିଥି ପ୍ରଫେସର ସତ୍ୟନାରାୟଣ ପଣ୍ଡା ବକ୍ତବ୍ୟରେ ଗୋଦାବରୀଶଙ୍କୁ ଜଣେ ଆଦର୍ଶ ଶିକ୍ଷାବିତ୍ ଓ ମହାନ ସଂସ୍କାରକ ରୂପେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ଡ. ପ୍ରମୋଦ କୁମାର ଦାଶ କହିଥିଲେ, ଗୋଦାବରୀଶଙ୍କ ଗାଥାକବିତା, ଉପନ୍ୟାସ ଓ ନାଟକ ମଧ୍ୟରେ ପ୍ରାଣର ସରସତା ଓ ଅନ୍ତଃଦୃଷ୍ଟିର ଗଭୀରତା ସ୍ପଷ୍ଟ ପ୍ରତିବିମ୍ବିତ। ସଭାପତି ଡ. ସ୍ୱାଇଁ ତାଙ୍କ ଭାଷଣରେ ଗୋଦାବରୀଶଙ୍କୁ ଜଣେ ସ୍ୱାଭିମାନୀ ପୁରୁଷ ଭାବେ ବର୍ଣ୍ଣନା କରିଥିଲେ।

ଏହି ଅବସରରେ କବି ଡ. ଭଗବାନ ଜୟସିଂହଙ୍କୁ ପଣ୍ଡିତ ଗୋଦାବରୀଶ ମିଶ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦିଆଯାଇଥିଲା। ଗୋଦାବରୀଶ ମିଶ୍ରଙ୍କ ପୌତ୍ର ତଥା ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର, ତାଙ୍କ ସହଧର୍ମିଣୀ ସୁପ୍ରମା ମିଶ୍ର, ଦୁଇକନ୍ୟା କାଜଲ ମିଶ୍ର ଓ ଶୀତଲ ମିଶ୍ର ଏହି ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ସଂସଦ ପକ୍ଷରୁ ପ୍ରକାଶିତ କବି ମନୀଷୀ ପଣ୍ଡିତ ଗୋଦାବରୀଶ ପୁସ୍ତକର ଦ୍ୱିତୀୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ସମ୍ପାଦକ ଡା. ନିରଞ୍ଜନ ତ୍ରିପାଠୀ, ଡ. ଚୌଧୁରୀ ସତ୍ୟ ଦାସ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ, ଅଧ୍ୟାପକ ଗୋପୀନାଥ ପଣ୍ଡା ମାନପତ୍ର ପାଠ ଓ ଅଧ୍ୟାପକ ବିରଞ୍ଚି କୁମାର ସାହୁ ଧନ୍ୟବାଦ ଦେଇଥିଲେ।

**ବଟି ମାଗିବା ଅଭିଯୋଗ: ପପୁ ଗିରଫ**

**ପୁରୀ:** ଦୋକାନୀମାନଙ୍କୁ ମାରଣାସ୍ତ୍ର ଦେଖାଇ ସେମାନଙ୍କଠାରୁ ଜୋରଜବରଦସ୍ତ ଦାଦାବଟି ମାଗିବା ଅଭିଯୋଗରେ ପୁରୀ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ଟାଉନ ଥାନା ଅର୍ନ୍ତଗତ ଧାନକୁଟି ସାହିର ଧୀରେନ୍ଦ୍ର ନାଥ ବରାଳ ଓରଫ ପପୁ। ପୋଲିସ ଏ ନେଇ କେସ୍ ନମ୍ବର୍ ୩୩୫/୨୩ରେ ଏକ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ମେଡିକାଲରେ ଡ୍ୟୁଟି ଚାର୍ଟ ଲଗାଯିବାକୁ ଦାବିପତ୍ର

**ପୁରୀ, ୩୧।୧୦(ଅଜିତ ମହାନ୍ତି):** ଜିଲା ମୁଖ୍ୟ ଚିକିତ୍ସାଳୟରେ ନିୟମିତ ଡ୍ୟୁଟି ଚାର୍ଟ ଲଗାଯାଉ ନ ଥିବାରୁ ଲୋକେ ସମସ୍ୟାରେ ପଡୁଥିବା ଅଭିଯୋଗ କରି ସାମାଜିକ କର୍ମୀ ଦିଲୀପ ବରାଳ ମଙ୍ଗଳବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ତାଙ୍କ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ନିୟମିତ ଡ୍ୟୁଟି ଚାର୍ଟ ଲଗାଯାଉନାହିଁ। ଯାହାଫଳରେ କେଉଁ ଡାକ୍ତରଙ୍କ କେତେବେଳେ ଡ୍ୟୁଟି ତାହା ରୋଗୀମାନେ ଜାଣିପାରୁନାହାନ୍ତି। ଅପରପକ୍ଷରେ ଡ୍ୟୁଟି ଚାର୍ଟ ନ ଲାଗିବାରୁ ଡାକ୍ତରମାନେ ଡ୍ୟୁଟି ଠିକ ଭାବେ କରିପାରୁନାହାନ୍ତି। ଏପରିକି, ଅଚାନକ ଡାକ୍ତର କେବଳ ଉପସ୍ଥାନ ରେଜିଷ୍ଟାର ଦସ୍ତଖତ କରିବା ପାଇଁ ଆସି ଅଳ୍ପ ସମୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହି ଘରକୁ ଫେରୁଛନ୍ତି ସେହିପରି ଅନେକ ଡାକ୍ତର ସପ୍ତାହକୁ ଦୁଇରୁ ତିନି ଦିନ କେବଳ ସକାଳ ବେଳା ଡ୍ୟୁଟି କରୁଛନ୍ତି। ଅପରାହ୍ନରେ ଡ୍ୟୁଟି ନ କରି ନିଜ ଘରେ ରୋଗୀ ଦେଖି ଅର୍ଥ ରୋଜଗାର କରୁଛନ୍ତି। ତେଣୁ ରୋଗୀଙ୍କ ଅବଗତି ନିମନ୍ତେ ଡ୍ୟୁଟି ଚାଟ ଲଗାଯାଉ ବୋଲି ବରାଳ ଦାବି କରିଛନ୍ତି।

### ଆର୍ଥିକ ସାକ୍ଷରତା, ଅନ୍ତର୍ଭୁକ୍ତୀକରଣ ଶିବିର

**ପୁରୀ, ୩୧।୧୦(ଅଜିତ୍ ମହାନ୍ତି):** ଜିଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ଆନୁକୂଲ୍ୟରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତ କରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପିପିଲି ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରରେ ବ୍ଲକ ଉନ୍ନୟନ ଅଧିକାରୀ ସରୋଜ କୁମାର ରାଉତ ସଭାପତିତ୍ୱ କରିବା ସହ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ବିଭୂତି ଭୂଷଣ ନାୟକ ସରକାରଙ୍କ ବିଭିନ୍ନ ଆର୍ଥିକ ଯୋଜନା, ବୀମା ଯୋଜନା ଓ ତା'ର ସୁଫଳ ଉପରେ ଆଲୋକପାତ କରିଥିଲେ। ପୁରୀ ଡାକ ବିଭାଗର ଅଧୀକ୍ଷକ ରତନ ଜେନା କହିଥିଲେ। ଲୋକେ କିପରି ସେମାନଙ୍କର କଷ୍ଟ ଉପାର୍ଜିତ ଧନକୁ କିପରି ଡାକଘରେ ଓ ବିଭିନ୍ନ ପ୍ରକାର ସ୍ୱୀକୃତିପ୍ରାପ୍ତ ବ୍ୟାଙ୍କଗୁଡ଼ିକରେ ଜମା ରଖିବାକୁ ପରାମର୍ଶ ଦେଇଥିଲେ। ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ସିନିଅର ମ୍ୟାନେଜର ପ୍ରତ୍ୟୁଷ କୁମାର ସ୍ୱାଇଁ ପୋଷ୍ଟାଲର ଡିଜିଟାଲ କାରବାର ଉପରେ ଗୁରୁତ୍ୱାରୋପ ଦେବା ସହିତ ପ୍ରତି ପଞ୍ଚାୟତରେ କିପରି ବ୍ୟାଙ୍କ ସେବା ପହଞ୍ଚାଯାଇପାରିବ ଓ ଲୋକେ କିପରି ଠକାମିରୁ ନିଜକୁ ନିବୃତ୍ତ ରଖିପାରିବେ ସେ ବିଷୟରେ ସୂଚନା ଦେଇଥିଲେ। ଆସିଷ୍ଟାଣ୍ଟ ବିଡିଓ ଶୈଳବାଳା ତ୍ରିପାଠୀ ବ୍ଲକ ଓ ଜିଲା ସ୍ତରରେ ମିଳୁଥିବା ସରକାରଙ୍କ ଦେୟମୁକ୍ତ କୁପନ ସମ୍ପର୍କରେ ଅବଗତ କରିଥିଲେ। ଜିଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ବିଭୂତି ଭୂଷଣ ନାୟକ ସଭା ପରିଚାଳନା କରିଥିଲେ। ପ୍ରାୟ ୧୦୦ ଜଣ ଅଙ୍ଗନୱାଡ଼ି କର୍ମୀ ଓ ସ୍ୱୟଂ ସହାୟକ ସଭ୍ୟା ଉପସ୍ଥିତ ଥିଲେ।

# ବଢୁଛି କାଠ ମାଫିଆଙ୍କ ଦୌରାତ୍ମ୍ୟ

**କୋଣାର୍କ, ୩୧।୧୦(ଜ୍ୟୋତିରାଜ ମହାନ୍ତି)**

## ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନି

### ବାଲୁଖଣ୍ଡ ଅଭୟାରଣ୍ୟର ସବୁଜିମା ଫେରାଇ ଆଣିବାକୁ ଦାବି

ପୁରୀ ବନ୍ୟପ୍ରାଣୀ ବନଖଣ୍ଡର କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ଦୀର୍ଘ ୮୪ ବର୍ଗ କିଲୋମିଟର ପରିସୀମା ମଧ୍ୟରେ ଅବସ୍ଥିତ। ୧୯୯୯ ମହାବାତ୍ୟାରେ ଏହି ସୁଦୀର୍ଘ ଅଭୟାରଣ୍ୟ ଜଙ୍ଗଲଟିରେ ଥିବା ବହୁ ପ୍ରାଚୀନ ଔଷଧୀୟ ବୃକ୍ଷରାଜି ଓ ବିରାଟକାୟ ପୁରାତନ ଗଛ ଉପୁଡ଼ିପଡ଼ିଥିଲା। ଏହି ଗଛଗୁଡ଼ିକ କୋଣାର୍କ ତଥା ଆଖପାଖ ଅଞ୍ଚଳର ଜନବସତିକୁ ସୁରକ୍ଷା ପ୍ରଦାନ ଦିଗରେ ବିଶେଷ ସହାୟକ ହେଉଥିଲା। ମାତ୍ର ଏହି ପ୍ରାଚୀନ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲର ପୁନରୁଦ୍ଧାର ପାଇଁ ବନବିଭାଗ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନ କରିବା ଯୋଗୁଁ ମହାବାତ୍ୟାର ୨୪ ବର୍ଷ ପରେ ମଧ ବାଲୁଖଣ୍ଡ ଅଭୟାରଣ୍ୟ ସବୁଜିମା ବଦଳରେ ଶ୍ରୀହୀନ ଅବସ୍ଥାରେ ରହିଛି। ଇକୋ ଡେଭେଲପମେଣ୍ଟ କମିଟି ମାଧମରେ ଚାରାରୋପଣ କାର୍ଯ୍ୟକ୍ରମ କରିଥିଲେ ମଧ ଅଧିକାଂଶ ବୃକ୍ଷ ଯତ୍ନ ଅଭାବରୁ ନଷ୍ଟ ହୋଇଯାଇଛି ବୋଲି ପରିବେଶବିତ ଓ ପ୍ରକୃତିପ୍ରେମୀ ମହଲରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ପ୍ରାଚୀନ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ ଥିବା ଗଛଗୁଡ଼ିକୁ କାଠ ମାଫିଆମାନେ କାଟି ନେଉଥିବା ବେଳେ ଦିନକୁ ଦିନ ଅଭୟାରଣ୍ୟ ଶ୍ରୀହୀନ ହେବାକୁ ବସିଲାଣି। ଏହି ଅଭୟାରଣ୍ୟ ଜଙ୍ଗଲର ସବୁଜିମା ଫେରାଇ ଆଣିବା ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟବରାଦ କରାଯାଉଥିବା ବେଳେ କୋଣାର୍କ ବନବିଭାଗର ଦାୟିତ୍ୱହୀନତା ଓ ଖାମଖିଆଲି ମନୋଭାବ ଯୋଗୁଁ ସମ୍ଭବପର ହୋଇପାରୁ ନାହିଁ ବୋଲି ପ୍ରକୃତିପ୍ରେମୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ମହାବାତ୍ୟା ପରେ ଲଗାଯାଇଥିବା ଚାରାଗୁଡ଼ିକ ମଧ୍ୟରୁ ୩୦ଭାଗ ବିରାଟକାୟ ବୃକ୍ଷରେ ପରିଣତ ହୋଇଥିବା ବେଳେ ୭୦ଭାଗ ଚାରା ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଯାଇଛି। ସେହିପରି କୋଣାର୍କ ବନବିଭାଗ ଅଧିନସ୍ଥ ରାମଚଣ୍ଡୀ, ବାଲିକପିଳେଶ୍ୱର ଓ କୋଣାର୍କ ଅଞ୍ଚଳର ଅଧିକାଂଶ ଇଡିସି ଅଞ୍ଚଳରେ କାଠ ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଏଣୁ ପୁରାତନ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଔଷଧୀୟ ଗଛ ସମେତ ମୂଲ୍ୟବାନ ଗଛ ଲଗାଇ ସବୁଜିମାଭରା ଅଭୟାରଣ୍ୟ ସୃଷ୍ଟି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ପରିବେଶବିତ ଓ ପ୍ରକୃତିପ୍ରେମୀ ମହଲରେ ଦାବି ହୋଇଛି।



ସାକ୍ଷୀଗୋପାଳ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକମାନେ ଏକତାର ଶପଥ ନେଉଛନ୍ତି।

# ୩ହଜାର ୩ଶହ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ନେଲେ

### ବିଜେଡିର ନିର୍ବାଚନମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




୩ ଅତିଥିଙ୍କୁ ବିଧାୟକ ସମୀର ରଞ୍ଜନ ଦାଶ ସମ୍ବର୍ଦ୍ଧିତ କରୁଛନ୍ତି।

**ନିମାପଡ଼ା,୩୧।୧୦(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ନିମାପଡ଼ାଠାରେ ଆୟୋଜିତ ୩ ଦିନିଆ ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୁଖୀ ଜନକଲ୍ୟାଣକାରୀ ଯୋଜନାକୁ ପ୍ରଚାର କରିବା, ସାଧାରଣ ନିର୍ବାଚନରେ ନିମାପଡ଼ା ସମେତ ସମଗ୍ର ରାଜ୍ୟରେ ବିଜେଡିର ବିଜୟ ଧ୍ୱଜା ଉଡ଼ାଇବା, ପୁନର୍ବାର ୬ଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ଓ ନିମାପଡ଼ାରେ ୪ର୍ଥ ଥର ପାଇଁ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରାଇବା ଦିଗରେ କାର୍ଯ୍ୟକର୍ତ୍ତାମାନେ ନିଷ୍ଠାର ସହ କାମ କରିବାକୁ ଦାଶ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେଡି କାର୍ଯ୍ୟାଳୟ ଶଙ୍ଖ ଭବନରୁ ଆସିଥିବା ସୋସିଆଲ ମିଡିଆର ଅଧ୍ୟକ୍ଷ ସ୍ୱୟଂ ପ୍ରକାଶ ମିଶ୍ର, ପ୍ରଶିକ୍ଷାର୍ଥୀ ମଧୁସ୍ମିତା ନାୟକ, ଇପ୍ସିତା ସାହୁ ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପଧ୍ୟକ୍ଷା ଅନସୂୟା ମହାନ୍ତି, ବରିଷ୍ଠ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ଏନ୍ଏସିର ଏମ୍‌ପିଙ୍କ ପ୍ରତିନିଧି ସନାତନ ପ୍ରଧାନ, ଯୁବନେତା ସନ୍ତୋଷ ଓଝା, ବିଜୟ ପଟ୍ଟନାୟକ, ଅଜୟ ସ୍ୱାଇଁ, ଚନ୍ଦନ ସ୍ୱାଇଁ, ସତ୍ୟଜିତ୍ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଏହି ୩ ଦିନିଆ ପ୍ରଶିକ୍ଷଣ ଶିବିରରେ ନିମାପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ନିମାପଡ଼ା ଓ ଗୋପ ବ୍ଲକର ୪୬ଟି ପଞ୍ଚାୟତ ଓ ଏନ୍ଏସିର ୩ ହଜାର ୩ଶହ କାର୍ଯ୍ୟକର୍ତ୍ତା ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଶିବିର ଆଗାମୀ ସାଧାରଣ ନିର୍ବାଚନରେ ବହୁଳ ଭାବେ ସହାୟକ ହେବ। ପ୍ରଶିକ୍ଷଣ ନେଇଥିବା କାର୍ଯ୍ୟକର୍ତ୍ତାମାନେ ଲଢୁଆ ସୈନିକ ଭାବେ କାର୍ଯ୍ୟ କରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ବିଜେଡି ପକ୍ଷରୁ ବିଧାୟକ ଦାଶ ରାଜ୍ୟ ବିଜେଡି କାର୍ଯ୍ୟାଳୟରୁ ଅତିଥି ଭାବେ ଯୋଗଦେଇଥିବା ୩ଜଣ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# 'ଏକତା ଭାବ ରହିଲେ ଦେଶ ବିଭାଜିତ ହେବ ନାହିଁ'

**ସାକ୍ଷୀଗୋପାଳ, ୩୧।୧୦ (ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ):** ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୯ ତମ ଜୟନ୍ତୀ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ସତ୍ୟ ଶିବ ସୁନ୍ଦର ମିଶ୍ର ସଭାରେ ସଭାପତିତ୍ୱ କରି କହିଥିଲେ, ସମ୍ପ୍ରତି ଛାତ୍ରୀଛାତ୍ରମାନେ ହେଉଛନ୍ତି ଦେଶ ଗଠନର ମୁଖ୍ୟ ବିନ୍ଧାଣି। ସେମାନଙ୍କ ମଧ୍ୟରେ ଏକତାର ଭାବ ରହିଲେ ଦେଶରେ ବିଭାଜିତ ଭୂଖଣ୍ଡ ରହିବ ନାହିଁ। ଏହି ଅବସରରେ ଅଧ୍ୟାପିକା ସସ୍ମିତା ପ୍ରଧାନ ବେଦପାଠ କରିଥିବାବେଳେ ଅଧ୍ୟାପିକା ଶୁଭ୍ରାଦୀପ୍ତା ପଟ୍ଟନାୟକ ଶପଥପାଠ କରାଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ପ୍ର. ମନୋଜ କୁମାର ପରିଡ଼ା, ପ୍ର. ସୁଜାତା ମହାପାତ୍ର, ପ୍ର. ସସ୍ମିତା ପ୍ରଧାନ, ପ୍ର. ସ୍ୱର୍ଣ୍ଣଲତା ମାହାରୀ ଛାତ୍ରୀଛାତ୍ରମାନଙ୍କୁ ଏକତା ଦିବସ ଓ ସର୍ଦ୍ଦାର ପଟେଲଙ୍କ ଦେଶ ଗଢ଼ିବାରେ ଅବଦାନ ସମ୍ବନ୍ଧରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। ପ୍ରଫେସର ରତ୍ନାକର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ତୀର୍ଥଯାତ୍ରା ଯୋଜନା: ସାମିଲ ହେବେ ପୁରୀର ୩୧୭

**ପୁରୀ, ୩୧।୧୦ (ଅଜିତ ମହାନ୍ତି)**

ଚଳିତ ବର୍ଷ ତୀର୍ଥ ଯାତ୍ରା ଯୋଜନାରେ ପୁରୀ ଜିଲାରୁ ଦୁଇ ପର୍ଯ୍ୟାୟରେ ଯାତ୍ରୀମାନେ ହରିଦ୍ୱାର ଋଷିକେଶ ଓ ତିରୁପତି ଭେଲୋର ଯିବା କାର୍ଯ୍ୟକ୍ରମ ରହିଛି। ପ୍ରଥମ ପର୍ଯ୍ୟାୟରେ ନଭେମ୍ବର ୨୩ରୁ ୨୮ ତାରିଖ ପର୍ଯ୍ୟନ୍ତ ୧୫୯ ଜଣ ହରଦ୍ୱାର- ଋଷିକେଶ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୫୮ଜଣ ଫେବୃୟାରୀ ୮ରୁ ୧୩ ପର୍ଯ୍ୟନ୍ତ ତିରୁପତି-ଭେଲୋର ପରିଭ୍ରମଣର ବ୍ୟବସ୍ଥା କରାଯାଇଛି। ଏହି ଯାତ୍ରାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ତୀର୍ଥଯାତ୍ରୀଙ୍କ ସମସ୍ତ ସୁବିଧା ଓ ଶୃଙ୍ଖଳିତ ଭାବେ ଯିବା ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ ବିସ୍ତୃତ ସୂଚନା ଦେଇ ନଭେମ୍ବର ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନଲାଇନ yatra.odisha.gov.in ମାଧ୍ୟମରେ ଆଗ୍ରହୀ ବ୍ୟକ୍ତି ନାମ ପଞ୍ଜୀକରଣ କରିପାରିବେ ବୋଲି କହିଥିଲେ। ସଂପୃକ୍ତ ବ୍ୟକ୍ତିଙ୍କ ବୟସ ୬୦ରୁ ୭୫ ମଧ୍ୟରେ ହେବା ସହ ଶାରୀରିକ ଭାବେ ସକ୍ଷମ ହୋଇଥିବେ। ସମସ୍ତ ଆବେଦନର ଯାଞ୍ଚ ପରେ ଲଟେରୀ ମାଧ୍ୟମରେ ଯାତ୍ରୀମାନଙ୍କୁ ଚୟନ କରାଯିବ। ପ୍ରଥମ ପର୍ଯ୍ୟାୟ ଲଟେରୀ ପରେ ଅବଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଲଟେରୀ ମାଧ୍ୟମରେ ଦ୍ୱିତୀୟ ପର୍ଯ୍ୟାୟ ତୀର୍ଥଯାତ୍ରୀ ପାଇଁ ଯାତ୍ରୀ ଚୟନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ବୈଠକରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଆର୍‌ଟିଓ ରବିନ ପଟ୍ଟନାୟକ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁପ୍ରମୁଖ ଉପସ୍ଥିତ ଥିଲେ।

### ରାଷ୍ଟ୍ରୀୟ ଏକତା ଅକ୍ଷୁର୍ଣ୍ଣ ରଖିବାକୁ ଶପଥ

**ପୁରୀ, ୩୧।୧୦(ଅଜିତ୍ ମହାନ୍ତି):** ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ମଙ୍ଗଳବାର ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗଦେଇ ସରକାରୀ କର୍ମଚାରୀମାନଙ୍କୁ ଦେଶର ସୁରକ୍ଷା, ଅଖଣ୍ଡତା ଓ ଏକତା ବଜାୟ ରଖିବାକୁ ଶପଥ ପାଠ କରାଇଥିଲେ। ଦେଶର ସୁରକ୍ଷା ଏବଂ ଅଖଣ୍ଡତା ପାଇଁ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦୂରଦୃଷ୍ଟି ଓ କାର୍ଯ୍ୟଶୈଳୀ ଏହି ରାଷ୍ଟ୍ରୀୟ ଏକତାକୁ ସମ୍ଭବ ଓ ସମୃଦ୍ଧ କରିପାରିଥିଲା ବୋଲି ସେ କହିଥିଲେ। ସେହିପରି ଉକ୍ତ ଦିନ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ହୋଇଥିବାରୁ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ. ଶରତ ଚନ୍ଦ୍ର ମହାପାତ୍ର, ଆର୍‌ଟିଓ ରବିନ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଶପଥ ପାଠ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# 'ପ୍ରତି ଘରେ ପହଞ୍ଚିବ କଂଗ୍ରେସ'



ବୈଠକରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନେ।

**ପିପିଲି, ୩୧।୧୦ (ପ୍ରଭାତ କୁମାର ମହାପାତ୍ର) :** ପିପିଲି ବ୍ଲକ ସଁପୁର ପଞ୍ଚାୟତର ବାସୁପୁରସ୍ଥିତ ଜଗେଶ୍ୱରୀ ମନ୍ଦିର ପରିସରରେ ବରିଷ୍ଠ କଂଗ୍ରେସ ନେତା ବିଶ୍ୱରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଯୋଗ ଦେଇଥିଲେ। ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ କଂଗ୍ରେସକୁ କ୍ଷମତାକୁ ଆଣିବା ସହିତ କଂଗ୍ରେସ କିଭଳି ତାହାର ପୁରୁଣା ଗଡ଼କୁ ଫେରିବ ତାହାକୁ ନେଇ ମାନସ ମନ୍ଥନ ହୋଇଥିଲା। ପିପିଲି-ଡେଲାଙ୍ଗ ଅଞ୍ଚଳରେ ପ୍ରତି ଗାଁରେ ଥିବା କଂଗ୍ରେସ କର୍ମୀଙ୍କୁ ସାଥିରେ ନେଇ ଘରେ ଘରେ ପହଞ୍ଚିବା ସହ ଆଗାମୀ ସାଧାରଣ ନିର୍ବାଚନରେ ଦଳ କିପରି ବିଜୟୀ ହେବ ସେଥିପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସ କର୍ମୀମାନେ ଘରକୁ ଘର ବୁଲି ଜନସାଧାରଣଙ୍କୁ କିପରି କଂଗ୍ରେସରେ ସାମିଲ କରାଇବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀରେ କଂଗ୍ରେସ ନେତା ଭରତ ଜେନା, ସୁରେନ୍ଦ୍ର ସେଠୀ, ବାବୁ ମହାପାତ୍ର, ରବୀନ୍ଦ୍ର ପଲେଇ, ଦେବ ପରିଡ଼ା, ରତନ କୁମାର ଜେନା, ଦେବରାଜ ସାହୁ, ଭରତ ଚନ୍ଦ୍ର ମହାରଣା, ଭରତ ସାହୁ, ଦେବରାଜ ଖଟେଇଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବୈଠକ

**ପୁରୀ, ୩୧।୧୦(ଅଜିତ୍ ମହାନ୍ତି)**

ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସାଧାରଣ ବୈଠକ ସଭାପତି ପ୍ରଫେସର ଲକ୍ଷ୍ମୀଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାର ପେନସନଭୋଗୀଙ୍କ ପାଇଁ ବର୍ଦ୍ଧିତ ପେନ୍‌ସନ୍ ୬୫ ବର୍ଷରୁ ଲାଗୁ କରନ୍ତୁ। ୬୫ ବର୍ଷରୁ ୫, ୭୦ ବର୍ଷରୁ ୧୦, ୭୫ ବର୍ଷରୁ ୧୫ ଏବଂ ୮୦ ବର୍ଷରୁ ୨୦ ପ୍ରତିଶତ ପେନ୍‌ସନ୍ ପ୍ରଦାନ କରିବା ଦାବି ଏପର୍ଯ୍ୟନ୍ତ ପୂରଣ ହୋଇ ନ ଥିବାରୁ ବୈଠକରେ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ୧୯୪୩ ମସିହାରେ ସିଂହଦ୍ୱାରଠାରେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଅବସ୍ଥାପିତ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର କରି ସେଠାରେ ପୋଲିସ ନିୟନ୍ତ୍ରଣ କକ୍ଷ ନିର୍ମାଣ କରାଯିବାକୁ ସଂଘ ନିନ୍ଦା କରିଛି। ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉପଯୁକ୍ତ ସ୍ଥାନରେ ସ୍ଥାପନ କରିବାକୁ ସଂଘର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଜିଲା ପ୍ରଶାସନ ନିକଟରେ ଦାବି ରଖିଛନ୍ତି। ଉତ୍କଳମଣିଙ୍କ ଜନ୍ମପୀଠ ସୁଆଣ୍ଡୋ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମାଗାର ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ବିଶ୍ରାମାଗାର ନିର୍ମାଣ କରାଯିବାକୁ ସଂଘ ଦାବି କରିଛି। ବୈଠକରେ ପ୍ୟାରୀମୋହନ ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ସାହୁ, ସନ୍ତୋଷ କୁମାର ମହାନ୍ତି, ମନୋଜ କୁମାର ସାମନ୍ତରାୟ, ଲକ୍ଷ୍ମୀଧର ମିଶ୍ର, ମୀନତି ହୋତା, ଆଶାଲତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରମେଶ ଚନ୍ଦ୍ର ବଳିଆରସିଂହ ଧନ୍ୟବାଦ ଦେଇଥିଲେ।




ବୈଠକରେ ଉପସ୍ଥିତ ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସଦସ୍ୟମାନେ।

# ସଂସ୍କୃତି, ସଂସ୍କୃତ ସମନ୍ୱୟରେ ଭାରତ ମହିମାମୟ ହେଉ

### ବେଦ-କର୍ମକାଣ୍ଡ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

**ପୁରୀ, ୩୧।୧୦(ଅଜିତ ମହାନ୍ତି)**

ସଂସ୍କୃତି ଓ ସଂସ୍କୃତର ସମନ୍ୱୟରେ ଭାରତ ମହିମାମୟ ହେଉ ବୋଲି ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି କହିଛନ୍ତି। ଶ୍ରୀଜଗନ୍ନାଥ ବେଦ-କର୍ମକାଣ୍ଡ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ମହାନ୍ତି ଯୋଗଦେଇ କହିଥିଲେ, ବିଜ୍ଞାନ ଯେତେ ଉନ୍ନତ ହେଲେ ମଧ ଆଧାତ୍ମିକ ଚେତନାର ମହାମନ୍ତ୍ର ସଂସ୍କୃତ ଭାଷା ରହିଛି ଓ ରହିବ। ଏହି ଅବସରରେ ଜରାଜୀର୍ଣ୍ଣ ବିଦ୍ୟାଳୟକୁ ଅଭିନବ ଓ ମହାମହିମ କରିବାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଜଗବନ୍ଧୁ ମିଶ୍ରଙ୍କ ଯୋଗଦାନ ସ୍ମରଣୀୟ ବୋଲି ସେ ପ୍ରକାଶ କରିଥିଲେ। ପରିଚାଳନା କମିଟି ଅଧ୍ୟକ୍ଷ ପ୍ରଫେସର କିଶୋର ଚନ୍ଦ୍ର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଶିଳ୍ପୋଦ୍ୟୋଗୀ ତାରିଣୀ ପ୍ରସାଦ ମହାନ୍ତି, ମହିଳା ଓ ଶିଶୁ ବିକାଶ ଅଧ୍ୟକ୍ଷା ମେଜର କଳ୍ପନା ଦାସ ଯୋଗଦେଇ ମହାବିଦ୍ୟାଳୟର ବିକାଶ ପାଇଁ ସମସ୍ତ ଆଲୁମ୍ନି ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ବଦ୍ରି ମିଶ୍ର ଯୋଗଦେଇ କହିଥିଲେ, ଏକ ଦୁର୍ନୀତିମୁକ୍ତ ଓ ବିକଶିତ ଭାରତ ପାଇଁ ଏବେ ଶହ ଶହ ଚାଣକ୍ୟଙ୍କ ଆବଶ୍ୟକତା ରହିଛି। ଏହି ମହାବିଦ୍ୟାଳୟ ଗଠନରେ ପ୍ରାକ୍ତନ ଶଙ୍କରାଚାର୍ଯ୍ୟ ଭାରତୀକୃଷ୍ଣ, ମୁକ୍ତିମଣ୍ଡପ ପଣ୍ଡିତସଭା, ଜିଲା ପ୍ରଶାସନ ବିଶେଷକରି ୫-ଟି ବିଭାଗର ସହଯୋଗ ନେଇ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଉତ୍ସବରେ ପରିଚାଳନା କମିଟି ସଭ୍ୟ ପ୍ରକାଶ ମିଶ୍ର, ବିଭୂତି ଭୂଷଣ ସେଠୀ ଓ ଆଲୁମନି କମିଟି ସଭ୍ୟ ତଥା ଚିକିତ୍ସକ ରାଧେଶ୍ୟାମ ରଥ ଯୋଗଦେଇଥିଲେ। ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଦ୍ଧବକୁଳ ମଠାଧୀଶ ଶ୍ରୀନିବାସ ଦାସ, ରାଧାବଲ୍ଲଭ ମଠାଧୀଶ ରାମକୃଷ୍ଣ ଦାସଙ୍କ ସମେତ ୧୦ଜଣ ମଠାଧୀଶ, ପ୍ରଫେସର ଦେବୀ ରଥ, ବଂଶୀଧର ପ୍ରଧାନ, ସୂର୍ଯ୍ୟମଣି ରଥ, ଧର୍ମେନ୍ଦ୍ର ସିଂହଦେଓ, ନିରଞ୍ଜନ ମିଶ୍ର, ଅଧ୍ୟାପକ କମଳ କୁମାର ଦାଶ, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ମିନାକ୍ଷୀ ମିଶ୍ର, ରଞ୍ଜନ କୁମାର ଉଦ୍‌ଗାତିଆ, ସୁଶାନ୍ତ ରାଜ, ଜୟକୃଷ୍ଣ ମିଶ୍ର, ପଣ୍ଡିତ ସତ୍ୟନାରାୟଣ ଦାଶଙ୍କ ସମେତ ୭୫ ଜଣ ଶିକ୍ଷାବିତ୍ ଓ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଭିଷେକ ମିଶ୍ର, ଦୀପକ ଶତପଥୀ, ଫଣିଭୂଷଣ ମିଶ୍ର, କାର୍ତ୍ତିକ ପଣ୍ଡା, ରାକେଶ ଶତପଥୀ, ସରସ୍ୱତୀ ପ୍ରଧାନ, ପିଙ୍କି ସାହୁ ଏବଂ ରଶ୍ମି କିଶାନଙ୍କୁ ଅତିଥିମାନେ ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ। ଏହି ଅବସରରେ ଶବଦାହ, ବୃକ୍ଷରୋପଣ ଓ ରକ୍ତଦାନରେ ରେକର୍ଡ କରିଥିବା ସମାଜସେବୀ ବଦ୍ରି ମିଶ୍ରଙ୍କୁ ଅତିଥିମାନେ 'ସେବା ଶିରୋମଣି'ସମ୍ମାନ ପ୍ରଦାନ କରିଥିଲେ। ସୁବର୍ଣ୍ଣ ଜୟନ୍ତୀର ଏହି ସମାରୋହକୁ ପ୍ରାତଃକାଳରେ ରାମକୃଷ୍ଣ ମିଶନର ଅଧ୍ୟକ୍ଷ ସ୍ୱାମୀ ଆପ୍ତେଶ୍ୱରାନନ୍ଦଜୀ ମହାରାଜ ଉଦ୍‌ଘାଟନ କରିଥିବା ବେଳେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ଉପାଧ୍ୟକ୍ଷ ଉମାବଲ୍ଲଭ ମହାପାତ୍ର ଓ ବିକ୍ରମଦେବ ମହାବିଦ୍ୟାଳୟ ପଶ୍ଚିମବଙ୍ଗର ଅଧ୍ୟକ୍ଷ ଦେବୀ ରଥ ଅତିଥି ଭାବେ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ସଂଯୋଜନା କରିଥିବା ବେଳେ ସମସ୍ତ କାର୍ଯ୍ୟକ୍ରମକୁ ଡ. ହରପ୍ରିୟା ଦାଶ ଏବଂ ଅନ୍ୟମାନେ ସଞ୍ଚାଳନ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

# କୃଷିମନ୍ତ୍ରୀଙ୍କ ନାଁରେ ସାଇବର ଠକେଇ

**କଟକ,୩୧।୧୦ (କାର୍ତ୍ତିକ ସାହୁ)**

## ମୋବାଇଲ, ୪୬,୫୦୦ ଟଙ୍କା ଜବତ: କିନ୍ନର ଗିରଫ

- ଫୋନ୍‌ପେରେ ଟଙ୍କା ଦେଇଥିଲେ ନର୍ସିଂହୋମ ମାଲିକ
- ଟାର୍ଗେଟରେ ନର୍ସିଂହୋମ, ହୋଟେଲ, ରେଷ୍ଟୁରାଣ୍ଟ
- ଗୁଗ୍‌ଲ ସର୍ଚ୍ଚରୁ ମିଳୁଥିଲା ଫୋନ୍ ନମ୍ବର

ସାଇବର ଠକମାନେ ଦିନକୁ ଦିନ ଭିନ୍ନ ତରିକାରେ ଲୋକଙ୍କୁ ଫସାଇବାର ମଉକା ଆପଣାଉଛନ୍ତି। ଏପରି କି ଓଡ଼ିଶାର କୃଷିମନ୍ତ୍ରୀଙ୍କ ନାମରେ କଟକର ଜଣେ ନର୍ସିଂହୋମ ମାଲିକଙ୍କଠାରୁ ଟଙ୍କା ଲୁଟି ନେବାରେ ସକ୍ଷମ ହୋଇଛନ୍ତି ସାଇବର ଲୁଟେରା। ଏଭଳି ଏକ ଘଟଣାରେ କଟକ ସାଇବର ଥାନା ପୋଲିସ ଜଣେ ଅଭିଯୁକ୍ତ କିନ୍ନରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଅନୁଗୋଳ ଜିଲା କିଶୋରନଗର ଥାନା ଅଞ୍ଚଳର ସୌମ୍ୟ ରଞ୍ଜନ ପ୍ରଧାନ ଓରଫ ଲକି ଓରଫ ସୁଲଗ୍ନା (୩୦)। ପୋଲିସ ତାଙ୍କଠାରୁ ଦୁଇଟି ମୋବାଇଲ ଫୋନ୍, ଦୁଇଟି ବେନାମୀ ସିମ୍ କାର୍ଡ ସହ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅଚଳ କରି ରଖାଯାଇଥିବା ୪୬,୫୦୦ ଟଙ୍କାକୁ ଜବତ କରିଛି।

ମାମଲାର ବିବରଣୀ ଅନୁସାରେ, ଗତ ସେପ୍ଟେମ୍ବର ୭ରେ କଟକର ଉକ୍ତ ଘରୋଇ ନର୍ସିଂହୋମ୍ ମ୍ୟାନେଜରଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ଅପରପାର୍ଶ୍ୱରୁ ବ୍ୟକ୍ତି ଜଣକ ନିଜକୁ ଓଡ଼ିଶା କୃଷିମନ୍ତ୍ରୀଙ୍କ ପି.ଏ. ବୋଲି ପରିଚୟ ଦେଇ ମନ୍ତ୍ରୀ ଏକ ଜରୁରୀ କଥା ହେବାକୁ ଚାହୁଁଛନ୍ତି ବୋଲି କହିଥିଲେ। ପରେ ନର୍ସିଂହୋମ ମ୍ୟାନେଜର ଏ ସମ୍ପର୍କରେ ମାଲିକଙ୍କୁ ଜଣାଇଲେ। ଏହା କୌଣସି ରୋଗୀର ଚିକିତ୍ସା ସମ୍ପର୍କିତ ହୋଇଥିବାରୁ ଜରୁରୀ ମନେ କରି ମାଲିକ ତାଙ୍କ ବ୍ୟକ୍ତିଗତ ଫୋନ୍‌ରୁ ଉକ୍ତ ନମ୍ବରକୁ ଫୋନ୍ କଲେ। ଅପରପକ୍ଷରୁ ସାଇବର ଠକ ନିଜ କଣ୍ଠସ୍ୱରକୁ କୃଷିମନ୍ତ୍ରୀଙ୍କ ସ୍ୱର ଭଳି କରି କଥା ହୋଇଥିଲେ। ମା’ ଶିବାନୀ ଦୁର୍ଗା ନାମ୍ନୀ ଜଣେ ଧର୍ମପରାୟଣା ମହିଳା ଉକ୍ତ ନର୍ସିଂହୋମ୍‌କୁ ଆସିବାକୁ ଚାହୁଁଛନ୍ତି କହି ଫୋନ୍ ଅନ୍ୟ ଜଣକ ହାତକୁ ଦେଇଥିଲେ। ଅପରପାର୍ଶ୍ୱରୁ ମା’ ଶିବାନୀ ଦୁର୍ଗା ପରିଚୟ ଦେଇ ତାଙ୍କର ପୂଜା ପାଇଁ ୩୧ କେଜି ଘିଅ ଦରକାର ଓ ଏଥିପାଇଁ ୪୬,୦୦୦ ଟଙ୍କା ଦେବାକୁ ହସ୍ପିଟାଲ ମାଲିକଙ୍କୁ ପ୍ରବର୍ତ୍ତାଇ ଥିଲେ। ମାଲିକ ଜଣକ ବ୍ୟସ୍ତ ଥିବାରୁ ଉକ୍ତ ମୋବାଇଲ୍ ସମ୍ପର୍କରେ ଯାଞ୍ଚ ନ କରି ଠକ ଦେଇଥିବା ଫୋନ୍ ପେ’ ନମ୍ବରକୁ ଏକାଧିକ ଥରରେ ୪୬,୫୦୦ ଟଙ୍କା ପଠାଇ ଦେଇଥିଲେ। ପରେ ସେ ଉକ୍ତ ନମ୍ବର ଯାଞ୍ଚ କରିବାରୁ ତାହା କୌଣସି ମନ୍ତ୍ରୀ କିମ୍ବା ପିଏଙ୍କର ହୋଇ ନ ଥିବା ଜାଣିବାକୁ ପାଇଥିଲେ। ସେ ଠକାମିର ଶିକାର ହୋଇଥିବା ହୃଦ୍‌ବୋଧ କରି ଉକ୍ତ ମୋବାଇଲ ନମ୍ବରକୁ କଲ୍ କରିଥିଲେ। ହେଲେ ତାହା ସୁଇଚ୍ ଅଫ୍ ଥିଲା। ଏ ନେଇ ସେ ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୭/୨୩) ରୁଜୁ କରି ତଦନ୍ତ କରିଥିଲା। ତେବେ ଅଭିଯୁକ୍ତ କିନ୍ନର ସୌମ୍ୟ ରଞ୍ଜନ ୨ ବର୍ଷ ପୂର୍ବେ ଦିଲ୍ଲୀ ଯାଇ ସାଇବର ଠକେଇରେ ଟଙ୍କା ଲୁଟିବାର କୌଶଳ ଶିଖିଥିଲେ। ସେ ଓଡ଼ିଶା ଆସି କିନ୍ନର ଗ୍ରୁପ୍ ସହ କୃଷିମନ୍ତ୍ରୀଙ୍କ ନିକଟକୁ ଅର୍ଥ ସାହାଯ୍ୟ ଆଣିବାକୁ ଯାଇଥିଲେ। ସେଠାରୁ କୃଷିମନ୍ତ୍ରୀଙ୍କ କଥା କହିବାର ଶୈଳୀ ଶିଖିଥିଲେ। କିଛିଦିନ ପରେ ସେ କେତେକ ବେନାମୀ ସିମ୍ ଯୋଗାଡ଼ କରିଥିଲେ। ଏଥିସହ ଭୁବନେଶ୍ୱର, ଭଦ୍ରକ, ଅନୁଗୋଳ ଓ ପୁରୀ ଅଞ୍ଚଳରୁ କେତେଜଣ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ସଂଗ୍ରହ କରି ଏହି କାରବାର ଚଳାଇଥିଲେ। ବିଶେଷକରି ଗୁଗ୍‌ଲରୁ ଘରୋଇ ହସ୍ପିଟାଲ, ହୋଟେଲ ଓ ରେଷ୍ଟୁରାଣ୍ଟର ଫୋନ୍ ନମ୍ବର ସଂଗ୍ରହ କରି ଏଭଳି ଅପରାଧ ଘଟାଇବାର ଯୋଜନା ପ୍ରସ୍ତୁତ କରୁଥିଲେ। ଏଭଳି ଠକାମି ଜରିଆରେ ଅଦ୍ୟାବଧି ପ୍ରାୟ ୧୦୦ ଲୋକଙ୍କଠାରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିନେଇଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି। ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

## ଆଜି କ’ଣ କେଉଁଠି

**ଭୁବନେଶ୍ୱର**

- ଦାଦି ସନ୍ଦେଶୀଜୀଙ୍କ ୧୬ତମ ପୁଣ୍ୟତିଥି ଅବସରରେ କାର୍ଯ୍ୟକ୍ରମ, ତିରୁମଲା ତିରୁପତି କଲ୍ୟାଣୀ ମଣ୍ଡପ, ଜୟଦେବ ବିହାର ଛକ, ପୂର୍ବାହ୍ନ ୧୦ଟା ୩୦।
- ରମାଦେବୀ ମହିଳା ବିଦ୍ୟାଳୟର ଛାତ୍ରୀମିଳନ, ବିଶ୍ୱବିଦ୍ୟାଳୟ ପରିସର, ମଧ୍ୟାହ୍ନ ୧୨ଟା ୩୦।
- ଉତ୍କଳ ଡ୍ୟାନ୍ସ ଆଣ୍ଡ ରିସର୍ଚ୍ଚ ଏକାଡେମୀ ପକ୍ଷରୁ ୨୦ତମ କୁମାର ଉତ୍ସବ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୫ଟା।
- ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟକ ‘ଯାନ୍ତ୍ରିକ’, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ପ୍ରଫେସର ଗଙ୍ଗାଧର ବଳ ସ୍ମୃତିସନ୍ଧ୍ୟାରେ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କୁ ଗଙ୍ଗାଧର ବଳ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

## ଅଚିହ୍ନା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ

**କଟକ ସଦର,୩୧।୧୦(ସୁଶାନ୍ତ କୁମାର ଜେନା)**

କିଶନ ନଗର ଥାନା ଅନ୍ତର୍ଗତ ମାହାଳ ହାଟ ନିକଟ ଏକ ଗଛରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ମଙ୍ଗଳବାର ସକାଳେ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ମୃତକ ଜଣଙ୍କ ଶାର୍ଟ ଓ ପ୍ୟାଣ୍ଟ ପିନ୍ଧିଥିବାବେଳେ ବୟସ ପ୍ରାୟ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୯/୨୩) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ରଶ୍ମୀରଞ୍ଜନ ଦାଶ କହିଛନ୍ତି।

## ୭୦ ଆମ୍ବୁଲାନ୍ସ କିଣିବାକୁ ରାଜ୍ୟ ସରକାରଙ୍କ ଅନୁମୋଦନ

**ଭୁବନେଶ୍ୱର, ୩୧।୧୦(ଅସମାପିକା ସାହୁ):** ଜରୁରୀକାଳୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଆଉ ୭୦ ଆମ୍ବୁଲାନ୍ସ କିଣିବାକୁ ଅନୁମୋଦନ ଦେଇଛନ୍ତି। ଏଥିରେ ୩୦ଟି ଏଏଲ୍‌ଏସ୍(ଆଡ଼ଭାନ୍ସଡ୍ ଲାଇଫ୍ ସପୋର୍ଟ) ଏବଂ ୪୦ଟି ବିଏଏଲ୍‌ଏସ୍(ବେସିକ ଲାଇଫ୍ ସପୋର୍ଟ) ଆମ୍ବୁଲାନ୍ସ ରହିଛି। ଏ ନେଇ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ସମସ୍ତ ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ, ସମସ୍ତ ଜିଲାର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଏହି ଆମ୍ବୁଲାନ୍ସଗୁଡ଼ିକ ଘରୋଇ ହସ୍ପିଟାଲକୁ ରେଫର ହୋଇଥିବା ବିଏସ୍‌କେୱାଇ ରୋଗୀକୁ ନେବା, ଜେଲ୍ ଡ୍ୟୁଟି, ଭିଆଇପି ଡ୍ୟୁଟି ଏବଂ ସ୍ୱତନ୍ତ୍ର ଡ୍ୟୁଟିରେ ବ୍ୟବହାର କରାଯିବ। ସିଫ୍ଟ ଅନୁସାରେ ଦିନକୁ ଦୁଇଜଣ ଡ୍ରାଇଭର, ଇଏମ୍‌ଟି, ହେଲ୍‌ପର ରହିବେ। ଏମାନଙ୍କୁ ନିଯୁକ୍ତି ପାଇଁ ତୁରନ୍ତ ନଭେମ୍ବର ସୁଦ୍ଧା ସମସ୍ତ ପ୍ରକ୍ରିୟା ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ବାଣ ଗୋଦାମରେ ବିସ୍ଫୋରଣ, ଜଣେ ଗୁରୁତର

- ବାଣ ଭିଡୁଥିବା ବେଳେ ଅଘଟଣ
- ଲାଇସେନ୍ସ ନେଇ ତଦନ୍ତ ଚାଲିଛି

**ବାଲିପାଟଣା,୩୧।୧୦ (ଅଭିମନ୍ୟୁ ନାୟକ)**

ଦୀପାଳବଳୀ ପାଇଁ ବେଆଇନ ବାଣ କାରବାର ବଢ଼ିଚାଲିଛି। ଲୁଚାଛପାରେ ଗାଁ ଗାଁରେ ବାଣଭିଡ଼ା ଚାଲିଛି। ଏଥିପ୍ରତି ପୋଲିସ ନଜର ଦେଉ ନ ଥିବାରୁ ଅନେକ ସମୟରେ ବିସ୍ଫୋରଣ ଘଟି ଧନଜୀବନ ହାନି ଘଟୁଛି। ଘଟଣାକ୍ରମେ, ମଙ୍ଗଳବାର ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଧୀନ ଝିଣ୍ଟି ଜୈନାବାଦ ଗ୍ରାମ ନିକଟ ଏକ ଗୋଦାମ ଘରେ ବାଣ ଭିଡ଼ାଯାଉଥିବା ବେଳେ ବିସ୍ଫୋରଣ ଘଟିଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବୁଟୁ ପଣ୍ଡା। ଚିକିତ୍ସା ପାଇଁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ଝିଣ୍ଟି ଜୈନାବାଦ ଗ୍ରାମ ନିକଟ ଗୋଦାମ ଘରେ ୪ଜଣ ବାଣ ଭିଡୁଥିଲେ। ଏହି ସମୟରେ କୌଣସି କାରଣରୁ ଗୋଦାମରେ ଅଗ୍ନିକାଣ୍ଡ ଘଟି ବିସ୍ଫୋରଣ ଘଟିଥିଲା। ଗୋଦାମରେ ଗୋଟିକ ପରେ ଗୋଟିଏ ବାଣ ଫୁଟିବାରେ ଲାଗିଥିଲା। ଫଳରେ ବାଣ ଭିଡୁଥିବା ଜଣେ ପୋଡ଼ିହୋଇ ଗୁରୁତର ହୋଇଥିବା ବେଳେ ଅନ୍ୟ ୩ଜଣ କୌଶଳକ୍ରମେ ସେଠାରୁ ଖସି ପଳାଇଥିଲେ। ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ପୋଲିସ ଓ ଅଗ୍ନିଶମ ସେବା ସଂସ୍ଥାକୁ ଖବର ଦେଇଥିଲେ। ବାଲିପାଟଣା ଅଗ୍ନିଶମ କର୍ମଚାରୀ, ପୋଲିସ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ଏଥିସହ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ଏହି ବାଣ ଗୋଦାମର ଲାଇସେନ୍ସ ଅଛି କି ନାହିଁ ତାହା ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି କହିଛନ୍ତି।



ବିସ୍ଫୋରଣ ପରେ ଲାଗିଥିବା ନିଆଁ ଓ କ୍ଷତିଗ୍ରସ୍ତ ଘର।

## ଲାଞ୍ଚ ମାମଲା: ଭିଜିଲାନ୍ସ ଅଦାଲତରେ ଏଏସ୍‌ଆଇ ଦଣ୍ଡିତ

**କଟକ,୩୧।୧୦ (କାର୍ତ୍ତିକ ସାହୁ)**

ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ ଗାରୋଇ ଫାଣ୍ଡିର ପୂର୍ବତନ ପୋଲିସ ଏଏସ୍‌ଆଇ ଦୀପ୍ତିରଞ୍ଜନ ମହାପାତ୍ର ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ତାଙ୍କୁ ୨ ବର୍ଷ ଜେଲଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଏକ ମାମଲାରେ ତଦନ୍ତକାରୀ ଅଧିକାରୀ ଥାଇ ଶୀଘ୍ର ତଦନ୍ତ ନିମନ୍ତେ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ଗ୍ରହଣ ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସେ ଏବେ ପାରାଦୀପ ଜେଏମ୍‌ଏଫ୍‌ସି କୋର୍ଟ ସବ୍‌ଇନ୍ସପେକ୍ଟରଙ୍କ ଅଧୀନରେ କାର୍ଯ୍ୟରତ। ଭିଜିଲାନ୍ସ ଏ ସମ୍ପର୍କରେ ପ୍ରାଧିକୃତ ଅଧିକାରୀଙ୍କୁ ଦଣ୍ଡାଦେଶ ନେଇ ଜଣାଇବା ସହ ଚାକିରିରୁ ବହିଷ୍କୃତ କରିବାକୁ ସୁପାରିଶ କରିବେ। କଟକ ଡିଭିଜନ ଭିଜିଲାନ୍ସର ପୂର୍ବତନ ଡିଏସ୍‌ପି ମହମ୍ମଦ ଜୋହିଦ୍ ହୁସେନ୍ ମାମଲାର ତଦନ୍ତ କରିଥିଲେ। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାକେଶ ସାହୁ ମାମଲା ପରିଚାଳନା କରୁଥିଲେ।

## ମାଛ ଧରିବାକୁ ଯାଇ ଧୀବର ମୃତ

**ଅସ୍ତରଙ୍ଗ,୩୧।୧୦ (ମମତା ଜେନା/ ପ୍ରଦୀପ୍ତ କୁମାର ଦୀକ୍ଷିତ):** ଅସ୍ତରଙ୍ଗ ଦେବୀ ମୁହାଣକୁ ମାଛ ଧରିବାକୁ ଯାଇଥିବା ନୂଆକାଳିଆକଣର ଧୀବର ପୀତବାସ ବେହେରା (୫୮) ଡଙ୍ଗାରୁ ଖସିପଡି ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ବି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ସୋମବାର ନୂଆକାଳିଆକଣରୁ ୫ ଜଣ ମାଛ ଧରିବାକୁ ଦେବୀନଦୀର ମୁହାଣ ନିକଟକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୭ଟା ସମୟରେ ପୀତବାସ ବେହେରା ଡଙ୍ଗାରୁ ଖସିପଡ଼ିଥିଲେ। ସାଥୀ ଧୀବରମାନେ କିଛି ସମୟ ଖୋଜାଖୋଜି କରିବା ପରେ ଚେତାଶୂନ୍ୟ ଅବସ୍ଥାରେ ପୀତବାସଙ୍କୁ ପାଇଥିଲେ। ସେଠାରୁ ତାଙ୍କୁ କୂଳକୁ ଅଣାଯିବା ପରେ ଗୁରୁତର ଅବସ୍ଥାରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ସେଠାରେ ପୀତବାସଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ସଙ୍କଟାପନ୍ନ ହୋଇପଡ଼ିବାରୁ ତାଙ୍କୁ ଚାରିଛକ ମେଡିକାଲ ଓ ଶେଷରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୀତବାସଙ୍କ ମୃତ ଶରୀର ଗ୍ରାମକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଥିବା ଜଣାଯାଇଛି।

# କୋର୍ଟରେ ହାଜର ହେଲେନି ପ୍ରତାପ ଜେନା

## ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ

**ମାହାଙ୍ଗା ଡବଲ ମର୍ଡର ଘଟଣା**
**ନିଶ୍ଚିନ୍ତକୋଇଲି/ମାହାଙ୍ଗା(ଅଶୋକ କୁମାର ମହାପାତ୍ର/ଯଯାତି ସିଂ) ୩୧।୧୦**

ବହୁଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ଘଟଣାରେ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ହେବାକୁ ସ୍ୱତନ୍ତ୍ର ମେସେଞ୍ଜର ଜରିଆରେ ତାଙ୍କ ସରକାରୀ ବାସଭବନକୁ ସମନ ପଠାଯାଇଥିଲା। ହେଲେ ପ୍ରତାପ ଅସୁସ୍ଥତା କାରଣ ଦର୍ଶାଇ ମଙ୍ଗଳବାର କୋର୍ଟରେ ହାଜର ହୋଇନାହାନ୍ତି। ନିଜ ଓକିଲଙ୍କ ଜରିଆରେ ସିଆର୍‌ପିସି ୨୦୫ ଧାରା ଅନୁସାରେ ବ୍ୟକ୍ତିଗତ ହାଜିରାରୁ ବାଦ୍ ଦେବା ପାଇଁ କୋର୍ଟରେ ଆବେଦନ କରିଛନ୍ତି। ଏହାକୁ ପ୍ରତିପକ୍ଷ ଓକିଲ ବିରୋଧ କରିବାରୁ ହାଜର ଅବଧିକୁ ଅଧିକ ୨ ସପ୍ତାହ ବଢ଼ାଇବାକୁ ସମୟ ମାଗିଛନ୍ତି। ଏହି ଆବେଦନକୁ ଗ୍ରହଣ ନ କରିବା ସହ ମୂଳ ଜିଆର୍ କେସରେ ପ୍ରତାପଙ୍କ ନାମ ଯୋଡ଼ିବା ପାଇଁ ପ୍ରତିପକ୍ଷ ଓକିଲ ପିଟିଶନ ଦାଖଲ କରିଛନ୍ତି। କୋର୍ଟ ଉଭୟ ପକ୍ଷ ଓକିଲଙ୍କ ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖିଛନ୍ତି। ବୁଧବାର ଏହାର ଶୁଣାଣି କରାଯିବ ବୋଲି କୋର୍ଟ ପକ୍ଷରୁ କୁହାଯାଇଛି। ପ୍ରତାପ ଜେନାଙ୍କ ପକ୍ଷରୁ ଆଇନଜୀବୀ ମିଳନ କାନୁନଗୋ ଓ ତାଙ୍କ ସହଯୋଗୀ ସିଦ୍ଧାର୍ଥ ପଟ୍ଟନାୟକ ଯୁକ୍ତି ବାଢ଼ିଥିବାବେଳେ ପ୍ରତିପକ୍ଷ ଓକିଲ ପ୍ରବୀଣ କାନୁନ୍‌ଗୋ ନିଜ ପକ୍ଷ ରଖିଥିଲେ। ଅପରପକ୍ଷେ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟର ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ପ୍ରତାପ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି।



ମାହାଙ୍ଗା ଥାନା ଅଧୀନ ନୃତାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ୨୦୨୧ ଜାନୁୟାରୀ ୨ରେ ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ମାହାଙ୍ଗା ବିଧାୟକ ତଥା ତତ୍କାଳୀନ ଆଇନ ମନ୍ତ୍ରୀ ପ୍ରତାପଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ରୁଜୁ କରିଥିବା ମାମଲାରେ ପ୍ରତାପଙ୍କ ନାମ ଅଭିଯୁକ୍ତ ତାଲିକାର ୧୩ ନମ୍ବରରେ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୋଲିସ ତାଙ୍କ ନାମକୁ ଚାର୍ଜଶିଟରୁ କାଟି ଦେଇଥିଲା। ଏହାକୁ ବିରୋଧ କରି ମୃତ କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟରେ ମାମଲା ନଂ.୨୧୭/୨୧ରେ ଏକ ପ୍ରୋଟେଷ୍ଟ ପିଟିଶନ ଦାଏର କରିଥିଲେ। ବିଚାରପତି ଉକ୍ତ ମାମଲାର ଶୁଣାଣି କରି ପ୍ରତାପଙ୍କ ବିରୋଧରେ ଆସିଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଘଟଣାରେ ଜଡ଼ିତ ଥିବା ପ୍ରତାପଙ୍କ ପିଏ ଉମାକାନ୍ତ ବିଶ୍ୱାଳ(ବାପି) ଓ ତତ୍କାଳୀନ ମାହାଙ୍ଗା ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ନାୟକଙ୍କ କଲ୍ ରେକର୍ଡ ସମେତ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୃତ ପ୍ରଫୁଲ୍ଲ ବିଶ୍ୱାଳଙ୍କ ସିଡିଆର ଦାଖଲ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବାରମ୍ବାର କୋର୍ଟକୁ ସମୟ ମାଗି ତତ୍କାଳୀନ ଥାନା ଅଧିକାରୀ ଅଡୁଆରେ ପଡିଥିଲେ। ଏହାପରେ ଥାନା ଅଧିକାରୀଙ୍କୁ ବ୍ୟକ୍ତିଗତଭାବେ ହାଜର ହୋଇ ତଥ୍ୟ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ପୋଲିସ ଚାର୍ଜଶିଟ ଓ କଲ ରେକର୍ଡ ସମେତ ମାମଲାର ଦସ୍ତାବିଜ କୋର୍ଟରେ ଦାଖଲ କରିଥିଲା। ଇତିମଧ୍ୟରେ ରମାକାନ୍ତଙ୍କ ମୃତ୍ୟୁ ପରେ ତାଙ୍କ ଭାଇ ରଞ୍ଜିତ କୁମାର ବରାଳ ପୁନର୍ବାର ରିଭ୍ୟୁ ପିଟିଶନ ଦାଖଲ କରିଥିଲା। ସାକ୍ଷୀପ୍ରମାଣ ଓ ମାମଲାର ପାରିପାର୍ଶ୍ୱିକ ଅବସ୍ଥାକୁ ଆଖି ଆଗରେ ରଖି ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ୧୫।୯।୨୩ରେ ବିଧାୟକ ପ୍ରତାପ ଜେନାଙ୍କ ନାମରେ ଆଇପିସି ଦଫା ୩୦୨,୫୦୬,୧୦୨ରେ ମାମଲା ଚାଲୁ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେ ବିଧାୟକ ହୋଇଥିବାରୁ ଏହି ମାମଲାକୁ ସାଲେପୁରରୁ ଭୁବନେଶ୍ୱର ଆଡିଶିନାଲ ଡିଷ୍ଟ୍ରିକ୍ଟ ସେସନ ଜଜ୍ କମ୍ ସ୍ପେଶାଲ କୋର୍ଟ ଭୁବନେଶ୍ୱରକୁ ସ୍ଥାନାନ୍ତର କରିବା ପାଇଁ ଆଦେଶ ଦେଇଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅଭିଜିତ୍



@ ଅଜିତ



@ ରାକେଶ



@ ସୌମ୍ୟ



@ ବ୍ରଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ୫ମ ପର୍ଯ୍ୟାୟରେ ୪୦ ପେପରଲେସ୍ କୋର୍ଟ ଉଦ୍‌ଘାଟିତ




ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ଅନ୍ୟମାନେ।

**କଟକ,୩୧।୧୦ (କାର୍ତ୍ତିକ ସାହୁ)**

ହାଇକୋର୍ଟ ପକ୍ଷରୁ ୫ମ ପର୍ଯ୍ୟାୟରେ ୪୦ଟି ପେପରଲେସ୍ କୋର୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ହାଇକୋର୍ଟ ବିଚାରପତି କୃଷ୍ଣରାମ ମହାପାତ୍ର, ବିଚାରପତି ଡ. ସଞ୍ଜିବ କୁମାର ପାଣିଗ୍ରାହୀଙ୍କ ସମେତ ଅନ୍ୟ ବିଚାରପତି, ଜିଲାକୋର୍ଟର ବିଚାରପତି ଓ ବିଚାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଦ୍ୟାବଧି ରାଜ୍ୟର ଜିଲାସ୍ତରରେ ପେପରଲେସ୍ କୋର୍ଟ ସଂଖ୍ୟା ୧୯୯ରେ ପହଞ୍ଚିଲା।

## ସଂକ୍ଷେପରେ

### ହବିଷିଆଳିଙ୍କ ମୁଣ୍ଡ ଫାଟିଲା

ପୁରୀ, ୩୧।୧୦(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯାଉଥିବା ଜଣେ ହବିଷିଆଳି ତଳେ ପଡ଼ିଯିବାରୁ ତାଙ୍କର ମୁଣ୍ଡ ଫାଟିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ହବିଷିଆଳି ଜଣଙ୍କ ହେଲେ ଗଞ୍ଜାମର ସରୋଜିନୀ ମିଶ୍ର (୬୮)। ସୂଚନା ଅନୁଯାୟୀ, ସରକାରଙ୍କ ପକ୍ଷରୁ କରାଯାଇଥିବା ଶିବିରରେ ରହି ସରୋଜିନୀ କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ସେ ମଙ୍ଗଳବାର ମହାପ୍ରଭୁଙ୍କ ଦର୍ଶନ କରିବାକୁ ଶ୍ରୀମନ୍ଦିର ଯାଇଥିଲେ। ସେଠାରୁ ଦର୍ଶନ ସାରି ଫେରିବା ସମୟରେ ଅରୁଣସ୍ତମ୍ଭ ନିକଟରେ ପ୍ରବଳ ଗହଳି କାରଣରୁ ପଡ଼ିଯାଇଥିଲେ। ତାଙ୍କ ପଛପଟ ମୁଣ୍ଡରେ ଆଘାତ ଲାଗିଥିଲା। ମୁଣ୍ଡ ଫାଟିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ଉଦ୍ଧାର କରି ମେଡିକାଲକୁ ନିଆଯାଇଥିଲା।

### ହବିଷିଆଳିଙ୍କୁ ଠକି ଦଲାଲ ଧରାପଡ଼ିଲେ

ପୁରୀ, ୩୧।୧୦(ଅଜିତ ମହାନ୍ତି)

କାର୍ତ୍ତିକ ମାସରେ ପୁରୀରେ ଦଲାଲ ସକ୍ରିୟ ହୋଇଉଠିଛନ୍ତି। ବାହାରୁ ଆସୁଥିବା ହବିଷିଆଳିଙ୍କୁ ସରକାରୀ ହବିଷିଆଳି ଶିବିରରେ ରଖାଇ ଦେବାକୁ କହି ଠକୁଛନ୍ତି। ଏଭଳି ଏକ ଘଟଣା ମଙ୍ଗଳବାର ବଗଲା ଧର୍ମଶାଳା ସରକାରୀ ହବିଷିଆଳି ଶିବିର ନିକଟରେ ଦେଖିବାକୁ ମିଳିଛି। ପୁରୀରେ ରହି ହବିଷ କରିବାକୁ ଶନିବାର ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳରୁ ୭ଜଣ ହବିଷିଆଳି ଆସିଥିଲେ। ସେମାନେ କିନ୍ତୁ ପୂର୍ବରୁ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରି ନ ଥିଲେ। ତେଣୁ ସେମାନଙ୍କୁ ସରକାରୀ ହବିଷିଆଳି କେନ୍ଦ୍ରରେ ରହିବା ଲାଗି ମନା କରିଦିଆଯାଇଥିଲା। ପଞ୍ଜୀକରଣ ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନଠାରୁ ପତ୍ର ଆଣିବାକୁ ସେମାନଙ୍କୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଫଳରେ ସମ୍ପୃକ୍ତ ହବିଷିଆଳିମାନେ ନିଜ ଅଞ୍ଚଳକୁ ଯାଇ କାଗଜପତ୍ର ପ୍ରସ୍ତୁତ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ସେଥିରେ ନିରାଶ ହେବାରୁ ପୁଣି ପୁରୀକୁ ଆସିଥିଲେ। ମଙ୍ଗଳବାର ସେମାନେ ବଗଲା ଧର୍ମଶାଳା ସରକାରୀ ହବିଷିଆଳି ଶିବିର ନିକଟରେ ପହଞ୍ଚିଥିଲେ। ଶିବିରରେ ରହିବା ଲାଗି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଏହି ସମୟରେ ବାଣପୁର ଖଜୁରିଆର ହବିଷିଆଳି କୈଳାସା ପ୍ରଧାନଙ୍କ ମୋବାଇଲକୁ ଏକ କଲ୍ ଆସିଥିଲା। ହବିଷିଆଳି ଶିବିରରେ ରଖାଇଦେବା ପାଇଁ ସେମାନଙ୍କୁ ୭ହଜାର ଟଙ୍କା ମଗାଯାଇଥିଲା। ଟଙ୍କା ନ ଦେଲେ ଶିବିରରେ ରହିପାରିବ ନାହିଁ ବୋଲି ସମ୍ପୃକ୍ତ ବ୍ୟକ୍ତି କହିଥିଲେ। କୈଳାସା ଟଙ୍କା ନେଇ ନରେନ୍ଦ୍ରକୋଣସ୍ଥିତ ବୃନ୍ଦାବତୀ ଶିବିର ନିକଟରେ ପହଞ୍ଚିଥିଲେ। ଜଣେ ବ୍ୟକ୍ତି ମୁହଁରେ ନାଲି ଗାମୁଛା ବାନ୍ଧି ଟଙ୍କା ନେବାକୁ ଆସି ପହଞ୍ଚିଥିଲେ। ସେ କୈଳାସାଙ୍କଠାରୁ ଟଙ୍କା ନେଉଥିବା ବେଳେ ଅଧିକାରୀ ଓ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ।

# କମ୍ପାନୀ ଟଙ୍କା ଆତ୍ମସାତ କରି ଲୁଟ୍ ଡ୍ରାମା

## କଲେକ୍ସନ୍ ଏଜେଣ୍ଟ, ଦୁଇ ସହଯୋଗୀ ଗିରଫ




ଭୁବନେଶ୍ୱର,୩୧।୧୦(ସତ୍ୟଜିତ୍ ରାଉତ)

କମ୍ପାନୀର ୩.୩୩ ଲକ୍ଷ ଟଙ୍କାକୁ ଆତ୍ମସାତ୍ କରିବାକୁ କଲେକ୍ସନ୍ ଏଜେଣ୍ଟ କରିଥିଲେ ଲୁଟ୍ ଡ୍ରାମା। ହେଲେ ପୋଲିସର ତଦନ୍ତ ବେଳେ ଏହି ନାଟକ ଧରାପଡ଼ିଯାଇଛି। ତମାଣ୍ଡୋ ଥାନା ପୋଲିସ କଲେକ୍ସନ୍ ଏଜେଣ୍ଟ ଓ ଦୁଇ ସହଯୋଗୀଙ୍କୁ ମଙ୍ଗଳବାର ଗିରଫ କରି ଘଟଣାର ରହସ୍ୟ ଉନ୍ମୋଚନ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଲେକ୍ସନ ଏଜେଣ୍ଟ ତଥା ଭରତପୁର ଥାନା ଅନ୍ତର୍ଗତ ତାରିଣୀ ବସ୍ତିରେ ରହୁଥିବା ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳର ଜୟନ୍ତ କୁମାର ସାହୁ, ତାଙ୍କ ସହଯୋଗୀ ତଥା ପିଉସୀ ପୁଅ ନିଶାକାନ୍ତ ସାହୁ ଓ କଳିଙ୍ଗ ଷ୍ଟୁଡିଓ ଛକ ପାଖ ଓଁକାର ବସ୍ତିର ଜି. ରାଜୁ ସାହୁ। ସେମାନଙ୍କଠାରୁ ଲୁଟ୍ ଟଙ୍କାରୁ ମାତ୍ର ୧୪ ହଜାର ଟଙ୍କା ଓ ଦୁଇଟି ବାଇକ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଏମିତି କରିଥିଲେ ଲୁଟ୍ ନାଟକ

ଏହି ମାମଲାରେ ଅଭିଯୋଗକାରୀ ହେଉଛନ୍ତି ଆକାଶ ଜୈନ। ଆକାଶ ଆଇଟିସି କମ୍ପାନୀର ଫ୍ରାଞ୍ଚାଇଜ୍ ଆଣି 'ସ୍ୱସ୍ତିକ ଏଣ୍ଟରପ୍ରାଇଜେସ୍' ନାଁରେ ସ୍ଥାନୀୟ ଅଞ୍ଚଳରେ ବ୍ୟବସାୟ କରୁଛନ୍ତି। ସେ ସେଲ୍ସମ୍ୟାନ୍‌ଙ୍କ ଦ୍ୱାରା ସିଗାରେଟ୍, ବିସ୍କୁଟ ଆଦି ସାମଗ୍ରୀ ଭୁବନେଶ୍ୱରର ଏକାଧିକ ଷ୍ଟୋର୍‌କୁ ଯୋଗାଇଥାନ୍ତି। ଅଭିଯୁକ୍ତ ଜୟନ୍ତ ଆକାଶଙ୍କ କମ୍ପାନୀରେ କଲେକ୍ସନ୍ ଏଜେଣ୍ଟ ଭାବେ ମାସେ ହେଲା ଚାକିରି କରୁଥିଲେ। ଶନିବାର ଜୟନ୍ତ ବିଭିନ୍ନ ଷ୍ଟୋର୍‌ରୁ ପ୍ରାୟ ୩ ଲକ୍ଷ ୩୩ ହଜାର ଟଙ୍କା ଆଦାୟ କରିଥିଲେ। ଏହି ଟଙ୍କାକୁ ସେ କମ୍ପାନୀ ବ୍ୟାଙ୍କ ଆକାଉଣ୍ଟରେ ଜମା ନ କରି ଆତ୍ମସାତ୍ କରିବାକୁ ଯୋଜନା କରିଥିଲେ। ଏଥିପାଇଁ ଲୁଟ୍ ନାଟକ ରଚିବା ସହ ସେ ମାଲିକଙ୍କ କୌଣସି ଫୋନ୍ କଲ୍ ରିସିଭ୍ କରି ନ ଥିଲେ। କଲେକ୍ସନ ଅର୍ଥରୁ ୨ ଲକ୍ଷ ୪ ହଜାର ୫୦୦ ଟଙ୍କାକୁ ନିଜ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ। ପରେ ସେଥିରେ ଅନ୍‌ଲାଇନ୍ ଗେମ୍ 'ତିନ୍ ପତି ଯେସ୍' ଖେଳି ସବୁ ହରାଇଥିଲେ। ବାକି ଥିବା ୧ ଲକ୍ଷ ୨୯ ହଜାର ୫୦୦ ଟଙ୍କାକୁ ଧରି ସେ ତାଙ୍କ ସହଯୋଗୀ ନିଶିକାନ୍ତ, ରାଜୁ ଓ ଅନ୍ତୁଙ୍କ ସହ ଯୋଜନା କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ, ସୋମବାର ସକାଳେ ଟଙ୍କା ବ୍ୟାଗ ଧରି ବାଇକ୍ ଯୋଗେ ଜୟନ୍ତ କଳିଙ୍ଗବିହାର ଛକରୁ ସର୍ଭିସ୍ ରୋଡ୍ ଦେଇ ଖଣ୍ଡଗିରି ଅଭିମୁଖେ ଯାଉଥିଲେ। ନିଶିକାନ୍ତ, ରାଜୁ ଓ ଅନ୍ତୁ ଏକ ବାଇକ୍‌ରେ ଆସି ଛୁରୀ ଦେଖାଇ ତାଙ୍କଠାରୁ ଟଙ୍କା ବ୍ୟାଗ ଛଡ଼ାଇ ନେଇଥିଲେ। ଏହାପରେ କଲେକ୍ସନ ଟଙ୍କା ଲୁଟ୍ ହୋଇଯାଇଥିବା ନେଇ ମାଲିକ ଆକାଶଙ୍କୁ ଜଣାଇଥିଲେ ଜୟନ୍ତ। ଆକାଶ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୨୮୨/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ବଡ଼ କଥା ହେଉଛି, ଏତଲା ସମୟରେ ମାଲିକ ଆକାଶଙ୍କ ସହ ଜୟନ୍ତ ମଧ୍ୟ ଥାନାକୁ ଆସି ପୋଲିସକୁ ଭୁଆଁ ବୁଲାଇଥିଲେ। ପୋଲିସର ପଚରାଉଚରା ବେଳେ ଜୟନ୍ତଙ୍କ ତଥ୍ୟରେ ତାଳମେଳ ରହି ନ ଥିଲା। ଏହାପରେ ପୋଲିସ ସିସିଟିଭି ଫୁଟେଜ ଏବଂ ଏଟିଏମ୍ ଆଦିରୁ ପ୍ରମାଣ ପାଇବା ପରେ ଗୁଡ଼ାଇତୁଡ଼ାଇ ପ୍ରଶ୍ନ କରିବା ପରେ ଜୟନ୍ତ ସତ ବୋଲି ମାନିଯାଇଥିଲେ। ତେବେ ବାକି ଟଙ୍କାକୁ ଜୟନ୍ତ ଓ ତାଙ୍କ ସାଙ୍ଗମାନେ ଖର୍ଚ୍ଚ କରିଦେଇଥିବା ତଦନ୍ତରେ ଜଣାପଡ଼ିଛି।

## ଅଭିଯୁକ୍ତ ସାବତ ମା', ବାପା ଗିରଫ

### ମାଡ଼ରେ ଝିଅ, ପୁଅ ଗୁରୁତର ହେବା ଘଟଣା

ଆଠଗଡ଼,୩୧।୧୦ (ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ଷୋଳଘରିଆ ଗ୍ରାମରେ ସାବତମା' ମାଡ଼ରେ ପୁଅ, ଝିଅ ଗୁରୁତର ହେବା ଘଟଣାରେ ମଙ୍ଗଳବାର ଥାନାରେ ମାମଲା (ନଂ. ୨୩୩/୨୩ ) ରୁଜୁ ହୋଇଛି। ଜନ୍ମିତ ମା'ଙ୍କ ଏତଲା ଆଧାରରେ ପୋଲିସ ସାବତ ମା' ଓ ବାପାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁଷ୍ପଲତା ନନ୍ଦ ଓ ସୁନୀଲ କୁମାର ନନ୍ଦ। ଅପରପକ୍ଷେ ଗୁରୁତର ପିଲା ଦୁହିଁଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ୭ ଦିନ ରଖାଯାଇ ଚିକିତ୍ସା କରାଇବାକୁ ଡା. ବିଜୟ କୁମାର ମିଶ୍ର ପରାମର୍ଶ ଦେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି ବୋଲି ଆଠଗଡ ଥାନା ଉପନିରୀକ୍ଷକ ଶକୁନ୍ତଳା ଦାସ କହିଛନ୍ତି।

# ଏକତା ଭାରତର ଶକ୍ତି, ସୌନ୍ଦର୍ଯ୍ୟ: ରାଜ୍ୟପାଳ



### ଲଦାଖ ଏବଂ ଜମ୍ମୁ-କଶ୍ମୀରର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୩୧।୧୦(ଅସମାପିକା ସାହୁ)

ଲଦାଖ ଏବଂ ଜମ୍ମୁ-କଶ୍ମୀରର ପ୍ରତିଷ୍ଠା ଦିବସ ସମାରୋହ ମଙ୍ଗଳବାର ରାଜଭବନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ରଘୁବର ଦାସ ଯୋଗଦେଇ ବିବିଧତା ମଧ୍ୟରେ ଏକତା ଭାରତର ଶକ୍ତି ଓ ସୌନ୍ଦର୍ଯ୍ୟ ବୋଲି ମତପ୍ରକାଶ କରିଛନ୍ତି। ସେ କହିଛନ୍ତି, ଭାରତରେ ଭାଷା ଅନେକ, କିନ୍ତୁ ଭାବ ଏକ। ରାଜ୍ୟ ଅନେକ କିନ୍ତୁ ରାଷ୍ଟ୍ର ଏକ। 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଭାବ ଓ ଭାବନାକୁ କାର୍ଯ୍ୟାନ୍ୱୟନ କରିବାରେ ଏଭଳି ପ୍ରୟାସ ନିଶ୍ଚିତ ରୂପେ ପ୍ରେରଣାଦାୟୀ। ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅବଦାନ ଅବିସ୍ମରଣୀୟ। ଭାରତର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ଆମର ପରମ କର୍ତ୍ତବ୍ୟ ବୋଲି ରାଜ୍ୟପାଳ କହିଥିଲେ। ଉତ୍ସବରେ ଲଦାଖ ଏବଂ ଜମ୍ମୁ -କଶ୍ମୀରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କଶ୍ମୀରର ଫହିମ୍ ଉଦ୍ ଦିନ୍ ଦାର୍, ଅପୂର୍ବା ମନସୋତ୍ରା, ଲଦାଖର ଡେଚନ୍ ଡୋଲମା ପ୍ରମୁଖ ଓଡ଼ିଶାରେ ନିଜର ଅନୁଭବ ଓ ଅନୁଭୂତି ପ୍ରକାଶ କରିଥିଲେ। ଉତ୍ସବରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ୪ କର୍ମଚାରୀ ଅଟକ, ସାଇଣ୍ଟିଫିକ୍ ତଦନ୍ତ ଆରମ୍ଭ

### ହୋଟେଲ ରୋଷେୟାଙ୍କ ମୃତ୍ୟୁ ଘଟଣା

ବାରଙ୍ଗ,୩୧।୧୦(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଛକରେ ଥିବା ଏକ ହୋଟେଲର ରୋଷେୟାଙ୍କ ମୃତ୍ୟୁ ଘଟଣାରେ ସାଇ ଣ୍ଟିଫିକ୍ ଟିମ୍ ପହଞ୍ଚି ମଙ୍ଗଳବାର ତଦନ୍ତ ଆରମ୍ଭ କରିଛି। ଟିମର ମୁଖ୍ୟ ସୁଶ୍ରୀ ସବିନୟାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ଛାନଭିନ୍ କରିଥିଲା। ତେବେ ହୋଟେଲ ମାଲିକ ମୃତଦେହ ପଡ଼ିଥିବା ସ୍ଥାନକୁ ପାଣି ମାରି ସଫା କରିଦେଇଥିଲେ। ଫଳରେ ସାଇଣ୍ଟିଫିକ୍ ଦଳ ଅସନ୍ତୋଷ ହୋଇ ତନତନ କରି ଖୋଳତାଡ କରିଥିଲେ। ଟିମ୍ ରୋଷେୟାଙ୍କ ମୃତଦେହ ପଡ଼ିଥିବା ସ୍ଥାନଠାରୁ ୨ଫୁଟ ଦୂରରୁ ଖଡ଼ିକା ଝାଡୁ ସହ ରକ୍ତ ନମୁନା ସଂଗ୍ରହ କରିଥିଲା। ଏହାସହ ହୋଟେଲ କର୍ମଚାରୀଙ୍କୁ ନନ୍ଦନକାନନ ଥାନା ପୋଲିସ ଜେରା କରି ୪ଜଣଙ୍କୁ ଅଟକରଖି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଗତ ସୋମବାର ସକାଳୁ ହୋଟେଲ ଭିତରୁ ରୋଷେୟା ବାଙ୍କୀ ଆନନ୍ଦପୁରର ସନ୍ତୋଷ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ସନ୍ତୋଷଙ୍କ ମୁଣ୍ଡର ପଛରେ ଗଭୀର ଭାବେ ଆଘାତ ଲାଗି ରକ୍ତ ବୋହିବା ଚିହ୍ନ, ମୁହଁରେ ରକ୍ତ ବୋହିବା ଓ ଦେହସାରା ମାଡ଼ଚିହ୍ନ ରହିଛି ବୋଲି ସାନଭାଇ ରମାକାନ୍ତ ସାହୁ ଅଭିଯୋଗ କରିଥିଲେ। ତେବେ କେଉଁ ପରିସ୍ଥିତିରେ ସନ୍ତୋଷଙ୍କ ମୃତ୍ୟୁ ହେଲା, ତାହାକୁ ନେଇ ବିଭିନ୍ନ ଦିଗ ଉପରେ ପୋଲିସ ତଦନ୍ତ ଜାରି ରଖିଛି। ତେବେ ହୋଟେଲରେ ଲାଗିଥିବା ସିସି କ୍ୟାମେରା ୨ମାସ ହେବ ଅଚଳ ଥିବା ମାଲିକ କହିଛନ୍ତି।

## ପାନ୍ଥନିବାସରୁ ଚୋରି, ୩ ଗିରଫ

ବାଲୁଗାଁ,୩୧।୧୦(ସଂଗ୍ରାମ ପାଇକରାୟ)

ବଡ଼କୂଳ ପାନ୍ଥନିବାସ ପରିସର ଜେନେରେଟର ରୁମ୍‌ରୁ ତାଲା ଭାଙ୍ଗି ୫୦ଲିଟର ଡିଜେଲ ଅଭିଯୋଗରେ ନାଭାଲ ଫାଣ୍ଡି ପୋଲିସ୍ ୩ଜଣଙ୍କୁ ଗିରଫ କରିଛି। ନେଇଯାଇଥିଲେ। ସେମାନେ ହେଲେ ସ୍ଥାନୀୟ ଖାରିବନ୍ଧ ଗ୍ରାମର କାହ୍ନା ପ୍ରଧାନ, ଲକ୍ଷ୍ମୀଧର ସାସମଲ ଏବଂ ଲିପୁ ସ୍ୱାଇଁ।

## ସୟିଦ ସେମିନାରୀ ସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା




କଟକ,୩୧।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)

ସୟିଦ ସେମିନାରୀ ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସହକାରୀ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କର ୩୩ ବର୍ଷ କାର୍ଯ୍ୟକାଳ ଶେଷ ହୋଇଥିବାରୁ ସେ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ଏବଂ ସୟିଦ ସେମିନାରୀ ପରିଚାଳନା କମିଟି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ସୟିଦ ସେମିନାରୀ ପରିଚାଳନା କମିଟି ସଭାପତି ମହମ୍ମଦ ଆସ୍‌ଫାକ୍ ଅଲ୍ଲି ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଏକ ଭାବବିହ୍ୱଳ ପରିବେଶରେ ଦୁର୍ଗାପ୍ରସାଦଙ୍କ ଭଳି ଜଣେ ଛାତ୍ରବତ୍ସଳ ଶିକ୍ଷକଙ୍କ ବିଦାୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜୀବିଦା ବେଗମ୍ ଯୋଗଦେଇ ଦୁର୍ଗାପ୍ରସାଦଙ୍କ କର୍ମମୟ ଜୀବନୀ ଏବଂ ଉକ୍ତ ଅନୁଷ୍ଠାନ ପ୍ରତି ତାଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଦୁର୍ଗାପ୍ରସାଦ ମଧ୍ୟ ନିଜ କାର୍ଯ୍ୟକାଳ ଉପରେ କହିଥିଲେ। ହିନ୍ଦୀ ଶିକ୍ଷକ ସାନାଇ ମାନପତ୍ର ପାଠ କରିଥିବାବେଳେ ସହକାରୀ ପ୍ରଧାନ ଶିକ୍ଷକ ଏସ୍.ଏ.ଏମ. ରୁବି ଧନ୍ୟବାଦ ଦେଇଥିଲେ।

# ଓଏଚ୍‌ଆର୍‌ସି ପକ୍ଷରୁ ବିଡିଏ ସଚିବଙ୍କୁ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ

### ଓକିଲଙ୍କ ବୈଠକଖାନା ଉଚ୍ଛେଦ ପ୍ରସଙ୍ଗ

ଭୁବନେଶ୍ୱର, ୩୧।୧୦ (ବନ୍ଦନା ସେଠୀ)

ଭୁବନେଶ୍ୱର ଓକିଲଙ୍କ ବୈଠକଖାନାକୁ ବଳପୂର୍ବକ ଉଚ୍ଛେଦ କରିବା ପ୍ରସଙ୍ଗରେ ରାଜ୍ୟ ମାନବିକ ଅଧିକାର କମିଶନ ପକ୍ଷରୁ ବିଡିଏ ସଚିବ କବୀନ୍ଦ୍ର କୁମାର ସାହୁଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ଜାନୁୟାରୀ ୨୫ରେ ସଚିବ ଓ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରମୋଦ ପାତ୍ର ଉଭୟେ ବ୍ୟକ୍ତିଗତ ଭାବେ କମିଶନ୍‌ରେ ହାଜର ହେବେ। ଏନେଇ ମଙ୍ଗଳବାର କମିଶନ ଅଧ୍ୟକ୍ଷ ବିଚାରପତି ଶତ୍ରୁଘ୍ନ ପୂଜାହାରୀଙ୍କ ଖଣ୍ଡପୀଠ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲ୍ ୧୧ରେ ବିଡିଏ ପକ୍ଷରୁ ଗୌତମନଗରସ୍ଥିତ ପ୍ଲଟ୍ ନଂ. ୩୭୦ (ଘରବାରି)ରେ ଥିବା ଏହି ବୈଠକଖାନାକୁ ବଳପୂର୍ବକ ଉଚ୍ଛେଦ କରାଯାଇଥିଲା। ଏନେଇ ଆଇନଜୀବି ବିଜୟ ପଣ୍ଡା, ଗୋଲେଖ ପ୍ରସାଦ ନାୟକ, ସୁଭାଶିଷ ପଣ୍ଡା ପ୍ରମୁଖ ମାନବିକ ଅଧିକାର କମିଶନରେ ଏପ୍ରିଲ ୧୫ରେ ଅଭିଯୋଗ କରିଥିଲେ। ଅଭିଯୋଗର ଶୁଣାଣି କରି କମିଶନ ପକ୍ଷରୁ ବିଡିଏକୁ ନୋଟିସ୍ ଜାରି କରାଯାଇଥିଲା। ମେ' ୧୫ ତାରିଖ ଓ ମଙ୍ଗଳବାର ହୋଇଥିବା ଶୁଣାଣିରେ ବିଡିଏ ସଚିବ ଓ ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କ ଜବାବ ପରସ୍ପର ଭିନ୍ନ ଭିନ୍ନ ହେଉଥିବାରୁ କମିଶନଙ୍କ ପକ୍ଷରୁ ଉଭୟଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଖଦି ବୋର୍ଡ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



ପୁରୁଣା ଭୁବନେଶ୍ୱର,୩୧।୧୦(ସୁବାସ ଚନ୍ଦ୍ର ପ୍ରଧାନ)

ବିଜେବି ନଗର ଯୁବ ପ୍ରତିଭା କ୍ଲବ ପକ୍ଷରୁ ୨୧ତମ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି। ସୋମବାର ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୃତି ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଖଦି ଓ ଗ୍ରାମୋଦ୍ୟୋଗ ବିଭାଗ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ବରହମପୁରର ଚନ୍ଦ୍ର ଶେଖରଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନେକ ପ୍ରତିଭାବାନଙ୍କୁ ଚିହ୍ନଟ କରି ସ୍ୱତନ୍ତ୍ର ପରିଚୟ ଦେବାର ଏଭଳି ଯୁବ ପ୍ରତିଭାଙ୍କୁ ଆମେ ପ୍ରତ୍ୟେକ ବର୍ଷ ଆମ୍ଭେ ସମ୍ବର୍ଦ୍ଧିତ କରୁଛୁ ବୋଲି ଆୟୋଜକ କ୍ଲବ ଉପଦେଷ୍ଟା ସମରେଶ ବେଉରା କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜେଶ ପ୍ରଧାନ, ତନୁଜ ମହାନ୍ତି, ରାକେଶ ବେଉରିଆ, ନିବାଶ ସିଂ, ସ୍ମୃତି ସାଗର ମହାପାତ୍ର, ଦେବାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୫୫୪୨ ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ଦେଲା ବିଏମ୍‌ସି

### ଜାଗା ମିଶନର ଦ୍ୱିତୀୟ ପର୍ଯ୍ୟାୟ ପ୍ରମାଣପତ୍ର ବଣ୍ଟନ

ଭୁବନେଶ୍ୱର, ୩୧।୧୦ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମଙ୍ଗଳବାର ଦ୍ୱିତୀୟ ପର୍ଯ୍ୟାୟ ଭୂମି ଅଧିକାର ପ୍ରମାଣ ପତ୍ର (ଏଲ୍‌ଆର୍‌ସି) ବଣ୍ଟନ କରାଯାଇଛି। ଜାଗା ମିଶନ ଅଧୀନରେ ସମସ୍ତ ଯୋଗ୍ୟ ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ଯୋଗାଇ ଦିଆଯାଉଥିବାବେଳେ ପର୍ଯ୍ୟାୟକ୍ରମେ ଅନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ଯୋଗାଇ ଦିଆଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୩ଟି ଜୋନ୍‌ରେ ୫ହଜାର ୫୪୨ ପରିବାରଙ୍କୁ ଏଲ୍‌ଆର୍‌ସି ବଣ୍ଟନ କରାଯାଇଥିଲା। ଦକ୍ଷିଣ-ପଶ୍ଚିମ ଜୋନ୍ ପାଇଁ ୱାର୍ଡ ନଂ. ୫୭ସ୍ଥିତ ବଡଗଡ ବ୍ରିଟ୍ କଲୋନୀର ନେତାଜୀ ପଡିଆ, ଦକ୍ଷିଣ-ପୂର୍ବ ଜୋନ୍ ପାଇଁ ୱାର୍ଡ ନଂ. ୪୭ର ୟୁନିଟ୍-୮ସ୍ଥିତ କମ୍ୟୁନିଟି ସେଣ୍ଟର ଏବଂ ଉତ୍ତର ଜୋନ୍ ପାଇଁ ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପରେ ସକାଳ ୯ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏସ୍‌ଏସ୍‌ଇପିଡି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ସୁଶାନ୍ତ କୁମାର ରାଉତ ଉପସ୍ଥିତ ରହି ହିତାଧିକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ୩ଟି ଜୋନ୍‌ରେ ସୁଚାରୁରୂପେ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ କରିବା ପାଇଁ ବିଏମ୍‌ସି ପକ୍ଷରୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଅତିରିକ୍ତ କମିଶନର-୧ ଲକ୍ଷ୍ମୀକାନ୍ତ ସେଠୀ ଉତ୍ତର ଜୋନ୍ ଦାୟିତ୍ୱରେ ରହିଥିବାବେଳେ ଅତିରିକ୍ତ କମିଶନର-୨ ଶୁଭେନ୍ଦୁ କୁମାର ସାହୁ ଦକ୍ଷିଣ-ପଶ୍ଚିମ ଜୋନ୍ ଦାୟିତ୍ୱରେ ଏବଂ ଅତିରିକ୍ତ କମିଶନର-୩ ସୂର୍ଯ୍ୟବଂଶୀ ମୟୂର ବିକାଶ ଦକ୍ଷିଣ-ପୂର୍ବ ଜୋନ୍ ଦାୟିତ୍ୱରେ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହର ବିକାଶରେ ବସ୍ତିବାସିନ୍ଦାଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ଶ୍ରମଦାନରେ ସହରୀକରଣର ରୂପରେଖ ବଦଳିଥାଏ। ଏହି ଭୂମି ପ୍ରମାଣପତ୍ର ସେମାନଙ୍କୁ ବସ୍ତି ବାସିନ୍ଦାରୁ ବିଜୁ ଆଦର୍ଶ କଲୋନୀ ବାସିନ୍ଦାରେ ପରିଣତ କରିପାରିଛି ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଥିଲେ।







ଭୁବନେଶ୍ୱରର ୩ଟି ଜୋନ୍‌ରେ ମଙ୍ଗଳବାର ଅନୁଷ୍ଠିତ ଜାଗା ମିଶନ ଅନ୍ତର୍ଗତ ଦ୍ୱିତୀୟ ପର୍ଯ୍ୟାୟ ଭୂମି ଅଧିକାର ପ୍ରମାଣ ପତ୍ର (ଏଲ୍‌ଆର୍‌ସି) ବଣ୍ଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଉତ୍ତର ବିଧାୟକ ସୁଶାନ୍ତ ରାଉତ ଓ ମଧ୍ୟ ବିଧାୟକ ଅନନ୍ତନାରାୟଣ ଜେନା ହିତାଧିକାରୀଙ୍କୁ ଭୂମି ପ୍ରମାଣ ପତ୍ର ପ୍ରଦାନ କରୁଛନ୍ତି।

**ରାଷ୍ଟ୍ରୀୟ ଏକତା ଦିବସ**

କଟକ,(ଶିଲ୍ପା ପ୍ରିୟଦର୍ଶିନୀ)ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ପକ୍ଷରୁ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳ ଅଧ୍ୟକ୍ଷତା କରି ଉକ୍ତ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସ୍ୱେଚ୍ଛାସେବୀମାନଙ୍କୁ ଅବଗତ କରାଇବା ସହ ଶପଥ ପାଠ କରାଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡ. ଯୋଗମାୟା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିବାନୀ ଦାସ, ସରସ୍ୱତୀ ମାଝୀ, ସୁପର୍ଣ୍ଣା ପଟେଲ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ନିଶ୍ଚିନ୍ତକୋଇଲି,୩୧।୧୦ (ଅଶୋକ କୁମାର ମହାପାତ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ଉତ୍ତରକୂଳ ପଞ୍ଚାୟତ ମାହାଳ ହାଟ ଫାଣ୍ଡି ଅନତି ଦୂରରେ ଥିବା ମହାନଦୀ ବାମ ପାର୍ଶ୍ୱ ଝାଉଁ ଜଙ୍ଗଲରୁ ଅଚିହ୍ନା ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। କିଶନନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି। ମଙ୍ଗଳବାର ସକାଳେ ଏକ ଗଛରେ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପ୍ରଚାରିତ ହେବା କ୍ଷଣି ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ଖବର ପାଇ ମାହାଳ ହାଟ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହକୁ ଓହ୍ଲାଇଥିଲା। ଯୁବକ ଜଣକ ଏକ ଫୁଲପ୍ୟାଣ୍ଟ ଓ ଶାର୍ଟ ପିନ୍ଧିଥିଲେ। ଆଖିରେ ଏକ ଚଷମା ଲଗାଇଥିଲେ। ତାଙ୍କର ଚପଲ ତଳେ ଥୁଆ ହୋଇଥିଲା। ତାଙ୍କ ପକେଟରୁ ୧୨୦ ଟଙ୍କା ମିଳିଥିଲା। ସମ୍ପୃକ୍ତ ଯୁବକଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ଏଠାରେ ଟାଙ୍ଗିଦିଆଯାଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଯୁବକ ଆତ୍ମହତ୍ୟା କରିଥିବା କେତେଜଣ କହିଛନ୍ତି।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ମାହାଙ୍ଗା,୩୧।୧୦(ଯଯାତି ସିଂ):** କଟକ ଜିଲା ଭଦ୍ରେଶ୍ୱର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ଥାନା ଝାଡେଶ୍ୱରପୁର ଗ୍ରାମର ସିରାଜ୍ ଉଦ୍ଦିନ ଖାଁ ଅପହରଣ କରିଥିବା ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି। ତାଙ୍କ ପାଖରେ ନଗଦ ୨୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଥିଲା। ନାବାଳିକାଙ୍କ ଜୀବନ ପ୍ରତି ବିପଦ ରହିଥିବା ତାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିଲା।

### ଜାତୀୟ ରାଜପଥରେ ୩ ମାସ ଟ୍ରାଫିକ୍ କଟକଣା

**ଭୁବନେଶ୍ୱର,୩୧।୧୦(ସତ୍ୟଜିତ୍ ରାଉତ):** ଜାତୀୟ ରାଜପଥ-୧୬ରେ ଫ୍ଲାଇଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ପାଇଁ ୩ ମାସ ଟ୍ରାଫିକ୍ କଟକଣା ଲାଗୁ ହୋଇଛି। ଏନେଇ କମିଶନରେଟ୍ ପୋଲିସ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। କମ୍ପୋପଲିସ୍ ଛକଠାରୁ ପାତ୍ରପଡ଼ା ଡି୨ ମଲ୍ ପର୍ଯ୍ୟନ୍ତ ଏବଂ ଡି୨ ମଲ୍‌ର ଅପରପାର୍ଶ୍ୱରେ ଥିବା ଜେ.କେ. ଟାୟାର ଦୋକାନ ସାମ୍ନାରୁ କମ୍ପୋପଲିସ୍ ଛକ ପର୍ଯ୍ୟନ୍ତ କଟକଣା ଲାଗୁ କରାଯାଇଛି। ଭୁବନେଶ୍ୱରରୁ ଖୋର୍ଦ୍ଧା ଆଡ଼କୁ ଯିବାକୁ ଥିବା ସମସ୍ତ ଗାଡ଼ି କମ୍ପୋପଲିସ୍ ଛକଠାରୁ ବାମ ମୋଡ଼ ନେବା ପରେ ସର୍ଭିସ୍ ରୋଡ୍ ଦେଇ ପାତ୍ରପଡ଼ା ଡି୨ ମଲ୍ ପର୍ଯ୍ୟନ୍ତ ଯାଇ ଡାହାଣ ମୋଡ ନେଇ ଯାତୀୟ ରାଜପଥ ଦେଇଯିବ। ସେହିପରି ଖୋର୍ଦ୍ଧାରୁ ଭୁବନେଶ୍ୱର ଆଡ଼କୁ ଯିବାକୁ ଥିବା ଗାଡ଼ିଗୁଡ଼ିକ ଡି୨ ମଲ୍‌ର ଅପର ପାର୍ଶ୍ୱରେ ଥିବା ଜେ.କେ. ଟାୟାର ଦୋକାନ ସାମ୍ନାଠାରୁ ବାମ ମୋଡ଼ ନେବା ପରେ କମ୍ପୋପଲିସ୍ ଛକ ପର୍ଯ୍ୟନ୍ତ ଯାଇ ଡାହାଣ ମୋଡ଼ ନେଇ ଜାତୀୟ ରାଜପଥ ଦେଇ ଯାଇପାରିବ। ଏହି କଟକଣା ୨୦୨୪ ଜାନୁୟାରୀ ୩୧ ପର୍ଯ୍ୟନ୍ତ ଲାଗୁ ରହିବ।

# ଉତ୍ତମ ସଂଯୋଜନ ପାଇଁ ବନଖଣ୍ଡକୁ ପୁରସ୍କୃତ କରାଯିବ



ରାଜ୍ୟସ୍ତରୀୟ ସମ୍ମିଳନୀରେ ମନ୍ତ୍ରୀ ପ୍ରଦୀପ ଅମାତ ଓ ପ୍ରଶାସନିକ ଅଧିକାରୀମାନେ।

**ବନଖଣ୍ଡ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ**

**ଭୁବନେଶ୍ୱର, ୩୧।୧୦(ଅସମାପିକା ସାହୁ)** ଗ୍ରାମାଞ୍ଚଳ ଲୋକଙ୍କ ସହ ତୃଣମୂଳସ୍ତରର ଅଧିକାରୀମାନେ ସିଧାସଳଖ ଯୋଗସୂତ୍ର ରଖିଲେ ସେମାନେ ସମସ୍ତ ସୂଚନା ସିଧାସଳଖ ପାଇପାରିବେ। ଫଳରେ ମନୁଷ୍ୟ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ହେଉଥିବା ସଂଘର୍ଷ ହ୍ରାସ ପାଇବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦିପ କୁମାର ଅମାତ କହିଛନ୍ତି। ମଙ୍ଗଳବାର ଅରଣ୍ୟ ଭବନଠାରେ ଅନୁଷ୍ଠିତ ବନଖଣ୍ଡ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ମନ୍ତ୍ରୀ ଯୋଗଦେଇ କହିଛନ୍ତି, ଆଗାମୀ ପିଢ଼ିଙ୍କ ପାଇଁ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଅପରିହାର୍ଯ୍ୟ। ମହାନଦୀ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରର ପଦ୍ମତୋଳା ପୋଖରୀଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ଜଳାଶୟରେ ମାଛ, ଚିଙ୍ଗୁଡ଼ି ଓ ସମଧରଣର ଜାଆଁଳ ଛାଡ଼ିବା ପାଇଁ ସେ ପରାମର୍ଶ ଦେଇଥିଲେ। ଉତ୍ତମ ସଂଯୋଜନ ପାଇଁ ବନଖଣ୍ଡମାନଙ୍କୁ ପୁରସ୍କୃତ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ, ଜଙ୍ଗଲ ପାଖାପାଖି ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ମଧ୍ୟରେ ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନାଗୁଡ଼ିକର ସୁଫଳ ପହଞ୍ଚାଇ ମତ୍ସ୍ୟ ଉତ୍ପାଦନ, ଭୂମିତଳେ ହେଉଥିବା ପରିବା, ମାଣ୍ଡିଆ ଚାଷ, ପିସିକଲଚର ପ୍ରତି ନୀରବଚ୍ଛିନ୍ନ ଆଗ୍ରହ ସୃଷ୍ଟି କରାଯାଇପାରିଲେ ସେମାନେ ଜଙ୍ଗଲ ଉପରେ ନିର୍ଭରଶୀଳ ହେବେ ନାହିଁ। ଫଳରେ ମନୁଷ୍ୟ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସଂଘର୍ଷ ହ୍ରାସ ପାଇବ ବୋଲି ସେ ମତପ୍ରକାଶ କରିଥିଲେ।

ଏହି ଅବସରରେ ପିସିସିଏଫ୍(ବନ୍ୟଜନ୍ତୁ) ସୁଶୀଲ କୁମାର ପୋପ୍‌ଲୀଙ୍କୁ ବିଭାଗ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜନସାଧାରଣ, ଲୋକପ୍ରତିନିଧି ଏବଂ ଗଣମାଧ୍ୟମ ସହିତ ସୁସମ୍ପର୍କ, ତା'ସହ କୌଣସି ଘଟଣା ବା ଦୁର୍ଘଟଣା ଘଟିଲେ ପ୍ରତିକ୍ରିୟାଶୀଳ ନ ହୋଇ ସକାରାତ୍ମକ ଓ ପ୍ରଗତିଶୀଳ ଚିନ୍ତାଧାରା ନେଇ କାର୍ଯ୍ୟ କଲେ ବାସ୍ତବ ବିକାଶ ହୋଇପାରିବ ବୋଲି ପୋପ୍‌ଲୀ ତାଙ୍କ ଦୀର୍ଘଦିନର ଅଭିଜ୍ଞତାର ଉଦାହରଣ ଦେଇ କହିଥିଲେ। ସମ୍ମିଳନୀରେ ସୋଲାର ଫେନ୍‌ସିଂ, କନ୍ଦମୂଳ ଜାତୀୟ ଶସ୍ୟ ଉତ୍ପାଦନ, ଆଧୁନିକ ଫୁଲଚାଷ, ଜ୍ଞାନକୌଶଳର ବ୍ୟାପକ ବ୍ୟବହାର ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଗ୍ରାମସାଥୀଙ୍କ ନିୟୋଜନ, ମଞ୍ଜି ଯୋଗାଣ, ବିକାଶମୂଳକ କାର୍ଯ୍ୟ ନିମନ୍ତେ ତ୍ୱରିତ ପ୍ରକଳ୍ପ ମଞ୍ଜୁରୀ, ବଜ୍ରପାତଜନିତ କ୍ଷତି ରୋକିବା ପାଇଁ ବ୍ୟାପକ ତାଳଗଛ ରୋପଣ ଆଦି ସମ୍ପର୍କରେ ସମ୍ପୃକ୍ତ ବିଭାଗର ନିର୍ଦ୍ଦେଶକ ଓ ଅତିରିକ୍ତ ନିର୍ଦ୍ଦେଶକମାନେ ମତ ରଖିଥିଲେ। ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳଙ୍କ ସମେତ ୫୧ଟି ବନଖଣ୍ଡର ଅଧିକାରୀ ଓ ପଦସ୍ଥ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

# ଅଭିଯୁକ୍ତ ସାବତ ମା', ବାପା ଗିରଫ

**ସାବତ ମା' ମାଡ଼ରେ ଝିଅ, ପୁଅ ଗୁରୁତର ଘଟଣା**

**ଆଠଗଡ,୩୧।୧୦(ସତ୍ୟ ପ୍ରସାଦ ରଥ)** କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ଷୋଳଘରିଆ ଗ୍ରାମରେ ସାବତମା' ମାଡ଼ରେ ପୁଅ, ଝିଅ ଗୁରୁତର ହେବା ଘଟଣାରେ ମଙ୍ଗଳବାର ଥାନାରେ ମାମଲା (ନଂ. ୨୩୩/୨୩ ) ରୁଜୁ ହୋଇଛି। ଜନ୍ମିତ ମା'ଙ୍କ ଏତଲା ଆଧାରରେ ପୋଲିସ ସାବତ ମା' ଓ ବାପାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁଷ୍ପଲତା ନନ୍ଦ ଓ ସୁନୀଲ କୁମାର ନନ୍ଦ। ଅପରପକ୍ଷେ ଗୁରୁତର ପିଲା ଦୁହିଁଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ୭ ଦିନ ରଖାଯାଇ ଚିକିତ୍ସା କରାଇବାକୁ ଡା. ବିଜୟ କୁମାର ମିଶ୍ର ପରାମର୍ଶ ଦେଇଛନ୍ତି। ସୁନୀଲଙ୍କ ପ୍ରଥମ ସ୍ତ୍ରୀ ସୁହାସିନୀଙ୍କ ଅଭିଯୋଗ ଅନୁଯାୟୀ, ବାଙ୍କୀ ଥାନା ଅନ୍ତର୍ଗତ ପାଥପୁର ଉପରସାହି ଗ୍ରାମର ସୁନୀଲ ୧୨।୫।୨୦୦୮ରେ ଖୋର୍ଦ୍ଧା ଜିଲା ଚାନ୍ଦପୁରର ସୁହାସିନୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କ ୩ଟି ସନ୍ତାନ ଅଛନ୍ତି। ସୁନୀଲ ୪ ବର୍ଷ ତଳେ ପୁଷ୍ପଲତାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସୁହାସିନୀ ଏହାକୁ ବିରୋଧ କରିବାରୁ ସୁନୀଲ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ବାପ ଘରକୁ ବିଦା କରି ଦେଇଥିଲେ। ଏନେଇ ଖୋର୍ଦ୍ଧା ବିଚାର ବିଭାଗୀୟ ଅଦାଲତରେ ମାମଲା (ନଂ. ୧୦୪/୨୩) ବିଚାରାଧୀନ ରହିଛି। ସୁହାସିନୀଙ୍କ ସାନଝିଅ ତାଙ୍କ ପାଖରେ ରହୁଥିବାବେଳେ ପୁଅ(୧୩) ଓ ଝିଅ(୧୦) ବାପା ଓ ସାବତମା'ଙ୍କ ପାଖରେ ରୁହନ୍ତି। ସୁନୀଲ ଗାଡି ଚାଳକ ଭାବେ କାମ କରନ୍ତି। ସୋମବାର ସେ ନିଜର ବୋଲେରୋ ଗାଡ଼ିରେ ଭଡା ନେଇ ବାହାରକୁ ଯାଇଥିଲେ। ଏହି ସମୟରେ ପୁଷ୍ପଲତା ପିଲା ଦୁହିଁଙ୍କୁ ବେଲଣା (କାଠି), ଲୁହା ଖଡ଼ିକା, ସଣ୍ଢୁଆଶି ଆଦିରେ ମାଡ଼ ମାରି ଗୁରୁତର କରିଥିଲେ। ସ୍ଥାନୀୟ ଲୋକେ ଉଭୟ ପିଲାଙ୍କୁ ଉଦ୍ଧାର କରିଥିଲେ। ଏହି ଖବର ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ପାଥପୁର ଗ୍ରାମର ବହୁ ଲୋକେ ଓ ସୁନୀଲ ସମ୍ପର୍କୀୟ ଭାଇମାନେ ଘଟଣାସ୍ଥଳରେ ପହଞ୍ଚି ପିଲାମାନଙ୍କୁ ସେମାନଙ୍କ ମା'ଙ୍କ ପାଖକୁ ପଠାଇଦେବା ପାଇଁ ପୋଲିସ ନିକଟରେ ଅନୁରୋଧ କରିଥିଲେ। ଏନେଇ ପୋଲିସ ସୁହାସିନୀଙ୍କ ପାଖକୁ ଖବର ପଠାଇଥିଲା। ଏହାପରେ ସୁହାସିନୀ ଆଠଗଡରେ ପହଞ୍ଚି ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ତଦନ୍ତ ଜାରି ରହିଛି ବୋଲି ଆଠଗଡ ଥାନା ଉପନିରୀକ୍ଷକ ଶକୁନ୍ତଳା ଦାସ କହିଛନ୍ତି।

# ସମବାୟ ଆନ୍ଦୋଳନର ଭିତ୍ତିଭୂମି ବାଙ୍କୀରେ ପଡ଼ିଥିଲା




ମହୋତ୍ସବରେ ଯୋଗଦେଇଥିବା ମଞ୍ଚାସୀନ ଅତିଥିବୃନ୍ଦ।

**ବାଙ୍କୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

**ବାଙ୍କୀ,୩୧।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର)** ବାଙ୍କୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ମଙ୍ଗଳବାର କଚେରି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ପ୍ରତିଷ୍ଠାତା ସଭାପତି ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। କଳା, ସାହିତ୍ୟ ଓ ସଂସ୍କୃତି ପରିଷଦର କଳାକାରମାନଙ୍କ ଦ୍ୱାରା ସଙ୍ଗୀତ ଗାନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ସାମାଜିକ ସୁରକ୍ଷା ମନ୍ତ୍ରୀ ଅଶୋକ କୁମାର ପଣ୍ଡା ଯୋଗଦେଇ ବାଙ୍କୀର ସାଂସ୍କୃତିକ ଐତିହ୍ୟର ପ୍ରସାର ଲକ୍ଷ୍ୟ ନେଇ ମହୋତ୍ସବ ଆରମ୍ଭ ହୋଇଛି ବୋଲି କହିଥିଲେ। ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରମୋଦ ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଶାର ସମବାୟ ଆନ୍ଦୋଳନର ଭିତ୍ତିଭୂମି ବାଙ୍କୀରେ ପ୍ରତିଷ୍ଠା ହୋଇଥିଲା ବୋଲି କହିଥିଲେ। ବାଙ୍କୀ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଆଶିଷ ସାହୁ, ମହୋତ୍ସବ ଉପସଭାପତି ଭାଗୀରଥି ପାଣି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ମହୋତ୍ସବ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ସନାତନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶିଷ୍ଟ ଅତିଥିଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ମୁଖ୍ୟ ବକ୍ତାଭାବେ ପ୍ରାଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ଯୋଗଦେଇଥିଲେ। ଏହି ଅବସରରେ କବୟିତ୍ରୀ ଅମୂଲ୍ୟବାଳା ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଅଭୁଲା ବେଦନା ସାଇତା କୋହ' ଉନ୍ମୋଚନ କରାଯାଇଥିଲା। ପରେ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ପୁରସ୍କାର ଦିଆଯାଇଥିଲା। ଏହାକୁ ମହୋତ୍ସବ ଉପସଭାପତି ସନ୍ତୋଷ କୁମାର ରଣା ପରିଚାଳନା କରିଥିଲେ। ସମ୍ପାଦକ ଶ୍ରୀନିବାସ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶାର ନାମ ପରିବର୍ତ୍ତନ କରି ଉତ୍କଳ ରଖିବାକୁ ଦାବି

**ଜନଶକ୍ତି ପାର୍ଟିର ସଚେତନତା କାର୍ଯ୍ୟକ୍ରମ**

**ମାହାଙ୍ଗା, ୩୧।୧୦(ଯଯାତି ସିଂହ):** ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନର ସୁରକ୍ଷା ପାଇଁ ବିଭିନ୍ନ ପ୍ରସଙ୍ଗରେ ଲଢ଼େଇ କରି ଆସୁଥିବା ଜନଶକ୍ତି ପାର୍ଟି ପୁଣି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଅଭିଯାନ ଆରମ୍ଭ କରିଛି। ଓଡ଼ିଶାର ନାଁ ପରିବର୍ତ୍ତନ କରି ଉତ୍କଳ ରଖିବା ଦାବି ଜୋର୍‌ଦାର କରିବା ପାଇଁ ଜନ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଜନଶକ୍ତି ପାର୍ଟି ରାଜ୍ୟବ୍ୟାପୀ ଉତ୍କଳ ରଥ ପରିକ୍ରମା ଆରମ୍ଭ କରିଛି। ଏହି ଅବସରରେ ମାହାଙ୍ଗା ବ୍ଲକ କୁଆଁପାଳଠାରେ ଜନଶକ୍ତି ପାର୍ଟି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜନଶକ୍ତି ପାର୍ଟି ରାଜ୍ୟ ସଭାପତି ଆଇନଜୀବୀ ପ୍ରଦୀପ ଦାଶ, ସେବାଦଳ ପ୍ରମୁଖ ଅଶୋକ କୁମାର ରାଉତ, ଦଳିତ ପ୍ରମୁଖ ନାରାୟଣ ମଲିକ, ସଂଖ୍ୟାଲଘୁ ସେଲ୍ ସଭାପତି ସେକ୍ ଅମିରୁଦ୍ଦିନ, ମହାଦେବ ସେନା ଅଧ୍ୟକ୍ଷ ଧ୍ରୁବ ବାବା, ସମ୍ପାଦକ ଇଂ ସମରେନ୍ଦ୍ର ଜେନା, ପ୍ରକାଶ ଜେନା ପ୍ରମୁଖ ଯୋଗଦେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦସ୍ତଖତ ଅଭିଯାନ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଉତ୍କଳ ପ୍ରଦେଶ ଗଠନ କରିବାକୁ କେନ୍ଦ୍ରାପଡ଼ା ଶ୍ରୀବଳଦେବଜୀଉଙ୍କ ପୀଠରୁ ଗତ ୨୦ ତାରିଖରୁ ଉତ୍କଳ ରଥ ସମଗ୍ର ରାଜ୍ୟ ଭ୍ରମଣ କରି ପଶ୍ଚିମ ଓଡିଶାର ସମ୍ବଲପୁର ଓ ବରଗଡ଼ ଦେଇ ସଚେତନ କାର୍ଯ୍ୟକ୍ରମ ଚାଲୁ ରଖିଛି। ଏହି କାର୍ଯ୍ୟକ୍ରମ ୨୦୨୪ ଜାନୁୟାରୀ ୧ ତାରିଖ ପର୍ଯ୍ୟନ୍ତ ଚାଲୁରହିବ ବୋଲି ରାଜ୍ୟ ସଭାପତି ପ୍ରଦୀପ ଦାଶ ସୂଚନା ଦେଇଛନ୍ତି।

# ଜାତୀୟ ଭଲିବଲ୍ ଟିମ୍‌ରେ ନିଶ୍ଚିନ୍ତକୋଇଲିର ଛାତ୍ର

**ନିଶ୍ଚିନ୍ତକୋଇଲି,୩୧।୧୦ (ଅଶୋକ କୁମାର ମହାପାତ୍ର)** ୧୭ବର୍ଷରୁ କମ୍ ଜାତୀୟସ୍ତରର ଭଲିବଲ୍ ଖେଳିବା ନିମନ୍ତେ ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ଗ୍ରାମର ଜଣେ ଛାତ୍ର ମନୋନୀତ ହୋଇଛନ୍ତି। ସେ ହେଲେ ଏହି ଗ୍ରାମର ସିଆରସିସି ସରୋଜ ରଞ୍ଜନ ଜେନା ଓ ଅଙ୍ଗନୱାଡି କର୍ମୀ ଲକ୍ଷ୍ମୀପ୍ରିୟା ଲେଙ୍କାଙ୍କ ପୁଅ ଶୁଭମ ଜ୍ୟୋତ ଜେନା। ସେ ବୋଧଙ୍ଗସ୍ଥିତ ମା' ଶାରଳା ସଂସ୍କୃତ ଉଚ୍ଚବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀରେ ପଢ଼ନ୍ତି। ଏହି ଭଲିବଲ୍ ଟିମ୍‌ରେ ରାଜ୍ୟରୁ ୭ ଜଣ ମନୋନୀତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ଶୁଭମ୍ ରହିଛନ୍ତି। ଏହି ୧୨ ଖେଳାଳି ଗତ ୨୨ରୁ ୨୮ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇଥିଲେ। ୩୦ ତାରିଖରୁ ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ଜାମୁକାଶ୍ମୀର ଠାରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ଏହି ଖେଳାଳିମାନେ ଭାଗନେବେ ଜଣାପଡ଼ିଛି। ଏନେଇ ନିଶ୍ଚିନ୍ତକୋଇଲିରେ ଖୁସିର ଲହରୀ ଖେଳିଯାଇଛି।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା




**କଟକ,୩୧।୧୦(ସୁପ୍ରିୟା ପ୍ରିୟଦର୍ଶିନୀ)** ସୟିଦ ସେମିନାରୀ ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସହକାରୀ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କର ୩୩ ବର୍ଷ କାର୍ଯ୍ୟକାଳ ଶେଷ ହୋଇଥିବାରୁ ସେ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ଏବଂ ସୟିଦ ସେମିନାରୀ ପରିଚାଳନା କମିଟି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ସୟିଦ ସେମିନାରୀ ପରିଚାଳନା କମିଟି ସଭାପତି ମହମ୍ମଦ ଆସ୍‌ଫାକ୍ ଅଲ୍ଲି ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଏକ ଭାବବିହ୍ୱଳ ପରିବେଶରେ ଦୁର୍ଗାପ୍ରସାଦଙ୍କ ଭଳି ଜଣେ ଛାତ୍ରବତ୍ସଳ ଶିକ୍ଷକଙ୍କ ବିଦାୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜୀବିଦା ବେଗମ୍ ଯୋଗଦେଇ ଦୁର୍ଗାପ୍ରସାଦଙ୍କ କର୍ମମୟ ଜୀବନୀ ଏବଂ ଉକ୍ତ ଅନୁଷ୍ଠାନ ପ୍ରତି ତାଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଦୁର୍ଗାପ୍ରସାଦ ମଧ୍ୟ ନିଜ କାର୍ଯ୍ୟକାଳ ଉପରେ କହିଥିଲେ। ହିନ୍ଦୀ ଶିକ୍ଷକ ସାନାଇ ମାନପତ୍ର ପାଠ କରିଥିବାବେଳେ ସହକାରୀ ପ୍ରଧାନ ଶିକ୍ଷକ ଏସ୍.ଏ.ଏମ. ରୁବି ଧନ୍ୟବାଦ ଦେଇଥିଲେ।

# ଆଠଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୧୪୪ ଧାରା

**ଆଠଗଡ଼, ୩୧।୧୦(ସତ୍ୟ ପ୍ରସାଦ ରଥ):** ଆଠଗଡ଼କୁ ଜିଲା କରିବା ଦାବି ନେଇ ପ୍ରତୀକାତ୍ମକ ଧାରଣା ସୋମବାରଠାରୁ ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ଧାରଣାସ୍ଥଳରେ ୧୪୪ ଧାରା ଜାରି କରାଯାଇଛି। ଆଠଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଆଠଗଡ଼ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରତୀକାତ୍ମକ ଧାରଣା ଦିଆଯାଇଥିଲା। କମିଟି ତରଫରୁ ପ୍ରତ୍ୟେକ ଦିନ ମଧ୍ୟାହ୍ନ ୧୧ଟାରୁ ଗୋଟାଏ ପର୍ଯ୍ୟନ୍ତ ପ୍ରତୀକାତ୍ମକ ଧାରଣା ଚାଲୁ ରହିବ ବୋଲି କୁହାଯାଇଥିଲା। ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୪୪ ଧାରା ଲାଗୁ କରାଯାଇଥିବାରୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମହୋତ୍ସବ ପଡିଆ ସମ୍ମୁଖରେ ଏହି ଧାରଣା ଦିଆଯାଇଥିଲା। ଏ ସମ୍ପର୍କରେ କ୍ରିୟାନୁଷ୍ଠାନ କମିଟିର ଆବାହକ ଲଲାଟେନ୍ଦୁ ସେନାପତି କହିଛନ୍ତି, ଅକ୍ଟୋବର ୧୧ରେ ସେ ଉପଜିଲାପାଳଙ୍କୁ ଲିଖିତ ଭାବେ ଏହି ଧାରଣା ସମ୍ପର୍କରେ ଅବଗତ କରାଇଥିଲେ। ଏସମ୍ପର୍କରେ ଉପଜିଲାପାଳ ପ୍ରଶାନ୍ତ ତରାଇ କହିଛନ୍ତି, ସାଧାରଣ ଲୋକଙ୍କ ସୁବିଧା ଦୃଷ୍ଟିରୁ କୌଣସି ସରକାରୀ କାର୍ଯ୍ୟାଳୟ ପରିସରରେ ଧାରଣ ଦିଆ ନ ଯିବା ପାଇଁ ପୂର୍ବରୁ ସରକାରୀ ନିର୍ଦ୍ଦେଶନାମା ରହିଛି।

# ୩ ଖଇନି କମ୍ପାନୀରେ ଜିଏସ୍‌ଟି ଚଢ଼ାଉ



ଜିଏସ୍‌ଟି ଅଧିକାରୀମାନେ ଚଢ଼ାଉ କରୁଛନ୍ତି।

**କମ୍ପ୍ୟୁଟର, କାଗଜପତ୍ର ଜବତ**

**ବଡ଼ମ୍ବା,୩୧।୧୦(ମାୟାଧର ମଲ୍ଲିକ):** କଟକ ଜିଲା ବଡ଼ମ୍ବା ବ୍ଲକ୍ ଅନ୍ତର୍ଗତ ବେଲିଆପାଳ ଗ୍ରାମର ୩ ଖଇନି ବ୍ୟବସାୟୀଙ୍କ ଘରେ ଜିଏସ୍‌ଟି ବିଭାଗ ତରଫରୁ ମଙ୍ଗଳବାର ଚଢ଼ାଉ କରାଯାଇଛି। ଟିକସ ଫାଙ୍କିବା ଅଭିଯୋଗରେ ଏହି ଚଢ଼ାଉ କରାଯାଇଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଭୁବନେଶ୍ୱର ଜିଏସ୍‌ଟି କମିଶନର ଅଶୋକ ଜେନାଙ୍କ ନେତୃତ୍ୱରେ ୧୫ ଜଣିଆ ଅଧିକାରୀ ଚଢ଼ାଉରେ ସାମିଲ ହୋଇଥିଲେ। ଗ୍ରାମରେ ଚାଲୁଥିବା ମା'ଦୁର୍ଗା ଖଇନି, ମହାବୀର ଖଇନି ଓ ଦୁର୍ଗା ଖଇନି କମ୍ପାନୀରେ ଏହି ଚଢ଼ାଉ କରାଯାଇଛି। ବ୍ୟବସାୟୀଙ୍କ କମ୍ପ୍ୟୁଟର, ବିକ୍ରି କାଗଜପତ୍ର, ଷ୍ଟକ, ମୋବାଇଲ ଫୋନ୍ ଆଦି ଜବତ କରାଯାଇଛି। କିଣାବିକା ସମ୍ବନ୍ଧିତ କାଗଜପତ୍ର ୩ ଦିନ ମଧ୍ୟରେ ପ୍ରଦାନ କରିବାକୁ ବିଭାଗ ପକ୍ଷରୁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ନୋଟିସ ଦିଆଯାଇଛି।

# 'ଇନ୍ଦିରା ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ'

**ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ, ପଟେଲଙ୍କ ଜୟନ୍ତୀ**

**କଟକ/ ମାହାଙ୍ଗା/କଟକ ସଦର /ମଙ୍ଗୁଳି-ଜଗତ୍‌ପୁର (ଶିଳ୍ପା ପ୍ରିୟଦର୍ଶିନୀ/ଯଯାତି ସିଂହ/ସୁଶାନ୍ତ କୁମାର ଜେନା/ମାନସ ସାମଲ) ୩୧।୧୦** କଟକ ସେଲ୍‌ଟର ଛକସ୍ଥିତ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ କାର୍ଯ୍ୟାଳୟଠାରେ ମଙ୍ଗଳବାର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ଓ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କଂଗ୍ରେସ ନେତୃବୃନ୍ଦମାନେ ଇନ୍ଦିରା ଓ ପଟେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ନିକୁଞ୍ଜ ପସାୟତ, ଶୈଳବାଳା ଜେନା, ସେକ୍ ଲିଆକତ ଉଦ୍ଦିନ ଅହମ୍ମଦ, ନିତ୍ୟାନନ୍ଦ ରାଉତରାୟ, ଶରତ ଚନ୍ଦ୍ର ସେଠୀ, ବିକି ଚକ୍ରବର୍ତ୍ତୀ, ଆର୍ଯ୍ୟବୀର ଲେଙ୍କା, ସେକ୍ ଗୁଲାମମୋଇଦ୍ଦିନ, ଅନିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ୩୯ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁଙ୍କ ସହଯୋଗରେ ବ୍ଲକ କଂଗ୍ରେସ କମିଟି ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ଯୁବନେତା ଉତ୍ତମ କୁମାର ବେହେରା, ସରୋଜ ପରିଡା, ଚୈତନ୍ୟ ଚରଣ ପାଣି, ପ୍ରଦୀପ୍ତ କୁମାର ରାଉତରାୟ, ଅଶୋକ କର, ରମେଶ ସାମଲ, ପୀର ପୃଷ୍ଟି, ପ୍ରଦୀପ ପଲେଇ, କପିଳ ଚନ୍ଦ୍ର ରଣା, ତ୍ରୈଲୋକ୍ୟ ବିହାରୀ ଦାସ, ଉତ୍ସବ ପରିଡା, ମହେଶ୍ୱର ରାଉତ, ଅରବିନ୍ଦ ପଣ୍ଡା, ଦୀପକ ଦାସ, ବିଚିତ୍ରାନନ୍ଦ ରାଉତରାୟ, ସଚ୍ଚିନ୍ଦ୍ର ବାରିକ, ପୀତବାସ ସେଠୀ, ସଞ୍ଜୀବ ବାରିକ, ଗୌରାଙ୍ଗ ଜେନା, ସୌମ୍ୟରଞ୍ଜନ ସାହୁ, ଯୁବନେତା ସେକ୍ ବାଦଲ, ମହମ୍ମଦ ଅତରୁଲ୍ ଇସଲାମ୍, ଅଭିମନ୍ୟୁ ମଲ୍ଲିକ, ସୁନାକର ବରାଳଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତାମାନେ ଉପସ୍ଥିତ ରହି କୁମୁଡ଼ହାଟ ପରିସରରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ ଇନ୍ଦିରା ଗାନ୍ଧୀ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ଉପସ୍ଥିତ ବ୍ୟକ୍ତିମାନେ ପ୍ରକାଶ କରିଥିଲେ।

ସେହିପରି କଟକ ସଦର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ୪୨ ମୌଜାସ୍ଥିତ ବେଣ୍ଟକାରଠାରେ ପାଳିତ ହୋଇଯାଇଛି। କଟକ ସଦର ବ୍ଲକ କଂଗ୍ରେସ କମିଟିର କର୍ମକର୍ତ୍ତାମାନେ ପ୍ରଥମେ ପୁଷ୍କରିଣୀରେ ତିଳତର୍ପଣ କରିବା ପରେ ଇନ୍ଦିରା ଗାନ୍ଧୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ବ୍ଲକ କଂଗ୍ରେସ କମିଟି ସଭାପତି ରାମଚନ୍ଦ୍ର ଗୋଚ୍ଛାୟତଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଦୁର୍ଗାଶଙ୍କର ଦାଶ, ଉଗ୍ରସେନ ଭୂୟାଁ, ସୁବ୍ରତ ଦାସ, ଋଷି କାଣ୍ଡି, ରବିନାରାୟଣ ନାୟକ, ପ୍ରଫୁଲ୍ଲ ଜେନା, ସବିର ମହମ୍ମଦ, ଦିଲୀପ କୁମାର ସାମଲ, ପ୍ରଦୀପ କୁମାର ସାହୁ, ନଜବୁର ହୁସେନ ଖାଁ, ଅକ୍ଷୟ ରାଉତଙ୍କ ସମେତ କଂଗ୍ରେସ କର୍ମକର୍ତ୍ତାମାନେ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାଣକୃଷ୍ଣ ଭୋଇ ଧନ୍ୟବାଦ ଦେଇଥିଲେ।

କଟକ ନଗର ୮ନଂ. ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଜଗତପୁରସ୍ଥିତ ଉତ୍କଳ ଦୁର୍ଗାପୂଜା ମଣ୍ଡପ ସଭାଗୃହରେ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ କମିଟି ସଭାପତି ଅଲେଖ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦିକା ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ମାନସ ପରିଡା, ବିପନ ପଶାୟତ, ସେଖ୍ ଜାଫର, ନଗର ସାଧାରଣ ସମ୍ପାଦକ ଜୟନାରାୟଣ ତ୍ରିପାଠୀ, ସମ୍ପାଦକ ଲକ୍ଷ୍ମୀଧର ଶରଣ ଓ ସୁମତି ହେମ୍ବ୍ରମ ପ୍ରମୁଖ ଯୋଗଦେଇଥିଲେ।



ବିଧାୟକ ମହମ୍ମଦ ମୋକିମଙ୍କ କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳନ କରାଯାଉଛି।

## ସଂକ୍ଷେପରେ

### ୩.୩୩ ଲକ୍ଷ କମ୍ପାନୀ ଟଙ୍କାକୁ ନେଇ ଲୁଟ୍ ଡ୍ରାମା

କଲେକ୍ସନ୍ ଏଜେଣ୍ଟ, ୨ ସହଯୋଗୀ ଗିରଫ

ଭୁବନେଶ୍ୱର,୩୧।୧୦(ସତ୍ୟଜିତ୍ ରାଉତ)

କମ୍ପାନୀର ୩.୩୩ ଲକ୍ଷ ଟଙ୍କାକୁ ଆତ୍ମସାତ୍ କରିବାକୁ କଲେକ୍ସନ୍ ଏଜେଣ୍ଟ କରିଥିଲେ ଲୁଟ୍ ଡ୍ରାମା। ହେଲେ ପୋଲିସର ତଦନ୍ତ ବେଳେ ଏହି ନାଟକ ଧରାପଡ଼ିଯାଇଛି। ତମାଣ୍ଡୋ ଥାନା ପୋଲିସ କଲେକ୍ସନ୍ ଏଜେଣ୍ଟ ଓ ଦୁଇ ସହଯୋଗୀଙ୍କୁ ମଙ୍ଗଳବାର ଗିରଫ କରି ଘଟଣାର ରହସ୍ୟ ଉନ୍ମୋଚନ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଲେକ୍ସନ ଏଜେଣ୍ଟ ତଥା ଭରତପୁର ଥାନା ଅନ୍ତର୍ଗତ ତାରିଣୀ ବସ୍ତିରେ ରହୁଥିବା ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳର ଜୟନ୍ତ କୁମାର ସାହୁ, ତାଙ୍କ ସହଯୋଗୀ ତଥା ପିଉସୀ ପୁଅ ନିଶାକାନ୍ତ ସାହୁ ଓ କଳିଙ୍ଗ ଷ୍ଟୁଡିଓ ଛକ ପାଖ ଓଁକାର ବସ୍ତିର ଜି. ରାଜୁ ସାହୁ। ସେମାନଙ୍କଠାରୁ ଲୁଟ୍ ଟଙ୍କାରୁ ମାତ୍ର ୧୪ ହଜାର ଟଙ୍କା ଓ ଦୁଇଟି ବାଇକ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଖଦି ବୋର୍ଡ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ପୁରୁଣା ଭୁବନେଶ୍ୱର,୩୧।୧୦(ସୁବାସଚନ୍ଦ୍ରପ୍ରଧାନ)

ବିଜେବି ନଗର ଯୁବ ପ୍ରତିଭା କ୍ଲବ ପକ୍ଷରୁ ୨୧ତମ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି। ସୋମବାର ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୃତି ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଖଦି ଓ ଗ୍ରାମୋଦ୍ୟୋଗ ବିଭାଗ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ବରହମପୁରର ଚନ୍ଦ୍ର ଶେଖରଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନେକ ପ୍ରତିଭାବାନଙ୍କୁ ଚିହ୍ନଟ କରି ସ୍ୱତନ୍ତ୍ର ପରିଚୟ ଦେବାରେ ଏଭଳି ଯୁବ ପ୍ରତିଭାଙ୍କୁ ଆମେ ପ୍ରତ୍ୟେକ ବର୍ଷ ସମ୍ବର୍ଦ୍ଧିତ କରୁଛୁ ବୋଲି ଆୟୋଜକ କ୍ଲବ ଉପଦେଷ୍ଟା ସମରେଶ ବେଉରା କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜେଶ ପ୍ରଧାନ, ତନୁଜ ମହାନ୍ତି, ରାକେଶ ବେଉରିଆ, ନିବାସ ସିଂ, ସ୍ମୃତି ସାଗର ମହାପାତ୍ର, ଦେବାଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ବାଲିପାଟଣା,୩୧।୧୦(ଅଭିମନ୍ୟୁ ନାୟକ)

ବନମାଳୀପୁରସ୍ଥିତ କୁଶଭଦ୍ରା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର କ୍ଲଷ୍ଟରସ୍ତରରେ ପ୍ରତିଭା ପ୍ରଦର୍ଶନ କରି ବିଭିନ୍ନ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଆକାଂକ୍ଷା ପ୍ରିୟଦର୍ଶିନୀ ପ୍ରଧାନଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇ ଛାତ୍ରୀଛାତ୍ର ସମାନ ଗତିରେ ଚାଲିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବ ଶିକ୍ଷା ବିଭାଗ ଉପନିର୍ଦ୍ଦେଶକ ଡ. ସନାତନ ପଣ୍ଡା, ଭାଗୀରଥି ପାତ୍ର, ଅର୍ଣ୍ଣବ ବେହୁରା, ରଶ୍ମିରଞ୍ଜନ ପଣ୍ଡା, ରଘୁନାଥ ଲେଙ୍କା, ଦିଲୀପ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,୩୧।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଳ ପଞ୍ଚାୟତର କହ୍ନେଇପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ଭୋଇଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ କହ୍ନେଇପୁର ଗ୍ରାମ୍ୟ କମିଟି ସଭାପତି ଅଭିମନ୍ୟୁ ଦଳେଇ ସଭାପତିତ୍ୱ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ମଗୁଲି ଚରଣ ଜେନା ମୁଖ୍ୟ ଅତିଥି, ବିଆରସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ମାଲୁଦ ଶିକ୍ଷା ସର୍କଲ ସଭାପତି ସୁଦର୍ଶନ ସେଠୀ, ସମ୍ପାଦକ ବିମଳ କୁମାର ରଣସିଂହ, କହ୍ନେଇପୁର ଗ୍ରାମ୍ୟ କମିଟି ସମ୍ପାଦକ ଅଭୟ କୁମାର ଦଳେଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହାଡୁବନ୍ଧୁ ତରେଇ, ଗ୍ରାମ୍ୟ କମିଟି ଅଙ୍ଗନୱାଡ଼ି ଚେୟାରମ୍ୟାନ ଲକ୍ଷ୍ମୀଧର ପ୍ରଧାନ, ବରିଷ୍ଠ ପ୍ରଧାନ ଶିକ୍ଷକ ନିରଞ୍ଜନ ପାହାଣ, ପ୍ରକାଶ ଚନ୍ଦ୍ର ବେହେରା, ସିଆରସିସି ବିଦ୍ୟାଧର ଜେନା, ରାମକାନ୍ତ ଜେନା, ସତ୍ୟବାଦୀ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ କୈଳାସ ଚନ୍ଦ୍ର ଭୋଇଙ୍କୁ ଉପଢୌକନ ସହିତ ମାନପତ୍ର ପ୍ରଦାନ କରାଯାଇ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଘରୁ ଡାକିନେଇ କରାଯାଇଥିଲା ହତ୍ୟା

ଖୋର୍ଦ୍ଧା,୩୧।୧୦(ପ୍ରଭାତ ପାଣିଗ୍ରାହୀ)



ଅଭିଯୁକ୍ତଙ୍କୁ ନେଇ ପୋଲିସ ଘଟଣାସ୍ଥଳରେ ସିନ୍‌ରିକ୍ରିଏଶନ କରୁଛି।

- ୨ ଗିରଫ, ସିନ୍‌ରିକ୍ରିଏଶନ କଲା ପୋଲିସ
- ମୃତକଙ୍କୁ ଏକ କିମି ଘୋଷାରି ନେଇଥିଲେ

ଗୁରୁଜଙ୍ଗ ଅଞ୍ଚଳର ପ୍ରଶାନ୍ତ ବେହେରାଙ୍କ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ କରିଛି ଖୋର୍ଦ୍ଧା ଟାଉନ ପୋଲିସ। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଅଞ୍ଚଳର ବାବୁଲା ବାରିକ ଓ ବାବୁଲି ବେହେରା। ପୂର୍ବ ଶତ୍ରୁତାରୁ ପ୍ରଶାନ୍ତଙ୍କୁ ଘରୁ ଡାକିନେଇ ପଥରରେ ଛେଚି ହତ୍ୟା କରିବା ପରେ ବିଲରେ ଫିଙ୍ଗି ଦେଇଥିଲେ ବୋଲି ଅଭିଯୁକ୍ତଦ୍ୱୟ ସ୍ୱୀକାର କରିଛନ୍ତି। ମଙ୍ଗଳବାର ଅପରାହ୍ନରେ ଏହି ହତ୍ୟାକାଣ୍ଡର ସିନ୍ ରିକ୍ରିଏଶନ କରିଛି ପୋଲିସ। କେଉଁଠି ସେମାନେ ଏକାଠି ହୋଇଥିଲେ, କେଉଁଠି ବସିଥିଲେ ଏବଂ ହତ୍ୟା ପରେ କିପରି ମୃତଦେହକୁ ଘୋଷାରି ନେଇ ବିଲରେ ଫୋପାଡିଥିଲେ, ସେ ସମସ୍ତ ଘଟଣାକୁ ପୋଲିସ ଭିଡିଓଗ୍ରାଫି କରିଛି। ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ଥାନା ଅଧିକାରୀ ତାରିକ ଅହମ୍ମଦ, ଏସ୍‌ଆଇ ବି.ମନ୍ତ୍ରୀ ଓ ସସ୍ମିତା ବେହେରା ପ୍ରମୁଖ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳ ଅନୁଧ୍ୟାନ କରିଥିଲେ। ସିନ୍ ରିକ୍ରିଏଶନ ବେଳେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା।

ଏନେଇ ଏସ୍‌ଡିପିଓ ଦାସ କହିଛନ୍ତି, ଗତ ୨୬ ତାରିଖରେ ବିଲରୁ ପ୍ରଶାନ୍ତଙ୍କ ମୃତଦେହ ଜବତ କରାଯାଇଥିଲା। ତାଙ୍କ ଭାଇଙ୍କ ଅଭିଯୋଗକ୍ରମେ ହତ୍ୟା ମାମଲା (ନଂ.୭୧୭/୨୩) ରୁଜୁ କରାଯାଇ ତଦନ୍ତ ବେଳେ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଧରି ପଚରାଉଚରା ବେଳେ ସେମାନେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଏହି ଘଟଣାର ସିନ୍ ରିକ୍ରିଏଶନ କରାଯାଇ ଭିଡିଓଗ୍ରାଫି କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ପୂର୍ବ ଶତ୍ରୁତାରୁ ପ୍ରଶାନ୍ତଙ୍କୁ ହତ୍ୟା କରିଥିବା ଅଭିଯୁକ୍ତମାନେ କହିଛନ୍ତି। ଘଟଣା ଦିନ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତଦ୍ୱୟ ପ୍ରଶାନ୍ତଙ୍କ ଛାତିକୁ ଏକ ପଥର ଛେଚି ଦେଇଥିଲେ। ପରେ ମୃତଦେହକୁ ପ୍ରାୟ ଏକ କି.ମି. ଘୋଷାରି ନେଇ ଏକ ବିଲରେ ଫୋପାଡ଼ି ପଳାଇଥିଲେ। ମୃତକଙ୍କ ଭାଇ ପ୍ରମୋଦ କହିଛନ୍ତି, ଗତ ୨୫ ତାରିଖ ରାତି ପ୍ରାୟ ସାଢ଼େ ୮ଟାରେ ଅଭିଯୁକ୍ତଦ୍ୱୟ ଘରକୁ ଆସିଥିଲେ। ବୋଉ ପଚାରିବାରୁ କଥା ଅଛି କହି ପ୍ରଶାନ୍ତଙ୍କୁ ଘରୁ ଡାକି ନେଇଥିଲେ। ପରେ ସେ ଆଉ ଘରକୁ ଫେରି ନ ଥିଲା। ବହୁ ଖୋଜାଖୋଜି ପରେ ନ ପାଇ ଥାନାରେ ଅଭିଯୋଗ କରିଥିଲି। ପୋଲିସଠାରୁ ଖବରପାଇ ମେଡିକାଲରେ ପହଞ୍ଚିବା ପରେ ଭାଇର ମୃତଦେହ ଜବତ ହୋଇଥିବା ଜାଣିବାକୁ ପାଇଥିଲି। ପ୍ରଶାନ୍ତଙ୍କ କାହା ସହ ଶତ୍ରୁତା ନ ଥିଲା। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସେ ଦାବି କରିଛନ୍ତି।

## ଦେଶର ଅଖଣ୍ଡତା ପାଇଁ ଶପଥ ପାଠ



ଖୋର୍ଦ୍ଧା,୩୧।୧୦(ପ୍ରଭାତ ପାଣିଗ୍ରାହୀ)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀଙ୍କୁ ଜାତୀୟ ଏକତା ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଦେଶର ଏକତା, ଅଖଣ୍ଡତା ତଥା ସୁରକ୍ଷା ଦିଗରେ ନିଜକୁ ସମର୍ପିତ ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଶପଥପାଠ କରାଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ଭୁବନେଶ୍ୱର ଉପଜିଲାପାଳ ଚିନ୍ମୟ କୁମାର ଆଚାର୍ଯ୍ୟ, ଖୋର୍ଦ୍ଧାର ଦୀପ୍ତିରଞ୍ଜନ ସେଠୀ, ତହସିଲଦାର ବିଭାସ ପାଣିଗ୍ରାହୀ, ଭୁବନେଶ୍ୱର ତହସିଲଦାର ମାନସ ରଞ୍ଜନ ସ୍ୱାଇଁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ।

# ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ ନୂଆ ରାଜ୍ୟପାଳ



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ଅବସରରେ ନୂଆ ରାଜ୍ୟପାଳ ରଘୁବର ଦାସ ଏବଂ ଅନ୍ୟମାନେ।

ପୁରୁଣା ଭୁବନେଶ୍ୱର,୩୧।୧୦(ସୁବାସ ଚନ୍ଦ୍ର ପ୍ରଧାନ)

**ରାଜ୍ୟ ସଫଳତାର ଶିଖର ଛୁଉଁ: ରଘୁବର ଦାସ**

ଓଡ଼ିଶା ରାଜ୍ୟପାଳ ଭାବେ ରଘୁବର ଦାସ ଶପଥ ଗ୍ରହଣ କରିବା ପୂର୍ବରୁ ମଙ୍ଗଳବାର ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ନେଇଛନ୍ତି। ଶ୍ରୀଜୀଉଙ୍କୁ ଦର୍ଶନ କରିବା ଅବସରରେ ରାଜ୍ୟ ଏବଂ ସମଗ୍ର ଦେଶ ସଫଳତାର ଶିଖର ଛୁଉଁ ବୋଲି ସେ କାମନା କରିଥିଲେ। ସକାଳ ୯ଟା ୫ରେ ସ୍ୱତନ୍ତ୍ର ପୋଲିସ କର୍ଡନରେ ସେ ଲିଙ୍ଗରାଜ ମନ୍ଦିର ମୁଖଶାଳାରେ ପହଞ୍ଚିଥିଲେ। ପରେ ତାଙ୍କୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ ଅଧିକାରୀ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ମନ୍ଦିର ମଧ୍ୟକୁ ପାଛୋଟି ନେଇଥିଲେ। ପ୍ରଥମେ ଗଣେଶ ମନ୍ଦିରକୁ ଯାଇଥିଲେ। ସେଠାରୁ ଗର୍ଭଗୃହରେ ପହଞ୍ଚିବା ପରେ ପାଳିଆ ବଡୁ ସେବାୟତ ଶକ୍ତିରେ ଜଳାଭିଷେକ କରିଥିଲେ। ଏଥିସହ ଖଇକୋରା ଭୋଗ ସମର୍ପଣ କରିଥିଲେ। ପରେ ମା’ ପାର୍ବତୀ ଏବଂ ଅନ୍ୟ ପାର୍ଶ୍ୱଦେବଦେବୀ ମନ୍ଦିର ପରିଦର୍ଶନ କରିଥିଲେ। ପ୍ରାୟ ୫୫ ମିନିଟ୍ ମନ୍ଦିରରେ ରହଣିକାଳ ମଧ୍ୟରେ ନବନିଯୁକ୍ତ ରାଜ୍ୟପାଳ ଏବଂ ତାଙ୍କ ଟିମ୍ ବିଭିନ୍ନ ଜାଗାରେ ଫଟୋ ଉତ୍ତୋଳନ କରିଥିଲେ। ଏହି ସମୟରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ଯୁବନେତା ବାବୁ ସିଂ, ଜଗନ୍ନାଥ ପ୍ରଧାନ, ଦିଲୀପ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ଉପସ୍ଥିତ ଥିଲେ।

### ହବିଷିଆଳିଙ୍କ ମୁଣ୍ଡ ଫାଟିଲା

ପୁରୀ, ୩୧।୧୦(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯାଉଥିବା ଜଣେ ହବିଷିଆଳି ତଳେ ପଡ଼ିଯିବାରୁ ତାଙ୍କର ମୁଣ୍ଡ ଫାଟିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ହବିଷିଆଳି ଜଣଙ୍କ ହେଲେ ଗଞ୍ଜାମର ସରୋଜିନୀ ମିଶ୍ର (୬୮)। ସୂଚନା ଅନୁଯାୟୀ, ସରକାରଙ୍କ ପକ୍ଷରୁ କରାଯାଇଥିବା ଶିବିରରେ ରହି ସରୋଜିନୀ କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ସେ ମଙ୍ଗଳବାର ମହାପ୍ରଭୁଙ୍କ ଦର୍ଶନ କରିବାକୁ ଶ୍ରୀମନ୍ଦିର ଯାଇଥିଲେ। ସେଠାରୁ ଦର୍ଶନ ସାରି ଫେରିବା ସମୟରେ ଅରୁଣସ୍ତମ୍ଭ ନିକଟରେ ପ୍ରବଳ ଗହଳି କାରଣରୁ ପଡ଼ିଯାଇଥିଲେ। ତାଙ୍କ ପଛପଟ ମୁଣ୍ଡରେ ଆଘାତ ଲାଗିଥିଲା। ମୁଣ୍ଡ ଫାଟିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ଉଦ୍ଧାର କରି ମେଡିକାଲକୁ ନିଆଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି।

## ରାଷ୍ଟ୍ରୀୟ ଏକତା ଦିବସ ପାଳନ




ଜଟଣୀ,୩୧।୧୦(ରବୀନ୍ଦ୍ର ନାଥ ମହାକୁଡ଼)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ପକ୍ଷରୁ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଭାରତର ଏକତା ପାଇଁ ତାଙ୍କର ଅବଦାନ ଅବିଶ୍ୱସନୀୟ। ଏହି ଅବସରରେ ଖୋର୍ଦ୍ଧାରୋଡ ରେଳମଣ୍ଡଳ ପକ୍ଷରୁ ଏକ ଗଣଦୌଡ ଅନୁଷ୍ଠିତ ହୋଇଥିଲା। ରେଳମଣ୍ଡଳ କାର୍ଯ୍ୟାଳୟ ଠାରୁ ଖୋର୍ଦ୍ଧାରୋଡ ରେଳଷ୍ଟେଶନ ପର୍ଯ୍ୟନ୍ତ ଅନୁଷ୍ଠିତ ଦୌଡ କାର୍ଯ୍ୟକ୍ରମକୁ ରେଳମଣ୍ଡଳ ପ୍ରବନ୍ଧକ ଏଚ୍.ଏସ.ବାଜୱା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଏକତା ଦୌଡରେ ଅଧିକାରୀ, କର୍ମଚାରୀ, ରେଳ ସୁରକ୍ଷା ବାହିନୀ ଓ ସ୍କାଉଟ-ଗାଇଡ ପିଲାମାନେ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧାରୋଡ ଷ୍ଟେଶନଠାରେ ଏଚ୍.ଏସ.ବାଜୱା ସମସ୍ତଙ୍କୁ ଏକତା ଦିବସ ପ୍ରତିଶ୍ରୁତିର ଶପଥ ପାଠ କରାଇଥିଲେ। ଦେଶର ଏକତା ରକ୍ଷା ପାଇଁ ନିଜକୁ ଉତ୍ସର୍ଗ କରିବାକୁ ସମସ୍ତେ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆର.ଏନ୍.ଏ. ପରିଡା ସଂଯୋଜନା କରିଥିଲେ।

# ଓଏଚ୍‌ଆର୍‌ସି ପକ୍ଷରୁ ବିଡିଏ ସଚିବଙ୍କୁ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ

ଭୁବନେଶ୍ୱର, ୩୧।୧୦ (ବନ୍ଦନା ସେଠୀ)

**ଓକିଲଙ୍କ ବୈଠକଖାନା ଉଚ୍ଛେଦ ପ୍ରସଙ୍ଗ**

ଭୁବନେଶ୍ୱରର ଓକିଲଙ୍କ ବୈଠକଖାନାକୁ ବଳପୂର୍ବକ ଉଚ୍ଛେଦ କରିବା ପ୍ରସଙ୍ଗରେ ରାଜ୍ୟ ମାନବିକ ଅଧିକାର କମିଶନ ପକ୍ଷରୁ ବିଡିଏ ସଚିବ କବିନ୍ଦ୍ର କୁମାର ସାହୁଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ଜାନୁୟାରୀ ୨୫ରେ ସଚିବ ଓ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ପ୍ରମୋଦ ପାତ୍ର ଉଭୟେ ବ୍ୟକ୍ତିଗତ ଭାବେ କମିଶନ୍‌ରେ ହାଜର ହେବେ। ଏନେଇ ମଙ୍ଗଳବାର କମିଶନ ଅଧ୍ୟକ୍ଷ ବିଚାରପତି ଶତ୍ରୁଘ୍ନ ପୁଜାହାରୀଙ୍କ ଖଣ୍ଡପୀଠ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲ୍ ୧୧ରେ ବିଡିଏ ପକ୍ଷରୁ ଗୌତମନଗରସ୍ଥିତ ପ୍ଲଟ୍ ନଂ. ୩୭୦ (ଘରବାରି)ରେ ଥିବା ଏହି ବୈଠକଖାନାକୁ ବଳପୂର୍ବକ ଉଚ୍ଛେଦ କରାଯାଇଥିଲା। ଏନେଇ ଆଇନଜୀବି ବିଜୟ ପଣ୍ଡା, ଗୋଲେଖ ପ୍ରସାଦ ନାୟକ, ସୁଭାଶିଷ ପଣ୍ଡା ପ୍ରମୁଖ ମାନବିକ ଅଧିକାର କମିଶନରେ ଏପ୍ରିଲ ୧୫ରେ ଅଭିଯୋଗ କରିଥିଲେ। ଅଭିଯୋଗର ଶୁଣାଣି କରି କମିଶନ ପକ୍ଷରୁ ବିଡିଏକୁ ନୋଟିସ୍ ଜାରି କରାଯାଇଥିଲା। ମେ’ ୧୫ରେ ହୋଇଥିବା ଶୁଣାଣିରେ ବିଡିଏ ପକ୍ଷରୁ ଏହାକୁ ଭଙ୍ଗା ଯାଇ ନ ଥିବା କୁହାଯାଇଥିଲା। ମାତ୍ର କମିଶନ ଏଥିରେ ସନ୍ତୁଷ୍ଟ ନ ହୋଇ ସତ୍ୟପାଠ ଦାବି କରିବାରୁ ଏହା ପର ତାରିଖରେ ବିଡିଏ ସଚିବ ସତ୍ୟପାଠ ଦାଖଲ କରି ଆଇନଜୀବିଙ୍କ ଅଭିଯୋଗ ଅସତ୍ୟ ବୋଲି ଦର୍ଶାଇଥିଲେ।

# ହବିଷିଆଳିଙ୍କୁ ଠକି ଦଲାଲ ଧରାପଡ଼ିଲେ

ପୁରୀ, ୩୧।୧୦(ଅଜିତ ମହାନ୍ତି)

**ସରକାରୀ ଶିବିରରେ ରଖାଇ ଦେବାକୁ କହି ଟଙ୍କା ନେଉଥିଲେ**

ସମ୍ପ୍ରତି ପବିତ୍ର କାର୍ତ୍ତିକ ମାସରେ ପୁରୀରେ ଭକ୍ତ ଓ ହବିଷିଆଳିଙ୍କ ଗହଳିକୁ ଦୃଷ୍ଟିରେ ରଖି ଦଲାଲ ସକ୍ରିୟ ହୋଇଉଠିଛନ୍ତି। ଭକ୍ତ ଓ ହବିଷିଆଳିଙ୍କଠାରୁ ଲୁଟ୍ କରିବା ଓ ସେମାନଙ୍କୁ ବିଭିନ୍ନ ଉପାୟରେ ଠକିବା ପାଇଁ ଦଲାଲମାନେ ସୁଯୋଗ ଖୋଜୁଛନ୍ତି। ଟିକେ ସୁଯୋଗ ପାଇବା ମାତ୍ରେ ଟଙ୍କାପଇସା ଓ ଜିନିଷପତ୍ର ଲୁଟି ନେଉଛନ୍ତି। ଏପରିକି ବାହାରୁ ଆସୁଥିବା ହବିଷିଆଳିଙ୍କୁ ସରକାରୀ ହବିଷିଆଳି ଶିବିରରେ ରଖାଇ ଦେବାକୁ କହି ଠକୁଛନ୍ତି। ଏଭଳି ଏକ ଘଟଣା ମଙ୍ଗଳବାର ବଗଲା ଧର୍ମଶାଳା ସରକାରୀ ହବିଷିଆଳି ଶିବିର ନିକଟରେ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ପୁରୀରେ ରହି ହବିଷ କରିବାକୁ ଶନିବାର ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳରୁ ୭ଜଣ ହବିଷିଆଳି ଆସିଥିଲେ। ସେମାନେ କିନ୍ତୁ ପୂର୍ବରୁ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରି ନ ଥିଲେ। ତେଣୁ ସେମାନଙ୍କୁ ସରକାରୀ ହବିଷିଆଳି କେନ୍ଦ୍ରରେ ରହିବା ଲାଗି ମନା କରିଦିଆଯାଇଥିଲା। ପଞ୍ଜୀକରଣ ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନଠାରୁ ପତ୍ର ଆଣିବାକୁ ସେମାନଙ୍କୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଫଳରେ ସମ୍ପୃକ୍ତ ହବିଷିଆଳିମାନେ ନିଜ ଅଞ୍ଚଳକୁ ଯାଇ କାଗଜପତ୍ର ପ୍ରସ୍ତୁତ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ସେଥିରେ ନିରାଶ ହେବାରୁ ପୁଣି ପୁରୀକୁ ଆସିଥିଲେ। ମଙ୍ଗଳବାର ସେମାନେ ବଗଲା ଧର୍ମଶାଳା ସରକାରୀ ହବିଷିଆଳି ଶିବିର ନିକଟରେ ପହଞ୍ଚିଥିଲେ। ଉକ୍ତ ଶିବିରରେ ରହିବା ଲାଗି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଅଧିକାରୀ ଜଣଙ୍କ ତାଙ୍କୁ ଅପେକ୍ଷା କରିବାକୁ କହି କୌଣସି କାମରେ ବ୍ୟସ୍ତଥିଲେ। ଏହି ସମୟରେ ବାଣପୁର ଖଜୁରିଆର ହବିଷିଆଳି କୈଳାସା ପ୍ରଧାନଙ୍କ ମୋବାଇଲକୁ ଏକ କଲ୍ ଆସିଥିଲା। ହବିଷିଆଳି ଶିବିରରେ ରଖାଇଦେବା ପାଇଁ ସେମାନଙ୍କୁ ୭ହଜାର ଟଙ୍କା ମଗାଯାଇଥିଲା। ସେ ବଗଲା ଶିବିରରେ ଭଲରେ ଥିବା କହି ଟଙ୍କା ଦେବାକୁ ମନା କରିଥିଲେ। ତେବେ ଟଙ୍କା ନ ଦେଲେ ଶିବିରରେ ରହିପାରିବ ନାହିଁ ବୋଲି ସମ୍ପୃକ୍ତ ବ୍ୟକ୍ତି କହିବାରୁ କୈଳାସା ଏଥିଲାଗି ରାଜି ହୋଇଥିଲେ। ଏକଥା ଅଧିକାରୀଙ୍କୁ ଜଣାଇ କୈଳାସା ଟଙ୍କା ନେଇ ନରେନ୍ଦ୍ରକୋଣସ୍ଥିତ ବୃନ୍ଦାବତୀ ଶିବିର ନିକଟରେ ପହଞ୍ଚିଥିଲେ। ଜଣେ ବ୍ୟକ୍ତି ମୁହଁରେ ନାଲି ଗାମୁଛା ବାନ୍ଧି ଟଙ୍କା ନେବାକୁ ଆସି ପହଞ୍ଚିଥିଲେ। ସେ କୈଳାସାଙ୍କଠାରୁ ଟଙ୍କା ନେଉଥିବା ବେଳେ ଅଧିକାରୀ ଓ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ।

# ଅଖଣ୍ଡ ଭାରତ ଗଠନରେ ପଟେଲଙ୍କ ଅବଦାନ ଅତୁଳନୀୟ

**ଗୁରୁକୁଳ ଶିକ୍ଷା ନିକେତନରେ ରାଷ୍ଟ୍ରୀୟ ଏକତା ଦିବସ**

ବୋଲଗଡ଼,୩୧।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସାଲତରାସ୍ଥିତ ଗୁରୁକୁଳ ଶିକ୍ଷାନିକେତନ ଆନୁକୂଲ୍ୟରେ ମଙ୍ଗଳବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୮ତମ ପୁଣ୍ୟ ଜନ୍ମତିଥି ଅବସରରେ ଛାତ୍ରୀଛାତ୍ରମାନେ ଏକତା ପାଇଁ ଗଣଦୌଡ଼ କାର୍ଯ୍ୟକ୍ରମରେ ସାମିଲ ହୋଇ ବିଭିନ୍ନ ଦେଶାତ୍ମବୋଧ ସ୍ଲୋଗାନ ଦେବା ସହ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ସଭାପତି ବିଜୟ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାର ପ୍ରାରମ୍ଭରେ ପଣ୍ଡିତ ମାୟାଧର ପାଣିଗ୍ରାହୀ ମଙ୍ଗଳା ଚରଣ ପାଠ କରିଥିଲେ। ସର୍ଦ୍ଦାର ପଟେଲଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ସହ ସଭାପତି ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତା ସୁରକ୍ଷା ସମ୍ବନ୍ଧୀୟ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସର୍ଦ୍ଦାର ପଟେଲଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ସଭାରେ ବୋଲଗଡ଼ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ରତିକାନ୍ତ ମିଶ୍ର ମୁଖ୍ୟ ଅତିଥି, ପୂର୍ବତନ ସେନାଧିକାରୀ ବସନ୍ତ କୁମାର ହୋତା ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାରଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ସାହୁ ଧନ୍ୟବାଦ ଦେଇଥିଲେ। ସାମାଜିକ କର୍ମୀ ଶ୍ରୀବତ୍ସ ପାଣିଗ୍ରାହୀ, ଯୋଗିନାଥ ମହାପାତ୍ର, ଶିକ୍ଷକ ପ୍ରଦୀପ କୁମାର ପଣ୍ଡା, ମନୋଜ କୁମାର ବାରିକ, ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ପାଣିଗ୍ରାହୀ, ସନ୍ଧ୍ୟାରାଣୀ ପଣ୍ଡାଙ୍କ ସମେତ ସମସ୍ତ ଗୁରୁମା, ଗୁରୁଜୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସ୍କୁଲ ଫାଟକରେ ତାଲା ପକାଇଲେ ଛାତ୍ରୀଛାତ୍ର

ନିରାକାରପୁର,୩୧।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)



ସ୍କୁଲ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

ସର୍ବଶିକ୍ଷା ଅଭିଯାନ ଓ ୫-ଟି ଯୋଜନା ମାଧ୍ୟମରେ ବିଦ୍ୟାଳୟର ଉନ୍ନତି ଓ ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ଯୋଗାଇଦେବା ଲକ୍ଷ୍ୟରେ ରାଜକୋଷର କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଶିକ୍ଷକଙ୍କ ଅଭାବରୁ ପାଠପଢ଼ାରେ ସମସ୍ୟା ସୃଷ୍ଟି ହେଉଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ଓଲସିଂହ ପଞ୍ଚାୟତ ଡମଣଭୂମି ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି।

ସୂଚନା ମୁତାବକ, ଏହି ବିଦ୍ୟାଳୟ ୧୯୩୪ ମସିହାରେ ସ୍ଥାପିତ ହୋଇଥିବା ବେଳେ ଏଠାରେ ପ୍ରଥମରୁ ୧୦ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀଗୃହ ରହିଛି। ୩୪୪ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ଏହି ସ୍କୁଲରେ ଦିର୍ଘଦିନ ହେବ ସଂସ୍କୃତ, କ୍ରୀଡ଼ା, କମ୍ପ୍ୟୁଟର ଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ କିରାଣୀ ପଦବୀ ମଧ୍ୟ ଖାଲିପଡିଛି। ସ୍ଥାୟୀ ସଂସ୍କୃତ ଶିକ୍ଷକ ସହିତ ବିଜ୍ଞାନ ଶିକ୍ଷକ ଡେପୁଟେଶନରେ ଆସୁଥିବା ଶିକ୍ଷକଙ୍କୁ ସ୍ଥାୟୀଭାବେ ରଖିବା ନେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ମଙ୍ଗଳବାର ଶିକ୍ଷକ ପଦବୀ ପୂରଣ ଦାବିରେ ସ୍କୁଲର ସମ୍ମୁଖ ଗେଟରେ ତାଲା ପକାଇ ଛାତ୍ରୀଛାତ୍ରମାନେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ଖବରପାଇ ବ୍ଲକ୍ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଶିକ୍ଷାଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ସହିତ ଉପସ୍ଥିତ ପରିଚାଳନା କମିଟିର ସଭାପତି, ଅଭିଭାବକ, ସ୍ଥାନୀୟ ସମିତିସଭ୍ୟ ଓ ଜଙ୍କିଆ ଥାନା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ୩ଦିନ ମଧ୍ୟରେ ଜଣେ ସ୍ଥାୟୀ ସଂସ୍କୃତ ଶିକ୍ଷକ ଦିଆଯିବ ଏବଂ ଅନ୍ୟାନ୍ୟ ବିଷୟ ପାଇଁ ଉଚ୍ଚ ଅଧିକାରୀଙ୍କ ସହ କଥା ହୋଇ କାର୍ଯ୍ୟକାରୀ କରାଯିବ ବୋଲି ଶିକ୍ଷାଧିକାରୀ କହିଥିଲେ। ଏହା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଗାମୀ ଦିନରେ ଉକ୍ତ ସମସ୍ୟାର ସମାଧାନ ନ ହୁଏ ସ୍କୁଲ ଫାଟକରେ ତାଲା ପକାଯିବ ବୋଲି ପରିଚାଳନା କମିଟିର ସଭାପତି ବିନୋଦ ଭୋଳ, ସାମାଜିକକର୍ମୀ ରଞ୍ଜନ ଭୋଳ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଶିଶୁକନ୍ୟା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ୍

**ପୁରୀ ଅଫିସ:** ପୁରୀ କୁମ୍ଭାରପଡ଼ା ଥାନା ଅଞ୍ଚଳରେ ୨୦୨୦ ଫେବୃୟାରୀ ୧୪ରେ ଏକ ତିନି ବର୍ଷର ଶିଶୁକନ୍ୟାକୁ ବଳାତ୍କାର କରାଯାଇଥିବା ଅଭିଯୋଗ ସଂକ୍ରାନ୍ତ ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ପୁରୀ ଫାଷ୍ଟ ଟ୍ରାକ ସ୍ପେଶାଲ ପୋକ୍ସୋ କୋର୍ଟ ଅଭିଯୁକ୍ତ ଉମାକାନ୍ତ ଆଚାର୍ଯ୍ୟଙ୍କୁ ୨୦ ବର୍ଷ ଜେଲ୍ ସହ ୨୦ ହଜାର ଟଙ୍କାର ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନାଯୋଗ୍ୟ, କୁମ୍ଭାରପଡ଼ା ଥାନାରେ ଏ ନେଇ ୨୦୨୦ ଫେବୃୟାରୀ ୧୬ ତାରିଖରେ ଏକ ମାମଲା ରୁଜୁ ହୋଇଥିଲା। ସେତେବେଳେ ଏହି ଘଟଣାର ତଦନ୍ତଭାର ଆଇଓ ସମରେନ୍ଦ୍ର ପାଇକରାୟ ଗ୍ରହଣ କରିଥିଲେ। ୧୮ଜଣଙ୍କ ସାକ୍ଷୀଙ୍କ ବୟାନକୁ ଆଧାର କରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୧୦।୨୦୨୩

| ୩,୩୭,୧୬୮ ଟଙ୍କା | |
|---|---|
| ସୁନା | ୦.୧୦୦ ଗ୍ରାମ୍ |
| ରୁପା | ୧୮.୪୦୦ ଗ୍ରାମ୍ |

# ହବିଷିଆଳିଙ୍କୁ ଠକି ଦଲାଲ ଧରାପଡ଼ିଲେ

### ସରକାରୀ ଶିବିରରେ ରଖାଇ ଦେବାକୁ କହି ଟଙ୍କା ନେଉଥିଲେ

ପୁରୀ, ୩୧।୧୦(ଅଜିତ ମହାନ୍ତି)

ସମ୍ପ୍ରତି ପବିତ୍ର କାର୍ତ୍ତିକ ମାସରେ ପୁରୀରେ ଭକ୍ତ ଓ ହବିଷିଆଳିଙ୍କ ଗହଳିକୁ ଦୃଷ୍ଟିରେ ରଖି ଦଲାଲ ସକ୍ରିୟ ହୋଇଉଠିଛନ୍ତି। ଭକ୍ତ ଓ ହବିଷିଆଳିଙ୍କଠାରୁ ଲୁଟ୍ କରିବା ଓ ସେମାନଙ୍କୁ ବିଭିନ୍ନ ଉପାୟରେ ଠକିବା ପାଇଁ ଦଲାଲମାନେ ସୁଯୋଗ ଖୋଜୁଛନ୍ତି। ଟିକେ ସୁଯୋଗ ପାଇବା ମାତ୍ରେ ଟଙ୍କାପଇସା ଓ ଜିନିଷପତ୍ର ଲୁଟି ନେଉଛନ୍ତି। ଏପରିକି ବାହାରୁ ଆସୁଥିବା ହବିଷିଆଳିଙ୍କୁ ସରକାରୀ ହବିଷିଆଳି ଶିବିରରେ ରଖାଇ ଦେବାକୁ କହି ଠକୁଛନ୍ତି। ଏଭଳି ଏକ ଘଟଣା ମଙ୍ଗଳବାର ବଗଲା ଧର୍ମଶାଳା ସରକାରୀ ହବିଷିଆଳି ଶିବିର ନିକଟରେ ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ପୁରୀରେ ରହି ହବିଷ କରିବାକୁ ଶନିବାର ଖୋର୍ଦ୍ଧା ଜିଲା ବାଣପୁର ଅଞ୍ଚଳରୁ ୭ଜଣ ହବିଷିଆଳି ଆସିଥିଲେ। ସେମାନେ କିନ୍ତୁ ପୂର୍ବରୁ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରି ନ ଥିଲେ। ତେଣୁ ସେମାନଙ୍କୁ ସରକାରୀ ହବିଷିଆଳି କେନ୍ଦ୍ରରେ ରହିବା ଲାଗି ମନା କରିଦିଆଯାଇଥିଲା। ପଞ୍ଜୀକରଣ ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନଠାରୁ ପତ୍ର ଆଣିବାକୁ ସେମାନଙ୍କୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଫଳରେ ସମ୍ପୃକ୍ତ ହବିଷିଆଳିମାନେ ନିଜ ଅଞ୍ଚଳକୁ ଯାଇ କାଗଜପତ୍ର ପ୍ରସ୍ତୁତ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ସେଥିରେ ନିରାଶ ହେବାରୁ ପୁଣି ପୁରୀକୁ ଆସିଥିଲେ। ମଙ୍ଗଳବାର ସେମାନେ ବଗଲା ଧର୍ମଶାଳା ସରକାରୀ ହବିଷିଆଳି ଶିବିର ନିକଟରେ ପହଞ୍ଚିଥିଲେ। ଉକ୍ତ ଶିବିରରେ ରହିବା ଲାଗି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଅଧିକାରୀ ଜଣଙ୍କ ତାଙ୍କୁ ଅପେକ୍ଷା କରିବାକୁ କହି କୌଣସି କାମରେ ବ୍ୟସ୍ତଥିଲେ। ଏହି ସମୟରେ ବାଣପୁର ଖଜୁରିଆର ହବିଷିଆଳି କୈଳାସା ପ୍ରଧାନଙ୍କ ମୋବାଇଲକୁ ଏକ କଲ୍ ଆସିଥିଲା। ହବିଷିଆଳି ଶିବିରରେ ରଖାଇଦେବା ପାଇଁ ସେମାନଙ୍କୁ ୭ହଜାର ଟଙ୍କା ମଗାଯାଇଥିଲା। ସେ ବଗଲା ଶିବିରରେ ଭଲରେ ଥିବା କହି ଟଙ୍କା ଦେବାକୁ ମନା କରିଥିଲେ। ତେବେ ଟଙ୍କା ନ ଦେଲେ ଶିବିରରେ ରହିପାରିବ ନାହିଁ ବୋଲି ସମ୍ପୃକ୍ତ ବ୍ୟକ୍ତି କହିବାରୁ କୈଳାସା ଏଥିଲାଗି ରାଜି ହୋଇଥିଲେ। ଏକଥା ଅଧିକାରୀଙ୍କୁ ଜଣାଇ କୈଳାସା ଟଙ୍କା ନେଇ ନରେନ୍ଦ୍ରକୋଣସ୍ଥିତ ବୃନ୍ଦାବତୀ ଶିବିର ନିକଟରେ ପହଞ୍ଚିଥିଲେ। ଜଣେ ବ୍ୟକ୍ତି ମୁହଁରେ ନାଲି ଗାମୁଛା ବାନ୍ଧି ଟଙ୍କା ନେବାକୁ ଆସି ପହଞ୍ଚିଥିଲେ। ସେ କୈଳାସାଙ୍କଠାରୁ ଟଙ୍କା ନେଉଥିବା ବେଳେ ଅଧିକାରୀ ଓ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ମାତ୍ର ସମ୍ପୃକ୍ତ ବ୍ୟକ୍ତି ସେମାନଙ୍କୁ ଧକ୍କା ମାରି ବସ୍‌ରେ ପଳାଇଯିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ତାଙ୍କୁ ଲୋକେ କାବୁକରି କୁମ୍ଭାରପଡ଼ା ଥାନା ପୋଲିସ ଜିମା ଦେଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ କୌଶିକ୍ ସାମନ୍ତରାୟ ବୋଲି ଜଣାପଡ଼ିଛି। ତାଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବାବେଳେ ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି। ତେବେ ପୋଲିସ ଏହି ଘଟଣାର ଛାନଭିନ୍ କରିବା ସହ ଏକ ମୋଟରସାଇକେଲ ଜବତ କରିଛି।

## ହବିଷିଆଳିଙ୍କ ମୁଣ୍ଡ ଫାଟିଲା

**ପୁରୀ, ୩୧।୧୦(ଅଜିତ୍ ମହାନ୍ତି):** ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯାଉଥିବା ଜଣେ ହବିଷିଆଳି ତଳେ ପଡ଼ିଯିବାରୁ ତାଙ୍କର ମୁଣ୍ଡ ଫାଟିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ହବିଷିଆଳି ଜଣଙ୍କ ହେଲେ ଗଞ୍ଜାମର ସରୋଜିନୀ ମିଶ୍ର (୬୮)। ସୂଚନା ଅନୁଯାୟୀ, ସରକାରଙ୍କ ପକ୍ଷରୁ କରାଯାଇଥିବା ଶିବିରରେ ରହି ସରୋଜିନୀ କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ସେ ମଙ୍ଗଳବାର ମହାପ୍ରଭୁଙ୍କ ଦର୍ଶନ କରିବାକୁ ଶ୍ରୀମନ୍ଦିର ଯାଇଥିଲେ। ସେଠାରୁ ଦର୍ଶନ ସାରି ଫେରିବା ସମୟରେ ଅରୁଣସ୍ତମ୍ଭ ନିକଟରେ ପ୍ରବଳ ଗହଳି କାରଣରୁ ପଡ଼ିଯାଇଥିଲେ। ତାଙ୍କ ପଛପଟ ମୁଣ୍ଡରେ ଆଘାତ ଲାଗିଥିଲା। ମୁଣ୍ଡ ଫାଟିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ଉଦ୍ଧାର କରି ମେଡିକାଲକୁ ନିଆଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି।




ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ୫୬ତମ କୁମାର ଉତ୍ସବ ଉଦ୍‌ଯାପନୀ ଦିବସରେ ଯୋଗଦେଇଥିବା ଅତିଥିମାନେ।

# ବିନୋଦ ରାଠୋରଙ୍କ ଗୀତରେ ଝୁମିଲେ

### ୫୬ତମ କୁମାର ଉତ୍ସବ ଉଦ୍‌ଯାପିତ

ପୁରୀ, ୩୧।୧୦(ଅଜିତ୍ ମହାନ୍ତି)

କୁମାର ଉତ୍ସବ ସମିତି ପକ୍ଷରୁ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ୫୬ତମ କୁମାର ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଆଇଟିଡିସି ଅଧ୍ୟକ୍ଷ ତଥା ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ, ଭାଜପା ନେତ୍ରୀ ଉପାସନା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କୁମାର ଉତ୍ସବ ସମିତିର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସଭାପତି ବିଭୁପ୍ରସାଦ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର, ଚକ୍ରଧର ମହାପାତ୍ର, ମନୋଜ ରଥ, ଅମରେନ୍ଦ୍ର ପାଇକରାୟ ଏବଂ ଅନୁଷ୍ଠାନର ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ନାଟ୍ୟ ନିର୍ଦ୍ଦେଶକ ରବି ତ୍ରିପାଠୀ, ସାମ୍ବାଦିକ ନାରାୟଣ ପ୍ରସାଦ ସିଂହ ଏବଂ ନୀତା ଫୁଟବଲ ଏକାଡେମୀକୁ ସମ୍ମାନିତ କରାଯାଇଥିଲା। ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବଲିଉଡ୍ କଣ୍ଠଶିଳ୍ପୀ ବିନୋଦ ରାଠୋର ଓ ଟ୍ରୁପ୍‌ଙ୍କ ସଙ୍ଗୀତରେ ଦର୍ଶକମାନେ ଝୁମିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ବହୁ ଦର୍ଶକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସଙ୍ଗଠକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ। ତେବେ ୧୪ ବର୍ଷ ଧରି ସାଧାରଣ ସମ୍ପାଦକ ରହିଥିବା ସ୍ୱାଧୀନ କୁମାର ପଣ୍ଡା ତାଙ୍କ ପଦବୀରୁ ଅବ୍ୟାହତି ନେଇଛନ୍ତି।



## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗ

**ନିମାପଡ଼ା,୩୧।୧୦(ବିଚିତ୍ରାନନ୍ଦ ସାହୁ):** ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୯ ବର୍ଷୀୟାଙ୍କୁ ଜଣେ ଯୁବକ ବିଭିନ୍ନ ପ୍ରକାରର ମିଥ୍ୟା ପ୍ରତିଶ୍ରୁତି ଦେଇ ବିବାହ ପ୍ରଲୋଭନ ଦେଖାଇ ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ନିଜ ଘରେ ରଖିଥିଲେ। ଯୁବତୀଙ୍କ ଅନିଚ୍ଛା ସତ୍ତ୍ୱେ ଯୁବକ ତାଙ୍କୁ ବାରମ୍ବାର ବଳାତ୍କାର କରିଛନ୍ତି। ଏବେ ଦୁହିଁଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ହେବାରୁ ଯୁବକ ଜଣଙ୍କ ବିଭିନ୍ନ ଧମକ ଦେଇ ଖରାପ ଭାଷାରେ ଗାଳିଗୁଲଜ କରି ଯୁବତୀଙ୍କୁ ଘରୁ ବାହାର କରିଦେଇଛନ୍ତି। ଏ ସମ୍ପର୍କରେ ଯୁବତୀ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଯୁବକ ଜଣଙ୍କ ହେଲେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅଧୀନ ନରଦାଗ୍ରାମର ସୁଶାନ୍ତ ସାମଲ (୨୨)। ପୋଲିସ ଏନେଇ ଦଫା ୨୭୬(୨) (ଏନ୍)ରେ ୪୦୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଥାନା ଆଇଆଇସି ବାମଦେବ ସ୍ୱାଇଁ ଏହି ମାମଲାର ତଦନ୍ତ ଚଳାଉଛନ୍ତି। ପୋଲିସ ଯୁବତୀଙ୍କ ଡାକ୍ତରୀମାଇନା କରିଥିବାବେଳେ ବୁଧବାର ସୁଶାନ୍ତଙ୍କ ଡାକ୍ତରୀମାଇନା କରାଯିବ ବୋଲି ପୋଲିସ ସୂଚନା ଦେଇଛି। ସୁଶାନ୍ତଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି। ଯୁବତୀ ଜଣକ ଏବେ ତାଙ୍କ ବାପଘରେ ଆଶ୍ରୟ ନେଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଡାକ୍ତରୀମାଇନା ପରେ ସୁଶାନ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଫିସର ଆଇଆଇସି ସ୍ୱାଇଁ କହିଛନ୍ତି।

# ଥାନା ସାମ୍ନାରେ ମହିଳାଙ୍କ ଧାରଣା

ଅସ୍ତରଙ୍ଗ,୩୧।୧୦(ପ୍ରଦୀପ୍ତ ଦୀକ୍ଷିତ)

ଅସ୍ତରଙ୍ଗ ଥାନା ଅଧୀନ ପାଟଳଦା ପଞ୍ଚାୟତ ସୁନ୍ଦର ଗ୍ରାମରେ ମହିଳା ଗୋଷ୍ଠୀ ମାସିକ କିଛି ଅର୍ଥ ସଞ୍ଚିତ କରି ରଖୁଥିଲେ। ତନ୍ମଧ୍ୟରୁ ଜଣେ ମହିଳା ସଭାନେତ୍ରୀ ହୋଇ ଉକ୍ତ ଅର୍ଥ ରଖୁଥିଲେ। ଗୋଷ୍ଠୀର ଜଣେ ମହିଳାଙ୍କ ଅସୁବିଧା ପଡ଼ିଥିବାବେଳେ ସେ ସଞ୍ଚିତ ଅର୍ଥ ଟଙ୍କା ମାଗିବାରୁ ସଭାନେତ୍ରୀ ଜଣକ ବିଭିନ୍ନ ଆଳ ଦେଖାଇ ଅର୍ଥ ଦେଇ ନ ଥିଲେ। ଯାହାକୁ ନେଇ ମହିଳାମାନେ ମଙ୍ଗଳବାର ଅସ୍ତରଙ୍ଗ ଥାନା ସାମ୍ନାରେ ସନ୍ଧ୍ୟାରେ ଧାରଣା ଦେଇଥିଲେ। ଅନ୍ୟପଟେ ଅସ୍ତରଙ୍ଗ ପୋଲିସ ସଭାନେତ୍ରୀଙ୍କୁ ଡାକି ଘଟଣା ସମ୍ପର୍କରେ ପଚରାଉଚରା ଚଳାଇଛି।



## ଦୌଡ଼କୁଦ ପ୍ରତିଯୋଗିତା

**କଣାସ, ୩୧।୧୦(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକସ୍ତରୀୟ ବିଦ୍ୟାଳୟସମୂହ ଦୌଡ଼କୁଦ ପ୍ରତିଯୋଗିତା ସ୍ଥାନୀୟ ଗଡବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଗଡବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବାରଦା ବାଦଲପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଧନକେନ୍ଦ୍ରର ସାଧନକର୍ମୀ ଭୂପତି ଭୂଷଣ ତ୍ରିପାଠୀ ଓ ଗଡବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ଆଲୁମିନି ପ୍ରତିନିଧି ସଂଗ୍ରାମ ପାଲଟାସିଂହ, ବରିଷ୍ଠ କ୍ରୀଡ଼ା ଶିକ୍ଷକ ବିପିନ ବିହାରୀ ନାୟକ, ଶିକ୍ଷକ ସୁବାସ ଚନ୍ଦ୍ର ଦାସ ଓ ଉତ୍ସବର ସଂଗଠନ ସଂପାଦକ ବିଭୂତି ଭୂଷଣ ଜେନା ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାର ଆଭିମୁଖ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହି ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କ୍ରୀଡାଶିକ୍ଷକ ବିଭୂତି ଭୂଷଣ ସାମନ୍ତରାୟ, ସୂର୍ଯ୍ୟକାନ୍ତ ପ୍ରଧାନ, ତନୁଜ ପରିଡା, ବନଲତା ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ଝୁଲନ୍ତା ମୃତଦେହ ଜବତ

**ପିପିଲି,୩୧।୧୦: (ପ୍ରଭାତ କୁମାର ମହାପାତ୍ର):** ପିପିଲି ଥାନା ନିଜିଗଡ଼କୁରଖି ଶ୍ରୀକୁରଖେଶ୍ୱର ପାହାଡ଼ ତଳ ଗ୍ରାମ୍ୟ ଜଙ୍ଗଲରୁ ଏକ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସ୍ଥାନୀୟ ଲୋକେ ମଙ୍ଗଳବାର ଜାଳେଣୀ କାଠ ସଂଗ୍ରହ ପାଇଁ ଉକ୍ତ ଜଙ୍ଗଲକୁ ଯାଇଥିବାବେଳେ ଗୋଟିଏ ଗଛରେ ଝୁଲନ୍ତା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କୁ ଦେଖି ପୋଲିସକୁ ଖବର ଦେଇଥିଲେ। ମୃତକ ଜଣକ ହେଉଛନ୍ତି ପିପିଲି ଥାନା ଜଗନ୍ନାଥପୁର ଗାଁର ଲକ୍ଷ୍ମଣ ବେହେରା(୩୬)। ସେ ବିବାହିତ ଓ ତାଙ୍କର ଗୋଟିଏ ପୁଅ ରହିଛି। ମୃତଦେହ ଝୁଲୁଥିବା ଗଛମୂଳେ ଏକ ଖାଲି ମଦ ବୋତଲ ସାଙ୍ଗକୁ ପାଣି ବୋତଲ, କୁରକୁରି ଓ ଏକ ବ୍ୟାଗ୍ ପଡ଼ିଥିବାବେଳେ କିଛି ଦୂରରେ ତାଙ୍କର ସାଇକେଲ ଥିବା ପୋଲିସ ସୂଚନା ଦେଇଛି। ପିପିଲି ପୋଲିସ ଲକ୍ଷ୍ମଣଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି।

# ଜିଲାସ୍ତରୀୟ କଳା ଉତ୍ସବ



ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀମାନେ।

ପୁରୀ, ୩୧।୧୦(ଅଜିତ୍ ମହାନ୍ତି)

ପୁରୀ ଜିଲାସ୍ତରୀୟ କଳା ଉତ୍ସବ ମଙ୍ଗଳବାର ସ୍ଥାନୀୟ ଏଲ୍‌ଆଇସି କଲୋନୀ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏକ ଅଭିନବ ପ୍ରୟାସ। ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ଏବଂ ଶିକ୍ଷା ମାଧ୍ୟମରେ ପିଲାଙ୍କ ପୂର୍ଣ୍ଣାଙ୍ଗ ବିକାଶ ତଥା ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସାଧନ କରାଇବା। କଳା ଉତ୍ସବରେ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ, ଲଘୁ ସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟ, ଏକକ ଅଭିନୟ, ଅଭିନୟ ଓ ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ବରଦା ପ୍ରସନ୍ନ ରାଉତ, ମମତା ବେହେରା, କମଳକାନ୍ତ ରଥ, ଇତି ହୋତା, ନାରାୟଣ ଚନ୍ଦ୍ର ମହାନ୍ତି, ରଶ୍ମିରଞ୍ଜନ ନାୟକ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଲ୍‌ଆଇସି କଲୋନୀ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶେଷରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମର୍ଥା ଧନ୍ୟବାଦ ଅର୍ପଣ କରିଥିଲେ।

# ବନାଖଣ୍ଡି ଛକରେ ମା’ ଲକ୍ଷ୍ମୀପୂଜା

**କୋଣାର୍କ, ୩୧।୧୦(ଜ୍ୟୋତିରାଜ ମହାନ୍ତି):** କୋଣାର୍କସ୍ଥିତ ବନାଖଣ୍ଡି ଛକରେ ମା’ ଲକ୍ଷ୍ମୀପୂଜା କମିଟି ଆନୁକୂଲ୍ୟରେ ମା’ ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଯାଇଛି। ଚଳିତବର୍ଷ ମହାମାୟୀ ମା’ ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ଆରମ୍ଭ ହୋଇଛି। ଧାର୍ମିକ ରୀତିନୀତି ଅନୁଯାୟୀ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ପୂଜା କମିଟି ଓ ଶ୍ରଦ୍ଧାଳୁମାନେ କଳସ ଯାତ୍ରାରେ ଯାଇ ପବିତ୍ର ଜଳ ଆଣିବା ପରେ ମା’ଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ମା’ ଲକ୍ଷ୍ମୀଙ୍କ ନିକଟରେ ହୋମ, ଯଜ୍ଞ ଆଦି କରାଯାଇ ପୂଜାର୍ଚ୍ଚନା କରାଯାଇଛି। ଏହି ପୂଜା କାର୍ଯ୍ୟ ମା’ ଲକ୍ଷ୍ମୀପୂଜା କମିଟି ବନାଖଣ୍ଡି ଗ୍ରାମର ସଭାପତି ପ୍ରକାଶ ଚନ୍ଦ୍ର ବରାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟରେ ସମ୍ପାଦକ ପିଙ୍କନ ଜେନା, କୋଷାଧ୍ୟକ୍ଷ ପବିତ୍ର କୁମାରଙ୍କ ସମେତ ସମସ୍ତ ସଭ୍ୟଙ୍କ ମିଳିତ ସହଯୋଗରେ ଆୟୋଜିତ ହୋଇଛି। ଏହି ପୂଜାରେ କର୍ତ୍ତା ପିଙ୍କନ ଜେନା, କର୍ତ୍ତ୍ରୀ ରିତାଲୀ ବିଶ୍ୱାଳ ପୂଜାର୍ଚ୍ଚନା କାର୍ଯ୍ୟ ନିର୍ବାହ କରୁଛନ୍ତି।



# କେନାଲରେ ପାଣି ଛାଡ଼ିବା ଦାବିରେ ବିକ୍ଷୋଭ



**ଡେଲାଙ୍ଗ,୩୧।୧୦(ରଶ୍ମିରଞ୍ଜନ ପ୍ରଧାନ):** ଚଳିତବର୍ଷ ସ୍ୱଳ୍ପ ବର୍ଷା ପାଇଁ ଚାଷୀକୁଳ କେନାଲ ପାଣି ଉପରେ ନିର୍ଭର କରୁଥିବା ବେଳେ ଡେଲାଙ୍ଗ ବ୍ଲକର ପ୍ରାୟତଃ କେନାଲ ଶୁଖିଲା ପଡିବା ଚାଷୀଙ୍କ ଚିନ୍ତା ବଢାଇଦେଇଛି। ଏ ନେଇ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ମଙ୍ଗଳବାର ଭାଜପା ପକ୍ଷରୁ ଡେଲାଙ୍ଗ ତହସିଲ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ ସଭାରେ ମଣ୍ଡଳ ସଭାପତି ସୁଧାଂଶୁ ଶେଖର ପରିଡ଼ା, ଲଡୁକିଶୋର ରାୟ, ଶ୍ୱେତ କୁମାର ନାୟକ, ଯୁବ ନେତା ଲୀଳେନ୍ଦ୍ର ଜେନା, ରୋହିତ ଧାଉଡିଆ, କବିରାଜ ମହାପାତ୍ର,ଦୀପ୍ତିରଞ୍ଜନ ସ୍ୱାଇଁ, ସୁଶାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ପୁରୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆଡିଶ୍‌ନାଲ ତହସିଲଦାର ରାଜେନ୍ଦ୍ର ନାରାୟଣ ମହାରଣାଙ୍କୁ ଭାଜପା କର୍ମକର୍ତ୍ତାମାନେ ପ୍ରଦାନ କରିଥିଲେ।

# ଅହିଂସା, ବିଶ୍ୱ ଶାନ୍ତି ପ୍ରତିଷ୍ଠା ଉପରେ ଗୁରୁତ୍ୱ

### ସର୍ବସେବା ସଂଘର ଦୁଇଦିନିଆ ଅଧିବେଶନ ଉଦ୍‌ଯାପିତ

ପୁରୀ, ୩୧।୧୦(ଅଜିତ ମହାନ୍ତି)

ଅଖିଳ ଭାରତ ସର୍ବୋଦୟ ମଣ୍ଡଳ, ସର୍ବ ସେବା ସଂଘର ୮୯ ତମ ଦୁଇଦିନିଆ ଅଧିବେଶନ ମଙ୍ଗଳବାର ସ୍ଥାନୀୟ ଦୁଦୁୱାଲା ଧର୍ମଶାଳାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଅଧିବେଶନରେ ଦେଶର ସାଂପ୍ରତିକ ପରିସ୍ଥିତି ଉପରେ ଆଲୋଚନା କରାଯାଇଥିଲା। ବକ୍ତାମାନେ ଗାନ୍ଧୀ, ବିନୋବା ଭାବେ ଓ ଜୟପ୍ରକାଶଙ୍କ ବାର୍ତ୍ତାକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସର୍ବସେବା ସଂଘ ଅଧ୍ୟକ୍ଷ ଅରବିନ୍ଦ ରେଡ୍ଡୀ କହିଥିଲେ, ଆଜି ଗାନ୍ଧୀ ମୂଲ୍ୟବୋଧର ଅବକ୍ଷୟ ହୋଇଚାଲିଛି। ସେହିପରି ସେବାଗ୍ରାମ ଆଶ୍ରମ ଟ୍ରଷ୍ଟର ଅଧ୍ୟକ୍ଷ ଆବା କମ୍ଦଲେ କହିଥିଲେ, ଶାସନ ଶକ୍ତି ବଡ ନୁହେଁ, ଜନଶକ୍ତି ବଡ ଓ ଏହାକୁ ଜାଗୃତ କରିବା ସର୍ବୋଦୟର ଦାୟିତ୍ୱ। ପଶ୍ଚିମବଙ୍ଗର ସର୍ବଦୟ ନେତା ନାରାୟଣ ଭାଇ ଦେଶରେ ଲାଗିଥିବା ହିଂସା ଓ ଅଶାନ୍ତିକୁ ବନ୍ଦ କରିବା ସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ନିବେଦନ କରିଥିଲେ। ସର୍ବୋଦୟ ସମାଜର ପ୍ରାକ୍ତନ ସଂଯୋଜକ ଆଦିତ୍ୟ ପଟ୍ଟନାୟକ କହିଛନ୍ତି, ଭୂଦାନ ଜମି ବିକ୍ରି ହେବାକୁ ବରଦାସ୍ତ କରାଯିବ ନାହିଁ। ଆସୁରିକ ଶକ୍ତି ଉପରେ ଅହିଂସା ଶକ୍ତିର ବିଜୟ ହୋଇଛି। ସର୍ବସେବା ସଂଘର ପରିଚାଳନା ଟ୍ରଷ୍ଟି ମହାଦେବ ବିଦ୍ରୋହୀ କହିଛନ୍ତି, ଜୟ ଜଗତ ହେଉଛି ଆମର ଧ୍ୱନି ଓ ବିଶ୍ୱଶାନ୍ତି ହେଉଛି ଆମର ଧ୍ୟେୟ। ସର୍ବଦୟ କର୍ମୀମାନେ ଦେଶର ସୁରକ୍ଷା ଦିଗରେ ଚିନ୍ତା କରିବା ସହିତ ନାଗରିକ ଅଧିକାରର ସୁରକ୍ଷା ପାଇଁ କାମ କରିବାକୁ ଖଦୀ ଗ୍ରାମୋଦ୍ୟୋଗର ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀ ଦାସ କହିଥିଲେ। ସେହିପରି ପୁରୀ ଜିଲା ସର୍ବୋଦୟ ମଣ୍ଡଳର ସଭାପତି ଉମା ବଲ୍ଲଭ ମହାପାତ୍ର କହିଛନ୍ତି, ଆମେ ସମସ୍ତେ ଏକ ହେବା ଓ ଗ୍ରାମ ସ୍ୱରାଜକୁ ସଫଳ କରିବା। ଆଲୋଚନାରେ ଭାଗ ନେଇ ଝାଡ଼ଖଣ୍ଡର ସଂଗ୍ରାମୀ ମଧୁକର ଜି, ଚନ୍ଦ୍ର ଭୂଷଣ, ରମାକାନ୍ତ ନାଥ, ସୋମ ପାଲ, ବିଜୟୀ ଲକ୍ଷ୍ମୀ ମହାପାତ୍ର, ଓମ୍ ପ୍ରକାଶ, ପ୍ରମୋଦ ମିଶ୍ର, ରାମ ଅବତାର ଗୁପ୍ତ, କପିଳେଶ୍ୱର, କୁନ୍ତଳା ବିଶ୍ୱାଳ, ସମ୍ବିତ ଶ୍ରୀବାସ୍ତବ, ବିନୋଦ, କୁଳମଣୀ ଶୁକ୍ଳ, କବିତା ରାଣୀ ପରିଡ଼ା, ମୁନିସ ଭାଇ, ଖଗେଶ୍ୱର ବଳ, ଅମର ପାଣିଗ୍ରାହୀ, ଇନ୍ଦୁମତୀ ସାହୁ, ବିଶ୍ୱନାଥ ଯାଦବ, ଧର୍ମେନ୍ଦ୍ର ଭାଇ, ଡ. ଇନ୍ଦିରା ଜି ନିଜର ମତ ପ୍ରଦାନ କରିଥିଲେ। ଅଧିବେଶନ ଅବସରରେ ସର୍ବସେବା ସଂଘର ଆଗାମୀ ଏକ ବର୍ଷ ପାଇଁ ଅଧ୍ୟକ୍ଷ ଭାବେ ବର୍ତ୍ତମାନର ଅଧ୍ୟକ୍ଷ ଅରବିନ୍ଦ ରେଡ୍ଡୀ ରହିବେ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ସେହିପରି ସମ୍ପାଦିକା ଭାବେ ଗୀତାଞ୍ଜଳି ପଟ୍ଟନାୟକ ମନୋନୀତ ହୋଇଥିଲାବେଳେ ସଂଯୋଜକ କମିଟିରେ ସଭାପତି ଅରବିନ୍ଦ ରେଡ୍ଡୀ, ଆବା କମ୍ଦଲେ, ଆନନ୍ଦ କିଶୋର, ଓ ଲକ୍ଷ୍ମୀ ଦାସଙ୍କୁ ମନୋନୀତ କରାଯାଇଛି। ଶେଷରେ ଗୀତାଞ୍ଜଳୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ସ୍ୱାଧୀନ ରାଷ୍ଟ୍ର ଗଠନରେ ସର୍ଦ୍ଦାର ବଲ୍ଲଭଭାଇଙ୍କ ଅବଦାନ ଅତୁଳନୀୟ’

### ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ଆୟୋଜନ କଲା ଏକତା ଦିବସ

ପିପିଲି, ୩୧।୧୦ (ପ୍ରଭାତ କୁମାର ମହାପାତ୍ର)

ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ଆନୁକୂଲ୍ୟରେ ପିପିଲି ମହାବିଦ୍ୟାଳୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୯ ତମ ଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଛାତ୍ରୀଛାତ୍ରଙ୍କ ସହିତ ମହାବିଦ୍ୟାଳୟର ଅଧ୍ୟାପକ ଏବଂ ବୁଦ୍ଧିଜୀବୀଙ୍କ ଗହଣରେ ଏକ ଭାବାତ୍ମକ ରାଷ୍ଟ୍ରୀୟ ଚେତନାରେ ସର୍ଦ୍ଦାରଜୀ ସ୍ମାରକୀ ସାଧାରଣ ସଭା ସଂଗଠନର ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ରଘୁନାଥ ମିଶ୍ର, ଇଂ. ରମେଶ ଚନ୍ଦ୍ର ଶତପଥୀ, ପିପିଲି ମହାବିଦ୍ୟାଳୟ ଅଧ୍ୟକ୍ଷ ତପନ କୁମାର ଦାଶ, ଏନ୍‌ସିସି ଅଧିକାରୀ ଆଦିତ୍ୟ ପ୍ରସାଦ ରଥ, ସଂଗୀତ ଅଧ୍ୟାପକ ଡ. ସଚ୍ଚିକାନ୍ତ ନାୟକ, ସଂଗଠନ ସମ୍ପାଦକ ବିଭୁନି ସାମନ୍ତରାୟ, ଉପସଭାପତି ମନୋଜ ପ୍ରଧାନ ଯୋଗଦେଇଥିଲେ। ସର୍ଦ୍ଦାର ପଟେଲଙ୍କ ରାଷ୍ଟ୍ରୀୟ ଜୀବନର ମୂଲ୍ୟବୋଧ ଉପରେ ଆଲୋକପାତ କରି ପ୍ରଭାତ କୁମାର ମହାପାତ୍ର କହିଥିଲେ, ୫୬୨ ଦେଶୀୟ ରାଜ୍ୟର ମିଶ୍ରଣ ପର୍ବରେ ସର୍ଦ୍ଦାରଜୀଙ୍କ ଅମୂଲ୍ୟ ଯୋଗଦାନ ଓ ସାହସିକ ପଦକ୍ଷେପ ଭାରତର ଅଖଣ୍ଡତା ଓ ଏକତ୍ୱ ପାଇଁ ବଳିଷ୍ଠ ଅବଦାନ, ଯାହାକି ସର୍ବକାଳ ପର୍ଯ୍ୟନ୍ତ ସ୍ମରଣୀୟ ରହିବ। ଡ. ସଚ୍ଚିକାନ୍ତ ନାୟକଙ୍କ ନିର୍ଦ୍ଦେଶନାରେ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। ପିପିଲି ମହାବିଦ୍ୟାଳୟ ସମର ଶିକ୍ଷାର୍ଥୀ ବାହିନୀ ଆୟୋଜନକୁ ଶୃଙ୍ଖଳାର ସହିତ ସହଯୋଗ କରିଥିଲେ। ସମ୍ପାଦକ ବିଭୁନି ସାମନ୍ତରାୟ ଧନ୍ୟବାଦ ଦେଇଥିବା ବେଳେ ସଂଗଠନର ଯୁବ ସଂଯୋଜକ ବାପୁ ବେହେରା, ଚନ୍ଦନ ମହାନ୍ତି, ଗଜେନ୍ଦ୍ର ବେହେରା, ଯାଜ୍ଞସେନୀ ମହାନ୍ତି, ବିଭୁ ଦାଶ, ସୁଶ୍ରୀ ନିତ୍ୟ ସୁଧା, କୁମାରରାଜା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।



# କାର୍ତ୍ତିକ ଟ୍ରୋଲିଂର ଶିକାର

**ମୁମ୍ବାଇ:** ଏକ ଭିଡିଓକୁ ନେଇ ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ଯ୍ୟନ ବିବାଦରେ ଛନ୍ଦି ହୋଇ ପଡ଼ିଥିଲେ। ପ୍ରସଙ୍ଗଟି ରାଜନୈତିକ ହୋଇଥିବାରୁ ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲିଂର ଶିକାର ହେବାକୁ ପଡ଼ିଥିଲା। ହେଲେ ଏବେ ସେ ସାମ୍ନାକୁ ଆସି ଏନେଇ ସଫେଇ ଦେଇ ଉକ୍ତ ଭିଡିଓଟି ମିଥ୍ୟା ବୋଲି ସେ ସ୍ପଷ୍ଟ କରିଛନ୍ତି। ଭାଇରାଲ ଭିଡିଓରେ କାର୍ତ୍ତିକ କଂଗ୍ରେସ ନେତା କମଲ ନାଥଙ୍କୁ ସମର୍ଥନ କରୁଥିବା ଦେଖାଯାଇଥିଲା। ସେ ନିଜକୁ 'ମୁଁ ମଧ୍ୟ ଜଣେ କଂଗ୍ରେସ କର୍ମୀ' ବୋଲି କହିଥିଲେ। ଏନେଇ ଅଭିନେତାଙ୍କୁ ଟ୍ରୋଲ କରାଯାଇଥିଲା। ମଙ୍ଗଳବାର ରାତିରେ କାର୍ତ୍ତିକ ଏକ୍ସ'ରେ ଭାଇରାଲ ଭିଡିଓଟି ଏଡିଟ୍ ହୋଇଥିବା କହିଛନ୍ତି। ଏଥିସହ କ୍ୟାପଶନରେ ଲେଖିଛନ୍ତି, 'ଏହା ଅସଲି ବିଜ୍ଞାପନ, ବାକିସବୁ ମିଥ୍ୟା'। ଫଳରେ କେହି ତାଙ୍କ ସ୍ୱର ସହ ଦୃଶ୍ୟକୁ ଏଡିଟ କରିଥିବା ସ୍ପଷ୍ଟ ହୋଇଛି। ଏଥିସହ କାର୍ତ୍ତିକ କୌଣସି ଦଳ ସହ ଯୋଡ଼ି ହୋଇ ନ ଥିବା ଜଣାପଡ଼ିଛି। ମୁଖ୍ୟ ଭିଡିଓରେ ଡିଜ୍‌ନୀ ପ୍ଲସ ହଟଷ୍ଟାରକୁ ପ୍ରମୋଟ କରାଯାଉଛି। ଭିଡିଓଟି ଅକ୍ଟୋବର ୨୩ରେ ଜାରି କରାଯାଇଥିଲା। ଏହାର ସପ୍ତାହେ ପରେ ଭିଡିଓର ଫେକ୍ ଭର୍ସନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

# ୬୦ ବର୍ଷ ବୟସରୁ ଫିଟ୍‌ନେସ୍ ଆରମ୍ଭ



**ବେଜିଂ**

ଦୁନିଆରେ ବହୁତ ଲୋକ ଅଛନ୍ତି, ଯେଉଁମାନେ ତାଙ୍କ ବୟସ ଅନୁସାରେ ନିଜର ଧ୍ୟାନ ରଖିପାରନ୍ତିନି। ଆଉ ଏପରି କିଛି ମଣିଷ ଅଛନ୍ତି, ଯେଉଁମାନଙ୍କୁ ଦେଖିଲେ ତାଙ୍କ ବୟସ ବାବଦରେ ଜାଣିହେବନି। ପଡ଼ୋଶୀ ଦେଶ ଚାଇନାରେ ଏପରି ଜଣେ ମହିଳା ଅଛନ୍ତି। ରିପୋର୍ଟ ମୁତାବକ, ବାଇ ଜିନକ୍ୱିନ୍ ନାମ୍ନୀ ଜଣେ ମହିଳାଙ୍କ ବୟସ ୭୮ ବର୍ଷ ହୋଇଥିବାବେଳେ ତାଙ୍କୁ ଦେଖିଲେ କେହି ଏହା କହିବେନି। ତେବେ ନିଜକୁ ଫିଟ୍ ରଖିବାକୁ କୌଣସି ବୟସ ନ ଥାଏ। ଜଣେ ବ୍ୟକ୍ତି ଚାହିଁଲେ ୬୦ ବର୍ଷ ପରେ ବି ନିଜକୁ ଫିଟ୍ ରଖିପାରିବେ, ଯାହା ଉକ୍ତ ମହିଳାଙ୍କ ଫିଟ୍‌ନେସ୍ କହୁଛି। ଉତ୍ତର-ପୂର୍ବ ଚାଇନାର ଟିଆନଜିନ୍‌ରେ ରହୁଥିବା ଏହି ମହିଳା ତାଙ୍କ ଅଞ୍ଚଳରେ ସବୁଠୁ ସୁନ୍ଦର ଯୋଗ ଜେଜେମା' ଭାବେ ପରିଚିତ। ତାଙ୍କ ଜିମ୍ କରିବା ଭିଡିଓ ଯେ କେହି ଦେଖିଲେ ମଧ୍ୟ ଏହା କହିବ। ତାଙ୍କର ଏହି ଫିଟ୍‌ନେସ୍ ବହୁ ବର୍ଷର ନୁହେଁ। ସେ କେବଳ ୧୮ ବର୍ଷର ପରିଶ୍ରମରେ ହିଁ ନିଜକୁ ଫିଟ୍ ରଖିପାରିଛନ୍ତି। ତାଙ୍କୁ କେହି ବି ଦେଖିଲେ ପ୍ରେରିତ ହୋଇଯିବ। ତେବେ ମହିଳା ଜଣକ କମ୍ ବୟସରୁ ତାଙ୍କର ସବୁ ଶ୍ରମ କାମରେ ଲଗାଇଥିବାରୁ ନିଜ ସ୍ୱାସ୍ଥ୍ୟର ଧ୍ୟାନ ରଖିପାରି ନ ଥିଲେ। ଫଳରେ ତାଙ୍କୁ କ୍ୟାନ୍ସର, ଡାଇବେଟିସ୍ ଭଳି ରୋଗ ଏବଂ ୩ଟି ଅପରେଶନ କରିବାକୁ ପଡ଼ିଥିଲା। ଏତେ ସବୁ ପରେ ତାଙ୍କ ଜୀବନ ବଞ୍ଚିଯିବାରୁ ସେ ୬୦ ବର୍ଷ ବୟସରେ ନିଜକୁ ଫିଟ୍ ରଖିବାକୁ ଆରମ୍ଭ କଲେ। ଏବେ ସେ ପୂରା ଫିଟ୍ ଅଛନ୍ତି।

# ପାଣି ଭିତରେ ଷ୍ଟଣ୍ଟ୍



**ନୂଆଦିଲ୍ଲୀ**

ବର୍ତ୍ତମାନ ସମୟରେ ସୋସିଆଲ ମିଡିଆ ଅନେକଙ୍କ ଟ୍ୟାଲେଣ୍ଟ ଦର୍ଶାଇବାର ମାର୍ଗ ସାଜିଛି। ତେବେ ନିକଟରେ ଜଣେ ମହିଳା ତାଙ୍କ ସୁଇମିଂ ଟ୍ୟାଲେଣ୍ଟ ଦେଖାଇଛନ୍ତି। ଯାହା ଦେଖି ଲୋକେ ଆଶ୍ଚର୍ଯ୍ୟ ହେଉଛନ୍ତି। ଭାଇରାଲ ଭିଡିଓରେ ମହିଳା ଜଣକ ପାଣି ଭିତରେ ଷ୍ଟଣ୍ଟ୍ କରୁଥିବା ଦେଖିବାକୁ ମିଳିଛି, ଯାହା ଅତି କଷ୍ଟକର। ଭିଡିଓରେ ଦେଖିବାକୁ ମିଳିଛି, ମହିଳା ଜଣକ ଏକ ସୁଇମିଂ ପୁଲ୍ ଭିତରକୁ ଯାଉଛନ୍ତି। ତା' ଭିତରେ ସେ ଓଜନଦାର ଡମ୍ବଲକୁ ଉଠାଇଥିବା ଦେଖିବାକୁ ମିଳିଛି। ଏହା ମଧ୍ୟରେ ମହିଳା ଜଣକ ଡମ୍ବଲକୁ ନେଇ ପାଣି ଭିତରେ ଦୌଡୁଥିବା ମଧ୍ୟ ଦେଖିବାକୁ ଲାଗିଛି। ସେ ସମସ୍ତ କାର୍ଯ୍ୟ ପାଣି ଭିତରେ ରହି କରୁଛନ୍ତି। ଏଥିପାଇଁ ସେ ଅମ୍ଳଜାନ ପାଇପ ମଧ୍ୟ ବ୍ୟବହାର କରି ନାହାନ୍ତି। ୧ ମିନିଟ୍ ୧୭ ସେକେଣ୍ଡର ଏହି ଭିଡିଓ ଦେଖିବାକୁ ମିଳିଛି। ପାଣି ଭିତରେ ତାଙ୍କ ଏପରି ଷ୍ଟଣ୍ଟ ଲୋକଙ୍କୁ ବେଶ୍ ଆଶ୍ଚର୍ଯ୍ୟ କରିଛି।

# ସ୍ୱପ୍ନ ଦେଖି ଅପରାଧୀଙ୍କ ସମାଧି ଖୋଳିଲେ ନାବାଳିକା

**ବ୍ରାସିଲିଆ**

ଜଣେ ୧୫ ବର୍ଷୀୟା ନାବାଳିକା ରାତିଅଧରେ ଯାହା କରିଛନ୍ତି, ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ। ସେ ଏପରି ଜଣେ ବ୍ୟକ୍ତିଙ୍କ ସମାଧିକୁ ଲୁଟିଛନ୍ତି, ଯିଏ ହତ୍ୟା ଏବଂ ବଳାତ୍କାର ଭଳି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ନାବାଳିକାଙ୍କୁ ଯେତେବେଳେ ଏ ବାବଦରେ ପଚରାଗଲା, ସେ ଏକ ସ୍ୱପ୍ନ ଦେଖିଥିବା କହିଥିଲେ। ଯେଉଁଥିରେ ଜଣେ ବ୍ୟକ୍ତିଙ୍କୁ ଜୀବନ୍ତ କବର ଦିଆଯାଇଥିଲା। ସେ ତାଙ୍କ ୨୧ ବର୍ଷୀୟ ବୟଫ୍ରେଣ୍ଡ ସହିତ ମିଶି ଉକ୍ତ ବ୍ୟକ୍ତିଙ୍କ ସମାଧି ଖୋଳିଥିବା କହିଥିଲେ। ଏପରି ଘଟଣା ବ୍ରାଜିଲ୍‌ରେ ଦେଖିବାକୁ ମିଳିଛି। ଯେଉଁ ବ୍ୟକ୍ତିଙ୍କ ସମାଧି ଖୋଳାଯାଇଛି, ସେ ହେଲେ ୩୨ ବର୍ଷୀୟ ଲାଜାରୋ ବାରବୋସା ଜି ସୌସା। ରିପୋର୍ଟ ମୁତାବକ, ଲାଜାରୋ ୨ ବର୍ଷ ପୂର୍ବେ ୬ ଜଣଙ୍କୁ ହତ୍ୟା କରିଥିଲେ। ଗୋଟିଏ ପରିବାରର ସେ ୪ ଜଣଙ୍କୁ ହତ୍ୟା କରିଥିଲେ। ସେ ଏକ ଘର ଏବଂ କେତେକ ଗାଡ଼ିରେ ନିଆଁ ବି ଲଗାଇ ଦେଇଥିଲେ। ଏଥିସହ ୨ ପୋଲିସ ଅଫିସରଙ୍କୁ ମଧ୍ୟ ଜୀବନରୁ ମାରିଥିଲେ। ୨୦୨୧ ଜୁଲାଇ ୯ରେ ଲାଜାରୋଙ୍କ ଘର ସାମ୍ନାରୁ ପୋଲିସ



ତାଙ୍କୁ ଗୁଳି କରିଥିଲା। ଏହାପରେ ତାଙ୍କ ପରିବାର ତାଙ୍କୁ ପୋତି ଦେଇଥିଲେ। ଯାଞ୍ଚକର୍ତ୍ତାଙ୍କ କହିବା ମୁତାବକ, ୧୫ ବର୍ଷୀୟାଙ୍କୁ ସେଠାରେ ଥିବା ଏକ ସିସିଟିଭି ଫୁଟେଜ୍ ସାହାଯ୍ୟରେ କାବୁ କରାଯାଇଛି। ନାବାଳିକା ଜଣକ ଲାଜାରୋଙ୍କ ସମାଧିରୁ ତାଙ୍କ ମୁଣ୍ଡ ଚୋରି କରିନେଇଛନ୍ତି। ନାବାଳିକା ଜଣକ ଉକ୍ତ ବ୍ୟକ୍ତିଙ୍କ କବର ଲୁଟିଥିବା ସ୍ପଷ୍ଟ ହୋଇଛି। ତେବେ ଯୁବତୀ ଜଣକ ତାଙ୍କ ଦୋଷ ସ୍ୱୀକାର କରିଛନ୍ତି। ନାବାଳିକା କହିଛନ୍ତି, ତାଙ୍କୁ ଏକ ସ୍ୱପ୍ନ ଆସିଥିଲା। ଯେଉଁଥିରେ ଲାଜାରୋ ତାଙ୍କୁ କବରରୁ ବାହାର କରିବାରେ ସାହାଯ୍ୟ କରିବାକୁ କହିଥିଲେ। ନାବାଳିକାଙ୍କ ବୟଫ୍ରେଣ୍ଡ ତାଙ୍କୁ ଏନେଇ ବହୁବାର ଚେତାବନୀ ଦେଇଥିଲେ ମଧ୍ୟ ସେ ତାଙ୍କ କଥା ଶୁଣି ନ ଥିଲେ।

## ରାଜ୍ୟ ଖବର

# ଆଜିଠୁ ୩ ଦିନିଆ ୟୁଏଇ ଗସ୍ତରେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର, ୩୧।୧୦ (ସୁନିତ୍ ମିଶ୍ର)**

ଭାରତ ଏବଂ ୟୁଏଇ ମଧ୍ୟରେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାରଠାରୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ୩ ଦିନିଆ ୟୁଏଇ ଗସ୍ତ କରିଛନ୍ତି। ଏହି ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀ ୟୁଏଇର ଅନେକ ପ୍ରମୁଖ ମନ୍ତ୍ରୀ, ଅଧିକାରୀ, ଶିକ୍ଷାବିତ୍‌ଙ୍କ ସମେତ ପ୍ରବାସୀ ଭାରତୀୟଙ୍କ ବିଶିଷ୍ଟ ପ୍ରତିନିଧି ଏବଂ ବ୍ୟବସାୟୀ ମୁଖ୍ୟମାନଙ୍କୁ ଭେଟିବେ। ଏହାସହ ଉଭୟ ଦେଶର ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ବୁଧବାର ଅର୍ଥାତ୍ ପ୍ରଥମ ଦିନରେ କେନ୍ଦ୍ରମନ୍ତ୍ରୀ ୟୁଏଇର ଶିକ୍ଷାମନ୍ତ୍ରୀ ଡ. ଅହମ୍ମଦ ବେଲହୋଲ ଅଲ୍ ଫଲାସୀ, ପ୍ରାଥମିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ତଥା ଆବୁଧାବୀ ଶିକ୍ଷା ଓ ଜ୍ଞାନ ବିଭାଗ (ଏଡିଇକେ)ର ଅଧ୍ୟକ୍ଷା ସାରା ମୁସଲ୍ଲମ ଏବଂ ୟୁଏଇର ବୈଦେଶିକ ମନ୍ତ୍ରୀ ଶେଖ୍ ଅବଦୁଲ୍ଲା ବିନ୍ ଜାୟେଦଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହି ଦିନ ଆଇଆଇଟି ଦିଲ୍ଲୀ-ଆବୁଧାବୀର କ୍ୟାମ୍ପସ ପରିଦର୍ଶନ କରିବା ସହ ୪୨ ଆବୁଧାବୀ, ସ୍କୁଲ ଫର୍ ପ୍ରୋଗ୍ରେସିଭ୍ ଲର୍ନିଂ ଅନୁଷ୍ଠାନକୁ ପରିଦର୍ଶନ କରିବେ। ଏହାସହ ଭାରତୀୟ ଦୂତାବାସ ଅଡିଟୋରିୟମରେ ୟୁଏଇର ଓଡ଼ିଆ ସମୁଦାୟଙ୍କୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଗୁରୁବାର ଆବୁଧାବୀର ଗ୍ଲୋବାଲ ଟେକ୍ ଇକୋସିଷ୍ଟମ୍ ହବ୍ ୭୧ ପରିଦର୍ଶନ କରିବା ପରେ ବିଏପିଏସ୍ ମନ୍ଦିର ଦର୍ଶନ କରିବେ। ଦୁବାଇରେ ମ୍ୟାନେଜମେଣ୍ଟ କମ୍ପାନୀ ଇଏଫ୍‌ଏସ୍ ପରିଦର୍ଶନ ସହ କମ୍ପାନୀର ପ୍ରଶିକ୍ଷଣ କେନ୍ଦ୍ର ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାବିନେଟ୍ ସଦସ୍ୟ ତଥା କ୍ୟାବିନେଟ୍ ବ୍ୟାପାର ମନ୍ତ୍ରୀ ମହମ୍ମଦ ଅବଦୁଲ୍ଲା ଅଲ୍ ଗେର୍ଗାୱିଙ୍କୁ ସାକ୍ଷାତ କରିବେ। କେନ୍ଦ୍ରମନ୍ତ୍ରୀ ସିବିଏସ୍‌ଇ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ସହ ଆଇଆଇଟି/ଆଇଆଇଏମ୍ ଆଲୁମ୍‌ନୀ ଏବଂ ଦୁବାଇରେ ଥିବା ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କ ସହ ମଧ୍ୟ ଆଲୋଚନା କରିବେ। ଶେଷଦିନ ସେ ଡିପି ୱାର୍ଲ୍ଡର ଅଧ୍ୟକ୍ଷ, ସିଇଓ ଏବଂ ଭିଏଫ୍‌ଏସ୍‌ର ପ୍ରତିନିଧିମଣ୍ଡଳୀଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

# 'ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ମୋ ସରକାର କାର୍ଯ୍ୟ କରୁଛି'





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସିରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଟ୍ରେନର ଶୁଭାରମ୍ଭ କରୁଛନ୍ତି। ବ୍ରହ୍ମପୁର ରେଳଷ୍ଟେଶନରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଅନ୍ୟମାନେ। ଟ୍ରେନରେ ଯାତ୍ରା କରୁଥିବା ବରିଷ୍ଠ ନାଗରିକ।

## ତୀର୍ଥ ଯାତ୍ରା ଯୋଜନା ଟ୍ରେନ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ବ୍ରହ୍ମପୁର,୩୧।୧୦(ସ୍ମୃତି ରଞ୍ଜନ ମହାଲିକ)**

ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଏକ ଲୋକପ୍ରିୟ ଯୋଜନା। ୨୦୧୬-୧୭ରୁ ବରିଷ୍ଠ ନାଗରିକମାନେ ଦେଶର ବିଭିନ୍ନ ସ୍ଥାନ ତୀର୍ଥ ଯାତ୍ରାରେ ବୁଲିଛନ୍ତି। ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ମୋ ସରକାର ସର୍ବଦା କାର୍ଯ୍ୟ କରୁଛି। ତୀର୍ଥ ଯାତ୍ରୀଙ୍କ ନିମନ୍ତେ ରାଜ୍ୟ ସରକାର ସମସ୍ତ ବ୍ୟବସ୍ଥା କରିଛନ୍ତି ବୋଲି ବରିଷ୍ଠ ନାଗରିକଙ୍କୁ ନେଇ ମଙ୍ଗଳବାର ବ୍ରହ୍ମପୁରରୁ ବାହାରିଥିବା ସ୍ୱତନ୍ତ୍ର ଟ୍ରେନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସରେ ଶୁଭାରମ୍ଭ କରିବା ଅବସରରେ କହିଛନ୍ତି। ବ୍ରହ୍ମପୁର ରେଳଷ୍ଟେଶନ ୪ ନଂ. ପ୍ଲାଟଫର୍ମରେ ଏହି ଟ୍ରେନକୁ ସେଠାରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅନ୍ୟ ଅଧିକାରୀମାନେ ସବୁଜ ପତାକା ଦେଖାଇଥିଲେ।

ଗଞ୍ଜାମ ସମେତ ଗଜପତି, ବୌଦ୍ଧ, କନ୍ଧମାଳ ଓ ନୟାଗଡ ଜିଲାରୁ ୯୭୦ ଜଣ ତୀର୍ଥ ଯାତ୍ରୀ ବ୍ରହ୍ମପୁର-କନ୍ୟାକୁମାରୀ-ତିରୁବନ୍ତପୁରମ ସ୍ୱତନ୍ତ୍ର ଟ୍ରେନର ୧୮ଟି କୋଚରେ ଯାତ୍ରା କରିଛନ୍ତି। ସେମାନଙ୍କ ନିମନ୍ତେ ଖାଦ୍ୟର ବ୍ୟବସ୍ଥା କରାଯାଇଛି। ତୀର୍ଥ ଯାତ୍ରୀଙ୍କୁ ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ କରାଯାଇଛି। ବ୍ରହ୍ମପୁରର ବରିଷ୍ଠ ନାଗରିକ ଜେ. ରାମ କୁମାର ପାତ୍ର ପ୍ରଥମ ଥର ପାଇଁ ତୀର୍ଥ ଯାତ୍ରା କରୁଥିବାରୁ ବହୁତ ଖୁସି ବୋଲି କହିଛନ୍ତି। ବରିଷ୍ଠ ନାଗରିକଙ୍କ ନିମନ୍ତେ ରାଜ୍ୟ ସରକାର ଏଭଳି ଯୋଜନା କରିଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ଟ୍ରେନ୍ ଶୁଭାରମ୍ଭ ସମୟରେ ଅନ୍ୟମାନଙ୍କ ମଧ୍ୟରେ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖ ସାହୁ, ଆସିକା ଏମ୍‌ପି ପ୍ରମିଳା ବିଶୋୟୀ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ, ବିଏମସି ମେୟର ସଂଘମିତ୍ରା ଦଳେଇ, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଭି କୀର୍ତ୍ତି ଭାଷନ, ବିଏମ୍‌ସି କମିଶନର ଜେ. ସୋନାଲ, ଡେପୁଟି କମିଶନର ତଥା ଜିଲା ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ବିନୋଦ କୁମାର ବେହେରା, ଅତିରିକ୍ତ କମିଶନର ରମେଶ ହାଂସଦା, ବିଜେଡିଏ ସଚିବ ସମ୍ପିତ ରାଉତ, ବ୍ରହ୍ମପୁର ଏସ୍‌ପି ଡା ଶ୍ରର୍ବଣା ବିବେକ ଏମ ପ୍ରମୁଖ ଉପସ୍ଥିତ ଥିଲେ।

# ମାସକ ଭିତରେ ଯାଞ୍ଚ ପ୍ରକ୍ରିୟା ସାରି ଚାଷୀଙ୍କୁ ଋଣ ଦେବାକୁ ବ୍ୟାଙ୍କଗୁଡ଼ିକୁ ମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ୩୧।୧୦(ସୁନିତ୍ ମିଶ୍ର)**

ରାଜ୍ୟର କୃଷକ ଓ କୃଷି ଉଦ୍ୟୋଗୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କଗୁଡ଼ିକ କୃଷି କ୍ଷେତ୍ରକୁ ପଞ୍ଜିଯୋଗାଣ କ୍ଷେତ୍ରରେ ଅଗ୍ରାଧିକାର ଦେବାର ଆବଶ୍ୟକତା ରହିଛି ବୋଲି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଆସନ୍ତା ମାସକ ମଧ୍ୟରେ ବିଭିନ୍ନ ଯୋଜନାରେ ଆବେଦନ କରାଯାଇଥିବା ଓ ବିଚାରାଧୀନ ଥିବା ସମସ୍ତ ଦରଖାସ୍ତର ଯାଞ୍ଚ ପ୍ରକ୍ରିୟା ଶେଷ କରି ଚାଷୀଙ୍କୁ ଆବଶ୍ୟକ ଋଣ ଯୋଗାଇ ଦେବା ପାଇଁ ମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଛନ୍ତି। କୃଷି ଭବନଠାରେ ମଙ୍ଗଳବାର ଆୟୋଜିତ ଏକ ସମୀକ୍ଷା ବୈଠକରେ ମନ୍ତ୍ରୀ ସ୍ୱାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ବଳରାମ ଯୋଜନା ଏବଂ ମିଶନ୍ ଫର ଇଣ୍ଟିଗ୍ରେଟେଡ୍ ଡେଭ୍‌ଲପ୍‌ମେଣ୍ଟ ଅଫ୍ ହର୍ଟିକଲଚର ଅଧୀନରେ ବିଭିନ୍ନ ପ୍ରକଳ୍ପ ପାଇଁ ଉଭୟ ବାଣିଜ୍ୟିକ ଓ ବେସରକାରୀ ବ୍ୟାଙ୍କରେ କରାଯାଇଥିବା ଆବେଦନଗୁଡ଼ିକର ଅଗ୍ରଗତି ସମ୍ପର୍କରେ ବୁଝିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, କୃଷି କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ଋଣ ଯୋଗାଣ ମାଧ୍ୟମରେ ପଞ୍ଜିନିବେଶ କଲେ ରାଜ୍ୟର କୃଷି ଉତ୍ପାଦନ ବୃଦ୍ଧି ପାଇବା ସହିତ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ବ୍ୟାଙ୍କ ପକ୍ଷରୁ ସ୍ୱଳ୍ପ ଓ ମଧ୍ୟମ କିସମ କୃଷିଭିତ୍ତିକ ପ୍ରକଳ୍ପ ନିମନ୍ତେ ଋଣ ଦେବାର ଅଧିନିୟମ ରହିଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ ଋଣ ଯୋଗାଇଦେବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସମବାୟ ବିଭାଗ ମଧ୍ୟ ଯୁଗ୍ମ ଦେୟ ଗୋଷ୍ଠୀମାନଙ୍କୁ ସ୍ୱଳ୍ପ ମିଆଦୀ କୃଷି ଋଣ ଯୋଗାଇଦେବାକୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ପରାମର୍ଶ ଦେଇଛନ୍ତି। ବୈଠକରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଆବାହକ ତଥା ଜେନେରାଲ୍ ମ୍ୟାନେଜର ଜି. ପାତ୍ର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା ଆଦି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମେତ ଏଚ୍‌ଡିଏଫ୍‌ସି, ଆଇସିଆଇସିଆଇ, ବନ୍ଧନ ବ୍ୟାଙ୍କ ଆଦି ଘରୋଇ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି।

# ୫-ଟି, ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜଣାଇଲେ ୨୭ କର୍ମଚାରୀ ସଂଘ

## ଆମେ ସମସ୍ତେ ଟିମ୍ ଓଡ଼ିଶାର ଅଂଶ, ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ସାକାର ପାଇଁ ଏକାଠି କାମ କରିବା: ପାଣ୍ଡିଆନ

**ଭୁବନେଶ୍ୱର,୩୧।୧୦(ଅନିଲ ଦାସ)**



୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ମଙ୍ଗଳବାର ନବୀନ ନିବାସଠାରେ ୨୭ଟି ରାଜ୍ୟ ସରକାରୀ କର୍ମଚାରୀ ଓ ଅନ୍ୟାନ୍ୟ ବେସରକାରୀ କର୍ମଚାରୀ ସେବା ସଂଘ କର୍ମକର୍ତ୍ତାମାନେ ସାକ୍ଷାତ କରି ନୂତନ ନିଯୁକ୍ତି ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ନୂଆ ଓଡ଼ିଶା ସଶକ୍ତ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଭି.କେ. ପାଣ୍ଡିଆନଙ୍କୁ ସାକ୍ଷାତ କରି କର୍ମଚାରୀ ସଂଘର ସଦସ୍ୟମାନେ ଖୁସିବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ଓଡ଼ିଶା ରୂପାନ୍ତରଣ ଏବଂ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବାରେ ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ଆହୁରି ଆଗକୁ ନେବେ ବୋଲି ସେମାନେ ଆଶାପ୍ରକାଶ କରିଛନ୍ତି। କର୍ମଚାରୀ ସଂଘର କର୍ମକର୍ତ୍ତା ତାଙ୍କୁ ଭେଟିବା ସହ ସହଯୋଗ ପାଇଁ ପାଣ୍ଡିଆନ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ଆମେ ଟିମ୍ ଓଡ଼ିଶାର ଅଂଶ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ସ୍ୱପ୍ନକୁ ସାକାର କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ସଂଘର କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି। ନବୀନ ନିବାସଠାରେ ଓଡ଼ିଶା ମେଡିକାଲ ସେବା ସଂଘ, ଓଡ଼ିଶା ସୂଚନା ସେବା ସଂଘ, ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ସଂଘ(ଜିଇଡି), ନିଖିଳ ଓଡ଼ିଶା ବିଦ୍ୟୁତ୍ ମଞ୍ଚ, ଓଡ଼ିଶା ଭେଟେରିନାରି ସେବା ସଂଘ, ଓଡ଼ିଶା ଟାକ୍ସେଶନ ଆଣ୍ଡ ଆକାଉଣ୍ଟସ ସେବା ସର୍ଭିସ ଆସୋସିଏଶନ, ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର୍ସ ଆସୋସିଏଶନ, ଅଲ୍ ଓଡ଼ିଶା ଆଇଟିଆଇ କର୍ମଚାରୀ ସଂଘ ସହ ମୋଟ ୨୭ଟି ସଂଘର କର୍ମକର୍ତ୍ତା ପାଣ୍ଡିଆନଙ୍କୁ ଭେଟି ଫୁଲତୋଡ଼ା ଦେଇ ଅଭିନନ୍ଦନ ଜଣାଇଥିଲେ।

# କଣ୍ଟେନର ଓଲଟି ୪୮ ଗୋରୁ ମୃତ

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବାଙ୍ଗିରିପୋଷି(ସଞ୍ଜୟ କୁମାର ଅଗ୍ରୱାଲ),୩୧।୧୦**

ମୟୂରଭଞ୍ଜ ଜିଲା ୪୯ନଂ. ଜାତୀୟ ରାଜପଥ ବାଙ୍ଗିରିପୋଷି ଦ୍ୱାରଶୁଣୀ ଘାଟିରେ ଗୋରୁ ବୋଝେଇ ଏକ କଣ୍ଟେନର ଦୁର୍ଘଟଣାଗ୍ରସ୍ତ ହୋଇ ୪୮ ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ୧୫ ଗୁରୁତର ହୋଇଛନ୍ତି। ବାଙ୍ଗିରିପୋଷି ପୋଲିସ ପହଞ୍ଚି ତଦନ୍ତ କରୁଛି। କଣ୍ଟେନରରେ ୧୦୫ ଗୋରୁ ବୋଝେଇ ହୋଇ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ମଙ୍ଗଳବାର ଭୋର ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଖବରପାଇ ପୋଲିସ ଓ ଦମକଳ ବାହିନୀ ପହଞ୍ଚି କ୍ରେନ୍ ସହାୟ୍ୟରେ ମୃତାହତ ଗୋରୁଙ୍କୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦର ୫୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ।

# ଭୁଟାନ୍ ରାଜାଙ୍କୁ ଭେଟିଲେ ଇଙ୍ଗା ଏମ୍‌ଡି

ଭୁବନେଶ୍ୱର,୩୧।୧୦
(ଅନୁରାଧା ମହାରଣା)



ଫିକି ସଭାପତି ତଥା ଇଙ୍ଗାର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଶୁଭ୍ରକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ବ୍ୟବସାୟିକ ପ୍ରତିନିଧି ଦଳ ଗତ ସପ୍ତାହ ଭୁଟାନ ଗସ୍ତ କରିଛନ୍ତି। ଏହି ପ୍ରତିନିଧି ଦଳ ଭୁଟାନ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭୁଟାନର ରାଜା ଜିଗମେ ଖେସର ନାମଗେଲ ୱାଙ୍ଗଚୁକ୍ ଏବଂ ପ୍ରଧାନମନ୍ତ୍ରୀ ଡ. ଲୋଟେ ଶେରିଙ୍ଗ୍‌ଙ୍କ ସହିତ ଭୁଟାନ ରାଜକୀୟ ସରକାରଙ୍କ ବରିଷ୍ଠ ଅଧିକାରୀ ଓ ପ୍ରମୁଖ ଶିଳ୍ପପତିଙ୍କୁ ସାକ୍ଷାତ କରିଛନ୍ତି। ଏ ଅବସରରେ ବିଭିନ୍ନ ବ୍ୟବସାୟିକ ଦିଗ ଉପରେ ଆଲୋଚନା କରାଯାଇଛି। ଏହାସହିତ ରାଷ୍ଟ୍ରଦୂତ ସୁଧାକର ଡାଲେଲା ଥିମ୍ପୁଠାରେ ଅବସ୍ଥିତ ଭାରତୀୟ ଦୂତାବାସରେ ଉକ୍ତ ପ୍ରତିନିଧି ଦଳକୁ ଭବ୍ୟ ସ୍ୱାଗତ କରିଥିଲେ। ଏହି ଗସ୍ତ ଅବସରରେ ପଣ୍ଡା କହିଛନ୍ତି ଯେ, ଭାରତର ନିକଟତମ ପଡ଼ୋଶୀ ରାଷ୍ଟ୍ର ମଧ୍ୟରୁ ଭୁଟାନ ଅନ୍ୟତମ ପ୍ରମୁଖ ସହଯୋଗୀ ରାଷ୍ଟ୍ର ଓ ଫିକି ପକ୍ଷରୁ ବିଶେଷ ଭାବେ ଘରୋଇ କ୍ଷେତ୍ରରେ ଅଧିକରୁ ଅଧିକ ବିଜ୍‌ନେସ୍ ଟୁ ବିଜ୍‌ନେସ୍ ଏନ୍‌ଗେଜ୍‌ମେଣ୍ଟ ପାଇଁ ସହାୟତା ଯୋଗାଇ ଦିଆଯିବ। ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରତିନିଧି ଦଳରେ ଫିକିର ଉପସଭାପତି ହର୍ଷବର୍ଦ୍ଧନ ଅଗ୍ରୱାଲ ଏବଂ ସାଧାରଣ ସମ୍ପାଦକ ଶୈଳେଶ ପାଠକ ସାମିଲ ଥିଲେ।

## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ଆର୍ଥିକ ସାକ୍ଷରତା ଶିବିର

ଭୁବନେଶ୍ୱର,୩୧।୧୦

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ମିଳିତ ପଦକ୍ଷେପରେ ଏକ ଆର୍ଥିକ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅଧ୍ୟକ୍ଷ ଋଷି ସିଂହଙ୍କ ନିର୍ଦ୍ଦେଶାନୁଯାୟୀ, ଗୋଡ଼ିପଡ଼ା ଶାଖା ଅଧୀନସ୍ଥ ଡମସାହି ଗ୍ରାମ୍ୟ ମିଟିଂ ହଲ୍‌ରେ ଆୟୋଜନ କରାଯାଇଥିଲା। ଶିବିରରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱର ଶାଖା ମ୍ୟାନେଜର ବିନୋଦ କୁମାର ଦାସ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ତରଫରୁ ଗୋଡ଼ିପଡ଼ା ଶାଖା ପରିଚାଳକ ଶ୍ରୀଧର ନାୟକ, ଆଞ୍ଚଳିକ କାର୍ଯ୍ୟାଳୟ ଖୋର୍ଦ୍ଧା ତରଫରୁ ଶିବାନନ୍ଦ ପାଢ଼ୀ ଏବଂ ସୁନିଲ କୁମାର ସାହୁ ଯୋଗଦାନ କରି ସରକାରଙ୍କ ବିଭିନ୍ନ ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଆଦି ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ରଣପୁର ବ୍ଲକ ଭାଇସ ଚେୟାରମ୍ୟାନ ପ୍ରଭାତ କୁମାର ଦଳବେହେରା ଏବଂ ଡମସାହି ସରପଞ୍ଚ ସୁନେଲି ଦଳବେହେରା ଉପସ୍ଥିତ ଥିଲେ।

## ଶପିଂ ପାଇଁ 'ରିଲାଏନ୍ସ ଏସ୍‌ବିଆଇ କାର୍ଡ'

ଭୁବନେଶ୍ୱର, ୩୧।୧୦




ରିଲାଏନ୍ସ ରିଟେଲ ଏବଂ ଏସ୍‌ବିଆଇ କାର୍ଡ ପକ୍ଷରୁ ମିଳିତ ଭାବେ 'ରିଲାଏନ୍ସ ଏସ୍‌ବିଆଇ କାର୍ଡ' କ୍ରେଡିଟ୍ କାର୍ଡ ଲଞ୍ଚ ହେବାକୁ ଯାଉଛି। ଏହି କାର୍ଡଧାରୀମାନେ ଫ୍ୟାଶନ୍, ଲାଇଫ୍ ଷ୍ଟାଇଲ୍, ଗ୍ରୋସେରୀ, ଫାର୍ମା, ଫର୍ନିଚର, ଗହଣା ଆଦି କିଣାକିଣିଠାରୁ ଆରମ୍ଭ କରି ଅନ୍ୟାନ୍ୟ କ୍ଷେତ୍ରରେ ଉପଯୋଗ କରି ଲାଭାନ୍ୱିତ ହୋଇପାରିବେ। ତେବେ ଉଭୟ ଏସବିଆଇ କାର୍ଡ ଓ ରିଲାଏନ୍ସ ସହଭାଗିତାରେ ରିଲାଏନ୍ସ ଏସ୍‌ବିଆଇ କାର୍ଡ ଓ ରିଲାଏନ୍ସ କାର୍ଡ ପ୍ରାଇମ୍ ପୃଥକ୍ ପୃଥକ୍ ଭାବେ ପ୍ରସ୍ତୁତ କରାଯାଇଛି। ଏ ଅବସରରେ ରିଲାଏନ୍ସ ରିଟେଲ ଲିମିଟେଡ୍‌ର ନିର୍ଦ୍ଦେଶକ ଭି. ସୁବ୍ରମନିୟମ କହିଛନ୍ତି, ଶପିଂ କ୍ଷେତ୍ରରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅନୁଭୂତି ଦେବା ପାଇଁ ରିଲାଏନ୍ସ ରିଟେଲ ସର୍ବଦା ପ୍ରୟାସ କରି ଆସିଥାଏ। ଗ୍ରାହକଙ୍କୁ ଅଧିକ ସୁବିଧା ପ୍ରଦାନ ପାଇଁ ଏହି କାର୍ଡ ମାଧ୍ୟମରେ ରିଲାଏନ୍ସ ରିଟେଲ ଆଉ ପାଦେ ଆଗେଇଥିବା ସୁବ୍ରମନିୟମ୍ କହିଛନ୍ତି। ସେହିପରି ଏସ୍‌ବିଆଇ କାର୍ଡର ପରିଚାଳନା ନିର୍ଦ୍ଦେଶକ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଜିତ ଚକ୍ରବର୍ତ୍ତୀ କହିଛନ୍ତି ଯେ, ରିଲାଏନ୍ସ ଏସ୍‌ବିଆଇ କାର୍ଡକୁ ଏକ ସାମଗ୍ରିକ ଉତ୍ପାଦ ଭାବରେ ବିକଶିତ କରାଯାଇଛି । ଏହା ସର୍ବଭାରତୀୟ ସ୍ତରରେ ଏକ ଲୋକପ୍ରିୟ କ୍ରେଡିଟ୍ କାର୍ଡ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି| ରିଲାଏନ୍ସ ଏସ୍‌ବିଆଇ କାର୍ଡ ପ୍ରାଇମ ପାଇଁ ବାର୍ଷିକ ନବୀକରଣ ଶୁଳ୍କ ୨୯୯୯ଟଙ୍କା ସହ ଟ୍ୟାକ୍ସ ଏବଂ ରିଲାଏନ୍ସ ଏସ୍‌ବିଆଇ କାର୍ଡ ପାଇଁ ବାର୍ଷିକ ନବୀକରଣ ଶୁଳ୍କ ୪୯୯ ଟଙ୍କା ରହିଛି।

## ଲର୍ଡସ ମାର୍କ ବାୟୋଟେକ୍ ଦ୍ୱାରା ଟିନେଫକନର ଶୁଭାରମ୍ଭ

ଭୁବନେଶ୍ୱର,୩୧।୧୦

ସୋରିଆସିସ୍ ଭଳି ଚର୍ମ ରୋଗ ଚିକିତ୍ସା କ୍ଷେତ୍ରରେ ଲର୍ଡସ ମାର୍କ ବାୟୋଟେକ ଦ୍ୱାରା ଟିନେଫକନର ଶୁଭାରମ୍ଭ କରାଯାଇଛି। ଟିନେଫକନ ଏକ ପେଟେଣ୍ଟ ଔଷଧ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ପିରାମାଲଲାଇଫ ସାଇନ୍‌ସେସ ଦ୍ୱାରା ଭାରତରେ ପେଟେଣ୍ଟ ଉତ୍ପାଦକଗୁଡ଼ିକ ବିକଶିତ କରିବା ପାଇଁ ଲର୍ଡସ ମାର୍କ ବାୟୋଟେକ ଇନଭେକ୍ସ ହେଲ୍‌ଥ ପ୍ରା.ଲି ସହିତ ଏକ ବୁଝାମଣାପତ୍ରରେ ସ୍ୱାକ୍ଷରିତ ହୋଇଛି। ଟିନେଫକନିସ ସୋରିଆସିସର ଉପଚାର ସମାଧାନ ପାଇଁ ୪ଟି ଟାବଲେଟ, କ୍ରିମ, ସାୱାର ଜେଲ ତଥା ସ୍କାପ୍ ୱାଶ୍ ଭାବେ ମିଳୁଛି। ସମଗ୍ର ଭାରତରେ ମାର୍କେଟିଂ ଓ ଡିଷ୍ଟ୍ରିବ୍ୟୁଶନ ପାଇଁ ୨୦ କୋଟି ଟଙ୍କାର ପୁଞ୍ଜି ନିବେଶ ସହ ୨୦୨୫ ମସିହା ସୁଦ୍ଧା ୧୦୦କୋଟିର ରାଜସ୍ୱ ଲକ୍ଷ୍ୟ ରଖିଛି । ଲର୍ଡସ ମାର୍କ ବାୟୋଟେକ ପରିଚାଳନା ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଉପାଧ୍ୟାୟ କହିଛନ୍ତି, ୧୨ ସପ୍ତାହର ଭାରତରେ ଟିନେଫକନର ୫୦୦ ରୋଗୀଙ୍କ ଠାରେ ପରୀକ୍ଷଣରୁ ଏହା ପ୍ରମାଣିତ ଯେ, ସୋରିଆସିସ ଭଳି ଚର୍ମ ରୋଗରେ ରହିଥିବା ମଳିଚର୍ମର ବହଳ, ପିଏଏସଆଇ ବୃଦ୍ଧି ଆଦି ସୋରିଆସିସ ରୋଗର ଚିକିତ୍ସାରେ ଟିନେଫକନର ସଫଳତାର ହାର ୬୬ ପ୍ରତିଶତରୁ ଅଧିକ ରହିଛି।

## ଟିପିସିଓଡିଏଲ୍ ଦେଉଛି ଦୁର୍ନୀତି ନିବାରଣ ବାର୍ତ୍ତା

ଭୁବନେଶ୍ୱର,୩୧।୧୦

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ 'ଦୁର୍ନୀତିକୁ କୁହନ୍ତୁ ନା: ଦେଶ ପ୍ରତି ପ୍ରତିବଦ୍ଧ' ବିଷୟବସ୍ତୁକୁ ନେଇ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି। ନଭେମ୍ବର ୫ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଦୁର୍ନୀତି ନିବାରଣ ପାଇଁ ବାର୍ତ୍ତା ଦିଆଯାଉଛି। ନୈତିକ ବ୍ୟବସାୟ ଅଭ୍ୟାସ ଆପଣେଇବା ସହ ଲାଞ୍ଚକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଆହ୍ୱାନ ଦିଆଯାଉଛି। କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ଅଭିଯାନ ସହ ପ୍ରତ୍ୟକ୍ଷ ସହଯୋଗିତାରେ ଶିକ୍ଷାନୁଷ୍ଠାନ ବିଶେଷକରି ସ୍କୁଲଗୁଡ଼ିକରେ ଆଉଟରିଚ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଟିପିସିଓଡିଏଲ୍‌ରେ ନିଜର ଅଭିଯୋଗ ଓ ସମସ୍ୟା ପଞ୍ଜୀକରଣ କରିବା ଲାଗି ଗ୍ରାହକମାନଙ୍କୁ ଉତ୍ସାହିତ କରାଯାଉଛି। ଦେୟମୁକ୍ତ ନମ୍ବର ୧୯୧୨ କିମ୍ବା ୧୮୦୦୩୪୫୭୧୨୨ରେ କଲ୍ କରି କିମ୍ବା customercare@tp-centralodisha.comରେ ଇ-ମେଲ୍ କରି ସେମାନେ ଅଭିଯୋଗ ଦାଖଲ କରିପାରିବେ। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି ଯେ,ଦୁର୍ନୀତିର ମୁକାବିଲା ପାଇଁ ନିଜର ପ୍ରତିବଦ୍ଧତାକୁ ଟିପିସିଓଡିଏଲ୍ ଦୋହରାଉଛି।

## ପିଏନ୍‌ବିର ଲକ୍ଷେ କର୍ମଚାରୀ ଦୁର୍ନୀତି ମୁକ୍ତିର ଶପଥ ନେଲେ

ଭୁବନେଶ୍ୱର,୩୧।୧୦

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ସୋମବାର ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ଏକ ଲକ୍ଷରୁ ଅଧିକ କର୍ମଚାରୀ ଦୁର୍ନୀତିମୁକ୍ତ ରହିବା ପାଇଁ ଶପଥ ନେଇଛନ୍ତି। ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ତେବେ ଚଳିତବର୍ଷ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ 'ଦୁର୍ନୀତିକୁ ନା କୁହନ୍ତୁ, ଦେଶ ପ୍ରତି ସମର୍ପିତ ରୁହନ୍ତୁ' ରଖାଯାଇଛି। ଦ୍ୱାରକାସ୍ଥିତ ପିଏନ୍‌ବିର କର୍ପୋରେଟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିଏନବି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏମ୍ ପରମଶିବମ୍ ଯୋଗଦେଇ କହିଥିଲେ ଯେ, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ମୃତିରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ରାଘବେନ୍ଦ୍ର କୁମାର (ସିଭିଓ), ବିଭୁ ପ୍ରସାଦ ମହାପାତ୍ର(ଇଡି) କହିଥିଲେ, ନୈତିକ ବ୍ୟବସାୟ ଅଭ୍ୟାସ ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଓ ସଚେତନତା ବୃଦ୍ଧି କରିବାଦ୍ୱାରା ଦୁର୍ନୀତି ନିବାରଣ କରାଯାଇପାରିବ। ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ୱାକାଥନ ସହ ପିଲାଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ଜିଙ୍ଗଲ ଲିଖନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

## ୟୁକୋ ବ୍ୟାଙ୍କ ପକ୍ଷରୁ ୱାକାଥନ୍

ଭୁବନେଶ୍ୱର,୩୧।୧୦




ୟୁକୋ ବ୍ୟାଙ୍କର ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଶାଖାର ଆଞ୍ଚଳିକ ମୁଖ୍ୟ ସୁଦୀପ ଡାକୁଆଙ୍କ ମାର୍ଗଦର୍ଶନରେ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏଥିରେ ଉପ-ଆଞ୍ଚଳିକ ମୁଖ୍ୟ ନିଶିକାନ୍ତ ସିଂହ, ଅଗ୍ରଣୀ ଜିଲା ପ୍ରବନ୍ଧକ ବିଶ୍ୱଜିତ ଶତପଥୀ, ମୁଖ୍ୟ ପ୍ରବନ୍ଧକ ପ୍ରଦୀପ କୁମାର, ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ସତର୍କତା ବିଭାଗର ସତର୍କତା ଅଧିକାରୀ ଅସିତ ରଞ୍ଜନ ରୁପ ଓ ହିନ୍ଦୀ ଅଧିକାରୀ ସୁନୀଲ କୁମାର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟାଳୟର କର୍ମଚାରୀମାନଙ୍କ ସମେତ ୟୁକୋ ବ୍ୟାଙ୍କ ବାଲେଶ୍ୱରର ମୁଖ୍ୟ ଶାଖା, ଅଜିମାବାଦ ଶାଖା, ବିର୍ଲା ଟାୟାର ଶାଖା, ଗଣେଶ୍ୱରପୁର ଶାଖା, ନୂଆପାଢ଼ୀ ଶାଖା ଏବଂ ଶେରଗଡ ଶାଖାର କର୍ମଚାରୀମାନେ ମଧ୍ୟ ଯୋଗଦେଇଥିଲେ। ଦେଶର ଆର୍ଥିକ, ରାଜନୈତିକ ତଥା ସାମାଜିକ ବିକାଶ ପାଇଁ ସମସ୍ତ ଦେଶବାସୀ ଆଗଭର ହୋଇ ଦେଶକୁ ଆଦର୍ଶ ଓ ଦୁର୍ନୀତି ମୁକ୍ତ ଦେଶ ଭାବେ ପରିଚିତ କରାଇବାରେ ପରସ୍ପରର ମାର୍ଗଦର୍ଶକ ହେବା ଉଚିତ ବୋଲି ଡାକୁଆ କହିଥିଲେ।

## କାନାରା ବ୍ୟାଙ୍କ୍‌ର ସ୍ୱଚ୍ଛତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩୧।୧୦

କାନାରା ବ୍ୟାଙ୍କ୍‌ର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ 'ଫିଟ୍ ଇଣ୍ଡିଆ ସ୍ୱଚ୍ଛତା ଫ୍ରିଡମ୍ ରନ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କ୍‌ର ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦର ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ୟାଙ୍କ୍‌ର ଉପ-ମହାପ୍ରବନ୍ଧକ ପି ଠାକୁର ନାୟକ, ସହାୟକ ମହାପ୍ରବନ୍ଧକ ରୁଦ୍ରାଚାରୀ, ସହାୟକ ମହାପ୍ରବନ୍ଧକ ଅଶୋକ କୁମାର ମେହେର, ମଣ୍ଡଳ ପ୍ରବନ୍ଧକ ସନ୍ତୋଷ ରଥ ଏବଂ ମଣ୍ଡଳ ପ୍ରବନ୍ଧକ ବେଦବ୍ୟାସ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। 'ସ୍ୱଚ୍ଛ ଭାରତ, ସୁସ୍ଥ ଭାରତ'ର ବାର୍ତ୍ତା ପ୍ରଚାରପ୍ରସାର ପାଇଁ ଓଡ଼ିଶାର ୫ଟି କ୍ଷେତ୍ର ପକ୍ଷରୁ ଏହିପରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।


**SUMMON**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK - 753014**
**O.A. No. 777 of 2022**

State Bank of India, S.A.R.B.,
778, Saheed Nagar, BBSR - 751007 ...Applicant
Versus
Abu Afjal Khan ...Defendant
To,
**Abu Afjal Khan,** son of Abu Tahar Khan, At: L/95, Phase - I, Housing Board Colony, Near Masjid, Dumuduma,Bhubaneswar, District: Khurda, Odisha - 751019

**SUMMONS FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **OA No. 777 of 2022** in the Debts Recovery Tribunal, Cuttack for a recovery of **Rs.53,84,794/-** (Rupees Fifty Three Lakh Eighty Four Thousand Seven Hundred Ninety Four) only together with current and future interest, costs and other reliefs. You are directed to appear before this Tribunal in person or through authorized agent in support of your defence to show cause within **30 days** from the date of publication or on **01/12/2023 at 10.30 A.M.** as to why reliefs prayed for should not be granted.

In case of default the application will be heard and determined in his absence.

Given under my hand and seal of this Tribunal on this the **11th day of October, 2023.**

Sd/- (Mr. Nikhila Ranjan Pati)
Registrar
Debts Recovery Tribunal, Cuttack



**ସତର୍କତା ଜାଗରଣ ସପ୍ତାହ**
30 ଅକ୍ଟୋବର ଠାରୁ 5 ନଭେମ୍ବର, 2023

"ଭ୍ରଷ୍ଟାଚାରକୁ ବିରୋଧ କରନ୍ତୁ, ରାଷ୍ଟ୍ର ପ୍ରତି ସମର୍ପିତ ରୁହନ୍ତୁ"

➤ ଉପଭୋକ୍ତାମାନଙ୍କୁ ନିବେଦନ ➤

- ଦୟାକରି ବୈଧ ଶୁଳ୍କଠାରୁ କୌଣସି ଅଧିକ ଶୁଳ୍କ ଦିଅନ୍ତୁ ନାହିଁ।
- ଦୟାକରି ଆପଣମାନଙ୍କ ଦ୍ୱାରା କରାଯାଇଥିବା ଶୁଳ୍କ ପୈଠର ରସିଦ୍/ଟିକଟ ମାଗି ନିଅନ୍ତୁ।
- ରେଳବାଇର କୌଣସି କର୍ମଚାରୀଙ୍କ ଦ୍ୱାରା ଲାଞ୍ଚମାଗିବା କିମ୍ବା ଭ୍ରଷ୍ଟାଚାରରେ ସଂଯୁକ୍ତ ହେବା ଜାଣିବା ପରେ ଦୟାକରି ନିଜର ଅଭିଯୋଗ ବରିଷ୍ଠ ଉପ ମହାପ୍ରବନ୍ଧକ (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଦୂରଭାଷ ନଂ.: 0674-2300230, ଫ୍ୟାକ୍ସ ନଂ.: 0674-2301328, ଏବଂ ଇ-ମେଲ୍ ଆଇଡି: sdgm@ecor.railnet.gov.in ଙ୍କ ନିକଟକୁ ପଠାନ୍ତୁ।
- ଦୟାକରି ଅଭିଯୋଗରେ ଦସ୍ତଖତ କରନ୍ତୁ ଏବଂ ସମ୍ପୂର୍ଣ୍ଣ ଠିକଣା ଉଲ୍ଲେଖ କରନ୍ତୁ। ଇ-ମେଲ୍ ଦ୍ୱାରା କରାଯାଇଥିବା ଅଭିଯୋଗରେ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ଗୋଟିଏ ସ୍ୱ-ହସ୍ତାକ୍ଷରିତ ନକଲ ସଲଗ୍ନ ହେବା ଅନିବାର୍ଯ୍ୟ ଅଟେ।
- ଯଦି ଆପଣ ନିଜର ନାମ ଗୋପନୀୟ ରଖିବାକୁ ଚାହୁଁଛନ୍ତି, ତେବେ ଦୟାକରି ଅଭିଯୋଗପତ୍ରରେ ଏହା ଉଲ୍ଲେଖ କରନ୍ତୁ ଏବଂ ଗୋଟିଏ ଜଉମୁଦା/ସୁରକ୍ଷିତ ଲଫାଫାରେ ନିଜର ଅଭିଯୋଗପତ୍ରକୁ ସଚିବ, କେନ୍ଦ୍ରୀୟ ସତର୍କତା ଆୟୋଗ, ସତର୍କତା ଭବନ, ବ୍ଲକ୍ - "ଏ", ଜିପିଓ କମ୍ପ୍ଲେକ୍ସ, ଆଇଏନ୍ଏ, ନୂଆଦିଲ୍ଲୀ-110023କୁ ସମ୍ବୋଧିତ କରି ପଠାନ୍ତୁ। ଲଫାଫା ଉପରେ "ଜନହିତ ପ୍ରକଟିକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧିନରେ ଅଭିଯୋଗ" କିମ୍ବା "PIDPI" ସ୍ପଷ୍ଟ ଭାବେ ଲେଖାଯିବା ଆବଶ୍ୟକ।
- ଯଦି ଆପଣଙ୍କ ନିକଟରେ ରେଳବାଇରେ ଭ୍ରଷ୍ଟାଚାର ବିଷୟରେ କୌଣସି ଅଭିଯୋଗ ଥାଏ, ତେବେ ଆପଣ ସତର୍କତା ହେଲ୍ପଲାଇନ୍ ନଂ. 8455885031କୁ ଫୋନ କରି ସୂଚନା ଦେଇପାରିବେ।।

ସତର୍କତା ହେଲ୍ପଲାଇନ୍ ନଂ. 8455885031
ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
PR-707/O/23-24



**GOVERNMENT OF ODISHA**
**DEPARTMENT OF P.R. & D.W.**
**OFFICE OF THE PANCHAYAT SAMITI, TALCHER**
**INVITATION FOR BIDS (IFB)**
**IDENTIFICATION No. TAL-02/2023-24**
**E-mail: ori-talcher@nic.in**

The Block Development Officer, Talcher on behalf of PR & DW Department, Govt. of Odisha invites percentage of rates BID in Double Cover System from the work 1. Construction of Community Centre for Brahman Samaj of Talcher Town. 2. Renovation of Shiv Mandir at Village/G.P.: Kumunda from a Class of eligible bidders as mentioned in Column 4 (Four), reigstered with the State Government and Contractors of the equivalent Grade/Class registered with Central Government/ MES/Railways to be eventually drawn up in PWD P-I form, for execution of building (Civil Work). The proof of registration from the appropriate authority shall be enclosed along with the Bid. If successful the Bidder who has not registered under State Government has to register under the State PWD in appropriate class of eligibility before signing the Agreement.

1. The sale of BID documents will be started from Dt.30.10.2023 to 08.11.2023 upto 5 P.M.
2. The bid documents will be received through Speed Post/ Registered Post latest by 09.11.2023 upto 5 P.M.
3. The bid documents will be opened on 10.11.2023 at 11 A.M. till completion.
4. For other details you can visit the website **www.angul.nic.in** or in the Office of the BDO, Talcher during office hour.

**Sd./- Block Development Officer, Talcher**



**KEONJHAR CENTRAL CO-OPERATIVE BANK LTD.**
**AT/P.O.: KEONJHARGARH, KEONJHAR-758001 (Odisha)**
କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ
ସା.ପୋ.: କେନ୍ଦୁଝରଗଡ଼, କେନ୍ଦୁଝର- ୭୫୮୦୦୧ (ଓଡ଼ିଶା)
Telephone: (06766) 255183, 251745, Fax: 253137
Email: kendujharccb@gmail.com
No.KCCB/A&E/ 3542/2023-24 Date: 31.10.2023

**CORRIGENDUM**

In response to this office Notification No. KCCB: 3296/2023-24 Dated 10.10.2023 & No.KCCB: 3294/2023-24 Dated: 10.10.2023 the following correction in the Expression of Interest are made:
1. The last date of receipt of bid documents shifted to Date 15.11.2023, 5.00 P.M.
2. The date for opening of technical bid is rescheduled on Date 16.11.2023 at 11.00 A.M.

Sd./- Chief Executive Officer,
Keonjhar Central Co-op Bank Ltd., Keonjhar



**OFFICE OF THE PRINCIPAL CHIEF CONSERVATOR OF FORESTS, KENDU LEAVES, ODISHA**
Plot No. GD-2/12, 5th Floor, Aranya Bhawan, Chandrasekharpur, Bhubaneswar, PIN - 751023
Tel. Phone No.: 0674-2300916, E-mail Id: pccfkldak@gmail.com
Notice No. 90/3KL (WFA)22/2019
Dated, Bhubaneswar the 31 October, 2023

**ABRIDGED TENDER CALL NOTICE FOR HIRING OF PRIVATE VEHICLE**

Sealed tenders are invited from interested Vehicle Owners/ Travel Agencies for providing Zest/Tigor/Swift Dezire/Xcent/ Etios (Petrol) for official use on hiring in the Office of the Principal Chief Conservator of Forests, Kendu Leaves, Odisha on terms & conditions mentioned in the standard bidding document. Detailed terms & conditions can be collected from the O/o. the Principal Chief Conservator of Forest, (KL), Odisha. The last date of submission of the tender is 07.11.2023 upto 1.30 P.M. and to be opened on 08.11.2023 at 4.00 P.M.

Sd./- Assistant Chief Conservator of Forests, Kendu Leaves, Odisha



**झारखण्ड सरकार**
**ग्रामीण कार्य विभाग, मुख्य अभियंता का कार्यालय**
**102, द्वितीय तल्ला, अभियंत्रण भवन, कचहरी रोड, राँची**

**ई–अल्पकालीन पुनर्निविदा आमंत्रण सूचना**

ई–अल्पकालीन पुनर्निविदा संख्या:- **242/RIII/2023-24/RWD/JAMSHEDPUR** दिनांक :- **31.10.2023**
मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| | | | अंक में | अक्षर में | | |
| 1. | RWD/ JAMSHEDPUR/ 24/SRPKG-04/2022-23 | (i) पटमदा कटिन पीडब्लुडी रोड रंगाटॉड से काशीडीह भाया सुन्दरपुर तीन सिमांग तक पथ का विशेष मरम्मति कार्य (लं– 4.000 कि0मी0)<br>(ii) सुंदरपुर तीन सिमान से चौड़ा घाघरा पश्चिम बंगाल बॉर्डर तक पथ का विशेष मरम्मति कार्य (लं– 8.600 कि0मी0)<br>(iii) भुयासीनन डोरेन सिंह मुंडा चौक से लयालम तक पथ का विशेष मरम्मति कार्य (लं– 2.200 कि0मी0) | 6,50,14,100.00 | छः करोड़ पचास लाख चौदह हजार एक सौ रू0 मात्र | 09 माह | चतुर्थ |

2. वेबसाईट में निविदा प्रकाशन की तिथि:– **10.11.2023**
3. ई–निविदा प्राप्ति की अंतिम तिथि एवं समय:– **23.11.2023** अपराह्न 5.00 बजे तक।
4. निविदा खोलने की तिथि एवं समय:– **24.11.2023** अपराह्न 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
6. ई–निविदा प्रकोष्ठ का दूरभाष सं0– 0651–2913010

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

नोडल पदाधिकारी
ई–प्रोक्युर्मेन्ट सेल

PR 310279 (Rural Work Department) 23-24 (D)



**ODISHA STATE CIVIL SUPPLIES CORPORATION LTD**
C/2, Nayapalli, Bhubaneswar-12, www.oscsc.in
CIN : U51211OR1980OSGC000894
Tel.No.0674-239539, Fax No.0674-2395291

**Tender No.15989/P-II/96/2023/PDS** **Date : 31.10.2023**

Managing Director Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1. | Name of the Work | Selection and appointment of handling and transport contractors for handling and transportation of Custom Milled Rice (CMR) from source district Bargarh to Recipient district Balasore through Rake in the State of Odisha. |
| 2. | Availability of bid document in the portal | From 01.11.2023 |
| 3. | Last Date/Time for receipt of bids in the portal | dt.08.11.2023 upto 5.00PM |
| 4. | Date/Time of Opening of Technical Bid | dt.09.11.2023 upto 11.00AM. |
| 5. | Name and address of the Officer Inviting Tender | Managing Director, OSCSC Ltd., C/2 Nayapalli, Bhubaneswar. |

Tender Documents and other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in.** Amendments/corrigendum/ cancellation/retenders etc. If any shall be published only in above websites.

**By Order of Managing Director**
**Sd./-**
**General Manager (PDS)**



**EXPRESSION OF INTEREST**

No.PP-47:- "Expression of Interest" in sealed cover is hereby invited for allotment of **eight Food Stalls & two KIOSKs** available at Ekamra Haat, Bhubaneswar, Odisha.

For details of EOI, TOR etc. please visit the website: **www.sidacodisha.org.in**. The last date for submission of EOI in the Office of SIDAC, Handicrafts Complex, Gandamunda, Khandagiri, Bhubaneswar, Ph.: 0674-2350318 is upto 5.00 P.M. on 15.11.2023. The details of EOI will be available in the website w.e.f. 1.11.2023.

**Sd./-**
**Member Secretary**

**State Institute for Development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar- 751030
Tel.No.+91 (0)674 2350318, E-mail: sidacorissa@gmail.com, www.sidacodisha.org.in
OIPR-31036/11/0020/2324

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ............................



ଏସ୍.ଏନ୍ ଜାଗୃତି ପରିବାରବର୍ଗ



ବାପୁନି ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୪ରୁ ୧୮ ବ୍ଲକ୍ ଘେରିବ ଭାଜପା

ଭୁବନେଶ୍ୱର, ୩୧।୧୦(ସୁନିତ୍ ମିଶ୍ର)

ରାଜ୍ୟରେ ଦୁର୍ନୀତି, ଭ୍ରଷ୍ଟାଚାର, ମହିଳା ବିରୋଧୀ ହିଂସା ବଢ଼ିଯାଇଛି। ବର୍ତ୍ତମାନ ପଞ୍ଚାୟତ, ବ୍ଲକ, ଜିଲାସ୍ତରୀୟ ଅଫିସଠାରୁ ଲୋକସେବା ଭବନ ପର୍ଯ୍ୟନ୍ତ ସବୁଠି ପିସି କାରବାର ଚାଲିଛି। ଓଡ଼ିଶାରେ ବର୍ଷକୁ ୧ ଲକ୍ଷ କୋଟି ଟଙ୍କାର ଦୁର୍ନୀତି ହେଉଛି। ଆଉ ଏଠାରେ ସରକାର କେବଳ ବିଜ୍ଞାପନରେ ବଞ୍ଚିଛନ୍ତି। ୨ ମାସ ତଳେ ଭାଜପା ରାଜ୍ୟବ୍ୟାପୀ ସବୁ ପଞ୍ଚାୟତରେ ଦୁର୍ନୀତ ବିରୋଧରେ ଘେରାଉ କାର୍ଯ୍ୟକ୍ରମ କରିଥିଲା। ସାଧାରଣ ଲୋକଙ୍କ ଅଧିକାର ପାଇଁ ଦଳ ତରଫରୁ ଏହି ଲଢ଼େଇ ଜାରି ରହିବ। ଆସନ୍ତା ୧୪ରୁ ୧୮ ପର୍ଯ୍ୟନ୍ତ ୫ ଦିନ ରାଜ୍ୟର ସମସ୍ତ ବ୍ଲକ୍ ସମ୍ମୁଖରେ ଘେରାଉ କାର୍ଯ୍ୟକ୍ରମ କରାଯିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ଓଡ଼ିଶାରେ ସରକାରୀ ବିରୋଧୀ ଜନଆକ୍ରୋଶ ହେଉଛି ଆମ ପୁଞ୍ଜି। ରାଜ୍ୟରେ ପଞ୍ଚାୟତରୁ ନେଇ ବ୍ଲକ, ଜିଲାପାଳ ଅଫିସ ପର୍ଯ୍ୟନ୍ତ ଚାଲିଥିବା ୫୦% ପିସି କାରବାର ଭାଜପାର ମୁଖ୍ୟ ପ୍ରସଙ୍ଗ। ଏବେ ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟଙ୍କ କ୍ଷମତାକୁ ହଡପ କରିନିଆଯାଇଛି। ଏସବୁ ଘଟଣାକୁ ନେଇ ଦଳ ପ୍ରତିବାଦ କରିବ ବୋଲି ମନମୋହନ କହିଛନ୍ତି।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**

Bhava Institute Of Medical Science & Research

Recognised by DMET, ON&MC, Health & FW Dept.,Govt. of Odisha

**GNM** Duration : 3 Year, Eligibility : +2 Pass (Any Stream) 40% Mark

**ANM** Duration : 2 Year, Eligibility : +2 Pass (Any Stream)

**DMRT DMLT** Duration : 2 Year, Eligibility : +2 Science

**CBCA** Certified Blood Collection Assistant Duration : 6 months, Eligibility : 10+

Stipend for SC/ST, OBC & SEBC

•Own Building •Hostel in Campus •Transport facility •Placement Assistantance

ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା

Plot - 1480, I.R.C. Village, Bhubaneswar - 15

9040009727 8456845313

**BUSINESS**

ଯୁବକ-ଯୁବତୀଙ୍କ ଆବଶ୍ୟକତା ରହିଛି। ଯେଉଁମାନେ ଘରେ ବସି ମୋବାଇଲ ଦ୍ୱାରା ପାର୍ଟ/ଫୁଲ୍ ଟାଇମ୍ କପି ପେଷ୍ଟ ୱାର୍କ କରିପାରିବେ।

ସୂଚନା ପାଇଁ ମିସ୍‌କଲ୍ କରନ୍ତୁ-

02240375702


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**୧୭ତମ ଜନ୍ମଦିନ ଶୁଭେଚ୍ଛା**



**ଶାଶ୍ୱତ ଚନ୍ଦ୍ର ନାଥ (ବାପୁନି)**

ଅଁଳୋ, କଟକ

ଆଜି ତୋର ୧୭ତମ ଜନ୍ମ ବାର୍ଷିକ ଉପଲକ୍ଷେ ମା' ଶାରଳାଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ, ତୋର ଚଲାପଥ ଉଜ୍ଜ୍ୱଳମୟ ଓ କୁସୁମିତ ହେଉ। ଶୁଭେଚ୍ଛା ସହ:- ଜେଜେବାପା, ଜେଜେମାଆ, ଆଈ, ପିଉସା, ପିଉସୀ, ବାବା, ମାମା, ମାମୁ, ମାଇଁ, ଟୁଇଁଦିଦି, ଗୁଡୁଭାଇ ଏବଂ ସମସ୍ତ 'ନାଥ' ପରିବାରବର୍ଗ।

ଧ-୧୬୯୪


# ସ୍କିଲ୍ ଜୀବନରେ ମିଶନ ହେଉ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୩୧।୧୦
(ସୁନିତ୍ ମିଶ୍ର)



ସ୍କିଲ୍‌କୁ ଜୀବନରେ ମିଶନ ଭାବେ ଗ୍ରହଣ କରିବା ଦରକାର। ଏହି ମିଶନ ସୀମିତ ସମୟ ପାଇଁ ନୁହେଁ ବରଂ ଜୀବନବ୍ୟାପୀ ଗ୍ରହଣ କରିବା ଦରକାର ବୋଲି ମଙ୍ଗଳବାର ରାଷ୍ଟ୍ରୀୟ ଏକତା ଦିବସ ଅବସରରେ 'ମହାତ୍ମା ଗାନ୍ଧୀ ଜାତୀୟ ଫେଲୋଶିପ୍‌ର ସମାବର୍ତ୍ତନ ସମାରୋହ'ରେ ଭୁବନେଶ୍ୱରରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଯୋଡ଼ି ହୋଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଜାତୀୟ ଶିକ୍ଷା ନୀତିରେ ସ୍କିଲିଂ ଇକୋସିଷ୍ଟମ୍‌ରେ କ୍ରେଡିଟ୍ ଫ୍ରେମୱାର୍କରେ ମ୍ୟାପିଂ କରାଯିବାର ବ୍ୟବସ୍ଥା ହୋଇଛି। ସାର୍ଟିଫିକେଟରେ ଅନୁଭବ ଓ ପ୍ରଦର୍ଶନ ଅନୁସାରେ କ୍ରେଡିଟ୍ ଦିଆଯାଇଛି। ଏହା ଦେଶର ପ୍ରଥମ କ୍ରେଡିଟ୍ ଆୱାର୍ଡିଂ ମେକାନିଜମ୍। ତେଣୁ ସମସ୍ତେ ଜୀବନରେ ସ୍କିଲ୍‌କୁ ମିଶନ କରିବା ଦରକାର। ଦେଶରେ ବର୍ତ୍ତମାନ ବାତାବରଣ ପରିବର୍ତ୍ତନ ହେଉଛି। ୨୦୧୭-୧୮ରେ ଦେଶରେ ୬% ବେରୋଜଗାରୀ ତୁଳନାରେ ୨୦୨୨-୨୩ରେ ଏହା ହ୍ରାସ ପାଇ ୩.୨%ରେ ପହଞ୍ଚିଛି। କର୍ମକ୍ଷେତ୍ରରେ ଶ୍ରମବଳ ଓ ମହିଳା ଭାଗୀଦାରି ବୃଦ୍ଧି ପାଉଛି। ଏହି ଶ୍ରମବଳକୁ ସ୍କିଲିଂ, ରି- ସ୍କିଲିଂ ଏବଂ ଅପ ସ୍କିଲିଂ କରାଇବା ପାଇଁ ହେବ। ଜି-୨୦ରେ ପ୍ରଧାନମନ୍ତ୍ରୀ ଗ୍ଲୋବାଲ ସ୍କିଲ୍ ଗ୍ୟାପର ମ୍ୟାପିଂ କଳ୍ପନା କରିଛନ୍ତି। ଭାରତ ବିଶ୍ୱର ଦକ୍ଷତା ମାନବ ସମ୍ବଳର ପେଣ୍ଠସ୍ଥଳୀ ହେଉ, ଏହା ଆମର କଳ୍ପନା ରହିଛି। ଦେଶରେ ଡିଜିଟାଲ ଭିତ୍ତିଭୂମି, ଷ୍ଟାର୍ଟଅପ୍ ନୂଆ ନୂଆ ରୂପ ନେଉଛି। ଊର୍ଜା ବ୍ୟବହାରରେ ଭାରତ ବିଶ୍ୱରେ ୩ୟ ସର୍ବବୃହତ୍ ରାଷ୍ଟ୍ର। ଦେଶରେ ଅକ୍ଷୟ ଊର୍ଜା ସହ ବିକଳ୍ପ ଊର୍ଜା ଆସୁଥିବା ବେଳେ ଗ୍ଲୋବାଲ୍ ବାୟୋ-ଫୁଏଲ ଆଲାଏନ୍ସର କଳ୍ପନା ହୋଇଛି। ୱେଷ୍ଟ ଟୁ ୱେଲଥ୍ ଏକ ପ୍ରକାର ମଡେଲ ହୋଇଛି। ସ୍କିଲିଂ କ୍ଷେତ୍ରରେ କୌଳିକ ବୃତ୍ତିଧାରୀଙ୍କୁ ସ୍କିଲ୍‌ଡ କରିବା ପାଇଁ ପିଏମ୍ ବିଶ୍ୱକର୍ମା ଭଳି ଯୋଜନା ଆରମ୍ଭ ହୋଇଛି। ପରମ୍ପରାଗତ ସ୍କିଲିଂଠାରୁ ଏକବିଂଶ ଶତାବ୍ଦୀ ସହ ଭବିଷ୍ୟତ ସ୍କିଲିଂକୁ ମ୍ୟାପି କରିବା ଦରକାର ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଶସ୍ତାରେ ପିଆଜ ବିକିଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୩୧।୧୦
(ସୁନିତ୍ ମିଶ୍ର)




କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ବାସଭବନ ଆଗରେ ଛାତ୍ର କଂଗ୍ରେସ କର୍ମକର୍ତ୍ତା ଶସ୍ତାରେ ପିଆଜ ବିକ୍ରି କରୁଛନ୍ତି।

ପିଆଜ ଦର ଅହେତୁକ ବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସରକାରୀ ବାସଭବନକୁ ଘେରାଉ କରାଯାଇଥିଲା। ଏଥିସହ କୃଷିମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଛାତ୍ର କଂଗ୍ରେସ କର୍ମକର୍ତ୍ତା କିଲୋ ପ୍ରତି ୨୦ ଟଙ୍କା ଦରରେ ପିଆଜ ବିକ୍ରି କରିଥିଲେ। ରାସ୍ତାରେ ଯାଉଥିବା ଲୋକେ ମଧ୍ୟ ପିଆଜ କିଣୁଥିବା ଦେଖିବାକୁ ମିଳିଥିଲା। ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଶିଶୁ ଭବନ ଛକଠାରୁ ଏକ ରାଲି କୃଷିମନ୍ତ୍ରୀଙ୍କ ବାସଗୃହ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଏହି ଅବସରରେ ୟାସିର କହିଛନ୍ତି, ଦୁଇ ପାଖୁଡ଼ା ପିଆଜ ହେଲେ ଜଣେ ଓଡ଼ିଆ ଦୁଇ ମୁଠା ପଖାଳ ଖାଇଥାଏ। ମାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟ ସରକାର ଓ ରାଜ୍ୟ କୃଷି ମନ୍ତ୍ରୀଙ୍କ ପାଇଁ ବର୍ତ୍ତମାନ ପିଆଜ ଦର ଆକାଶ ଛୁଆଁ ହୋଇଛି। ଲୋକଙ୍କୁ ପିଆଜ ଏବେ କନ୍ଦାଇଲାଣି। ଏହାର ଜବାବ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦିଅନ୍ତୁ। କେବେ ଟମାଟୋ କିଲୋପ୍ରତି ୩ ଶହ ଟଙ୍କା ହେଉଛି ତ କେବେ ପିଆଜ ଦର ୧୦୦ ଟଙ୍କା ଛୁଇଁଲାଣି। ଏବେ ବଜାରରେ ପିଆଜ ଦର ୮୦ ଟଙ୍କାରେ ପହଞ୍ଚିଛି। ଦର ନିୟନ୍ତ୍ରଣ ପାଇଁ କେନ୍ଦ୍ର ବା ରାଜ୍ୟ ସରକାରଙ୍କ କୌଣସି ଆନ୍ତରିକତା ନାହିଁ। ଓଡ଼ିଶାରେ ପିଆଜ ଚାଷୀଙ୍କୁ ପ୍ରୋତ୍ସାହନ ମିଳୁନାହିଁ। ୨୦୧୫ରେ ରାଜ୍ୟ ସରକାର ପିଆଜ ମିଶନ କଲେ। ଏଥିରେ ୧୨ କୋଟି ୧୨ ଲକ୍ଷ ଟଙ୍କା ବ୍ୟୟବରାଦ ହେଲା। ମାତ୍ର ଏବେ ସେହି 'ପିଆଜ ମିଶନ' କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଅନେକ କ୍ଷେତ୍ରରେ ପିଆଜର କଳାବଜାର କରାଯାଉଛି। ଏଣୁ ଓଡ଼ିଶା ପିଆଜ ପାଇଁ ମହାରଷ୍ଟ୍ର, କର୍ନାଟକ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରୁଛି। ତୁରନ୍ତ ପିଆଜ ଦର ଖସାଇବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରୁଛି ବୋଲି ୟାସିର କହିଛନ୍ତି।

## କୃଷିମନ୍ତ୍ରୀଙ୍କ ବାସଭବନ ଆଗରେ ପ୍ରତିବାଦ

# ଜିତେନ୍ଦ୍ର ମୟୂରଭଞ୍ଜ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି

ଭୁବନେଶ୍ୱର,୩୧।୧୦
(ଅନିଲ ଦାସ)

ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ ଜିଲା କାର୍ଯ୍ୟକାରୀ ସଭାପତି ଓ ଉପସଭାପତି ନିଯୁକ୍ତ କରିଛନ୍ତି। ଏ ନେଇ ବିଜେଡି ପକ୍ଷରୁ ମଙ୍ଗଳବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଜିତେନ୍ଦ୍ର ମହାନ୍ତିଙ୍କୁ ମୟୂରଭଞ୍ଜ ଜିଲା କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରାଯାଇଥିବା ବେଳେ ସଚିନ୍ଦ୍ର ଦାସଙ୍କୁ ଉପସଭାପତି ଭାବେ ନିଯୁକ୍ତ କରାଯାଇଛି।

# ଭାଜପାର ସାମାଜିକ ଗଣମାଧ୍ୟମ ରାଜ୍ୟ ଟିମ୍ ଘୋଷିତ

ଭୁବନେଶ୍ୱର, ୩୧।୧୦
(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଦଳର ସାମାଜିକ ଗଣମାଧ୍ୟମ ମୁଖ୍ୟ ଉମାକାନ୍ତ ପଟ୍ଟନାୟକ ମଙ୍ଗଳବାର ସାମାଜିକ ଗଣମାଧ୍ୟମ ରାଜ୍ୟ ଟିମ୍ ଘୋଷଣା କରିଛନ୍ତି। ରାଜ୍ୟ ଗଣମାଧ୍ୟମ ସହ ସଂଯୋଜକ ଭାବେ ଚିନ୍ମୟ ପଣ୍ଡା ଓ ସୁଚରିତା ଜେନାମଣି, ଅର୍ଜୁନ ଜଗତ, ବବ୍‌ଲୁ ମହାନ୍ତି, ବିରଞ୍ଚି ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଓଝା, ମାନସୀ ମଞ୍ଜରୀ ରାୟ, ମନୋଜ କୁମାର ବେହେରା, ପ୍ରଦୀପ୍ତ ଜେନା, ପ୍ରକାଶ ଚନ୍ଦ୍ର ନାୟକ, ପ୍ରଶାନ୍ତ ନାୟକ, ଶିଳ୍ପା ଗିରିଗୋସ୍ୱାମୀ ଓ ଶ୍ରୀନିବାସ ପଣ୍ଡାଙ୍କୁ କୋର୍ କମିଟି ସଦସ୍ୟ ରୂପେ ନିଯୁକ୍ତ କରାଯାଇଛି। ରାଜ୍ୟ ସାମାଜିକ ଗଣମାଧ୍ୟମର ସହସଂଯୋଜକ ଭାବେ ୨ ଜଣ, ରାଜ୍ୟ କୋର୍ ଟିମ୍ ସଦସ୍ୟ ୧୨ ଜଣ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ୪୯ ଜଣଙ୍କୁ ମନୋନୀତ କରାଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।


**Classified Everyday 0674-2580101, 2549949**




**BRIDE WANTED**

Searching Kaibarta Groom for Very Fair Kaibarta Bride. Contact Brother (IAS Faculty in Delhi), Mob.: 9990161440. D-1674




**SALE**

2BHK flat house for sale near Hi-Tech Plaza, Sundarpada, Bhubaneswar. (M) 9861150062. D-46566

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

**Twincity Grand Bazar (Nakhara NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **Plot** ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – **9658562429.** D-75239

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot-300/-. 7978663279. D-75249

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ନିକଟରେ ଘରବାରି ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ। 9827119799. D-1670

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ନାଇଜର, ଜଟଣୀ yellow Zone ବର୍ଗଫୁଟ ୩୫୦-୮୦୦ ଜାଗା ବିକ୍ରି ହେଉଛି। 8249693292. D-75162

BDA Town planning ଏରିଆରେ ୩୦ଫୁଟ୍ ରୋଡ୍ ଥାଇ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ- 850/- କିଣି ଘର କରନ୍ତୁ। (୬୦ଟା ପ୍ଲଟ୍ ଅଛି), 9853150290. D-75254

Bhubaneswar/ Nakhara/ Pahala ଛକ ପାଖରେ ଘରବାରି ବାସୋପଯୋଗୀ ପ୍ଲଟ୍ free boundary, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘରକରି ପାରିବେ। 9178704897. D-75247

**Available plots 500/- sqft. 30ft road, Electricity, Backside SOG, Chandaka, Bhubaneswar- 8917439982.** D-75253

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ – **9437205314, 9937513595.** D-75243

ଘରବାରି ପଟ୍ଟା **Plots, Resale Hotel / house at Puri Town,** ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି। **7008067338, 9090746445.** D-75242




Newly open SPA positively health benefit with expert. Contact: 7749976301. D-1681

All types of professional body massage by professional therapy. Contact 7077933109, 9556924059, 8658803018. D-1669

**Relax, Refresh your body, Mind at Saikrupa Spa with best therapies. 8984068077.** D-1696

Full body massage in homely atmosphere in all therapy. Mob: 8114881641. D-73445

Newly open health benefits Spa special offer @999. Contact: 7749034655. D-75166

Full body massage by expert therapist positively health benefits. 7381172169. D-75165

**Body spa / saloon by expert therapist, Puja Offer @999/-. 9938843929.** D-75163

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Good Running Tile Business with 6 Figure/ month profit at prime location of Chandpur, Nayagarh for sale contact 9124159073. D-1691


**AFFIDAVIT**

I, Susanta Mohanty, resident of D-63, SaiParadise, KISS Road, Daruthenga, Pin-751024, Odisha declare by this affidavit No-359 Dtd-19/10/2023 that now onwards I shall be known as Susanta Kumar Mohanty for all future purposes. D-1699

**ପାଠକଙ୍କ ପାଇଁ ସୂଚନା**


କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




By affidavit before the Executive Magistrate, Malkangiri, I Puspalata Murmu, aged about 41 years, W/o Arjun Kumar Hembram, D/o Biswanath Murmu, Permanent Resident of Village/Post-Mangalpur, P.S.-Rasgobindpur, Dist-Mayurbhanj to state that before marriage my name was Puspalata Murmu which is mentioned in my certificates. Consequent upon my marriage with Arjun Kumar Hembram, my name is changed to Puspalata Hembram mentioned in my Aadhaar Card No. xxxx xxxx 7778 and other documents i.e. Voter ID, Pan Card, D.L. etc. That Puspalata Hembram and Puspalata Murmu is one and same person i.e. myself.

Deponent

D-1697

# ଇନ୍ଦିରା ଗାନ୍ଧୀ ପାର୍କକୁ ପର୍ଯ୍ୟଟନସ୍ଥଳୀ କରାଯିବ: କଂଗ୍ରେସ

ଭୁବନେଶ୍ୱର, ୩୧।୧୦
(ସୁନିତ୍ ମିଶ୍ର)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର କଂଗ୍ରେସ ଭବନଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୩୯ତମ ଶ୍ରାଦ୍ଧ ଉତ୍ସବ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ଦଳର ଅନ୍ୟ ନେତୃବୃନ୍ଦ କଂଗ୍ରେସ ଭବନ ପରିସରରେ ଥିବା ଇନ୍ଦିରା ଗାନ୍ଧୀ ଓ ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ଏହାପରେ ପିସିସି ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ପାର୍କସ୍ଥିତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଏହି ଅବସରରେ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ଅଧ୍ୟକ୍ଷ ବିଧାୟକ ସୁରେଶ ରାଉତରାୟ ଓ ଦଳର ସାଧାରଣ ସମ୍ପାଦକ ଅମିୟ ପଟ୍ଟନାୟକଙ୍କ ଦ୍ୱାରା ଆୟୋଜିତ ଶ୍ରାଦ୍ଧ ଉତ୍ସବରେ ଯୋଗଦେଇ ପିସିସି ସଭାପତି କହିଛନ୍ତି ଯେ, ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ଜଣେ ସଫଳ ପ୍ରଧାନମନ୍ତ୍ରୀ ଥିଲେ। ବହୁ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରି ସେ ଭାରତବର୍ଷରେ ସାମଗ୍ରିକ ଉନ୍ନତିର ସୂତ୍ରଧର ହୋଇଥିଲେ। ତେବେ କଂଗ୍ରେସ କ୍ଷମତାକୁ ଆସିଲେ ଇନ୍ଦିରା ଗାନ୍ଧୀ ପାର୍କକୁ ଏକ ପର୍ଯ୍ୟଟନସ୍ଥଳୀ ଭାବେ ପରିଣତ କରାଯିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମ ମଧ୍ୟରେ ସର୍ବଧର୍ମ ପ୍ରାର୍ଥନା, ପାଲା ପରିବେଷଣ ଓ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତ, ନୃତ୍ୟ ପରିବେଷଣ କରାଯାଇଛି।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଟୁଟୁ ମହାରଣା**

ପଟିଆଗଡ଼, ରାଉତସାହି

ଆବିର୍ଭାବ: ୧୧।୦୫।୧୯୭୪
ତିରୋଧାନ: ୨୩।୧୦।୨୦୨୩
(ମହାନବମୀ)

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ସୋମା, ରୋମା, ପୂଜା, ରିଙ୍କି, ପିଙ୍କୁନ, ସ୍ୱପ୍ନା, ରୁଦ୍ର, ଲକି, ଲିକି, ଗୁଡୁ, ଗୁଡ଼ି, ମାମୁନି, ଗୋପାଳ, ପଠାଣି, ମିଟୁ, ବାପି ଓ ଗଙ୍ଗାଧର ମହାରଣାଙ୍କ ପରିବାରବର୍ଗ।

ଧ-୭୫୩୦୬

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବିଷ୍ଣୁପ୍ରିୟା ବେହେରା**

ବଳରାମପୁର, କୁଜଙ୍ଗ

ଆବିର୍ଭାବ: ୨୬।୧୧।୧୯୫୨
ତିରୋଧାନ: ୨୨।୧୦।୨୦୨୩

ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମ୍ଭେ କେବେ ଭୁଲି ପାରିବୁ ନାହିଁ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ: ହତଭାଗ୍ୟ ସ୍ୱାମୀ: ଦ୍ୱିଜବର, ପୁତ୍ର: ସ୍ମୃତି ରଞ୍ଜନ, ଶକ୍ତି ରଞ୍ଜନ, ସୁଧି ରଞ୍ଜନ, ପୁତ୍ରବଧୂ: କୁନି, ଲିଜା, ମିଲି, ଝିଅ: ସ୍ୱିସ୍ମାରାଣୀ, ଜାମାତା: ରମେଶ, ନାତି-ନାତୁଣୀ: ଆୟୁଷ, ରିଙ୍କୁ, ରିନୁ, ଆଦି, ଆୟାଂଶ, ଭଣଜା-ଭାଣିଜୀ: ଟୁଟୁ, ଜିନୁ, ବାବୁନି, ମମତା, ବାବୁ, ଝିଆରୀ, ପୁତୁରା, ବନ୍ଧୁ ଓ ପରିବାରବର୍ଗ।

ଧ-୧୭୦୦





ୱାଙ୍ଖେଡ଼େରେ ଉନ୍ମୋଚନ ଅପେକ୍ଷାରେ ସଚିନ ତେନ୍ଦୁଲକରଙ୍କ ପ୍ରତିମୂର୍ତ୍ତି।

# ୪ ପରାଜୟ ପରେ ପାକିସ୍ତାନକୁ ବିଜୟ ସ୍ୱାଦ

**କୋଲକାତା, ୩୧।୧୦**

କ୍ରମାଗତ ୪ ମ୍ୟାଚରେ ପରାଜୟ ପରେ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ବିଜୟ ସ୍ୱାଦ ଚାଖିଛି ପାକିସ୍ତାନ। ବୋଲରଙ୍କ ଚମତ୍କାର ପ୍ରଦର୍ଶନ ପରେ ଫଖର ଜମାନ ଓ ଅବଦୁଲ୍ଲା ଶଫିକଙ୍କ ଅର୍ଦ୍ଧଶତକ ସହାୟତାରେ ଏହି ଦଳ ଇଡେନ ଗାର୍ଡେନ୍ସରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ବାଂଲାଦେଶକୁ ୭ ଉଇକେଟରେ ପରାସ୍ତ କରିଛି। ବାଂଲାଦେଶ ୪୫.୧ ଓଭରରେ ୨୦୪ ରନରେ ଅଲ୍‌ଆଉଟ ହୋଇଥିଲା। ପାକିସ୍ତାନ ୩୨.୩ ଓଭରରେ ୩ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରି ନେଇଥିଲା। ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ସହ ଶଫିକ୍ ୬୮ (୬୯ ବଲ, ୯ ଚୌକା, ୨ ଛକା) ଓ ଜମାନ ୮୧ (୭୪ ବଲ୍, ୩ ଚୌକା, ୭ ଛକା) ରନକରି ଦଳର ବିଜୟକୁ ସହଜ କରିଥିଲେ। ପ୍ରତ୍ୟାବର୍ତ୍ତନ ମ୍ୟାଚରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଥିବା ଜମାନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ୭ ମ୍ୟାଚରୁ ତୃତୀୟ ବିଜୟ ସହ ପାକିସ୍ତାନ ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ୭ ମ୍ୟାଚରୁ ୬ଷ୍ଠ ପରାଜୟ ସହ ବାଂଲାଦେଶ ଆଶା ଶେଷ ହୋଇ ଯାଇଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ବାଂଲାଦେଶ। ମାତ୍ର ଦଳର ଟପ୍ ଅର୍ଡର ବ୍ୟାଟରମାନେ ନିରାଶ କରିଥିଲେ। ତାନଜିଦ ହାସନ ଖାତା ଖୋଲିପାରି ନ ଥିବାବେଳେ ନଜମୁଲ ହାସନ ଶାନ୍ତୋ ୪ ଓ ମୁଶଫିକର ରହିମ ୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ଫଳରେ ୨୩ ରନ ମଧ୍ୟରେ ବାଂଲାଦେଶ ୩ଟି ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଶାହିନ ଶାହା ଓ ହାରିସ ବାଂଲାଦେଶର ଏହି ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଲିଟନ ଦାସ ସତର୍କତାର ସହ ବ୍ୟାଟିଂ କରିଥିଲେ ମଧ୍ୟ ୬୪ ବଲ୍‌ରୁ ୪୫ ରନ କରିଥିବାବେଳେ ସ୍ପିନର ଇଫ୍‌ତିକାର ଅହମଦଙ୍କ ବଲ୍‌ରେ ଆଉଟ ହୋଇଥିଲେ। ମିଡିଲ ଅର୍ଡରରେ ମହମୁଦୁଲ୍ଲା ଓ ଅଧିନାୟକ ଶକିବ ଅଲ୍ ହାସନ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ଦଳକୁ ଏକ ସମ୍ମାନଜନକ ସ୍କୋର ଆଡ଼କୁ ନେଇ ଯାଇଥିଲେ। ତେବେ ୫ମ ଉଇକେଟରେ ୭୯ ରନର ଭାଗୀଦାରି ପରେ ଅର୍ଦ୍ଧଶତକ ହାସଲକାରୀ ମହମଦୁଲ୍ଲାଙ୍କୁ ଆଉଟ କରି ପାକିସ୍ତାନକୁ ବ୍ରେକ୍ ଥ୍ରୁ ଦେଇଥିଲେ ଶାହିନ। ୭୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମହମୁଦୁଲ୍ଲା ୬ ଚୌକା ଓ ୧ ଛକା ସହାୟତାରେ ୫୬ ରନ କରିଥିଲେ। ଶକିବ ଅର୍ଦ୍ଧଶତକ ହାସଲଠାରୁ ୭ ରନ ଦୂରରେ ଥିବାବେଳେ ୪୩ ରନକରି ହାରିସ ରୌଫଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଶେଷ ଭାଗରେ ମହମ୍ମଦ ୱାସିମ ଜୁନିୟର ମାତ୍ର ୪ ରନ ବ୍ୟବଧାନରେ ୩ଟି ଉଇକେଟ ଅକ୍ତିଆର କରି ବାଂଲାଦେଶ ଇନିଂସର ପରିସମାପ୍ତି ଘଟାଇଥିଲେ। ପାକିସ୍ତାନ ପକ୍ଷରୁ ଶାହିନ ଶାହା ଆଫ୍ରିଦି ଓ ମହମ୍ମଦ ୱାସିମ ଜୁନିୟର ୩ଟି ଲେଖାଏ ହାରିସ ରୌଫ ୨ଟି ଏବଂ ଉସମା ମିର ଓ ଇଫ୍‌ତିକାର ଅହମଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୪୫.୧ ଓଭରରେ ୨୦୪/ଅଲ୍‌ଆଉଟ (ମହମଦୁଲ୍ଲା-୫୬, ଲିଟନ ଦାସ-୪୫, ଶକିବ ଅଲ୍ ହାସନ-୪୩, ଶାହିନ ଶାହା ଆଫ୍ରିଦି-୩/୨୩, ମହମ୍ମଦ ୱାସିମ ଜୁନିୟର-୩/୩୧, ହାରିସ ରୌଫ-୨/୩୬, ଉସମା ମିର-୧/୬୬, ଇଫ୍‌ତିକାର ଅହମଦ-୧/୪୪)। ପାକିସ୍ତାନ ୩୨.୩ଓଭରରେ ୨୦୫/୩ (ଫଖର ଜମାନ-୮୧, ଅବଦୁଲ୍ଲା ଶଫିକ-୬୮, ମହମ୍ମଦ ରିଜୱାନ-୨୬*, ମେହିଦି ହାସନ ମିରାଜ-୩/୬୦)।



ଶାହିନ ଶାହା ଆଫ୍ରିଦି

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା**

**ସ୍ଥାନ: ପୁଣେ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୬ | ୬ | ୦ | ୧୨ | +୧.୪୦୫ |
| ଦକ୍ଷିଣ ଆଫ୍ରିକା | ୬ | ୫ | ୧ | ୧୦ | +୨.୦୩୨ |
| ନ୍ୟୁଜିଲାଣ୍ଡ | ୬ | ୪ | ୨ | ୮ | +୧.୨୩୨ |
| ଅଷ୍ଟ୍ରେଲିଆ | ୬ | ୪ | ୨ | ୮ | +୦.୯୭୦ |
| ପାକିସ୍ତାନ | ୭ | ୩ | ୪ | ୬ | -୦.୦୨୪ |
| ଆଫଗାନିସ୍ତାନ | ୬ | ୩ | ୩ | ୬ | -୦.୭୧୮ |
| ଶ୍ରୀଲଙ୍କା | ୬ | ୨ | ୪ | ୪ | -୦.୨୭୫ |
| ନେଦରଲାଣ୍ଡ୍ସ | ୬ | ୨ | ୪ | ୪ | -୧.୨୭୭ |
| ବାଂଲାଦେଶ | ୭ | ୧ | ୬ | ୨ | -୧.୪୪୬ |
| ଇଂଲଣ୍ଡ | ୬ | ୧ | ୫ | ୨ | -୧.୬୫୨ |

# ୱାଙ୍ଖେଡେ ଷ୍ଟାଡିୟମରେ ତେନ୍ଦୁଲକରଙ୍କ ପ୍ରତିମୂର୍ତ୍ତି

**ମୁମ୍ବାଇ, ୩୧।୧୦(ପି.ଟି.)**

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଗୁରୁବାର ଭାରତ ବନାମ ଶ୍ରୀଲଙ୍କା ବିଶ୍ୱକପ୍ ମ୍ୟାଚ ଖେଳାଯିବା ଅବସରରେ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବ। ବର୍ଷ ପ୍ରାରମ୍ଭରେ ଏହି ବିଷୟରେ ସୂଚନା ଦିଆଯାଇଥିଲା। ତେନ୍ଦୁଲକର ଗତ ଏପ୍ରିଲରେ ୫୦ ବର୍ଷରେ ପଦାର୍ପଣ କରିଛନ୍ତି। ମଙ୍ଗଳବାର ଏହି ପ୍ରତିମୂର୍ତ୍ତିରେ ଶେଷ ସ୍ପର୍ଶ ଦିଆଯାଇଛି। ଷ୍ଟ୍ରୋକ୍ ଖେଳୁଥିବା ମୁଦ୍ରାରେ ଏହି କିମ୍ବଦନ୍ତୀ ବ୍ୟାଟରଙ୍କ ପ୍ରତିମୂର୍ତ୍ତିଟି ସଚିନ ତେନ୍ଦୁଲକର ଷ୍ଟାଣ୍ଡ ନିକଟରେ ରଖାଯାଇଛି। ତେନ୍ଦୁଲକରଙ୍କ ମୂର୍ତ୍ତି ଉଦ୍‌ଘାଟନ ଉତ୍ସବରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନାବିସ, ତେନ୍ଦୁଲକର, ବିସିସିଆଇ ସମ୍ପାଦକ ଜୟ ଶାହା, କୋଷାଧ୍ୟକ୍ଷ ଆଶିଷ ଶେଲାରଙ୍କ ସମେତ ମୁମ୍ବାଇ କ୍ରିକେଟ ଆସୋସିଏଶନ(ଏମ୍‌ସିଏ) ଅଫିସିଆଲ, ସଭାପତି ଅମୋଲ କାଲେ, ସମ୍ପାଦକ ଅଜିଙ୍କ୍ୟ ନାଏକ ଏବଂ ଆପେକ୍ସ କାଉନ୍‌ସିଲର ଅନ୍ୟ ସଦସ୍ୟଗଣ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୂର୍ତ୍ତିଟିକୁ ରାଜ୍ୟ ଅନ୍ତର୍ଗତ ଅହମଦନଗରର ଚିତ୍ରକାର ଶିଳ୍ପୀ ପ୍ରମୋଦ କାମ୍ବଲି ତିଆରି କରିଛନ୍ତି। ତେନ୍ଦୁଲକର ତାଙ୍କ ହୋମ୍ ଗ୍ରାଉଣ୍ଡରେ ଭାରତ ତରଫରୁ ଶେଷ ମ୍ୟାଚ ଖେଳିବାର ୧୦ବର୍ଷ ପରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ହେବାକୁ ଯାଉଛି।



ବାଂଲାଦେଶ ବିପକ୍ଷରେ ପାକିସ୍ତାନ ବିଜୟରେ ଉଲ୍ଲସିତ ପ୍ରଶଂସକ।

# ବିଜୟଧାରାକୁ ଫେରିବା ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ

**ପୁଣେ, ୩୧।୧୦ (ପି.ଟି.):** କ୍ରମାଗତ ଦୁଇଟି ପରାଜୟ ପରେ ବିଜୟ ଧାରାକୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି ନ୍ୟୁଜିଲାଣ୍ଡ। ବୁଧବାର ପୁଣେରେ ସେମିଫାଇନାଲ ଆଶାରେ ରହିଥିବା ଦୁଇ ଦଳ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ପରସ୍ପର ମୁକାବିଲା କରିବେ। ଉଭୟ ଦଳ ଚଳିତ ସଂସ୍କରଣରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଖାସ କରି ଉଭୟ ଦଳର ବ୍ୟାଟରମାନେ ଦମ୍‌ଦାର ପ୍ରଦର୍ଶନ କରିଥିବା ବେଳେ ପେସ୍ ଓ ସ୍ପିନ୍ ବୋଲିଂରେ ମଧ୍ୟ ଉପଯୁକ୍ତ ଫାୟାର ପାୱାର ମହଜୁଦ ରହିଛି। ନ୍ୟୁଜିଲାଣ୍ଡ ଏହାର ଅନ୍ତିମ ଦୁଇ ମ୍ୟାଚ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ନିକଟରୁ ହାରିଥିବା ବେଳେ ଦକ୍ଷିଣ ଆଫ୍ରିକା ୧ ଉଇକେଟରେ ପାକିସ୍ତାନ ବିପକ୍ଷରେ ବିଜୟୀ ହୋଇଥିଲା।

# ଶର୍ଟ ବଲ୍ ବିପକ୍ଷରେ ଶ୍ରେୟସଙ୍କ ଅଭ୍ୟାସ

**ମୁମ୍ବାଇ,୩୧।୧୦(ପି.ଟି.)**

ମଙ୍ଗଳବାର ଭାରତର ୪ ନମ୍ବର ବ୍ୟାଟର ଶ୍ରେୟସ୍ ଆୟର ଶର୍ଟ ବଲ୍ ଖେଳିବାର ଅଭ୍ୟାସ କରିଥିଲେ। ଶର୍ଟ ବଲ ଖେଳିବାରେ ଆୟରଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବିପକ୍ଷ ଦଳ ସର୍ବଦା ଏହାର ଫାଇଦା ଉଠାଉଛନ୍ତି। ଆସନ୍ତା ଗୁରବାର ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍ ଶ୍ରୀଲଙ୍କା ବିପକ୍ଷରେ ଖେଳିବ। ଏହି ମ୍ୟାଚ୍ ପୂର୍ବରୁ ଆୟରଙ୍କୁ ଶର୍ଟ ବଲ୍ ବିପକ୍ଷରେ ଅଭ୍ୟାସ କରୁଥିବାର ଦେଖିବାକୁ ମିଳିଥିଲା। ମଙ୍ଗଳବାରର ଏହି ଅଭ୍ୟାସ ସେସନ୍ ଇଚ୍ଛାଧୀନ ରହିଥିବା ବେଳେ ବିରାଟ କୋହଲି, ଶୁବମାନ ଗିଲ୍ ଓ ରୋହିତ ଶର୍ମାଙ୍କ ପରି ଖେଳାଳି ଏହାକୁ ସ୍କିପ୍ କରିଥିଲେ। ତେବେ ଆୟର ଏହି ସେସନରେ ଅଂଶଗ୍ରହଣ କରିବା ସହିତ ଶର୍ଟ ବଲ ବିପକ୍ଷରେ ଦୀର୍ଘ ସମୟ ଧରି ଅଭ୍ୟାସ କରିଥିଲେ। ଭାରତ ଏହାର ଅନ୍ତିମ ମ୍ୟାଚରେ ଇଂଲଣ୍ଡକୁ ୧୦୦ ରନ୍‌ରେ ପରାସ୍ତ କରିଥିବା ବେଳେ ଏହି ମ୍ୟାଚରେ ମଧ୍ୟ ଆୟର ଚିରାଚରିତ ଢଙ୍ଗରେ ଆଉଟ ହୋଇଥିଲେ। ଭାରତର ଥ୍ରୋ ଡାଉନ୍ ସ୍ପେସିଆଲିଷ୍ଟ ମାନେ ଆୟରଙ୍କୁ ପ୍ରାୟ ୨ ଘଣ୍ଟା ଧରି ବୋଲିଂ କରିଥିଲେ। ଏହା ସହିତ କିଛି ସ୍ଥାନୀୟ ବୋଲର ମଧ୍ୟ ସାମିଲ ହୋଇ ବୋଲିଂ କରିଥିଲେ। ଭାରତୀୟ ଥ୍ରୋ ଡାଉନ୍ ସ୍ପେସିଆଲିଷ୍ଟ ଡି. ରାଘବେନ୍ଦ୍ର, ନୁଆନ୍ ସେନେଭିରତ୍ନେ ଓ ବ୍ୟାଟିଂ କୋଚ୍ ବିକ୍ରମ ରାଠୋଡ ଏହି ସେସନ୍‌ରେ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କ ବିପକ୍ଷରେ ଆୟର କିଛି ସମୟ ପୁଲ୍ ଓ ହୁକ୍ ଶଟ୍‌ର ଅଭ୍ୟାସ କରିଥିଲେ। ସେସନ୍‌ରେ ଶେଷ ଆଡକୁ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ଓ ବୋଲିଂ କୋଚ୍ ପାରସ୍ ମାହାମ୍ବ୍ରେ ମଧ୍ୟ କିଛି ବଲ୍ ବୋଲିଂ କରିଥିଲେ।



ଶ୍ରେୟସ ଆୟରଙ୍କ ବ୍ୟାଟିଂ ଅଭ୍ୟାସ।

## ଅନ୍ୟ ଖେଳ ଖବର

**ଏସିଆନ ରଗ୍‌ବୀ ସେଭେନ୍ସ**

### ଭାରତୀୟ ରଗ୍‌ବୀ ଦଳରେ କିସ୍‌ର ୬ ଖେଳାଳି

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ):** କାତାରର ଦୋହାଠାରେ ଏସିଆନ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ନଭେମ୍ବର ୩ ଓ ୪ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଘୋଷିତ ଭାରତୀୟ ଦଳରେ କିସ୍‌ର ୬ ଖେଳାଳି ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୫ ମହିଳା ସାମିଲ। ଭାରତୀୟ ମହିଳା ଦଳରେ ସ୍ଥାନ ପାଇଥିବା କିସ୍‌ର ଖେଳାଳିମାନେ ହେଲେ ହୁପି ମାଝି, ଡୁମୁନି ମାର୍ଣ୍ଡି, ତରୁଲତା ନାଏକ, ମାମା ନାଏକ ଓ ନିର୍ମାଲ୍ୟ ରାଉତ। ସେହିପରି ଭାରତୀୟ ପୁରୁଷ ଦଳରେ କିସ୍‌ର ଗଣେଶ ଧାଙ୍ଗଡ଼ା ମାଝି ସ୍ଥାନ ପାଇଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଏବଂ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଓଡ଼ିଶା ଏଫ୍‌ସିର ଚମକପ୍ରଦ ବିଜୟ

**ଭୁବନେଶ୍ୱର, ୩୧।୧୧**
**(ସରୋଜ ଜେନା)**

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ବେଙ୍ଗାଲୁରୁ ଏଫସି ବିପକ୍ଷ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍ଏଲ) ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି (ଓଏଫ୍‌ସି)ଚମକପ୍ରଦ ବିଜୟ ହାସଲ କରିଛି। ଓଏଫ୍‌ସି ପ୍ରଥମ ୨୦ ମିନିଟ ଖେଳରେ ଦୁଇଟି ଗୋଲ୍ ବରଣ କରିଥିଲେ ହେଁ ଦଳ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ୩-୨ରେ ମ୍ୟାଚ ଜିତି ନେଇଥିଲା। ବେଙ୍ଗାଲୁରୁ ପକ୍ଷରୁ ସୁନୀଲ ଛେତ୍ରୀ ଅଷ୍ଟମ ମିନିଟରେ ପ୍ରଥମ ଗୋଲ୍ ଦେଇଥିଲେ। ଏହାର ୧୦ ମିନିଟ ବ୍ୟବଧାନରେ ର୍‌ୟାନ ୱିଲିୟମ୍ସ ଏକ ଗୋଲ କରି ତାଙ୍କ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ପରେ ଓଏଫ୍‌ସି ଲଡୁଆ ପ୍ରତ୍ୟାବର୍ତ୍ତନ କରିଥିଲା। ୨୨ ତମ ମିନିଟରେ ମିନିଟରେ ଲାଲଥାଥାଙ୍ଗା ଖାୱଲିରିଙ୍ଗ(ପୁଛୋଆ) ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ଆଇଜାକ୍ ରାଲ୍‌ଟେ ଗୋଲ ଦ୍ୱାରା ଓଏଫ୍‌ସି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ୨-୨ସ୍ଥିତିରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଘରୋଇ ଦର୍ଶକଙ୍କଠାରୁ ଉତ୍ସାହ ପାଇ ଓଏଫ୍‌ସି ପ୍ରଭାବୀ ପ୍ରଦର୍ଶନ ଜାରି ରଖିଥିଲା। ଘନ ଘନ ଆକ୍ରମଣ ପରେ ଦଳକୁ ୬୦ତମ ମିନିଟରେ ମିଳିଥିଲା ସଫଳତା। ଆମେ ରଣାୱାଡେ ଏକ କଷ୍ଟସାଧ୍ୟ ଆଙ୍ଗେଲରୁ ଗୋଲ ସ୍କୋର କରି ଓଏଫ୍‌ସିକୁ ୩-୨ରେ ଅଗ୍ରଣୀ କରାଇଥିଲେ। ପରବର୍ତ୍ତୀ ୩୦ ମିନିଟ ଓଏଫ୍‌ସି ରକ୍ଷଣାତ୍ମକ ଖେଳିଥିଲା। ଏହି ସମୟରେ ଉଭୟ ଦଳ ଗୋଲ କରିବାରେ ସମର୍ଥ ହୋଇ ନ ଥିଲେ। ଫଳରେ ଓଏଫ୍‌ସି ମ୍ୟାଚକୁ ଜିତି ନେଇଥିଲା। ଏହି ବିଜୟ ସହିତ ଓଏଫ୍‌ସି ପଏଣ୍ଟ ଟେବୁଲର ଷଷ୍ଠ ସ୍ଥାନକୁ ଉନ୍ନୀତ ହୋଇ ପାରିଛି।



କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଓଡ଼ିଶା ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ ମ୍ୟାଚ। (ଫଟୋ: ବିକାଶ ନାୟକ)

## ସୂର୍ଯ୍ୟମୁଖୀ ମଞ୍ଜି ବୁଣା



ଚଳିତ ମାସ (ନଭେମ୍ବର) ୧୫ ତାରିଖ ମଧ୍ୟରେ ସୂର୍ଯ୍ୟମୁଖୀ ମଞ୍ଜିବୁଣା କାମ ଶେଷ କରନ୍ତୁ । ଏହାର ଉନ୍ନତ କିସମ ମଧ୍ୟରେ ରହିଛି : ମୋର୍‌ଡେନ୍, ସୂର୍ଯ୍ୟ, ସନ୍‌ରାଇଜ୍ ଏବଂ ସଙ୍କର କିସମ ଯଥା -କେବିଏସ୍‌ଏଚ୍-୧, କେବିଏସ୍‌ଏଚ୍-୪୪, ପିଏସି-୩୬, ଏମ୍‌ଏସ୍‌ଏଫ୍‌ଏଚ୍-୮ ଏବଂ ଜ୍ୱାଳାମୁଖୀ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୧୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ କାପ୍‌ଟାନ୍/ଥିରାମ୍ ଗୋଳାଇ ବିଶୋଧନକରି ବୁଣନ୍ତୁ । ଉନ୍ନତ କିସମ ପାଇଁ ଧାଡ଼ିକୁ ଧାଡ଼ି ୪୫ ସେ.ମି., ଗଛକୁ ଗଛ ୩୦ ସେ.ମି. ଏବଂ ସଙ୍କର କିସମ ପାଇଁ ଧାଡ଼ିକୁ ଧାଡ଼ି ୬୦ ସେ.ମି., ଗଛକୁ ଗଛ ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ମୂଳସାର ୩୦:୪୦:୩୦ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଏବଂ ସଙ୍କର କିସମ ପାଇଁ ୬୦:୮୦:୬୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ବ୍ୟବହାର କରନ୍ତୁ ।

## ଫୁଲଚାଷ



ଗୋଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ । କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତ କରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ବର୍ଷା ଯୋଗୁଁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ। ସିରାକୋଲ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ୍ ଅରେଞ୍ଜ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ। ଗ୍ଲାଡ଼ିଓଲି କନ୍ଦାକୁ ଓଦା ବାଲିରେ ଗଜା କରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡସିପ୍, ଫ୍ରେଣ୍ଡସିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡ଼ିଓଲି ବିହନ ସଂଗ୍ରହ କରନ୍ତୁ ।

# ମଧ୍ୟମ କିସମ ଧାନ ଅମଳ ପୂର୍ବରୁ...

ମଧ୍ୟମ କିସମ ଧାନକେଣ୍ଡାରେ ଶତକଡ଼ା ୮୫ ଭାଗ ଧାନ ପାଚିଥିଲେ ତାହାକୁ କାଟି ଅମଳ କରନ୍ତୁ । ଧାନ କାଟିବାର ୧ସପ୍ତାହ ପୂର୍ବରୁ ଜମିରୁ ପାଣି କାଟି ଦିଅନ୍ତୁ । ବିଳମ୍ବ କିସମ ଧାନ ଫୁଲ ଉଡ଼ାଇବା ଅବସ୍ଥାରେ ଥିଲେ ଜମିରେ ୫ ସେ.ମି. ଠିଆ ପାଣି ବାନ୍ଧିରଖନ୍ତୁ । ଧାନ କ୍ଷୀର ଢୋକିଲାବେଳେ ଗନ୍ଧିପୋକର ଆକ୍ରମଣରୁ ରକ୍ଷା କରିବା ପାଇଁ ଆବଶ୍ୟକ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତୁ । ଉତ୍କୃଷ୍ଟ ବିହନ କରିବା ପାଇଁ ମିଶା ଧାନ ଓ ବାଲୁଙ୍ଗା ଗଛକୁ ବାଛି ବାହାର କରିଦିଅନ୍ତୁ । ଧାନ ଅମଳ ପରେ ଧାନକୁ ୨-୩ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ । ଅମାରର ୧୦୦ ବର୍ଗଫୁଟ ଜାଗା ପାଇଁ ୨୫୦ ଗ୍ରାମ୍ ହିସାବରେ ଶତକଡ଼ା ୫ ଭାଗ ମାଲାଥିଅନ ଗୁଣ୍ଡ ଅମାରର ଚଟାଣ, କାନ୍ଥ ଓ ଛାତରେ ପ୍ରୟୋଗ କଲେ ପୋକ ଲାଗିବ ନାହିଁ । ସାପ୍ତାହିକ ରୋଗ ପୋକ ସର୍ବେକ୍ଷଣ କରି ଆର୍ଥିକ ନିୟନ୍ତ୍ରଣ ସୀମାକୁ ଦୃଷ୍ଟିରେ ରଖି ଆବଶ୍ୟକ ମତେ ରାସାୟନିକ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରନ୍ତୁ । **ରୋଗ ଓ ପୋକ ରାସାୟନିକ ନିୟନ୍ତ୍ରଣ ବ୍ୟବସ୍ଥା :** ମାଟିଆ ଗୁଣ୍ଡିପୋକ ଫ୍ଲୋନିକାମିଡ୍ ୧୫୦ ଗ୍ରାମ୍ ହେକ୍ଟର ପ୍ରତି କିମ୍ବା ୧ ମି.ଲି.ଡାଇନୋଟେଫ୍ୟୁରାନ୍ ୨୦୦ ଗ୍ରାମ୍ ହେକ୍ଟର ପ୍ରତି କିମ୍ବା ପାଇମେଟ୍ରୋଜାଇନ୍ ୩୦୦ ଗ୍ରାମ୍ ହେକ୍ଟର ପ୍ରତି କିମ୍ବା ଟ୍ରାଇଫ୍ଲୁମେଜୋପାଇରିନ୍ ୨୫୦ ମି.ଲି. ହେକ୍ଟର ପ୍ରତି ସ୍ପ୍ରେ କରନ୍ତୁ । ଗନ୍ଧିପୋକ ମାଲାଥିଅନ୍ ଗୁଣ୍ଡ ୨୦-୨୫ କି.ଗ୍ରା. ହେକ୍ଟର ପ୍ରତି (ଭୋର ସମୟରେ



### ଏ ମାସର କୃଷି ସୂଚନା

ଗୁଣ୍ଡ ଉଡ଼ାଇବା ଯନ୍ତ୍ର ଦ୍ୱାରା ପ୍ରୟୋଗ କରନ୍ତୁ) କିମ୍ବା କ୍ଲୋରୋପାଇରିଫସ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ମିଶାଇ ସୂର୍ଯ୍ୟାସ୍ତ ସମୟରେ ସିଞ୍ଚନ କରନ୍ତୁ। କେଣ୍ଡାକଟା ପୋକ ସାଇପରମେଥ୍ରିନ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ଆକ୍ରାନ୍ତ କିଆରି ହିଡ଼ ଚାରିପଟେ ସନ୍ଧ୍ୟାବେଳା ସିଞ୍ଚନ କରିବା ସହ କ୍ଲୋରୋପାଇରିଫସ୍ ଗୁଣ୍ଡ ୧ ଫୁଟ ଓସାରରେ ବିଞ୍ଚନ୍ତୁ ଏବଂ ଏକର ପ୍ରତି ୪୦୦ ମି.ଲି. କ୍ଲୋରୋପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ । ଆକ୍ରାନ୍ତ ଜମିରେ ସନ୍ଧ୍ୟାବେଳେ ବିଷଥୋପ ପ୍ରୟୋଗ କରାଯାଇପାରେ । ନେକ୍‌ବ୍ଲାଷ୍ଟ ହେକ୍ସାକୋନାଜୋଲ୍ ୧.୫ ମି.ଲି. ପ୍ରତି ଲିଟର ପାଣି/ ଟ୍ରାଇସାଇକ୍ଲାଜୋଲ୍ ୧.୫ ଗ୍ରାମ୍ ୨ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ପତ୍ର ଆଚ୍ଛାଦ ପୋଡ଼ାରୋଗ ଭାଲିଡାମାଇସିନ୍ ୩% ଏଲ୍ ୨ ମି.ଲି./ଲିଟର କିମ୍ବା ପ୍ରୋପିକୋନାଜୋଲ୍ ୨୫%, ଇ.ସି. ୧.୫ ମି.ଲି./୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

**ତୈଳବୀଜ ଫସଲ**

**ସୋରିଷ :** ଜଳସେଚିତ ଜମିରେ ବରୁଣ, କ୍ରାନ୍ତି, ପୁଷା ବାହାର, ପୁଷା ଜୟକିଷାନ୍, ପୁଷା ମସ୍‌ଟାର୍ଡ-୨୫ ଓ ୨୭, ପିଟି ୫୦୭, ଅନୁରାଧା, ପାର୍ବତୀ ଓ ସୁଶ୍ରୀ ଆଦି କିସମକୁ ହେକ୍ଟର ପ୍ରତି ୧୦ କି.ଗ୍ରା. ମଞ୍ଜିକୁ ବିଶୋଧନକରି ୩୦ ସେ.ମି. x ୧୦ ସେ.ମି. ବ୍ୟବଧାନରେ ଧାଡ଼ିବୁଣା କରନ୍ତୁ । ବୁଣିବା ପୂର୍ବରୁ ମୂଳସାର ଭାବରେ ହେକ୍ଟର ପ୍ରତି ୨୫:୨୫:୨୫ କି.ଗ୍ରା. ଯବକ୍ଷାରଜାନ:ଫସ୍‌ଫରସ୍:ପଟାସ୍ ପ୍ରୟୋଗ କରନ୍ତୁ । ଏହାର ୩ ସପ୍ତାହ ପରେ ୨୫ କି.ଗ୍ରା. ଯବକ୍ଷାରଜାନ ଧାଡ଼ି ମଝିରେ ପ୍ରୟୋଗକରି କୋଡ଼ାଖୁସା କରନ୍ତୁ ।

**ଚିନାବାଦାମ:** ଚିନାବାଦାମର ଉନ୍ନତ କିମସ ମଧ୍ୟରେ ରହିଛି ଦେବୀ, ଜେ.ଏଲ୍.-୨୪, ଟି.ଏ.ଜି.-୨୪, ଟି.ଜି.-୩୮ ବି, ଟି.ଜି.-୩୭ ଏ, କାଦିରି-୩, କାଦିରି-୬ ଏବଂ ଧରଣୀ। ହେକ୍ଟର ପ୍ରତି ୧୨୫ କି.ଗ୍ରା.(ମଞ୍ଜି) ବିହନକୁ ବିଶୋଧନକରି ରାଇଜୋବିୟମ୍ କଲ୍‌ଚର ୨୫୦ ରୁ ୫୦୦ ଗ୍ରାମ୍ ୧୦ କି.ଗ୍ରା. ବିହନ ପ୍ରତି ଉପଚାର କରନ୍ତୁ । ହେକ୍ଟର ପ୍ରତି ୨୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ଫସ୍‌ଫରସ୍ ପାଇଁ ସିଙ୍ଗଲ ସୁପର ଫସ୍‌ଫେଟ୍ ବଦଳରେ ଡିଏପି (୧୮-୪୬-୦) ବ୍ୟବହାର କରୁଥିଲେ ବୁଣିବା ସମୟରେ ଏକର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍ ଧାଡ଼ିରେ ପ୍ରୟୋଗ କରନ୍ତୁ ।

**ଆଖୁ :** ଉନ୍ନତ କିସମର ଆଖୁ ବିହନ ଯଥା – ସବିତା, ନୀଳମାଧବ, ନୟନା, ବିଶ୍ୱାମିତ୍ର, ଉତ୍ତରା ଭବାନୀ, ରଘୁନାଥ, ନୀଳଚକ୍ର, ଚର୍ଚ୍ଚିକା ଆଦି ସଂଗ୍ରହ କରନ୍ତୁ । ଜମିରେ ପାଣି ରହୁଥିଲେ ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରନ୍ତୁ। ପତ୍ରଡିଆଁ/ଧଳାମାଛି ଆକ୍ରମଣ ଦେଖାଗଲେ ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍ସାମ୍ ଗୋଳାଇ ସିଞ୍ଚନ କରନ୍ତୁ। ନାଲି ଶଢ଼ାରୋଗ ଆକ୍ରମଣ କଲେ କାର୍ବେଣ୍ଡାଜିମ୍ (୧୨%) ସହ ମାଙ୍କୋଜେବ୍ (୬୩%) ଡବ୍ଲ୍ୟୁପି ମିଶ୍ରିତ ଫିମ୍ପିନାଶକ ୨ ଗ୍ରାମ୍‌କୁ ୧ ଲିଟର ପାଣିରେ ଗୋଳାଇ ଆକ୍ରାନ୍ତ ଗଛର ମୂଳ ମାଟିକୁ ଭିଜାନ୍ତୁ ।

**କପା:** ଚିତ୍ରିତ ବକରା/ପାଟଳ ବକରା ପୋକ ଲାଗିଲେ ୨.୫ ମି.ଲି. ଟ୍ରାଇଆଜୋଫସ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ତା' ପରେ କୀଟ ଆକ୍ରମଣ ନ କମିଲେ ଇନ୍‌ଡକ୍ସାକାର୍ବ ପ୍ରତି ୨ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। ସକାଳ ୮ଟା ପରେ (କାକର ଶୁଖିଲା ପରେ) କପା ତୋଳନ୍ତୁ । ପ୍ରଥମ ଥର ଏବଂ ପ୍ରତିଥର ତୋଳାଯାଇଥିବା କପାକୁ ଅଲଗା ରଖି ଶୁଖାଇ ସଫାକରି ଶୁଖିଲା ପ୍ଲାଷ୍ଟିକ୍ ବସ୍ତାରେ ସାଇତି ରଖନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର

## ଫଳଚାଷ



ଫଳବଗିଚାକୁ ବର୍ଷା ପରେ ଭଲଭାବରେ ଚାଷ କରନ୍ତୁ । ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ, ରାସାୟନିକ ସାର ଓ ଅଣୁସାର ବର୍ଷା ଛାଡ଼ିବା ପୂର୍ବରୁ ଗଛରେ ଦିଅନ୍ତୁ । ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ । ପୁରୁଣା ଗଛକୁ କାଟଛାଣ୍ଟ କରନ୍ତୁ ଏବଂ ମାଆ ଗଛରୁ ବାହାରୁଥିବା କୁଆଁକୁ କାଟି ଦିଅନ୍ତୁ। ରୋଗପୋକ ନିୟନ୍ତ୍ରଣ କରନ୍ତୁ ଏବଂ ଉଇ ଆକ୍ରମଣ ପ୍ରତି ବିଶେଷ ଧ୍ୟାନଦିଅନ୍ତୁ। ଗଛ ମୂଳକୁ ଛାଦିକରଣ କରନ୍ତୁ । ବର୍ତ୍ତମାନ କଦଳୀ ଗଛ ଲଗାଇପାରିବେ। ଏଥିପାଇଁ ଗ୍ରାଣ୍ଡ୍ ନୈନ୍, ପାଟକପୁରା, ଡି.ସି. ପ୍ରଭୃତି କିସମ ନେଇପାରିବେ। ଆମ୍ବ ଗଛରେ ବଉଳ ଆସିବା ପାଇଁ ଜଳସେଚନ ବନ୍ଦ ରଖନ୍ତୁ ।

## କୁକୁଡ଼ା ପାଳନ



ଗାଁଗହଳିର ବାଡ଼ିବଗିଚାରେ ମାଂସ ଓ ଅଣ୍ଡା ପାଇଁ ବନରାଜା, ଗ୍ରାମପ୍ରିୟ ଓ ପଲ୍ଲୀରାଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ । ବନରାଜା ବର୍ଷକୁ ୧୫୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୨ ରୁ ୨.୫ କେ.ଜି. ହୋଇଥାଏ । ଗ୍ରାମପ୍ରିୟ ବର୍ଷକୁ ୧୫୦-୧୬୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ । ପଲ୍ଲୀରାଜା ଏକ ରଙ୍ଗିନ୍ ପ୍ରଜାତିର କୁକୁଡ଼ା । ଏହା ବର୍ଷକୁ ୨୦୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ । ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ କୁକୁଡ଼ାଙ୍କୁ ନିୟମିତ କୁକୁଡ଼ା ମରୁଡ଼ି ରୋଗ ଓ ବସନ୍ତ ରୋଗର ଟିକା ଦିଅନ୍ତୁ।

## ଗହମ ବୁଣିବା ସମୟରେ...



ସାଧାରଣ ଭାବେ ନଡ଼ିଆ ତେଲ ବସିବା ଆରମ୍ଭକଲେ ଗହମ ବୁଣା ଆରମ୍ଭ କରାଯାଏ । ନଭେମ୍ବର ଦ୍ୱିତୀୟ ପକ୍ଷ ଗହମ ବୁଣିବା ପାଇଁ ଉପଯୁକ୍ତ । କିନ୍ତୁ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବିଳମ୍ବରେ ଗହମ ବୁଣାଯାଇପାରିବ । ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ ଓ ଆବଶ୍ୟକ ଅନୁମୋଦିତ ବିହନ ଯଥା – ସୋନାଲିକା, ପିବିଡବ୍ଲ୍ୟୁ-୩୪୩, ପିବିଡବ୍ଲ୍ୟୁ-୪୪୩, ୟୁପି-୨୬୨, ଏଚ୍‌ଡି-୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ । ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତକରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ବୁଣନ୍ତୁ । ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (ଏକ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧-୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ।

## ଡାଲି ଜାତୀୟ ଫସଲ

ମାଟିର ବତର ଦେଖି ମୁଗ/ବିରି ଫସଲ ପାଇଁ ଜମି ଚାଷକରନ୍ତୁ । ଧାନ କାଟିବାର ୭ ଦିନ ପୂର୍ବରୁ ମଧ୍ୟମ ଓ ଖାଲ ଜମିରେ ବତର ଥିବା ଅବସ୍ଥାରେ ଏକର ପ୍ରତି ଅନୁମୋଦିତ ବିହନ ପରିମାଣର ଶତକଡ଼ା ୨୫ ଭାଗ ଅଧିକ ମୁଗ/ବିରି/ମଟର/ବୁଟ ଆଦି ବିହନ ଛଟାବୁଣା କରନ୍ତୁ। ବୁଣିବା ପୂର୍ବଦିନ ଏକର ପ୍ରତି ୪୦ କି.ଗ୍ରା. ଡିଏପି ଏବଂ ୧୩ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। **ଉନ୍ନତ ମୁଗ କିସମ :** ଟାର୍ମ-୧, ଟାର୍ମ-୨, ଜ୍ୟୋତି, କାମଦେବ, ଧଉଳି, ଦୁର୍ଗା, ସୁଜାତା, ଆଇପିଏମ୍ ୨-୧୪, ଆଇପିଏମ୍ ୨-୩ । **ଉନ୍ନତ ବିରି କିସମ :** ପିୟୁ ୩୦, ଟିୟୁ ୯୪-୨, ସାରଳା, ପ୍ରସାଦ, ପି.ୟୁ.-୧୯, ଉଜାଲା, ମହୁରୀ, ଶଶୀ। **ବୁଟ କିସମ :** ଶ୍ୱେଥା, ଭାରତୀ, ବିହାର, ଜେଜି-୬୨, ସି-୨୩୫, ଆଇସିସି-୪, ରାଧେ, ଆନେଗିରି, ଜେଜି-୧୪, ଏଚ୍-୨୦୮ । **ମଟର କିସମ :** ରଚନା, ଏଚ୍‌ୟୁଡିପି-୧୫, ଜେପି-୮୮୫, ଉତ୍ତରା, ଡିଡିଆର୍-୨୭, ଅପର୍ଣ୍ଣା, ଆଦର୍ଶ । ବିହନ ବିଶୋଧନ କରିବାର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଓ ଫସ୍‌ଫୋବ୍ୟାକ୍ଟ୍ରିନ୍ ଗୋଳାଇ ଛାଇରେ ଶୁଖାଇ ବୁଣନ୍ତୁ । ବିହନ ବୁଣିବା ପୂର୍ବରୁ ହେକ୍ଟର ପ୍ରତି ୨୦:୪୦:୨୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଜମିରେ ପ୍ରୟୋଗ କରନ୍ତୁ। ଡାଲିଜାତୀୟ ଫସଲରେ ପାଉଁଶିଆ ରୋଗ ଦମନ ପାଇଁ ସଲ୍‌ଫେକ୍ସ ୪ ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ସଞ୍ଚନ କରାଯାଏ। ୧୦ ଦିନ ପରେ ଦରକାର ଅନୁଯାୟୀ ସିଞ୍ଚନ କରନ୍ତୁ। ଜଉପୋକ ଦମନ ପାଇଁ ୧୫ ଲିଟର ପାଣିରେ ୫ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଛୁଇଁବିନ୍ଧା ପୋକ ନିୟନ୍ତ୍ରଣ ଲାଗି କାର୍ବୋସଲ୍‌ଫାନ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ । ଦରକାର ହେଲେ ୧୫-୨୦ ଦିନ ପରେ ପୁଣି ସିଞ୍ଚନ କରାଯିବା ଉଚିତ୍।



## ପନିପରିବା ସମ୍ପର୍କରେ

ଆଳୁର ଉନ୍ନତ କିସମ ମଧ୍ୟରେ ରହିଛି କୁଫ୍ରି ଜ୍ୟୋତି, କୁଫ୍ରି ସୂର୍ଯ୍ୟ, କୁଫ୍ରି ଖ୍ୟାତି, ଚିପ୍‌ସୋନା-୩, କୁଫ୍ରି ବାଦଶାହା, କୁଫ୍ରି ଅଶୋକା, କୁଫ୍ରି ଲାଲିମା, କୁଫ୍ରି ସିନ୍ଦୂରୀ କିସମ ୨-୩ ଆଖି ବିଶିଷ୍ଟ ୨୦-୨୫ ଗ୍ରାମ୍ ଓଜନ କଟା କିମ୍ବା ୨.୫ ସେ.ମି. ବ୍ୟାସ ବିଶିଷ୍ଟ ଗୋଟା ଆଳୁ ହେକ୍ଟର ପ୍ରତି ୨୦ କୁଇଣ୍ଟାଲ ଆଳୁ ବିହନ ବ୍ୟବହାର କରନ୍ତୁ । ୦.୩% ମାନ୍‌କୋଜେବ୍‌ରେ ବିହନ ଆଳୁକୁ ବିଶୋଧନକରି ମୂଳସାର ହେକ୍ଟର ପ୍ରତି ୯୦:୮୦:୧୦୦ କି.ଗ୍ରା. ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରି ୪୫-୬୦ ସେ.ମି. X ୧୫-୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ବାଇଗଣ ଫସଲରେ କାଣ୍ଡବିନ୍ଧା/ଫଳବିନ୍ଧା ପୋକ ଆକ୍ରମଣ ହେଲେ ୫ ମି.ଲି. ଫ୍ଲୁବେଣ୍ଡିଆମାଇଡ୍‌କୁ ୧୫ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫ ଗ୍ରାମ୍ / ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ । ଆକ୍ରାନ୍ତ ଡାଳ ବା ଫଳକୁ ମାଟିରେ ପୋତି ଦିଅନ୍ତୁ । ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ। ଫୁଲକୋବି ଫସଲରେ ସଁବାଳୁଆ ପୋକ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଯଦି ଫୁଲକଢ଼ ପାକଳ ହୋଇ ଆସିଥିବ, ତେବେ ମାଲାଥିଅନ୍ ୧ ଲିଟରେ ପାଣିରେ ୧.୫ ମି.ଲି. ଗୋଳାଇ ସିଞ୍ଚନ କରନ୍ତୁ । ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତା'ର ଦମନ ପାଇଁ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।

## ପିଆଜ ତଳି ପ୍ରସ୍ତୁତି



ପିଆଜ ଚାଷ ପାଇଁ ତଳି ପ୍ରସ୍ତୁତ କରୁଥିଲେ ୧ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବରଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡେ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨-୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗକରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ । ତଳିକୁ ଅଦିନିଆ ବର୍ଷାରୁ ରକ୍ଷା କରିବା ପାଇଁ ବାଉଁଶ କାଠି ଫ୍ରେମ୍‌ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ । ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮-୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ । ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ୍ ଲାଇଟ୍ ରେଡ୍, ଏନ୍-୫୩, ଭୀମା ସୁପର, ଭୀମା ଶକ୍ତି ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ । ହେକ୍ଟର ପିଛା ୧୨୦:୬୦:୬୦:୫୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍‌ଫରସ୍, ପଟାସ୍ ଓ ସଲ୍‌ଫର୍ ସାରକୁ ଦୁଇଟି କିସ୍ତିରେ ପ୍ରୟୋଗ କରନ୍ତୁ । ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଏବଂ ଫସ୍‌ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ। ନଭେମ୍ବର ୨୦ ରୁ ଡିସେମ୍ବର ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ । ଘାସମରା ବିଷ, ପେଣ୍ଡିମେଥାଲିନ୍ ୩୦ ଏଇକୁ ତଳି ରୋଇବାର ୨ ଦିନ ମଧ୍ୟରେ ପ୍ରୟୋଗକଲେ ଘାସ ନିୟନ୍ତ୍ରଣ ହୋଇପାରିବ। ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ନେଲ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲ ପ୍ରୟୋଗକଲେ ପତ୍ର ଉଙ୍କୁଣି (ଥ୍ରିପ୍ସ) ନିୟନ୍ତ୍ରଣ କରାଯାଇପାରିବ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ନଭେମ୍ବର ୧/୨୦୨୩ Bhubaneswar, Wednesday, November 1/ 2023

# ମେସିଙ୍କୁ ଅଷ୍ଟମ ବାଲନ୍ ଡି'ଅର୍ ପୁରସ୍କାର

**ପ୍ୟାରିସ୍,୩୧।୧୦(ପି.ଟି.)**

ଫୁଟବଲ୍‌ର ସର୍ବଶ୍ରେଷ୍ଠ ପୁରସ୍କାର ବାଲନ୍ ଡି'ଅର ପୁରସ୍କାର ପ୍ରଦାନ କରାଯାଇଛି। ବିଶ୍ୱକପ ବିଜୟୀ ଆର୍ଜେଣ୍ଟିନା ଦଳର ଅଧିନାୟକ ତଥା ଇଣ୍ଟର ମାୟାମି ଷ୍ଟ୍ରାଇକର ଲିଓନେଲ ମେସି ରେକର୍ଡ ଅଷ୍ଟମ ଥର ପାଇଁ ଏହି ପୁରସ୍କାର ହାସଲ କରିଛନ୍ତି। ସୋମବାର ପ୍ୟାରିସ୍‌ରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ମାଞ୍ଚେଷ୍ଟର ସିଟିର ଗୋଲ ସ୍କୋରିଂ ମେସିନ୍ ଏର୍ଲିଙ୍ଗ ହାଲାଣ୍ଡ ଓ ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି)ର ଫରୱାର୍ଡ କିଲିଆନ୍ ଏମ୍‌ବାପେଙ୍କୁ ପଛରେ ପକାଇ ମେସି ଏହି ପୁରସ୍କାର ହାସଲ କରିଛନ୍ତି। ହାଲାଣ୍ଡ ଦ୍ୱିତୀୟ ଓ ଏମ୍‌ବାପେ ତୃତୀୟ ସ୍ଥାନରେ ରହିଥିଲେ। ଇଣ୍ଟର ମାୟାମିର କୋ ଓନର ତଥା ଇଂଲଣ୍ଡ ଫୁଟବଲ ଦଳର ପୂର୍ବତନ ଅଧିନାୟକ ଡେଭିଡ୍ ବେକ୍‌ହାମଙ୍କ ଠାରୁ ମେସି ଏହି ପୁରସ୍କାର ଗ୍ରହଣ କରିଥିଲେ। ପ୍ରଥମ ଇଣ୍ଟର ମାୟାମି ଖେଳାଳି ଭାବରେ ମେସି ଏହି ପୁରସ୍କାର ହାସଲ କରିଥିଲେ ହେଁ ପିଏସ୍‌ଜି ପକ୍ଷରୁ ଖେଳିଥିବା ସମୟ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଥିଲା। ୩୬ ବର୍ଷୀୟ ମେସି ଏହି ସଫଳତା ପାଇଁ ଆର୍ଜେଣ୍ଟିନା ଦଳର ଖେଳାଳି ଓ କୋଚ୍‌ଙ୍କୁ ଧନ୍ୟବାଦ ଜଣାଇଥିଲେ। ଆଜିର ରାତିକୁ ମୁଁ ବେଶ ଉପଭୋଗ କରୁଛି। ଏହି ମୁହୂର୍ତ୍ତ ସର୍ବଦା ମୋ ସହିତ ରହିବ। ଏହା ସହିତ ଆଗାମୀ କିଛି ବର୍ଷ ମଧ୍ୟ ଏହି ସଫଳତା ଦୋହରାଇବାକୁ ପ୍ରୟାସ କରିବି ବୋଲି ମେସି କହିଥିଲେ। ଆର୍ଜେଣ୍ଟିନା ସହିତ ମୁଁ ସଫଳତା ହାସଲ କରିଥିଲେ ମଧ୍ୟ ବିଶ୍ୱ ଚାମ୍ପିୟନ ହୋଇ ପାରି ନ ଥିଲୁ। ତେବେ ଏହି ସ୍ୱପ୍ନ ସଫଳ ହୋଇଥିବା ବେଳେ ଦଳ ସହିତ ଜଡିତ ସମସ୍ତଙ୍କୁ ମୁଁ ଧନ୍ୟବାଦ ଜଣାଇବାକୁ ଚାହୁଁଛି। ଏହା ସହିତ ୧୯୮୬ ମସିହାରେ ଆର୍ଜେଣ୍ଟିନାକୁ ବିଶ୍ୱ ଚାମ୍ପିୟନ କରାଇଥିବା ଡିଏଗୋ ମାରାଡୋନାଙ୍କୁ ମଧ୍ୟ ସେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଶ୍ୱକପ୍ ଟ୍ରଫି ଓ ବାଲନ୍ ଡି'ଅର ଟ୍ରଫିକୁ ମୁଁ ସମସ୍ତ ଆର୍ଜେଣ୍ଟିନା ବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି। ଫୁଟବଲ ଜଗତରେ ଅନ୍ୟ କୌଣସି ଖେଳାଳି ମେସିଙ୍କ ରେକର୍ଡର ନିକଟତର ହୋଇ ନାହାନ୍ତି। କ୍ରିଷ୍ଟିଆନୋ ରୋନାଲ୍ଡୋ ୫ ଥର ଏହି ପୁରସ୍କାର ହାସଲ କରିଥିବା ବେଳେ ମାଇକେଲ ପ୍ଲାଟିନି, ଜୋହାନ୍ କ୍ରଫି ଓ ମାର୍କୋ ଭାନ୍ ବାଷ୍ଟେନ୍ ୩ଥର ଲେଖାଏ ଏହି ପୁରସ୍କାର ହାସଲ କରିଛନ୍ତି। ଗତବର୍ଷ ମେସି ଏହି ତାଲିକାରେ ନ ଥିବା ବେଳେ କରିମ୍ ବେଞ୍ଜେମା ଏହି ପୁରସ୍କାର ହାସଲ କରିଥିଲେ। ଅନ୍ୟ ପକ୍ଷରେ ମେସିଙ୍କ ଟିମ୍ ମେଟ୍ ତଥା ଗୋଲକିପର ଏମିଲିଆନୋ ମାର୍ଟିନେଜଙ୍କୁ ଶ୍ରେଷ୍ଠ ଗୋଲକିପର ଭାବରେ ୟାଶିନ୍ ଟ୍ରଫିରେ ସମ୍ମାନିତ କରାଯାଇଛି। ୨୧ ବର୍ଷରୁ କମ୍ ବୟସ ବର୍ଗର ଶ୍ରେଷ୍ଠ ଖେଳାଳି ଭାବରେ ଜୁଡ୍ ବେଲିଙ୍ଗହାମଙ୍କୁ କୋପା ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ସମାଜସେବା ପାଇଁ ବ୍ରାଜିଲର ଭିନିସିଅସ୍ ଜୁନିୟରଙ୍କୁ ସକ୍ରେଟସ ଆୱାର୍ଡ ମିଳିଛି। ଶ୍ରେଷ୍ଠ ଷ୍ଟ୍ରାଇକର ଭାରେ ଜର୍ଡ ମୁଲର ଟ୍ରଫି ହାସଲ କରିଛନ୍ତି ଏର୍ଲିଙ୍ଗ ହାଲାଣ୍ଡ।

ମହିଳା ଖେଳାଳିଙ୍କ ପାଇଁ ପ୍ରଦାନ କରାଯାଉଥିବା ବାଲନ୍ ଡି'ଅର ଫେମିନିନ ଟ୍ରଫି ହାସଲ କରିଛନ୍ତି ସ୍ପେନ୍ ଦଳର ମିଡଫିଲ୍ଡର ଆଇଟାନା ବୋନମାଟି। ସ୍ପେନ୍ ଦଳ ପ୍ରଥମ ଥର ଫିଫା ମହିଳା ବିଶ୍ୱକପ ଟାଇଟଲ ହାସଲ କରିଥିବା ବେଳେ ସେ ଗୋଲ୍ଡେନ୍ ବଲ୍ ହାସଲ କରିଥିଲେ। ଏଥିରେ ସେ ୩ଟି ଗୋଲ ଦେଇଥିବା ବେଳେ ଦୁଇଟି ଗୋଲରେ ଆସିଷ୍ଟ କରିଥିଲେ। ଏହା ସହ ବାର୍ସେଲୋନାକୁ ସେ ଲା ଲିଗା ଓ ଚାମ୍ପିୟନ୍ସ ଲିଗରେ ବିଜୟୀ କରିଥିଲେ।


ଲିଓନେଲ୍ ମେସି


ଆଇଟାନା ବୋନମାଟି

### ପୁରସ୍କାର ତାଲିକା

ଲିଓନେଲ୍ ମେସି: ବାଲନ୍ ଡି'ଅର୍
ଆଇଟାନା ବୋନମାଟି: ବାଲନ୍ ଡି'ଓର୍ ଫେମିନିନ୍
ଏର୍ଲିଙ୍ଗ ହାଲାଣ୍ଡ: ଜର୍ଡ ମୁଲର ଟ୍ରଫି
ଜୁଡ୍ ବେଲିଙ୍ଗହାମ୍: କୋପା ଟ୍ରଫି
ଭିନିସିଅସ୍ ଜୁନିୟର: ସକ୍ରେଟସ୍ ଟ୍ରଫି
ଏମିଲିଆନୋ ମାର୍ଟିନେଜ୍: ୟାସିନ୍ ଟ୍ରଫି

## ପାଲେଷ୍ଟାଇନ ପତାକା ଉଡ଼ିଲା: ୪ଜଣ ଅଟକ

**କୋଲକାତା, ୩୧।୧୦ (ପି.ଟି.):** ସ୍ଥାନୀୟ ଇଡେନଗାର୍ଡେନ୍ସଠାରେ ମଙ୍ଗଳବାର ପାକିସ୍ତାନ–ବାଂଲାଦେଶ ବିଶ୍ୱକପ୍ ମ୍ୟାଚ ବେଳେ ଦଳେ ସମର୍ଥକ 'ଫ୍ରି ପାଲେଷ୍ଟାଇନ' ଅଭିଯାନ ସାମିଲ ପୂର୍ବକ ପାଲେଷ୍ଟାଇନ୍ ପତାକା ଉଡାଇଛନ୍ତି। ସୋସିଆଲ ମିଡିଆରେ ଏହାର ଫଟୋ ଏବଂ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ୩ଜଣ ଲୋକ ଏକ ଡାଏସ ଉପରକୁ ଚଢି ପାଲେଷ୍ଟାଇନ୍ ପତାକା ଉଡାଉଥିବା ଏଥିରେ ଦେଖିବାକୁ ମିଳିଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଏ ପ୍ରସଙ୍ଗରେ ବିଧିବଦ୍ଧ ଭାବେ କିଛି ପ୍ରକାଶ କରାଯାଇ ନାହିଁ। ସ୍ଥାନୀୟ କର୍ତ୍ତୃପକ୍ଷ କିନ୍ତୁ ଏହି ଘଟଣାରେ ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। ଏହି ପାଲେଷ୍ଟାଇନ୍ ସମର୍ଥକମାନେ ବାଂଲାଦେଶ କିମ୍ବା ଭାରତର ତାହା ଜଣାପଡ଼ିନାହିଁ। ହଜାର ହଜାର ସଂଖ୍ୟାରେ ବାଂଲାଦେଶୀ କିନ୍ତୁ ମ୍ୟାଚ ଦେଖିବା ଲାଗି କୋଲକାତା ଆସିଥିଲେ। ଇଡେନଗାର୍ଡେନ୍ସର ଆସନ କ୍ଷମତା ୬୭,୦୦୦ ରହିଛି। ମ୍ୟାଚ ବେଳେ ୨୭,୯୪୦ ଦର୍ଶକ ଉପସ୍ଥିତ ଥିଲେ। ଇଡେନଗାର୍ଡେନ୍ସରେ ପାକିସ୍ତାନ ବିପକ୍ଷ ମ୍ୟାଚରେ ବାଂଲାଦେଶ ୭ ଉଇକେଟରେ ପରାଜିତ ହୋଇଥିବା ବେଳେ ଦଳର ଏହା ଥିଲା କ୍ରମାଗତ ଦ୍ୱିତୀୟ ପରାଜୟ।

# ୩ ବର୍ଗରେ ଭୁବନେଶ୍ୱର ଚାମ୍ପିୟନ



ଅତିଥିଙ୍କ ଗହଣରେ ବିଭିନ୍ନ ବର୍ଗରେ ଚାମ୍ପିୟନ ଭୁବନେଶ୍ୱର ଦଳ।

### ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା

**ସମ୍ବଲପୁର, ୩୧।୧୦ (ବି.ଶଙ୍କର)**

ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ମଙ୍ଗଳବାର ସମ୍ବଲପୁରସ୍ଥିତ ଡା. ଝସକେତନ ସାହୁ ସନ୍ତରଣାଗାରଠାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ସମ୍ବଲପୁର ଦଳଗତ ଚାମ୍ପିୟନ ହୋଇଛି । ସେହିପରି ୧୪ ବର୍ଷରୁ କମ ବାଳକ, ୧୭ ବର୍ଷରୁ କମ ବାଳିକା ଓ ବାଳକ ବର୍ଗରେ ଭୁବନେଶ୍ୱର ଦଳଗତ ଚାମ୍ପିୟନ ହୋଇଛି । ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନ ଓ ସମ୍ବଲପୁର ଜିଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମୋଟ ୧୦ ଜିଲାରୁ ୯୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୨୮ ଜଣ ଅଫିସିଆଲ ଓ ୧୬ ଜଣ କୋଚ ଏବଂ ମ୍ୟାନେଜର ଇଭେଣ୍ଟ ପରିଚାଳନା କରିଥିଲେ। ୫୦, ୧୦୦ ଓ ୨୦୦ ମିଟର ଫ୍ରି ଷ୍ଟାଇଲ, ବ୍ରେଷ୍ଟ ଷ୍ଟ୍ରୋକ, ବ୍ୟାକ୍ ଷ୍ଟ୍ରୋକ ଏବଂ ବଟରଫ୍ଲାଏ ଇଭେଣ୍ଟ ହୋଇଥିଲା। ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବଲପୁର ଜିଲା କ୍ରୀଡା ସଂଘ କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ, ଜିଲା ସନ୍ତରଣ ସଂଘ ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ସ୍ୱାଗତ ସମ୍ଭାଷଣ ଓ ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ ଓ ସିଆର୍‌ସିସି ଅସୀମ ପ୍ରଧାନ ପୁରସ୍କାର ବିତରଣୀ ଉତ୍ସବ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା, ଶାରୀରିକ ଶିକ୍ଷା ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ସତ୍ୟରଞ୍ଜନ ପଣ୍ଡା, ପି. ସୁଧାଂଶୁ, ତ୍ରିବିକ୍ରମ ରଣା, ମହେଶ୍ୱର ଖଣ୍ଡେଇ, ପ୍ରତାପ ଚନ୍ଦ୍ର ସେନାପତି, ସୁପ୍ରଜିତ ସାହୁ, ବୁଲୁ ବିଶ୍ୱାଳ, ରମେଶ ବେରିହା, ସୁମିତ୍ରା ଛତର, ଚିନ୍ତନ ନାଏକ, ସୁରେନ୍ଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ